

ରଜ ପର୍ବର ଶୁଭେଚ୍ଛା

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଆସୁଛି ଭାଇଜାନଙ୍କ ନୂଆ ଫିଲ୍ମ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୪ Vol. 22 No-74 14 JUNE 2025 SATURDAY, BHUBANESWAR ଶନିବାର, ୧୪ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ଏନ୍ଆଇଏ ତଦନ୍ତ ଆରମ୍ଭ



- ଡାକ୍ତରୀ ହଷ୍ଟେଲ ଛାତରୁ ମିଳିଲା ବ୍ଲାକ୍‌ବକ୍ସ
- ଠାବ ହେଲା ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର
- ଏନ୍ଆଇଏ ସହ ଏଏଆଇବିର ମିଳିତ ତଦନ୍ତ

ଅହମ୍ମଦାବାଦ/ନୂଆଦିଲ୍ଲୀ,୧୩।୬: ଗୁରୁବାର ଅପରାହ୍ନରେ ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆ ଏଆଇ-୧୭୧ ବିମାନ ଦୁର୍ଘଟଣାଗ୍ରସ୍ତ ହେବାପରେ ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ଏହି ଦୁର୍ଘଟଣାରେ ୨୪୧ଜଣଙ୍କ ଜୀବନଦୀପ ଲିଭିଯାଇଛି। ଏହା ପ୍ରକୃତରେ ଦୁର୍ଘଟଣା ନା ଏହା ପଛରେ କୌଣସି ଅନ୍ତର୍ଘାତୀ କାର୍ଯ୍ୟରହିଛି ସେ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଏନଆଇଏର ଏକ ଟିମ୍ ଅହମ୍ମଦାବାଦରେ ପହଞ୍ଚି ଜୋରଦାର ତଦନ୍ତ ଆରମ୍ଭ କରିଛନ୍ତି। ଏନଆଇଏ ସହ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ମଧ୍ୟ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଶୁକ୍ରବାର ମଧ୍ୟାହ୍ନରେ ଅହମ୍ମଦାବାଦ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ଛାତ ଉପରୁ ବିମାନର ବ୍ଲାକବକ୍ସ • ପୃଷ୍ଠା ୫ ଦେଖନ୍ତୁ

## ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ଅନୁଧ୍ୟାନ



ଅହମ୍ମଦାବାଦ,୧୩।୬: ମର୍ମନ୍ତୁଦ ବିମାନ ଦୁର୍ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅହମ୍ମଦାବାଦ ଗସ୍ତ କରିଛନ୍ତି। ପ୍ରଭାବିତ ପରିବାରଙ୍କ ପ୍ରତି ସବୁପ୍ରକାର ସମର୍ଥନ ଜଣାଇ ଶ୍ରୀ ମୋଦୀ ଏକମାତ୍ର ଜୀବିତ ବିମାନ ଯାତ୍ରୀଙ୍କ ସମେତ ଅନ୍ୟ ଆହତମାନଙ୍କୁ ଭେଟିଛନ୍ତି । ଏହି କଠିନ ସମୟରେ ଦେଶର ଅତୁଟ ସମର୍ଥନ ନେଇ ସେ ସମସ୍ତଙ୍କୁ ଆଶ୍ୱାସନା ଦେଇଛନ୍ତି । ଦୁର୍ଘଟଣା ପରେ ଜାରି ରହିଥିବା ସହାୟତା ଏବଂ ପୁନରୁଦ୍ଧାର କାର୍ଯ୍ୟର ମୂଲ୍ୟାଙ୍କନ ପାଇଁ ଶୀର୍ଷ କର୍ତ୍ତୃପକ୍ଷଙ୍କ ସହ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦ ବିମାନ ବନ୍ଦରଠାରେ ଏକ ସମୀକ୍ଷା ବୈଠକରେ ମଧ ଅଧ୍ୟକ୍ଷତା କରିଛନ୍ତି । ପୃଥକ ପୃଥକ ଏକ୍ସ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି: ''ଅହମ୍ମଦାବାଦରେ ଦୁଃଖଦ ବିମାନ ଦୁର୍ଘଟଣା ପରେ ଏକମାତ୍ର ଜୀବିତ ବିମାନ ଯାତ୍ରୀଙ୍କ ସମେତ ଆହତମାନଙ୍କୁ ଭେଟିଲି ଏବଂ ଏହି କଠିନ ସମୟରେ ଆମେ ସେମାନଙ୍କ ଏବଂ ସେମାନଙ୍କ ପରିବାର ସହିତ ଅଛୁ ବୋଲି ଆଶ୍ୱାସନା ଦେଲି । ସମଗ୍ର ଦେଶ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।'' ''ଅହମ୍ମଦାବାଦ ବିମାନ ବନ୍ଦରଠାରେ ବରିଷ୍ଠ କର୍ତ୍ତୃପକ୍ଷଙ୍କ ସହ ଏକ ସମୀକ୍ଷା ବୈଠକରେ ମଧ ଅଧ୍ୟକ୍ଷତା କରିଛି ।''


ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-31 OIPR 15001/13/0697/2526





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

କୃଷକ ରେଜିଷ୍ଟ୍ରି

ସରକାରଙ୍କର ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜିକରଣ ଜାରି ରହିଛି

ସମସ୍ତ ବର୍ଗର ଚାଷୀ ଓ ପି ଏମ୍ କିଷାନ ହିତାଧିକାରୀ ଏଥିରେ ପଞ୍ଜୀକୃତ ହେବା ଅନିବାର୍ଯ୍ୟ
ନଚେତ ଆପଣ ପି ଏମ୍ କିଷାନ ଯୋଜନାରୁ ବଞ୍ଚିତ ହୋଇପାରନ୍ତି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆବଶ୍ୟକୀୟ ଦସ୍ତାବିଜ୍
- ଆଧାର କାର୍ଡ
- ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବର୍
- ନିଜ ନାମରେ ଥିବା ଜମି ପଟ୍ଟା

ଜମିଜମା ରେକର୍ଡ ନିଜ ନାମରେ ନଥିଲେ
ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣ ପତ୍ର କିମ୍ବା ଉତ୍ତରାଧିକାରୀ ପ୍ରମାଣ ପତ୍ର ସହ ତହସିଲ୍ କାର୍ଯ୍ୟାଳୟରେ ଯୋଗାଯୋଗ କରି ଜମି ପଟ୍ଟା/ RoR ରେ ନାମ ସଂଶୋଧନ କରାଇ ନିଅନ୍ତୁ

ନିମ୍ନସ୍ଥ ଚାରୋଟି ଉପାୟ ମଧ୍ୟରୁ ଯେକୌଣସି ଉପାୟ ମାଧ୍ୟମରେ କୃଷକ ରେଜିଷ୍ଟ୍ରି ପୋର୍ଟାଲ (https://odfr.agristack.gov.in) ରେ ତୁରନ୍ତ ନିଜକୁ ପଞ୍ଜୀକୃତ କରନ୍ତୁ

ନିକଟସ୍ଥ ଜନ ସେବା କେନ୍ଦ୍ର | ଗ୍ରାମପଞ୍ଚାୟତ ସ୍ତରରେ ନିଯୁକ୍ତ ସହାୟକ | ବ୍ୟକ୍ତିଗତ ସ୍ତର | ଗ୍ରାମପଞ୍ଚାୟତ ସ୍ତରୀୟ କ୍ୟାମ୍ପ

ଅଧିକ ସୂଚନା ପାଇଁ - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

DSPL - 115 OIPR 01510/13/0053/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ଟେବୁଲ ଟପ ଏକ୍ସରସାଇଜ ଏବଂ ସାମୁହିକ ଅଭ୍ୟାସ ୨୦୨୫ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାସ୍ତରରେ ପୂର୍ବାହ୍ନ ୧୦ ଘଟିକାରୁ ୦୧ ଘଟିକା ଓ ବ୍ଲକସ୍ତରରେ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୫ଘ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହେବ । ବନ୍ୟା ବାତ୍ୟା ବଜ୍ରପାତ ଆଦି ଭଳି ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଆସିଲେ ସରକାରୀ ବିଭାଗୀୟ ଅଧିକାରୀମାନେ କିଭଳି ପଦକ୍ଷେପ ନେବେ ତାର ପୂର୍ବାଭିନୟ କରାଯିବ । ସମସ୍ତ ସମ୍ପୃକ୍ତ ଅଧିକାରୀ, କର୍ମକର୍ତ୍ତାମାନେ 'ବିପର୍ଯ୍ୟୟର ପରିଚାଳନା ନିମନ୍ତେ ପୂର୍ବ, ପରେ ଓ ସେହି ସମୟରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କଣ ରହିଛି ତାର ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯିବ । ତା ୧୯ ରେ ସକାଳ ୦୯ ଘଣ୍ଟାରୁ ଜିଲ୍ଲାସ୍ଥିତ ୪ଟି ବନ୍ୟା ଆଶ୍ରୟସ୍ଥଳୀ ଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ (ମକଡ୍ରିଲ) ଅନୁଷ୍ଠିତ ହେବ । ସାମୁହିକ ଅଭ୍ୟାସ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି କରିବା ନିମନ୍ତେ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ତଥା ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ତଥା ବ୍ଲକ ସ୍ତରୀୟ ଅନ୍ୟ ସହଯୋଗୀ ସଂସ୍ଥା ମୁଖ୍ୟ, କମ୍ୟୁନିଟି କର୍ମକର୍ତ୍ତା ପ୍ରମୁଖଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟରେ ଯେପରି କୌଣସି ପ୍ରକାର ଅଘଟଣ ନହୁଏ ସେଥିପ୍ରତି ବିଶେଷ ସତର୍କ ତଥା ଅଭ୍ୟାସ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

## ତୁଟିଲା ଦୁଇ ନେତାଙ୍କ ବିବାଦ, ଏକାଠି ନଜର ଆସିଲେ ଛବି ଓ ରାଜେନ୍ଦ୍ର



ନିଆଳି (ଭାସ୍କର ନ୍ୟୁଜ୍): ରାଜନୀତିରେ କେହି କାହାର ଶତ୍ରୁ ନୁହେଁ କି କେହି କାହାର ମିତ୍ର ନୁହେଁ। ନିଆଳି ବିଧାୟକ ଛବି ମଲିକ ଓ ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ମଧ୍ୟରେ ଏକ ବର୍ଷ ହେବ ଲାଗି ରହିଥିଲା ବିବାଦ। ଠିକ ଆଜିକୁ ଏକ ବର୍ଷ ତଳେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇ ବିଧାୟକ ଛବି ମଲିକ ଓ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ରାଜ୍ୟ ସରକାର ବିଜେପି ଦଳକୁ ଉଭୟ ଉଭୟଙ୍କୁ ପ୍ରଶଂସାରେ ପୋତି ପକାଉଥିଲେ। ହଠାତ ଏମିତି କଣ ଘଟିଲା ଦୁଇ ନେତା ଉଭୟଙ୍କ ଛାଇ ଦେଖିଲେ ଡେଇଁଲେ। ଅଲଗା ସମ୍ବର୍ଦ୍ଧନା ସଭା ଓ ଓ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ କରୁଥିଲେ। ବର୍ଷକ ପରେ ଉଭୟଙ୍କ ମଧ୍ୟରେ ବର୍ଷକର ବିବାଦ କୁ ତୁଟାଇ ପୁରୁଣା ସମ୍ପର୍କକୁ ନିଆଳି ବାସୀ ହାଇମାକ୍ସ କାର୍ଯ୍ୟକ୍ରମରେ ଦେଖିବାକୁ ପାଇଛନ୍ତି। ଦୁଇ ନେତାଙ୍କୁ ଏକାଠି ଦେଖି ସାରା ନିଆଳିରେ ଚର୍ଚ୍ଚା। ପଂଚାୟତ ନିର୍ବାଚନ ପୂର୍ବରୁ ବିଜେପି ପାଇଁ ଶୁଭଙ୍କର ବୋଲି ଆଲୋଚନା ହେଉଛି।

## ଗଞ୍ଜେଇ ଜବତ ୪ ଗିରଫ



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଟୀ ଛକ ନିକଟରୁ ୨୫କିଲୋ ୭୫୦ଗ୍ରାମର ଗଞ୍ଜେଇ ଜବତ ହେବା ସହିତ ପୋଲିସ ଦୁଇ ନିଶା ଚାଲାଣକାରୀ ଓ ଦୁଇଜଣ ଗଞ୍ଜେଇ ରଖିବା ଅପରାଧରେ ଗିରଫ କରିଛି । ଗୁରୁବାର ସକାଳୁ କୌଣସି ସୂତ୍ରରୁ ପୋଲିସ ଖବର ପାଇବା ସହିତ ରୁଗୁଡି ଥାନା ଅଂଚଳର ରାଜେଶ ବାରିକ,ଶୁଆକାଟି ଗ୍ରାମର ସଞ୍ଜୟ କୁମାର ସାହୁ,ବାପି ସାହୁ ଏବଂ ସୁନୀଲ ଟୁଡୁଙ୍କୁ ନିଶାଦ୍ରବ୍ୟ ଚୋରାଚାଲାଣ ଆଇନର ଧାରା ୨୦(ଖ),(୨)(ଗ) ଓ ୨୯ ଏବଂ କେଶ ସଂଖ୍ୟା ୩୧୫ ତା ୧୨.୬.୨୦୨୫ରେ ଗିରଫ କରି କୋର୍ଟ ଚାଲାଣ କରିଛି। ସଦର ଥାନାର ସବଇନ୍ସପେକ୍ଟର ସୂର୍ଯ୍ୟନାରାୟଣ ରାଉତରାୟ ଓ ସୁରୀ ନାରାୟଣ ପାତ୍ରଙ୍କ ନେତୃତ୍ୱରେ ଏହି ଚଢଉ ହୋଇଥିଲା ।

## ବିଶ୍ୱଶାନ୍ତି ମହାଯଜ୍ଞ ସମାପ୍ତ

ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କୁଶିଆପାଳ ପଂଚାୟତ ଅନ୍ତର୍ଗତ ବାଲିପାଟଣା ସ୍ଥିତ ପ୍ରଭୁ ଶ୍ରୀ ଲଛମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ରବିବାର ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଗତକାଲି ରାତିରେ ଶେଷ ହୋଇଛି । ସ୍ଥାନୀୟ ଅଂଚଳବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ଅଙ୍କୁରାରୋପଣ ହୋଇଥିଲା । ସୋମବାର ପୂର୍ବାହ୍ନରେ ନିକଟସ୍ଥ ଗୋବରୀ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ସ୍ଥାନୀୟ ଅଂଚଳର ଶହଶହ ମହିଳା ଓ ପୁରୁଷ ନଦୀରୁ ପବିତ୍ର ଜଳ ସଂଗ୍ରହ କରି ପଂଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ଘଣ୍ଟ ଘଣ୍ଟା ସଂକୀର୍ତନ ମଧ୍ୟରେ ଯଜ୍ଞସ୍ଥଳକୁ ଆଣିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ମଙ୍ଗଳବାର ଗୁରୁ ପୂଜା, ସୂର୍ଯ୍ୟପୂଜା, ଗୋପୂଜା ସହ ଅଗ୍ନି ସ୍ଥାପନ କରାଯାଇଥିଲା। ସେହିପରି ବୁଧବାର ଗୁରୁ ପୂଜା, ସୂର୍ଯ୍ୟ ପୂଜା ଓ ଗୋପୂଜା ପରେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତୀ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ସମାଜସେବା ପ୍ରାଧ୍ୟପକ ଅଜୟ କୁମାର ରାଉତ ଓ ସ୍ୱର୍ଣ୍ଣମଞ୍ଜରୀ ନାୟକ କାର୍ଯ୍ୟନିର୍ବାହ କରିଥିଲେ।

## ମୟୂରଭଞ୍ଜ ପର୍ଯ୍ୟଟନ ବିଭାଗର ନୂତନ ଉପଲବ୍ଧି ହାସଲ



ବାରିପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ଅନେକ ଉପଲବ୍ଧି ହାସଲ କରିଛି। ବରିଷ୍ଠ ନାଗରିକଙ୍କ ପାଇଁ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ମୋଟ ୩୮୦ ଜଣ ତୀର୍ଥଯାତ୍ରୀ ସିରିଡି, ନାସିକ, ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରି ସୁବିଧା ସହିତ ଫେରିଛନ୍ତି। ଏହି ବର୍ଷ ଜିଲ୍ଲାର ୧୩ଟି ପର୍ଯ୍ୟଟନ ସ୍ଥଳୀରେ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ଜୋରଦାର ହେଉଛି। ଏଥିରେ କୁମ୍ଭୀରାହୁଡ଼ି, ଶୁନେଇ ଡ୍ୟାମ, ଆମ୍ବୁଆଡେରା, ସୀତାକୁଣ୍ଡ ଜଳପ୍ରପାତ, ଭୀମକୁଣ୍ଡ, ଖିଚିଙ୍ଗ ମନ୍ଦିର ପରିସର ଓ ଅନ୍ୟାନ୍ୟ ସ୍ଥାନ ଅନ୍ତର୍ଗତ। ଶିମିଳିପାଳ ପ୍ରବେଶ ଦ୍ୱାର ପିଠାବଟା, ଯଶିପୁର, କାଳିକାପ୍ରସାଦ ପାଇଁ ୩୦ କୋଟି ଟଙ୍କାର ଅର୍ଥାନୁମୋଦନ ମିଳିଛି। ସେପ୍ଟେମ୍ବର ୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର ପ୍ରତିଯୋଗିତା ଓ ସ୍ଥାନୀୟ ସ୍ଥଳୀ ସଫାଇ ଅଭିଯାନ ହୋଇଥିଲା। ଉତ୍କଳ ଦିବସରେ ମାଣତ୍ରୀ, ଖିଚିଙ୍ଗ, ହରିପୁରଗଡ ଓ ଜଗନ୍ନାଥ ମନ୍ଦିର ପରିସରର ସ୍ୱଚ୍ଛତା କାର୍ଯ୍ୟ ଲାଗୁ ହୋଇଥିଲା। ପ୍ରଶଂସନୀୟ ଭାବରେ, ରାଜ୍ୟ ସରକାର ଆସନ୍ତା ଦିନରେ 'ହୋମ୍ ଷ୍ଟେ' ଯୋଜନା ଆରମ୍ଭ କରିବାକୁ ଯାଉଛି, ଯାହା ଦ୍ୱାରା ବାହାର ରାଜ୍ୟ ଓ ଦେଶର ପର୍ଯ୍ୟଟକ ଗାଁ ଜୀବନ ଓ ଦେଶୀ ଖାଦ୍ୟ ର ମଜା ଉଠାଇପାରିବେ। ଏହା ଗ୍ରାମ୍ୟ ଅର୍ଥନୀତି ପାଇଁ ଏକ ନୂଆ ଦିଗ ଖୋଲିବ ତଥା କୃଷି ଭିତ୍ତିକ ପର୍ଯ୍ୟଟନ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ଷ୍ଟାର୍ଟ-ଅପ୍ ଓଡ଼ିଶା ମାଧ୍ୟମରେ ସହଯୋଗ ଓ ପ୍ରୋତ୍ସାହନ ଦିଆଯାଉଛି। ଏହି ସମସ୍ତ ପଦକ୍ଷେପ ମୟୂରଭଞ୍ଜକୁ ଓଡ଼ିଶାର ଗୋଟିଏ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ପରିଣତ କରିବା ଦିଗରେ ଏକ ମଜବୁତ ପଦକ୍ଷେପ।

## ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା




ଶୁଲିଆପଦା, (ଭାସ୍କର ନ୍ୟୁଜ): ଓଡିଶା ସରକାରଙ୍କ ମିଶନଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ ତରଫରୁ ଶୁଳିଆପଦା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀ ସାଗର ମାଝୀଙ୍କ ଦିଗଦର୍ଶନରେ ବିପିଏମ ଅନୁରାଧା ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ବ୍ଲକ ଅଧ୍ୟକ୍ଷା ପାନମାଣୀ ମାର୍ଣ୍ଡି ଓ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଜିଲ୍ଲା ମିଶନଶକ୍ତି ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ ସମସ୍ତ ପ୍ରତିଯୋଗୀ ମହିଳାଙ୍କୁ ପାରମ୍ପରିକ ଖାଦ୍ୟ ବିଷୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ମହିଳା ଏସଏସଜି ଅଂଶ ଗ୍ରହଣ କରିଥିଲେ। ପ୍ରତି ଏସଏସଜିରୁ ୨ ଜଣ ଲେଖାଏଁ ସଦସ୍ୟା ପ୍ରତିଯୋଗିତାରେ ଭାଗ ନେଇ ପାରମ୍ପରିକ ପିଠା, ମିଠା ଓ ଜଳଖିଆ ପ୍ରସ୍ତୁତ କରିଥିଲେ। ଜିଲ୍ଲାପରିଷଦ ସଭ୍ୟ ନଗେନ୍ଦ୍ର ନାଥ କିସ୍କୁ, ଜିପିଇଓ ସୁଶାନ୍ତ କୁମାର ରାଉଳ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମାର୍ଣ୍ଡି, ବିଡିଓ ଶ୍ରୀଯୁକ୍ତ ମାଝୀ, ସ୍ଥାନୀୟ ତହସିଲଦାର ନାରାନ୍ ହେମ୍ବ୍ରମ,ଉପାଧ୍ୟକ୍ଷ ଶ୍ରୀଯୁକ୍ତ ବାରିକ୍, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ କିସ୍କୁ ପ୍ରମୁଖ ମୂଲ୍ୟାୟନ କରିଥିଲେ। ପ୍ରଥମ ପୁରସ୍କାର ମା' ସାରଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିକେସିପୁରକୁ ୫ ହଜାର ଟଙ୍କା ଓ ଯୋଗେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ,ବଡ ଯୋଗୀବନ୍ଧ କୁ ଦ୍ୱିତୀୟ ପୁରସ୍କାର ୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଏହି ଦୁଇ ଏସଏଚଜି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବକୁ ମନୋନୀତ ହୋଇଛନ୍ତି।

## ବିକଶିତ ଭାରତର ଅମୃତ କାଳ, ସେବା ଓ ସୁଶାସନକୁ ନେଇ ଭାଜପାର ଆଲୋଚନା




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତର ଅମୃତ କାଳ, ସେବା, ସୁଶାସନ, ଗରିବ କଲ୍ୟାଣରେ ୧୧ ବର୍ଷ ଓ ଓଡ଼ିଶା ସରକାରଙ୍କ ଗତ ଏକ ବର୍ଷର ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ୧୧ ବର୍ଷରେ ଦେଶର ଅର୍ଥନୀତି, ସାମାଜିକ ଓ ଭିତ୍ତିଭୂମି ବିକାଶରେ ଅବଦାନ ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସଭାପତି ଅଶୋକ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ସମ୍ମାନୀତ ଅତିଥି ଭବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଓ ମାଲକାନଗିରି ଜିଲ୍ଲା ପ୍ରଭାରୀ ପୂର୍ଣ୍ଣିମା ନାୟକ ଯୋଗ ଦେଇ ଓଡ଼ିଶା ସରକାରଙ୍କ ଗତ ଏକ ବର୍ଷରେ ବିକାଶ ଓ ଜନକଲ୍ୟାଣ ଯୋଜନା- କେନ୍ଦ୍ର ସରକାରଙ୍କ ୧୧ ବର୍ଷରେ ଦେଶର ଅଗ୍ରଗତି, ମାଲକାନଗିରି ଜିଲ୍ଲାରେ ରାଜ୍ୟ ଓ କେନ୍ଦ୍ର ଯୋଜନାର ପ୍ରଭାବ ଏବଂ ଭବିଷ୍ୟତ ଜନସାଧାରଣଙ୍କ ମତାମତ ମାଧ୍ୟମରେ ସ୍ଥାନୀୟ ବିକାଶକୁ ସୁଦୃଢ଼ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ସଞ୍ଜୟ ସରକାର, ନିହାର ରାୟ, ମାଣିକ ଲାଲ ଚକ୍ରବର୍ତ୍ତୀ, ଜଗଦୀଶ ତ୍ରିପାଠୀ, ବିଜୟ ମହାରଣା ପ୍ରମୁଖ ବିଜେପି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

## ଗୋବିନ୍ଦନଗରରେ ବିକଶିତ କୃଷିସଂକଳ୍ପ ଅଭିଯାନ

ଚିକିଟି (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ବ୍ଲକର ଗୋବିନ୍ଦ ନଗର ପଂଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଦିନକୁ ଦିନ ସାରା ରାଜ୍ୟରେ କୃଷିର ବିକାଶ ସକାଶେ ସରକାର ଅହରହ ଚେଷ୍ଟା କରିଆସୁଥିବା ବେଳେ ଅନେକ ଯୋଜନା ପ୍ରଚଳିତ କରିଛନ୍ତି ମଧ ଏଭଳି ସ୍ଥିତିରେ ଚାଷୀମାନଙ୍କ ସୁବିଧା ନିମନ୍ତେ ଅନେକ ଉନ୍ନତ ଜ୍ଞାନ କୌଶଳରେ ଚାଷ,ଉପଯୁକ୍ତ ଜୈବ ସାର ପ୍ରୟୋଗ, ସମାନ ପରିମାଣରେ କୀଟନାସକ ପ୍ରୟୋଗ କରିବା,ଜସେଚନର ସୁଧାର ଆଣିବା ସକାଶେ,ଏବଂ ଆଧୁନିକ ପ୍ରଣାଳୀରେ ଚାଷ କରିବା ସକାଶେ କିଭଳି ଡ୍ରୋନ ବ୍ୟବହାର କରି ସିଞ୍ଚନ ଆଉ କୀଟନାଶକ ପ୍ରୟୋଗ, ବିହନ ବୁଣା ଅଧିକାର୍ଯ୍ୟ କରାଇବା ସକାଶେ ଉତ୍ତମ ଜ୍ଞାନ କୌଶଳ ବ୍ୟବହାର କରିବା ନିମନ୍ତେ ବହୁ ନାମିଦାମୀ ବୈଜ୍ଞାନିକମାନେ ଓଡ଼ିଶାର ପ୍ରତେକ ଜିଲ୍ଲର ସମସ୍ତ ପଂଚାୟତରେ ନିଜ ନିଜ ଚାଷୀଭାଇ ମାନଙ୍କ ମଧ୍ୟରେ ଆପୋଷ କଥାବାରତା ହୋଇ ନିଜର ଅନୁଭୂତି ଆଉ ଅସୁବିଧା ବିଷୟରେ ମଧ କିଛି ମାର୍ଗଦର୍ଶନ ପାଇଥିଲେ। ସେହିପରି ଅଂଚଳର କୃଷକ ନିଜର ପଶୁପାଳନ, ମତ୍ସ୍ୟ ଚାଷକୁ କିଭଳି ବିକଶିତ କରିପାରିବେ ସେ ପାଇଁ ଅନେକ ବୈଜ୍ଞାନିକ ମାନେ ଯୋଗ ଦାନ କରିଥିଲେ। ଏହି ଅଭିଯାନରେ ଏକକୋଟି ପଚାଶ ଲକ୍ଷ ଲୋକଙ୍କ ସହ କଥା ହେବା ସହ ସାତଶହ ଜିଲ୍ଲାରୁ ଅନେକ ଚାଷୀ ଏହି ଅଭିଯାନରେ ଯୋଗଦାନ କରିସାରିଲେଣି ବୋଲି ମଧ ପ୍ରକାଶ ପାଉଛି। ଏହିକ୍ରମରେ ଡ଼ା. ଦିଲିପ କୁମାର ପଣ୍ଡା, ବୈଜ୍ଞାନିକ ଜଳପରିଚାଳନା ଅନୁଷ୍ଠାନ, ସୁଜିତ କୁମାର ନାଥ ବୈଜ୍ଞାନିକ ମୁଖ୍ୟ କେଭିକେ, ଦେବାଶିଷ ଷଡ଼ଙ୍ଗୀ ମୃତିକା ବୈଜ୍ଞାନିକ, ସିଦ୍ଧାର୍ଥ ଶଙ୍କର ଦାସ ବୈଜ୍ଞାନିକ,ମତ୍ସ୍ୟ, ରବୀନ୍ଦ୍ର ନାଥ ମଲଣା ଅତିଟର ଡ଼ିଆରଡିଓ, ପ୍ରକାଶ ଚନ୍ଦ୍ର ବେହେରା ବ୍ଲକ କୃଷିଅଧିକାରୀ, ନବୀନ କାର୍ଜି ଉଦ୍ୟାନ କୃଷି ଅଧିକାରୀ, ମୀରାବାଈ ନାୟକ ବ୍ଲକ ଉପକୃଷି ଅଧିକାରୀ, ମୋହନ ସାହୁ ସମିତି ସଭ୍ୟଙ୍କ ସହ ଗୀତାଞ୍ଜଳି ପାତ୍ର ମୃତିକା ସଂରକ୍ଷଣ ବିଭାଗ ଙ୍କ ସହ ଗୋବିନ୍ଦ ନଗର, ଝିଙ୍କି ପଦର, କିଶୋର ଚନ୍ଦ୍ରପୁର,ପଲ୍ଲୀ ଅଂଚଳର ସହ ସହ କୃଷକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

## ବିଭିନ୍ନ ବର୍ଗଙ୍କୁ ସୁବିଧା ସୁଯୋଗ ଯୋଗାଇଛି ଓର୍ମାସ୍




ବାରିପଦା:(ଭାସ୍କର ନ୍ୟୁଜ)୧୩/୦୬/୨୫:ମୟୁରଭଞ୍ଜ ଜିଲ୍ଲାରେ ଓରମାସ ତରଫରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ , ଉତ୍ପାଦକ ଗୋଷ୍ଟି , ଚାଷୀ, କାରିଗର ଏବଂ ଦରିଦ୍ରରେଖା ତଳେ ଥିବା ଛାତ୍ର ଛାତ୍ରୀମାନଙ୍କୁ ପ୍ରଦର୍ଶନୀ, ଉତ୍ପାଦକ କମ୍ପାନୀ, କୃଷକ ଉତ୍ପାଦକ ସଂସ୍ଥା ଏବଂ ଡୀ.ଡୀ.ୟୁ.ଜିକେ.ୱାଇ ମାଧ୍ୟମରେ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେଇଆସୁଛନ୍ତି ଓ ଗତ ୨୦୨୪-୨୫ ବର୍ଷରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ , ଉତ୍ପାଦକ ଗୋଷ୍ଠିମାନେ ବ୍ଲକ, ରାଜ୍ୟ ଓ ଜାତୀୟ ସ୍ତରର ପ୍ରଦର୍ଶନୀ ରେ ଭାଗନେଇ ଭଲ ଲାଭ କରିପାରିଛନ୍ତି ଓ ସେହିପରି ଜ୍ଲିଲ୍ଲା ରେ ଗଠିତ ଉତ୍ପାଦକ କମ୍ପାନୀ, କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା ପ୍ରାୟ ୫୦୦୦ ରୁ ୬୦୦୦ କୃଷକ ଓ କାରିଗର ଆଜି ବିଭିନ୍ନ କିସମ ର ଚାଷ ଯଥା ରବର, ସବାଇ ଘାସ ତିଆରି ଜିନିଷ , ଜଙ୍ଗଲ ଜାତ ଦ୍ରବ୍ୟ, ଫଳ, ପନିପରିବା ଇତ୍ୟାଦି ରେ ୮ ରୁ ୯ କୋଟି ର ବ୍ୟବସାୟ କରି ବ୍ୟବସାୟିକ ଲାଭ କରିବା ସଙ୍ଗେ ନିଜକୁ ସଫଳ ଚାଷୀ ହିସାବରେ ପ୍ରତିଷ୍ଠିତ କରିପାରିଛନ୍ତି ଓ ଏଥିସହିତ ଜ୍ଲିଲ୍ଲାରେ ଥିବା ପ୍ରାୟ ୧୦,୦୦୦ ଗରିବ ଶ୍ରେଣୀ ଓ ପଛୁଆ ବର୍ଗର ଛାତ୍ର ଛାତ୍ରୀ ଆଉ ଶିକ୍ଷା ପାଇଁ ନିଜ ଘର ଉପରେ ନିର୍ଭର ନ କରି ଡୀ.ଡୀ.ୟୁ.ଜିକେ.ୱାଇ ଟ୍ରେନିଂ ମାଧ୍ୟମ ରେ ରାଜ୍ୟ ଏବଂ ରାଜ୍ୟ ବାହାରେ ବିଭିନ୍ନ ରାଷ୍ଟ୍ରାୟତ କମ୍ପାନୀ ଗୁଡିକରେ ଚାକିରୀ କରି ପାଖାପାଖି ୧୦,୦୦୦ ଟଙ୍କା ରୁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରି ନିଜେ ଏବଂ ନିଜ ପରିବାରର ପରିସ୍ଥିତି ସ୍ୱଚ୍ଛଳ କରିପାରିଛନ୍ତି

## ଅଙ୍କୁଲିରେ ସନାତନ ଏକତା ବୈଠକ

## 'ହିନ୍ଦୁ ଜାଗରଣ ଓ ଗୋମାତା ସେବା ଉପରେ ଗୁରୁତ୍ୱ'



ବ୍ରହ୍ମପୁର (ଭାସ୍କର ନ୍ୟୁଜ): ଗଞ୍ଜାମ ବାଗେଶ୍ୱର ଧାମ ଶିଷ୍ୟ ମଣ୍ଡଳୀ, ବ୍ରହ୍ମପୁର (ଓଡିଶା) ତରଫରୁ ସନାତନ ହିନ୍ଦୁ ଏକତା ସାଂଗଠନିକ ବୈଠକ ଅଙ୍କୁଲି ଗ୍ରାମରେ ଆୟୋଜିତ ହେଲା। ଏହି ବୈଠକ ପ୍ରଭାରୀ ଜିତେନ୍ଦ୍ରିୟ ନାହାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଓଡ଼ିଶା ରାଜ୍ୟ ମଣ୍ଡଳୀର ଶୁଭାଶିଷ ଭାଇ ମୁଖ୍ୟ ଅତିଥି ଭାବେ ଏବଂ ସୌମ୍ୟ ଭାଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ବାଗେଶ୍ୱର ଧାମର ଗୁରୁଜୀଙ୍କ ଆଦର୍ଶ ଓ ଦିଗଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଆଇନଜୀବୀ ଅଭୟ କୁମାର ପଣ୍ଡା ସନାତନ ଧର୍ମର ମୂଲ୍ୟବୋଧ ଓ ଗୁରୁତ୍ୱ ବିଷୟରେ ପ୍ରାଞ୍ଜଳ ଭାଷାରେ ଅଭିଭାଷଣ ଦେଇଥିଲେ। ତେବେ ଶ୍ରୀରାମ ଓ ଶିବଙ୍କୁ ପାଇବାକୁ ହେଲେ ହନୁମାନଙ୍କ ଆଶ୍ରୟ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ବରିଷ୍ଠ ସାମ୍ବାଦିକ ଓ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ଗୋମାତା ସେବାକୁ ଆବଶ୍ୟକ ବୋଲି କହି ଜଣାଇଥିଲେ – "ମାନବ ଜୀବନରେ ଗୋମାତା ଦ୍ୱାରା ଦିଆଯାଉଥିବା ଦୁଗ୍ଧ ଏକ ଦିବ୍ୟ ଦାନ, ଯାହା ଆମର ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଉପକୃତ କରେ।" ସହପ୍ରଭାରୀ କମେଶ୍ୱର ମହାନ୍ତି ହିନ୍ଦୁ ସମାଜର ସଚେତନତା ଓ ଏକତା ଉପରେ ଜୋର ଦେଇ କହିଥିଲେ ଯେ, "ଯଦି ହିନ୍ଦୁ ମାନେ ଏଭଳି ସୁପ୍ତ ଅବସ୍ଥାରେ ରହିବେ, ତେବେ ପରବର୍ତ୍ତୀ ପୀଢ଼ି କଷ୍ଟ ଭୋଗିବ। ଗୋମାତା ଓ ଭାରତମାତାଙ୍କ ସୁରକ୍ଷା ପାଇଁ ଏକତା ଆବଶ୍ୟକ।"ଯୁବ ନେତା ସ୍ୱାଗତ ତ୍ରିପାଠୀ ଆଜିର ଯୁବପିଢି ମଧ୍ୟରେ ବଢ଼ୁଥିବା ନିଶାସେବନ ପ୍ରତି ଚିନ୍ତା ବ୍ୟକ୍ତ କରି, ଗାଁ ଗାଁରେ ଭାଗବତ ଟୁଙ୍ଗି, ଆଖଡ଼ା ଶାଳ ଓ ଗୁରୁକୁଳ ସ୍ଥାପନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଆଜି ବୈଠକରେ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରରେ ହେବାକୁ ଯାଉଥିବା ବାଗେଶ୍ୱର ଧାମ ଦ୍ୱାରା ଆୟୋଜିତ "ସନାତନ ହିନ୍ଦୁ ଏକତା ପଦଯାତ୍ରା" ରେ ଅଧିକ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଥିଲା।ଅନ୍ୟମାନଙ୍କ ମଧ୍ୟରେ ଶିବଶଙ୍କର ନାୟକ, ଅରବିନ୍ଦ ମଣ୍ଡଳ, ପ୍ରଦୀପ ଚର୍ଚ୍ଚି, ଅମ୍ବିକା ପ୍ରସାଦ ଦାସ, ସୂର୍ଯ୍ୟନାରାୟଣ ପ୍ରଧାନ, ଏ.ଟି. ପାତ୍ର, ରାମକୃଷ୍ଣ ଲେଙ୍କା, ଅର୍ଜୁନ ଗୌଡ଼ ଓ ଗଞ୍ଜାମ ଜିଲ୍ଲାର ୮ଟି ବ୍ଲକର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ବିକାଶ ବାହନ ସଚେତନତା ରଥ ଶୁଭାରମ୍ଭ



ବେତନଟୀ(ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ଅଫିସ ପରିସରରେ ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମକୁ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କଲେ ବଡ଼ସାହି ବିଧାୟକ ସନାତନ ବିଜୁଳି । ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବେତନଟୀ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ,୩୫ନଂଜୋନ ମଣ୍ଡଳସଭାପତି ଜୀବନ ପରିଡା, ୩୬ନଂ ଜୋନ ମଣ୍ଡଳ ସଭାପତି ସଭାପତି ରାଜୀବ ନନ୍ଦୀ, ୩୭ନଂଜୋନ ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ଏବିଡ଼ିଓ ଗଗନ ବିହାରୀ ବେହେରା ପ୍ରମୁଖ ଅତିଥିଗଣ ଯୋଗ ଦେଇଥିଲେ। ବିକାଶ ବାହନ ଯାତ୍ରା ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଏକବର୍ଷର ଉପଲବ୍ଧି ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ପଦକ୍ଷେପ ତଥା ଜନକଲ୍ୟାଣକାରୀ ଯୋଜନା ବାବଦରେ ଜନସଚେତନତା ସୃଷ୍ଟି ସାଙ୍ଗକୁ ଜନମତ ସୃଷ୍ଟି ପାଇଁ ଗାଁ ଗାଁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଗୃହ ଠାରୁ ଆରମ୍ଭକରି ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗା ସମେତ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ସଚେତନ କରାଇବାର କାର୍ଯ୍ୟକ୍ରମ ରହିଛି । ଚଳିତମାସ ୧୨ତାରିଖ ଠାରୁ ଆରମ୍ଭ ହୋଇଥିବା ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତସ୍ତରରେ ଆୟୋଜନ ହେବାନେଇ ନିଷ୍ପତ୍ତିସ୍ଥିରୀକୃତ ହୋଇଛି । ଏଥିସହିତ ଗାଁ ମାନଙ୍କରେ ଜନସାଧାରଣଙ୍କୁ ସଚେତନ କରାଇବାକୁ ଏହି ସଚେତନତା ରଥ ପରିକ୍ରମା ମଧ୍ୟ କରିବ । ଏହି କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ ର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକରେ ବିକାଶ ବାହନ ରଥ ଗୁରୁବାର ଶୁଭାରମ୍ଭ ହୋଇଛି । ପ୍ରଥମେ ବ୍ଲକ ଅଧିନ ଅଧୀନ ୩ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନରେ ଏହି ରଥକୁ ବ୍ଲକ ଅଧ୍ୟକ୍ଷା ଅବନ୍ତୀ



ଦାସ ଓ ବିଡ଼ିଓ ନିରଞ୍ଜନ ବାରିକ ପତାକା ଦେଖାଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପାଲ, ସେକ୍ସନ ଅଫିସର ରୁନା ସୁନା, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ ଓ ପ୍ରଦୀପ ବଳ, ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ, ନକୁଳ ବାରିକ, ମଣ୍ଡଳ ସଭାପତି ସାଇଶରଣ ବେହେରା, ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ପ୍ରଥମେ ନୂଆନନ୍ଦ , ପାଳିଆବିନ୍ଧା ଓ ଅଚକ ପଞ୍ଚାୟତ ପରିକ୍ରମା କରିଥିଲା । ଏହିସବୁ ପଞ୍ଚାୟତରେ ହିତାଧିକାରୀମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଓ୍ୱାର୍କଅର୍ଡ଼ର, ନୂତନ ଭତ୍ତା, ରେଶନ କାର୍ଡ, ହେଲଥ କାର୍ଡ, ଜବ କାର୍ଡ଼ ଇତ୍ୟାଦି ବଣ୍ଟନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ନିହାରିକା ବିଶ୍ୱାଳ, ଯଶୋଦା ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ ପ୍ରମୁଖଙ୍କ ସମେତ ବ୍ଲକ କର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



କୋଇଡ଼ା(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଏଥିରେ ହିତାଧିକାରୀ ମାନଙ୍କ ସହଯୋଗ ଓ ଭାଗିଦାରୀ ପାଇଁ ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ପକ୍ଷରୁ ସାରା ରାଜ୍ୟରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ଆଜି କୋଇଡ଼ା ବ୍ଲକ ଠାରୁ ବିକାଶ ବାହନ ପରିକ୍ରମାର ଶୁଭାରମ୍ଭ ହୋଇଛି। ତେବେ ଓଡିଶା ବିଜେପି ସରକାର ଆଜିଠୁ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ପଞ୍ଚାୟତ ପରିଭ୍ରମଣ କରି ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଅବଗତ କରିବା ସହ ସଚେତନ ବାର୍ତ୍ତା ପହଞ୍ଚାଇବେ । କୋଇଡ଼ା ବ୍ଲକ କାର୍ଯ୍ୟକ୍ରମରେ ଆଜି ପ୍ରଥମେ କୋଇଡ଼ା ବ୍ଲକରେ ଶୁଭାରମ୍ଭ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଶ୍ରୀମତୀ ରଶ୍ମିରେଖା ପାତ୍ର ଶୁଭ ଉଦ ଘଟନ କରିଥିଲେ ଏବଂ ତହସିଲଦାର ନିର୍ମଳ ବିଶ୍ୱାଳ, କୋଇଡା ମଣ୍ଡଳ ସଭାପତି ରମାକାନ୍ତ ପଳେଇ, ପୂର୍ବତନ ମଣ୍ଡଳ ସଭାପତି ମେଲେରି ବାରିକ, ଚେତନଦୀପ ନାୟକ, ଦୀପକ ବାର୍ଲା, ଟିଣ୍ଟୁଆ ରଣା ସମେତ ଶତାଧିକ ବିଜେପି କର୍ମୀ ଏବଂ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।।



ଡେରାବିଶ(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅଧିନ ବିଭିନ୍ନ ପଂଚାୟତରେ ଆଜି ବିକାଶ ରଥ ପରିକ୍ରମା କରିଛି । ଆଜି ଏହି ରଥ ଡେରାବିଶ ବ୍ଲକ କାର୍ଯ୍ୟାଳୟରୁ ପୂର୍ବାହ୍ନରେ ବାହାରି ବ୍ଲକ ଅଧିନସ୍ଥ ହରିଅଙ୍କ ପଂଚାୟତରେ ପହଂଚିଥିଲା। ଏହି ରଥକୁ ପଂଚାୟତର ସରପଂଚ କନକଲତା ପ୍ରଧାନ, ସମାଜସେବୀ ସୁଖଦାନନ୍ଦ ପ୍ରଧନ ଓ ପଂଚାୟତର ଅଧିନସ୍ଥ ଓ୍ୱାର୍ଡ଼ ସଭ୍ୟସଭ୍ୟା, ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ । ଏହି ଅବସରରେ ଏହି ରଥରେ ଲାଗିଥିବା ଏଲଇଡ଼ି ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ପରେ ଏହି ରଥ ଯଅଁରାବାରିମୂଳ ପଂଚାୟତକୁ ଯାଇଥିଲା। ସେଠାରେ ଉପସ୍ଥିତ ସରପଂଚ ଶଙ୍କର୍ଷଣ ପରିଡ଼ା, ଓ୍ୱାର୍ଡ଼ସଭ୍ୟ ସଭ୍ୟା, ସିଆରପି, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ସ୍ୱାଗତ କରିଥିଲେ। ପରେ ଏହି ରଥ ଇନ୍ଦାଳୋ ଓ ରତାଦିଆ ଖଣ୍ଡସାହି ପଂଚାୟତକୁ ମଧ ଗସ୍ତ କରିଥିଲା । ଏହି ଅବସରରେ ଏହି ଚାରୋଟି ପଂଚାୟତରେ ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିପିଏମ୍ ଅମୀୟ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର ଓ ଦେବେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।



କଟକ(ଭାସ୍କର ନ୍ୟୁଜ): ଶୁକ୍ରବାର ଶେଖବଜାର ସ୍ଥିତ ଆଦୃତ ଶିଶୁ ସଦନରେ କୁନି କୁନି ପିଲାମାନଙ୍କ ସହିତ ବିଧାୟିକା ସୋଫିଆ ଫିରଦୋସ ରଜ ଉତ୍ସବ ପାଳନ କରିଛନ୍ତି । ଆଜି ରଜ ସଜବାଜ ଅବସରରେ ବିଧାୟିକା ପିଲାମାନଙ୍କୁ ପାଇଁ ଡ୍ରେସ୍, ଚୁଡ଼ି, ମେହେନ୍ଦି, ଲିପଷ୍ଟିକ, ଅଳତା ଆଦି ସମସ୍ତ ପ୍ରକାର ସଜବାଜ ସାମଗ୍ରୀ ପ୍ରଦାନ କରି ପିଲାମାନଙ୍କୁ ନିଜେ ବିଧାୟିକା ମେହେନ୍ଦି ଲଗେଇ ସଜବାଜ କରିଥିଲେ । ଏହି ଅବସରରେ ପିଲାମାନେ ନାଚ ଓ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଓଡ଼ିଆ ସଂସ୍କୃତିର ଅନ୍ୟତମ ନିଆରା ପର୍ବ ରଜକୁ କୁନି କୁନି ପିଲାମାନଙ୍କ ସହ ବେଶ୍ ହସ ଖୁସିର ସହ ପାଳନ କରିବା ସହ ପୋଡ ପିଠା ଓ ଛେନାପୋଡ ଆଦି ପାରମ୍ପରିକ ଖାଦ୍ୟ ମଧ୍ୟ ବିଧାୟିକା ପିଲାମାନଙ୍କ ସହିତ ମିଶି ଖାଇଥିଲେ । ପ୍ରାରମ୍ଭରୁ ପିଲାମାନେ ବିଧାୟିକା ସୋଫିଆ ଫିରଦୋସଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ । ଶେଷରେ ଆଦୃତ ଶିଶୁ ସଦନର ପ୍ରତିଷ୍ଠାତା ଆଦିତ୍ୟ ମହାନ୍ତି ବିଧାୟିକାଙ୍କୁ ପିଲାମାନଙ୍କ ସହିତ ତାଙ୍କର ବହୁମୂଲ୍ୟ ସମୟ ବିତାଇଥିବାରୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକି ଚକ୍ରବର୍ତ୍ତୀ, ସୋନୁ ସ୍ୱାଇଁ, ସତ୍ୟଶ୍ରୀ ବେହେରା, ଅନିତା ବେହେରା, ମାମାନୀ ମିଶ୍ର, ଗୌରବ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ ।



## ନାରୀଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ

# ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟ



- ନାରୀ ଶକ୍ତି ସବୁଠାରୁ ଶ୍ରେଷ୍ଠ ଶକ୍ତି
- ନାରୀ ଶକ୍ତିକୁ ସମ୍ମାନ ଦେବା ପ୍ରଥମ ଶିକ୍ଷା
- ସୁଭଦ୍ରାର ସଫଳତା ବଳିଷ୍ଠ ସଂକଳ୍ପର ଉଦାହରଣ

କଟକ(ଭାସ୍କର ନ୍ୟୁଜ): ଗରିବ, ମହିଳା, କୃଷକ ଓ ଯୁବକଙ୍କୁ ଆମ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ମହିଳାଙ୍କୁ ସଶକ୍ତ କରିବା ପାଇଁ ଅଧିକ ଯୋଜନାମାନ ପ୍ରଣୟନ କରାଯାଇଛି। ଲକ୍ଷପତି ଦିଦି ବନାଇବାରେ ସୁଭଦ୍ରା ଯୋଜନା ବେଶ୍ ସହାୟକ ହେଉଛି। ମହିଳାଙ୍କୁ ସଶକ୍ତ କରିବା ମୋ ସରକାରର ଲକ୍ଷ୍ୟ। ଜିଡିପି ବୃଦ୍ଧିରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ କଟକ ତଳ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ନାରୀଶକ୍ତି ସମାବେଶରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ୨୦୪୭ରେ ବିକଶିତ ଭାରତ ଗଠନ କରିବାରେ ମହିଳାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ୯୮ହଜାର ୮ଶହ କୋଟି ଟଙ୍କା ମହିଳାଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଉଭୟ ସରକାରୀ ଓ ଘରୋଇ ସ୍ତରରେ ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁଛି। ୧ଲକ୍ଷ ୧୦ହଜାର ଲୋକଙ୍କୁ ଚାକିରି ଦେବାର ଲକ୍ଷ୍ୟ ଆମ ସରକାର ରଖିଛି। ୨୦୩୬ ପାଇଁ ୩୬ଟି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଉଲ୍ଲେଖ କରି ଶ୍ରୀ ମାଝୀ କହିଥିଲେ, କଟକରେ କେବଳ ଲକ୍ଷପତି ଦିଦି ନୁହନ୍ତି, ବରଂ ୪ ଲକ୍ଷପତି ଦିଦି ହୋଇପାରିଛନ୍ତି। ସେ କହିଥିଲେ, ନାରୀଙ୍କୁ ସମ୍ମାନ ପ୍ରଦାନ କରିବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଓଡ଼ିଶାର ନାରୀ ଶକ୍ତିକୁ ସବୁଠାରୁ ଶ୍ରେଷ୍ଠ ଶକ୍ତିକରି ଗଢି ତୋଳିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ଦୋହରାଇଥିଲେ। ସେ କହିଥିଲେ, ସରକାର ଏକବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି ଆମର ଏହି ନାରୀଶକ୍ତି ସମାବେଶ। ସେ କହିଥିଲେ, ନାରୀମାନଙ୍କ ସଶକ୍ତିକରଣ ପାଇଁ ସୁଭଦ୍ରା ହେଉଛି ଯୁଗାନ୍ତକାରୀ ଯୋଜନା। ଓଡ଼ିଶା ଇତିହାସରେ ବଡ଼ ମହିଳା କଲ୍ୟାଣ କାର୍ଯ୍ୟକ୍ରମ । ଆମ ସରକାର ଓଡ଼ିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛନ୍ତି। ଘର ଘର ବୁଲି ଆମେ ଅଧିକାଂଶ ପରିବାର ସହିତ ଯୋଗାଯୋଗ କରିଛୁ। ସେ କହିଥିଲେ, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା'ମାନେ ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର ଓ ମିଳିତ କୃଷିକାର୍ଯ୍ୟ କରି ପରିବାର ଚଳାଇବାରେ ସମର୍ଥ ହୋଇଛନ୍ତି। ସୁଭଦ୍ରା ସହାୟତା ମା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଆମ ରାଜ୍ୟର ଇତିହାସରେ ୩.୦୭ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇ ସେମାନଙ୍କ ଆର୍ଥିକ ସ୍ୱପ୍ନକୁ ସାକାର କରିପାରିଛୁ। ମହିଳା ସଶକ୍ତିକରଣ ଆମପାଇଁ ଏକ ସ୍ଲୋଗାନ ନୁହେଁ। ଚଳିତବର୍ଷ ବଜେଟରେ ମହିଳାଙ୍କ ପାଇଁ ୮୯ହଜାର ୮୬୧ କୋଟି ଟଙ୍କାର ବ୍ୟୟବରାଦ କରାଯିବା ଆମର ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କଟକ ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ପ୍ରକାଶ ସେଠୀ, ବିଜୟ ଦଳବେହେରା, ଛବି ମଲ୍ଲିକ, ସାରଦା ପ୍ରସାଦ ପ୍ରଧାନ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ସ୍ପାଇନ୍ ସର୍ଜରୀ ବିଶେଷଜ୍ଞଙ୍କୁ ନେଇ ଏସ୍‌ଫିକନ୍ ଓ ୱେସ୍‌କନ୍ ଆୟୋଜିତ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଏଣ୍ଡୋସ୍କୋପିକ ସ୍ପାଇନ ଫାଉଣ୍ଡେଶନ (ଇଣ୍ଡିଆ) ପକ୍ଷରୁ ଜୁନ୍ ୧୨ରୁ ୧୪ ତାରିଖ ୨୦୨୫ ପର୍ଯ୍ୟନ୍ତ ଏଣ୍ଡୋସ୍କୋପିକ ସ୍ପାଇନ ସର୍ଜରୀ ବିଷୟବସ୍ତୁ ଉପରେ ଭାରତର ପ୍ରମୁଖ ସମ୍ମିଳନୀ ୬ଷ୍ଠ ଏସ୍‌ଫିକନ ଓ ୱେସକନ ୨୦୨୫ର ଘୋଷଣା କରାଯାଇଛି। 'ଏଣ୍ଡୋସ୍କୋପିକ ରିଡିଫାଇନିଂ ସ୍ପାଇନ ବାଉଣ୍ଡରିଜ' ବିଷୟବସ୍ତୁ ଅଧିନରେ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲି ଇନଭାସିଭ ସ୍ପାଇନ କେୟାର୍‌ର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଆନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହେବେ। ଏହି କାର୍ଯ୍ୟକ୍ରମରେ ଲାଇଭ ସର୍ଜିକାଲ ପ୍ରଦର୍ଶନୀ ଅ'ର୍ଭୁକ୍ତ ରହିଛି ଯେଉଁଠାରେ ଡିଷ୍ଟାଣ୍ଡାଉ, ୟୁବିଇ ଓ ଟ୍ରାନ୍ସଫରାମିନାଲ ଏଣ୍ଡୋସ୍କୋପିକ ଆପ୍ରୋଚେସ ଭଳି ୫ଟି ଆଡ୍‌ଭାନ୍ସଡ ଟେକ୍‌ନିକକୁ ବାସ୍ତବ ସମୟରେ ପ୍ରଦର୍ଶିତ କରାଯାଉଛି। ଏହାଛଡା ଏକ ହ୍ୟୁମାନ କାଡାଭର ୱର୍କସପ ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ନିଜର ଦକ୍ଷତାକୁ ଉନ୍ନତ କରିବା ପାଇଁ ସର୍ଜନଙ୍କ ପାଇଁ ଏକ ବ୍ୟାପକ ପ୍ରଶିକ୍ଷଣ ଅଧିବେଶନ ପ୍ରଦର୍ଶିତ ହେବ। ସେହିପରି ସିଏମଇ-ସ୍ୱୀକୃତିପ୍ରାପ୍ତ ସେଶନଗୁଡିକରେ ଅଂଶଗ୍ରହଣକାରୀଙ୍କ ପାଇଁ ତର୍କ, ମାମଲା ଉପରେ ଆଲୋଚନା ଓ ମୁଖ୍ୟ ଅଭିଭାଷଣ ସମେତ ୧୨ଟି ସିଏମଇ କ୍ରେଡିଟ ପଏଣ୍ଟ ସାମିଲ ରହିଛି। ଆୟୋଜକ ଅଧ୍ୟକ୍ଷ ଡକ୍ଟର ଶଙ୍କର ଆଚାର୍ଯ୍ୟ କହିଛନ୍ତି, 'ଏହି ସମ୍ମିଳନୀ ଆ'ର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ ଚିକିତ୍ସା ପାଇଁ ଭାରତର ବଢୁଥିବା ଚାହିଦା ସହିତ ଏକତ୍ରିତ କରିଛି। ଆମର ଲକ୍ଷ୍ୟ ହେଉଛି ଆଧୁନିକ ଏଣ୍ଡୋସ୍କୋପିକ ପଦ୍ଧତିଗୁଡିକୁ ଗଣତାନ୍ତ୍ରିକ କରିବା। ସେହିପରି ସହ-ଆୟୋଜକ ଅଧ୍ୟକ୍ଷ ଡକ୍ଟର ଆତ୍ମରନ ଦାସ କହିଛନ୍ତି, ଭୁବନେଶ୍ୱରର ଐତିହ୍ୟ ଓ ଆଧୁନିକତାର ମିଶ୍ରଣ ଏହାକୁ ଏକ ଆଦର୍ଶ ଆୟୋଜକରେ ପରିଣତ କରୁଛି। ଡବ୍ଲ୍ୟୁଇଏସଏସ ୱାର୍ଲ୍ଡ ଏଣ୍ଡୋସ୍କୋପିକ ସ୍ପାଇନ ସୋସାଇଟିର ଅଧ୍ୟକ୍ଷ ଓ ଆୟୋଜକ ସମ୍ପାଦକ ଡକ୍ଟର ପରେଶ ସି. ଦେ' କାଡାଭରିକ ୱର୍କସପର ମହତ୍ୱକୁ ଗୁରୁତ୍ୱାରୋପ କରିଥିଲେ । ସମ୍ମିଳନୀରେ ଉପସ୍ଥିତ ଥିବା ଅନ୍ୟ ପ୍ରତିନିଧିଙ୍କ ମଧ୍ୟରେ ଡଃ ଶ୍ରୀନିବାସ ରୋହିଦାସ, ଡକ୍ଟର ପ୍ରଜ୍ଞା ପରମିତା ସାମନ୍ତ, ଡକ୍ଟର ଦେବାଶିଷ ମିଶ୍ର ଓ ଡକ୍ଟର ତନ୍ମୟ ମହାନ୍ତି, ଡକ୍ଟର ମାର୍‌ଜୋରି ରୁ (ଫ୍ରାନ୍ସ), ଡକ୍ଟର ପରନପାଭିଟ ଶ୍ରୀଫ୍ରିରୋମ (ଥାଇଲ୍ୟାଣ୍ଡ), ଡକ୍ଟର ମ୍ୟାକ୍ସିମ ଚାଲାଲି (ଫ୍ରାନ୍ସ), ଡକ୍ଟର ଅଜୱା ମହମ୍ମଦ ନୁର (ମ୍ୟାଲେସିଆ), ଡକ୍ଟର ଡୋଙ୍ଗ ୟ୍ୟୁନ ଲି (ଦକ୍ଷିଣ କୋରିଆ), ଡକ୍ଟର ନରେନ୍ଦ୍ର କୁମାର ରଥ (ୟୁକେ), ଡକ୍ଟର ଜିନ ହ୍ୱା ଇୟୁମ (ଆବୁଧାବି), ଡକ୍ଟର ବ୍ୟାପକ ପୌଡେଲ (ନେପାଳ), ଡକ୍ଟର ପାଙ୍ଗ୍ ୟୁଙ୍ଗ ୟୁ (ସିଙ୍ଗାପୁର), ଡକ୍ଟର ନାଡିର ବେନମେବାରେକ (ଆଲଜେରିଆ), ଡକ୍ଟର ଖାଲିଦ ମୁରାଦ (ଇରାକ୍), ଡକ୍ଟର ରୁଲି ହାନାଫି ଡହଲାନ (ଇଣ୍ଡୋନେସିଆ) ଓ ବିଶ୍ୱର ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶେଷଜ୍ଞମାନେ ସାମିଲ ଅଛନ୍ତି।

## କମିସନରେଟ୍ ପୋଲିସ୍ କବ୍‌ଜାରେ ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍ ଗ୍ୟାଙ୍ଗ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିସନରେଟ ପୋଲିସ କବଜାରେ ଆନ୍ତରାଜ୍ୟ ବନ୍ଧୁକ ରାକେଟ ଗ୍ୟାଙ୍ଗ । ୫ ବନ୍ଧୁକ ବେପାରୀ ଗିରଫ । ଗ୍ୟାଙ୍ଗ ପାଖରୁ ୬ ବନ୍ଧୁକ ଓ ଗୁଳି ଜବତ ହୋଇଛି । ଏହାସହ ଗୋଟିଏ କାର ଏବଂ ୫ଟି ମୋବାଇଲ ମଧ୍ୟ ଜବତ କରିଛି ପୋଲିସ । ବିହାର ମୁଙ୍ଗେରରୁ ଆଣି କରୁଥିଲେ ବନ୍ଧୁକ ବେପାର । ଗିରଫ ଅଭିଯୁକ୍ତ ହେଲେ ପ୍ରବୀଣ କୁମାର ସିଂ, ରାଘବେନ୍ଦ୍ର ସିଂ, ଅଭିଷେକ ରାଜପୁତ, ଇନ୍ଦ୍ରଜିତ ସିଂ ଏବଂ ଏସ୍.କେ ସକିଲ । ପୋଖରୀପୁଟରେ ବନ୍ଧୁକ ଡିଲ୍ ବେଳେ ମାଡ଼ିବସିଲା ଏୟାରପୋର୍ଟ ଥାନା ପୋଲିସ । ଏମାନଙ୍କ ରାକେଟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ଖୋଳତାଡ଼ କରୁଛି କମିସନରେଟ ପୋଲିସ ।

## ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ରଜ ମହୋତ୍ସବର ଶୁଭାରମ୍ଭ





ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସହିଦନଗର ସ୍ଥିତ ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଗଣପର୍ବ ରଜ ମହୋତ୍ସବର ଶୁଭାରମ୍ଭ ହୋଇଛି । ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଓ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ଦଳର ଉପସଭାପତି ଗୋଲଖ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟା ୬ ଘଟିକାରୁ ଆରମ୍ଭ ହେବ ଓ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ସମିତିର ସମ୍ପାଦକ ସଚି ନନ୍ଦନ ନାୟକ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଉପଦେଷ୍ଟାସୁଧୀର କୁମାର ଶତପଥୀ, ଦିଲ୍ଲୀପ କୁମାର ଦାସ, ଯୁଗ୍ମସଂପାଦକ ବିଶ୍ୱ ମହାନ୍ତି, ମହେନ୍ଦ୍ର ତ୍ରିପାଠୀ, ହରିଶ ପ୍ରସାଦ ରଥ, କୋଷାଧକ୍ଷ ସ୍ମୃତି ରଞ୍ଜନ ଜେନା, ଯୁଗ୍ମ କୋଷାଧକ୍ଷ ଗୋପଳ ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଜୀତେନ୍ଦ୍ର ରାଓ, ଦୀପଙ୍କର ମହାପାତ୍ର, ସୁଦୀପ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

## ରାକ୍ଷୀ ପୂର୍ଣ୍ଣିମାରେ କୋଟିଏ ମହିଳାଙ୍କୁ ସୁଭଦ୍ରା ଟଙ୍କା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋଟିଏ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି। ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ପୁଣି କୋଟିଏ ମହିଳାଙ୍କ ଆକାଉଣ୍ଟକୁ ଯିବ ୫ ହଜାର ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି । ଗାଁ ଗାଁରେ ମହିଳା ଲକ୍ଷପତି ଦିଦି ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମହିଳା କଲ୍ୟାଣ ଯୋଜନା ଓ ମହିଳାଙ୍କୁ ଆଗକୁ ବଢେଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ହିଁ ମହିଳା ବିକାଶର ବିକାଶଧାରା। ଆଗରୁ ମହିଳାଙ୍କୁ ଭୁଆଁ ବୁଲାଉ ଥିଲେ। ଆମ ସରକାର ମହିଳାଙ୍କୁ ସଶକ୍ତ କରୁଛି। ବିରୋଧୀ କହୁଛନ୍ତି ମିଶନ ଶକ୍ତିକୁ ଦୁର୍ବଳ କରାଯାଇଛି । ରାଜ୍ୟରେ ଆସନ୍ତା ୪ବର୍ଷ ମହିଳାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ଅପରେସନ ସିନ୍ଦୁରର ନେତୃତ୍ୱ ଯେଉଁପରି ଭାବେ ମହିଳା ନେଇଥିଲେ, ସେହିପରି ବିକଶିତ ଓଡ଼ିଶାର ଦାୟିତ୍ୱ ମଧ୍ୟ ଆମ ରାଜ୍ୟର ମହିଳା ନେବେ। ଆମ ରାଜ୍ୟର ମହିଳାଙ୍କ ପିଠା ଓ ମିଠା ବିଦେଶକୁ ଯାଉଛି। ଆସନ୍ତା ସମୟରେ ମାଁ ଦୁର୍ଗାଙ୍କ ପ୍ରତି ଛବି ହେବେ ଆମ ରାଜ୍ୟର ମାଁ ଓ ଭଉଣୀ। ମହିଳାଙ୍କୁ ମୁଣ୍ଡ ଉଠେଇ ବଞ୍ଚିବା ପାଇଁ ସୁଯୋଗ ସୃଷ୍ଟି କରୁଛି ଆମ ସରକାର ବୋଲି ପ୍ରଭାତି ପରିଡା କହିଛନ୍ତି ।

## ସାନିଟାରୀ ଦୋକାନରୁ ୨ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସାନିଟାରୀ ଦୋକାନରୁ ୨ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍ ହୋଇଛି । ଥାନାରେ ଅଭିଯୋଗ ପରେ ସହିଦନଗର ଥାନା ପୋଲିସ ଛାନଭିନ୍ କରିଛି । ଟିଣ ଛାତ କାଟି ସାନିଟାରୀ ଦୋକାନରେ କଳା କନା ବୁଲାଇଛନ୍ତି ଲୁଟେରା । ଭିଏସ୍‌ଏସ୍ ନଗର ସ୍ଥିତ ଏମଏସ ସାନିଟାରୀରୁ ଲୁଟ ହୋଇଛି । ଦୋକାନ ମାଲିକ କୌଣସି ଏକ କାମରେ ବାହାରକୁ ଯାଇଥିଲେ । ଦୋକାନ ବନ୍ଦ ଥିଲା, ତାର ସୁଯୋଗ ନେଇ ଲୁଟିନେଇଛନ୍ତି ଦୁର୍ବୃତ୍ତ ।

## ବରିଷ୍ଠ ଆଇନଜୀବୀଙ୍କୁ ପୋଲିସ, ମହିଳା ଆଇଏଏସ୍ ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣା

# ରାଜ୍ୟ ଆଇନଜୀବୀ ପରିଷଦର ବିଚାର ବିଭାଗୀୟ ତଦନ୍ତ ଦାବି

କଟକ(ଭାସ୍କର ନ୍ୟୁଜ): ଗତ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ପୋଲିସ ଓ ଜଣେ ମହିଳା ଆଇଏଏସ୍ ଅଧିକାରୀ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି । ସେ ବାଲେଶ୍ୱର ଏମ୍‌ଏଲ୍‌ଏ ମାନସ କୁମାର ଦତ୍ତଙ୍କୁ ସାକ୍ଷାତ କରିବା ପାଇଁ ଯାଇ ତାଙ୍କୁ ଖୋଜିବା ସହ ନ୍ୟୁ ସର୍କିଟ୍ ହାଉସ୍‌ର ଗୋଟିଏ କୋଠରିର ଦ୍ୱାର ମୁହଁରେ ପହଞ୍ଚିଥିଲେ । ସେଠାରେ ଜଣେ ମହିଳା ଅଧିକାରୀ ବସିଥିବା ଦେଖି ସେ ଦୁଃଖ ପ୍ରକାଶ କରି ସେ ସ୍ଥାନ ଛାଡ଼ି ପଳାଇ ଆସିଥିଲେ । କିନ୍ତୁ ଉକ୍ତ ମହିଳା ଆଇଏଏସ୍ ଅଧିକାରୀଜଣକ ତାଙ୍କୁ ପଛରୁ ଡାକି ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ । ଏପରିକି ଜଣେ ଆଇନଜୀବୀ ବୋଲି ଜାଣିବା ପରେ ବି ତାଙ୍କ ରାଗ ଥଣ୍ଡା ହୋଇନଥିଲା । ଏହାପରେ ଉକ୍ତ ଆଇଏଏସ୍ ଅଧିକାରୀ ସହଦେବଖୁଣ୍ଟା ଆଦର୍ଶ ଥାନାରେ ଉପସ୍ଥିତ ହୋଇ ବରିଷ୍ଠ ଆଇନଜୀବୀଙ୍କୁ ଡକାଇଥିଲେ । ସେଠାରେ ଆଇଏଏସ୍ ଅଧିକାରୀ, ଡିଏସ୍‌ପି ଓ ଅତିରିକ୍ତ ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ସେଠାରେ ତାଙ୍କୁ ଅପରାହ୍ଣ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବସାଯାଇ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିଲା । ପରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫ରେ ନୋଟିସ୍ ଦିଆଯାଇ ଛାଡ଼ି ଦିଆଯାଇଥିଲା । କିନ୍ତୁ ପରଦିନ ସମ୍ପୃକ୍ତ ଆଇଏଏସ୍ ଅଧିକାରୀ ୩ ପ୍ଲାଟୁନ୍ ପୋଲିସ ଫୋର୍ସ୍ ନେଇ ତାଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାକୁ ରାଜ୍ୟ ଆଇନଜୀବୀ ପରିଷଦ ଗମ୍ଭୀରତାର ସହ ନେଇଛି । ପରିଷଦର ଏକ ଜରୁରି ବୈଠକ ଡକାଯାଇ ଘଟଣାକୁ ନିନ୍ଦା କରାଯିବା ସହ ଏହାର ବିଚାର ବିଭାଗୀୟ ତଦନ୍ତ, ଥାନାର ଭାରପ୍ରାପ୍ତ ଅଧିକାରୀ ଓ ସମ୍ପୃକ୍ତ ଆଇଏଏସ୍ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିଷଦ ଦାବି କରିଛି । ୧୦ ଦିନ ଭିତରେ ପଦକ୍ଷେପ ନିଆନଗଲେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ମା' ଉଗାଳମଣିଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚକେଇ ସିହାଣୀ ଗ୍ରାମର ଗ୍ରାମର ଗ୍ରାମ ଦେବତୀ ମା' ଉଗାଳମଣିଙ୍କ ପୀଠରେ ତୃତୀୟ ଏକ ଦିବସିୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଉତ୍ତର ଭୁବନେଶ୍ୱର ପୂର୍ବତନ ବିଧାୟକ ବଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲେ । ପରିଚାଳନା ଦାୟିତ୍ୱରେ ଚକେଇ ସିହାଣୀ କ୍ଲବ୍ ସଦସ୍ୟ ବ୍ରଜ କିଶୋର ସ୍ୱାଇଁ, ଗ୍ରାମର ଯୁବକ ବିଶୁ ସ୍ୱାଇଁ, ସଂଜୟ ଦାସ, ଅମିତ ଦାସ, ମିଥୁନ ସ୍ୱାଇଁ, ରଂଜିତ ରାଉତ, ପ୍ରଦୀପ ସ୍ୱାଇଁ, ଗ୍ରାମର ବୟୋଜ୍ୟେଷ୍ଠ ମୁରବି ଦିଲୀପ ସ୍ୱାଇଁ, ଚୈତନ୍ୟ ଦାସ, ସୁକାନ୍ତ ଷଡ଼ଙ୍ଗୀ, ପୂର୍ବତନ କର୍ପୋରେଟର ନିର୍ମଳ ରାଉତ, ଦାଶରଥି ରାଉତ ଏବଂ ବିଜୟ ରାଉତ ଯୋଗ ଦେଇଥିଲେ ।

## ଆଇନଜୀବୀଙ୍କୁ ଥାନା ଭିତରେ ଦୁର୍ବ୍ୟବହାର ଘଟଣା

# ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ନିନ୍ଦା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ସହର ସର୍କିଟ୍ ହାଉସରେ ପ୍ରଶିକ୍ଷଣ ନେଉଥିବା ଆଇଏଏସ୍‌ଙ୍କ ରୁମକୁ ବିଧାୟକଙ୍କୁ ଖୋଜି ଭୁଲରେ ପଶିଯିବା ପରେ ବାଲେଶ୍ୱର ବାର୍ ଆସୋସିଏସନର ୭୧ ବର୍ଷିୟ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କୁ ପୋଲିସ ଥାନାରେ ବେଆଇନ ଭାବେ ଦୁଇଦିନ ଅଟକ ରଖାଯାଇଥିଲା । ଏଥିସହ ଥାନା ଭିତରେ ସମ୍ପୃକ୍ତ ମହିଳା ଆଇଏଏସ୍ ବୟସ୍କ ଓକିଲଙ୍କୁ ମାଡ଼ ମାରିବା ଓ ପୋଲିସ ଆଇନଜୀବୀଙ୍କୁ ଗିରଫ କରିବା ଘଟଣାକୁ ରାଜ୍ୟର ଆଇନଜୀବୀଙ୍କ ସର୍ବବୃହତ୍ ସଙ୍ଘ ନିଖିଳ ଓଡ଼ିଶା ଆଇନଜୀବୀ ସଙ୍ଘ ନିନ୍ଦା କରିଛି । ସମ୍ପୃକ୍ତ ୨୫ ବର୍ଷ ବୟସର ଆଇଏଏସ୍ ପଦାଧିକାରୀ ସାମଲ କଲ୍ୟାଣ ରାଓ ଭଗତଙ୍କୁ ତୁରନ୍ତ ନିଲମ୍ବନ ଓ ପୋଲିସ ପଦାଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଘ ଦାବି କରିଛି ।


## ସମାଜସେବୀଙ୍କ ଦେହାନ୍ତ


ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଡଗଡ ଗ୍ରାମର ବରିଷ୍ଠ ମୁରବୀ, ସମାଜସେବୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଉମାଶଙ୍କର ପଟ୍ଟନାୟକ(୭୮)ଙ୍କ ଶୁକ୍ରବାର ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳେ ତାଙ୍କ ପାଖରେ ବଡପୁଅ ଉଦୟ ଭାନୁ ପଟ୍ଟନାୟକ ଓ ସାନପୁଅ ଚନ୍ଦ୍ରଭାନୁ ପଟ୍ଟନାୟକ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । କର୍ପୋରେଟର ସନ୍ତୋଷ କୁମାର ସିଂ, ଅମରେଶ ଜେନା, ଯୁବନେତା ସଂଗ୍ରାମ ମାର୍ଥା, ବରିଷ୍ଠ ସମାଜସେବୀ ସଂଗ୍ରାମ ପାଇକରାୟ, ସମବାୟବିତ୍ ରଂଜନ କୁମାର ଦାସଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଓ ଶତାଧିକ ଲୋକ ଶେଷ ଦର୍ଶନ କରିଥଲେ । ପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପରିବାରକୁ ଅସୀମ ଧୈର୍ଯ୍ୟ ଏବଂ ସାହସ ପ୍ରଦାନ କରନ୍ତୁ ବୋଲି ବିଧାୟକ ବାବୁ ସିଂ ତାଙ୍କ ଶୋକବାର୍ତ୍ତାରେ ଜଣାଇଛନ୍ତି ।

# ଶ୍ରଦ୍ଧାଞ୍ଜଳି ଜଣାଇଲା ରାଜଧାନୀ ସଂଗ୍ରାମୀ ସେବାସଂଘ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛି ସେବାସଂଘ । ପ୍ରାଣ ହରାଇଥିବା ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ ଓ ମହମବତୀ ପ୍ରଦାନ କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛି ସଂଘ । ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ କହିଥଲେ ଯେ ଏହି ମର୍ମନ୍ତୁଦ ଦୁର୍ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ସହ ଏଭଳି ଘଟଣା ପୁନରାବୃତ୍ତି ନହେଉ ଏ ପ୍ରତି ସରକାର ଦୃଷ୍ଟି ରଖିବେ ବୋଲି କହିଥଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ପ୍ରତାପ ସାହୁ, ଡେଜି ଶତପଥୀ, ମାନସ ବସ୍ତିଆ, ତନ୍ମୟ ସାମନ୍ତରାୟ, ମାନସ ସାହୁ, ସୁଶାନ୍ତ ମହାକୁଡ଼, ସାମ୍ବାଦିକ ସତ୍ୟଜିତ ମହାପାତ୍ର, ସୌମ୍ୟରଂଜନ ନାୟକ, ନଳିନୀ ନିହାର ନାୟକ, ପ୍ରଦ୍ୟୁମ୍ନ ଦାସ, ରାଜ କୁମାର, ରାଜୀବ ମିଶ୍ର, ସାର୍ଥକ ମହାପାତ୍ର, ଜନାର୍ଦ୍ଦନ ସାହୁ, ସତ୍ୟ ମିଶ୍ର, ବିକାଶ ବେହେରା ଓ ସେବାସଂଘ ସଭାପତି ଧୀରେନ ଶଙ୍କର ଦାସ ସମେତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବାପୁ ଓଝା ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



## ଭୟଙ୍କର, ହୃଦୟ ବିଦାରକ

# ଆକାଶରେ ମୃତ୍ୟୁର ତାଣ୍ଡବ

ଭାରତ ଇତିହାସର ଏଯାବତ୍ ସବୁଠାରୁ ଭୟଙ୍କର ଓ ହୃଦୟ ବିଦାରକ ବିମାନ ଦୁର୍ଘଟଣା ଗୁରୁବାର ଅପରାହ୍ଣରେ ଗୁଜରାଟ୍‌ର ପୁରାତନ ନଗରୀ ଅହମଦାବାଦ୍‌ରେ ଘଟିଯାଇଛି । ଏଠାରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ବୋଇଂ ଡ୍ରିମଲାଇନର୍ ଏଆଇ-୧୭୧ ବିମାନ ଉଡ଼ାଣର ମାତ୍ର ଦୁଇମିନିଟ୍ ମଧ୍ୟରେ ଆକାଶ ମାର୍ଗରୁ ଖସି ପଡ଼ି ଧ୍ୱଂସ ପାଇଯିବା ଫଳରେ ୨୪୧ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ବିମାନରେ ଯାତ୍ରୀ, ବୈମାନିକ ଓ ଅନ୍ୟ କର୍ମଚାରୀଙ୍କୁ ମିଶାଇ ମୋଟ ୨୪୨ଜଣ ଥିବାବେଳେ କେବଳ ଜଣେ ଯାତ୍ରୀ ବଞ୍ଚି ଯାଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ଆକାଶକୁ ଉଠିବାର ନିମିଷକ ଭିତରେ ବିମାନଟି ଦ୍ରୁତବେଗରେ ତଳକୁ ଖସି ନିକଟବର୍ତ୍ତୀ ଏକ ମେଡିକାଲ କଲେଜ ହଷ୍ଟେଲ ଛାତରେ ପିଟି ହୋଇଯାଇଥିଲା ଏବଂ ପ୍ରଚଣ୍ଡ ବିସ୍ଫୋରଣ ସହ ଏକ ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଥିଲା । ଦୁର୍ଘଟଣାଗ୍ରସ୍ତ ବିମାନର ଜୋର୍ ଧକ୍କାରେ ମେଡିକାଲ କଲେଜ ହଷ୍ଟେଲ୍‌ର ୨୦ଜଣ ଛାତ୍ରଙ୍କ ସମେତ କେତେକ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବାର ଜଣାପଡିଛି । ଗୁରୁବାର ବିଳମ୍ବିତ ରାତ୍ରୀ ସୁଦ୍ଧା ସ୍ଥାନୀୟ ହସ୍ପିଟାଲ୍‌କୁ ୨୬୫ଟି ମୃତଦେହ ଅଣାଯାଇଥିଲା । ପ୍ରାଣ ହରାଇଥିବା ହତଭାଗ୍ୟ ଯାତ୍ରୀଙ୍କ ମଧ୍ୟରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ଜଣେ ବରିଷ୍ଠ ନେତା ବିଜୟ ରୂପାନୀଙ୍କ ସମେତ ୧୬୯ଜଣ ଭାରତୀୟ, ୫୩ଜଣ ବ୍ରିଟିଶ ନାଗରିକ, ୭ ପର୍ତ୍ତୁଗୀଜ୍ ଓ ଜଣେ କାନାଡ଼ା ଅଧିବାସୀ ଅନ୍ତର୍ଭୁକ୍ତ । ପ୍ରଚଣ୍ଡ ବିସ୍ଫୋରଣରେ ସମ୍ପୂର୍ଣ୍ଣ ଜଳିଯାଇଥିବା ବିମାନର ଧ୍ୱଂସସ୍ତୁପ ଭିତରୁ ମୃତଦେହ ଗୁଡ଼ିକ ଚିହ୍ନଟ କରିବା ମଧ୍ୟ ସମ୍ଭବ ହେଉନଥିବାରୁ ଡିଏନ୍‌ଏ ଟେଷ୍ଟ କରିବାକୁ ଉଦ୍ୟମ ହେଉଛି । ଏହି ଦୁଃଖଦ ଘଟଣା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱକୁ ସ୍ତବ୍ଧ ଓ ଚକିତ କରି ଦେଇଛି । ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ବୋଇଂ ଡ୍ରିମ୍ ଲାଇନର ଏ.ଆଇ ୧୭୧ ବିମାନକୁ ସବୁଠାରୁ ନିରାପଦ ଓ ସୁରକ୍ଷିତ ବିବେଚନା କରାଯାଇଥାଏ । ଏଭଳି ଏକ ବିମାନରେ କିପରି ଏତେବଡ଼ ଦୁର୍ଘଟଣା ଘଟିଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅନ୍ୟଜଣେ ପୂର୍ବତନ ପାଇଲଟ୍‌ଙ୍କ ସୂଚନା ଅନୁଯାୟୀ ବିମାନରେ ଅତ୍ୟଧିକ ଲୋଡ୍ ଦୁର୍ଘଟଣାର ଏକ କାରଣ ହୋଇପାରେ । ଏହି ବିମାନରେ ୧ଲକ୍ଷ ୨୫ହଜାର ଲିଟର ଇନ୍ଧନ ଭରପୂର ହୋଇ ରହିଥିଲା । ତେବେ ବ୍ଲାକ୍‌ବକ୍ସ ମିଳିବା ପରେ ହିଁ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଦୁର୍ଘଟଣା ପୂର୍ବରୁ ବୈମାନିକ ଆସନ୍ନ ବିପଦ ଆଶଙ୍କା କରି ନିକଟସ୍ଥ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ 'ମେ'ଡେ କଲ୍' ବା ଜରୁରିକାଳୀନ ବାର୍ତ୍ତା ପ୍ରେରଣ କରିଥିଲେ । ମାତ୍ର ଟ୍ରାଫିକ କଣ୍ଟ୍ରୋଲ ଅଧିକାରୀମାନେ ବାର୍ତ୍ତା ପାଇ ବୈମାନିକଙ୍କ ସହ ଯୋଗାଯୋଗ କଲାବେଳକୁ ସବୁ ଶେଷ ହୋଇଯାଇଥିଲା । ମର୍ମନ୍ତୁଦ ଦୁର୍ଘଟଣାର ଅଳ୍ପ କିଛି ଘଣ୍ଟା ମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଅହମଦାବାଦ୍‌ରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନାକୁ ଯାଇ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ । ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୁର୍ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି । ଭାରତରେ ବିମାନ ଚଳାଚଳ ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ଦଶଟି ଭୟଙ୍କର ବିମାନ ଦୁର୍ଘଟଣାରେ ଯେତିକି ସଂଖ୍ୟକ ଲୋକ ପ୍ରାଣ ହରାଇଥିଲେ, ଅହମଦାବାଦ୍‌ରେ ଗୁରୁବାର ଘଟିଥିବା ଦୁର୍ଘଟଣାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ଯୋଗୁଁ ବିଦେଶକୁ ଅଧ୍ୟୟନ ପାଇଁ ଯାଉଥିବା ଛାତ୍ରଙ୍କ ଠାରୁ ଆରମ୍ଭ କରି ପର୍ଯ୍ୟଟକ, ଶିଳ୍ପପତି, ନବବିବାହିତା ଦମ୍ପତି ଓ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଜୀବନଦୀପ ଅକାଳରେ ଝଡ଼ି ଯାଇଛି । ଅଳ୍ପ କିଛିବର୍ଷ ପୂର୍ବରୁ ଏୟାର ଇଣ୍ଡିଆର ମାଲିକାନା ନିଜ ହାତକୁ ନେଇଥିବା ଟାଟା କମ୍ପାନୀ ମୃତକଙ୍କ ପରିବାର ପିଛା ଏକକୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଛି । ତେବେ ଏହି ଅର୍ଥରାଶି କ'ଣ ସତରେ ହଜିଯାଇଥିବା ଅମୂଲ୍ୟ ଜୀବନକୁ ଫେରାଇ ଆଣିପାରିବ ?

# ମାଟି ଓ ମୌସୁମୀ ମିଳନର ପର୍ବ ରଜପର୍ବ



ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୯୯୩୮୯୦୬୦୭୦

ପ୍ରଥମ ବର୍ଷାର ପହିଲି ପସରା ମାଟି ଛୁଇଁଲେ, ଆର୍ଦ୍ର ହୋଇ ଉଠେ ପୃଥିବୀ । ଶୀତଳତା ଭରିଯାଏ ସବୁଆଡ଼େ । ଯେମିତିକି ବହୁ ଦିନୁ ପ୍ରତିକ୍ଷୀତ ଏଇ ମାଟି- ମେଘ ସହ ରଚି ବସିଛି ଶୃଙ୍ଗାରର ପର୍ବ । ପୂର୍ଣ୍ଣ ଯୌବନର ଦୀପ୍ତି ନେଇ ଧରିତ୍ରୀକୁ ଆସିଥାଏ । ମାଟି ଓ ମୌସୁମୀର ମିଳନର ପର୍ବ ରଜ । ପୃଥିବୀର ମାତୃତ୍ୱ କାମନା କରି ସୃଷ୍ଟିର ଜୟ ଗୀତଗାନ କରେ କୃଷକ । ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତରେ ପୃଥିବୀ ଋତୁମତୀ ହୋଇଥିବାରୁ ଖୁସିରେ ଉତ୍ସବମୁଖର ହୋଇ ଉଠେ ସବୁଆଡ଼େ । ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଏହି ରଜ ପର୍ବ । ଦୋଳିରେ ଦୋଳିରେ ଛୁଟେ କୁଆଁରୀଙ୍କ ରଜଗୀତର ଲହରା ସ୍ୱର । ପୋଡପିଠା ଖାଇ, ପୁଅମାନଙ୍କ ତାସ୍ ବାଗୁଡି ଖେଳ, ଆଉ ଝିଅ ମାନଙ୍କ ଗାଁ ବୁଲା, ଅଳତାଲଗା ସହ ରଜ ପାନ ଖାଇ ଓଠ ରଙ୍ଗେଇବାର ଏଇ ଏକ ଭିନ୍ନ ମଉକା । ମୌସୁମୀ ଆସିବାରେ ପୃଥିବୀ ତିନ୍ତିଛି ପ୍ରଥମ ବର୍ଷାର ସ୍ପର୍ଶରେ । ଆର୍ଦ୍ର ହୋଇଛି ମାଟି । ମାଟିର ଭୁରୁଭୁରୁ ଗନ୍ଧ ମହକେଇ ଦଉଛି – ଗାଁ ଭୁଇଁ । ହଳଦୀ ମୁଖା ନିରିମାଖୀ ଦେହରେ ସରଳା ପଲ୍ଲୀବାଳା ସଜେଇ ହୋଇଛି କୁଙ୍କୁମ ଚନ୍ଦନ । ଋତୁମତୀ ଧରାର ସଂକେତ ବହନ କରି ସେ ଆଜି ସମସ୍ତଙ୍କ ପାଇଁ ମହାନିୟା, ବନ୍ଦନୀୟା ହୋଇଛି । ତେଣେ ଅକ୍ଷୟ ତୃତୀୟାରେ ଧାନ ଅନୁକୂଳ କରି ବସିଥିବା ଚାଷୀ କ୍ଷେତକୁ ଯିବାକୁ ପ୍ରସ୍ତୁତ ହୋଇଥିଲେ ବି ଏଇ ପାଞ୍ଚଦିନ ତା ପାଇଁ ବିଶ୍ରାମର ବେଳ । ଏବେ ଭୂଇଁରେ ଖାଲି ପାଦରେ ଚାଲିବା ମନା, କର୍ଷଣ ବି ମନା । ଫସଲ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ କୃଷିପର୍ବର ଆରମ୍ଭରୁ ମାଟିକୁ ସଂପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ପରିକଳ୍ପନା । ଏ ପର୍ବରେ ପରିବାରର ଲୋକେ କି ଆତ୍ମୀୟସ୍ୱଜନ ଯିଏ ଯେଉଁଠି ଥିଲେ ବି, ଫେରି ଆସିଥାନ୍ତି ଘରକୁ । ବନ୍ଧୁ ବାନ୍ଧବଙ୍କ ଗହଳି ଆଉ ହସ କୌତୁକକ ଆସର ଭୁଲାଇ ଦିଏ କର୍ମମୟ ଜୀବନର ଅବସାଦ । ଖରାର ଦର୍ପ କମିଲା ପରେ ମୌସୁମୀର କଅଁଳଛୁଆଁ ଶିହିରିତ କରେ ମତୀକୁ । ବାସୁମତି ବନ୍ଦନାର ଋତୁ ଇଏ । କ୍ଲାନ୍ତ ଧୂସର ଆକାଶରେ ପଇଁତରା ମରୁଛି ବାଦଲ । ଗଛର ସବୁଜିମା ଉପରେ ଆସ୍ତରଣ କମାଇଥିବା ବହଳ ଧୁଳି ଟୋପା ଟୋପା ମେଘରେ ଧୋଇ ହୋଇଯାଉଛି । ପ୍ରକୃତିର ସ୍ୱପ୍ନ ଓ ସୃଜନ ରଚିଛନ୍ତି ମାଳମାଳ କଙ୍କି ଓ ପ୍ରଜାପତି ।

ଅତଏବ ପ୍ରକୃତି ସୃଷ୍ଟି କରିଛି ବର୍ଷା ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ । ଜ୍ୟୋତିଷ ଶାସ୍ତ୍ର ଆନୁସାରେ ସୂର୍ଯ୍ୟ ବୃଷ ରାଶିକୁ ତ୍ୟାଗକରି ଯେଉଁ ଦିନ ମିଥୁନ ରାଶିରେ ପ୍ରବେଶ କରି ତା'ପର ଦିନକୁ ମିଶାଇ ମୋଟ ତିନିଦିନ ରଜପର୍ବ ପାଳନ କରାଯାଏ । ମୃଗଶିରା ନକ୍ଷତ୍ରରେ ସୂର୍ଯ୍ୟ ରହିବାର ତିନିଦିନକୁ ରଜ କୁହାଯାଉଥିବା ବେଳେ ଧର୍ମଶାସ୍ତ୍ରନୁସାରେ କୌଣସି ନାରୀର ଋତୁସ୍ରାବ ପ୍ରଥମ ତିନିଦିନ ଯଥାକ୍ରମେ- ଚାଣ୍ଡାଳି, ବ୍ରହ୍ମଘାତିନୀ ଓ ରଜକୀ ହୋଇଥାଏ । ଚତୁର୍ଥ ଦିନରେ ଶୂଦ୍ରା ଓ ପଞ୍ଚମ ଦିନରେ ରମଣ ଯୋଗ୍ୟ ହୋଇଥାଏ । ତେଣୁ ରଜ ପର୍ବ ଭାବେ ମଧ୍ୟ ପାଳନ କରାଯାଏ । ରଜର ଶେଷ ଦିନରେ ଠାକୁରାଣୀ ଗାଧୁଆରେ କାଠପିଢା ଉପରେ ଶିଳପୁଆ ଲଙ୍ଗଳ ଲୁହା ଓ ବିଭିନ୍ନ ଉପକରଣ ରଖି ତା'ଉପରେ ହଳଦୀ ପାଣି ଢାଳି । ଭୋଗ ରାଗ ସହ ବାସୁମତି ସ୍ନାନ କରାନ୍ତି । ଏହା ପରେ ହିଁ ପବିତ୍ର ଓ ଉତ୍ପାଦନକ୍ଷମ ହୁଏ ମାଟି । ରଜ ଚାଷୀଘରେ ମଉଜ ମଜଲିସର ଉତ୍ସବ ହୋଇଥିବା ବେଳେ, ଆମର ଧର୍ମୀୟ ଭାବଧାରା ଭିଡ଼ରେ ଏହା ଯୋଡି ହୋଇଯାଇଛି କାହିଁ କେଉଁ କାଳରୁ । ଶ୍ରୀମନ୍ଦିରରେ ସପ୍ତାବରଣ ମୂର୍ତ୍ତି ମଧ୍ୟରେ ଭୂଦେବୀ ବା ମାଟି ଦେବୀ ଥିବାରୁ ଏଥିରେ ମଧ୍ୟ ଖୁବ ରୀତିନୀତି ସହ ରଜପର୍ବ ପାଳନ କରାଯାଇଥାଏ । ଏହି ସମୟରେ ଅନେକ ସ୍ଥାନରେ ଗୀତା- ଭାଗବତ ପାଠ ପାରାୟଣ ପ୍ରବଚନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ । ଆଉ ନାଚଗୀତରେ ପୁଅଝିଅମାନେ ନାଚିଥାନ୍ତି । ବର୍ଷା ହିଁ ସୃଜନ ଓ ଶୃଙ୍ଗାର ଋତୁ । ନବଯୌବନପ୍ରାପ୍ତ ଝିଅଟିଏ ଅନ୍ୟ ଘରକୁ କନିଆଁ ହୋଇଯିବାର ସ୍ୱପ୍ନ ଦେଖେ ଏଇ ରଜ ଅବସରରେ । ସେଥିପାଇଁ ହିଁ ତାର ମନର ଭାବ ପ୍ରକାଶ ଲାଗି ଦୋଳିରେ ଆୟୋଜନ- ନିଆରା ସୁଯୋଗ ହୋଇଥାଏ । ରଜପର୍ବ ପାଞ୍ଚ ଦିନ ଧରି ପାଳନ କରାଯାଏ । ରଜର ପୂର୍ବ ଦିନକୁ ମାସନ୍ତ ବା ସଜବାଜ ଓ ପ୍ରଥମ ଦିନକୁ ପହିଲି ରଜ, ମଝି ରଜ ସଂକ୍ରାନ୍ତି, ଶେଷ ରଜ ଓ ଶେଷ ରଜ ପରଦିନ ବସୁମତୀ ସ୍ନାନ ବା ବାସି ରଜ କୁହାଯାଏ । ଯେପରି ଏକ ରଜସ୍ୱଳା ନାରୀ ମୋଟ ୪ ଦିନ ପାଇଁ ଅଛୁତ ରୁହେ ସେପରି ବସୁଧା ମାତାକୁ ଅକ୍ଷତ ଓ ଅସ୍ପୃର୍ଶ୍ୟ ରଖାଯାଏ । ଧରିତ୍ରୀ ନିଜେ ରଜସ୍ରାବିତ ହୋଇ ନିଜ ସନ୍ତାନ ପାଇଁ ଶସ୍ୟ ଉତ୍ପାଦନକ୍ଷମତା ବଢାଏ । ରଜ ହେଉଛି ଏକମାତ୍ର ପର୍ବ ଯାହା ୩ଦିନ ପାଳିତ ହେବା ସହ ପ୍ରଥମ ରଜର ପୂର୍ବ ଦିନ ଓ ଶେଷ ରଜର ପରଦିନ ମଧ୍ୟ ଏହି ପର୍ବ ପାଳିତ ହୋଇଥାଏ । ଅନ୍ୟ କୌଣସି ପର୍ବପର୍ବାଣିରେ ପ୍ରାୟତଃ ଏପରି ହୋଇନଥାଏ ।

ରଜ ପର୍ବର ଉତ୍ପତ୍ତି, ବିକାଶ ଓ ସ୍ୱରୂପର ଅୟମାରମ୍ଭ କାଳ ସମ୍ପର୍କରେ ଯଥାର୍ଥ ପ୍ରାମାଣିକ ତଥ୍ୟ ଅଦ୍ୟାବଧି ଗବେଷଣାତ୍ମକ ପଦ୍ଧତିରେ ନିର୍ଣ୍ଣୟ ହୋଇ ନଥିଲେ ହେଁ କିମ୍ବଦନ୍ତୀରେ ଏହାର ପ୍ରାଚୀନତା ଯଥେଷ୍ଟ ସାର୍ବଜନୀନ ଅଟେ । ଉତ୍କଳୀୟ ସାଂସ୍କୃତିକ ପରମ୍ପରା ସୁପ୍ରାଚୀନ ନିର୍ଦ୍ଦିଷ୍ଟ ଶୃଙ୍ଖଳାବୋଧ ସମନ୍ୱିତ ଚେତନା ସହିତ ଉଡ୍ର ସଂସ୍କୃତିର ମୌଳିକତା, ବୈଦିକ ସଂସ୍କୃତିର ଗାମ୍ଭୀର୍ଯ୍ୟ, ବୈଷ୍ଣବ ପରମ୍ପରାର ଆତ୍ମୀୟତା ତଥା ଚୈତନ୍ୟ ପରମ୍ପରାର ସତ୍ତ୍ୱପ୍ରେମର ଅପୂର୍ବ ସମନ୍ୱୟରେ ଉନ୍ମେଷିତ ଓ ବିକଶିତ ହୋଇ ମହାର୍ଘ ପରିବେଶ ମଧ୍ୟରେ ଗୌରବାନ୍ୱିତ ହୋଇଛି ପ୍ରାଚୀନ ଉତ୍କଳୀୟ ପର୍ବପର୍ବାଣି ସବୁ । ରଜ ଓଡ଼ିଶାର ଏକ ଗୌରବୋଜ୍ଜ୍ୱଳ ସାଂସ୍କୃତିକ ମହୋତ୍ସବ । ଏହି ଗୌରବୋଜ୍ଜ୍ୱଳ ମହୋତ୍ସବର ଐତିହ୍ୟରେ ଓଡ଼ିଶାର ହଜାର ହଜାର ବର୍ଷର ସଂସ୍କୃତି ଲୁକ୍କାୟିତ ହୋଇ ରହିଛି । ପ୍ରାଚୀନକାଳରୁ ଏହି ମହୋତ୍ସବ ସାମାଜିକ ସରସତା ଓ ସାମୂହିକତାର ସ୍ୱର ବହନ କରି ଓଡ଼ିଆ ଜାତିକୁ ଆନନ୍ଦ, ଉଲ୍ଲାସ, ଉଦ୍ଦିପନା ତଥା ସ୍ୱଜାତ୍ୟାଭିମାନର ପ୍ରେରଣା ପ୍ରଦାନ କରି ଆସିଛି । ରଜ ମହୋତ୍ସବ ଅବସରରେ ଅଗଣିତ ଓଡ଼ିଆ ନିଜ ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱାଭିମାନରେ ଭାବାତ୍ମକ, ଚେତନାତ୍ମକ ଐକ୍ୟର ଗୌରବରେ ଉଲ୍ଲସିତ ହୋଇ ଥାଆନ୍ତି ।

ଏହି ରଜ ମହୋତ୍ସବକୁ ଓଡ଼ିଆ ଜାତିର ଜାତୀୟ ମହୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ । କିମ୍ବଦନ୍ତୀ ବହୁଳ ରଜ ମହୋତ୍ସବ ବିଷୟରେ ବିଭିନ୍ନ ପୌରାଣିକ ଓ ସାମାଜିକ ପୃଷ୍ଠଭୂମି ଥିବାର ଅନୁମାନ କରାଯାଏ । ଲଙ୍କାରେ ରାକ୍ଷସମାନଙ୍କର ମହାପ୍ରତାପୀ ରାଜା ରାବଣ ରାଜୁତି କରୁଥିବାବେଳେ ମୟଦାନବ ନାମରେ ମଧ୍ୟ ଆଉ ଜଣେ ରାଜା ଅନ୍ୟ ଏକ ରାଜ୍ୟରେ ରାଜୁତି କରୁଥିଲେ । ଉଭୟେ ରାକ୍ଷସମାନଙ୍କର ରାଜା ହୋଇଥିବା କାରଣରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଖୁବ ନିବିଡ଼ ଥିଲା । ରାବଣ ମୟଙ୍କ ଦରବାରକୁ ଯିବା ଆସିବା କରୁଥିଲା । ରାଜା ମୟଙ୍କର ମନ୍ଦୋଦରୀ ନାମରେ ଅତି ସୁନ୍ଦରୀ କନ୍ୟାଟିଏ ଥିଲା । ରାବଣ ସୁନ୍ଦର, ପ୍ରତିଭାବାନ ଓ ବୀରଥିବାରୁ ସେମାନେ ପରସ୍ପର ପ୍ରତି ଆକର୍ଷିତ ହେଲେ ଓ ମନ୍ଦୋଦରୀ ଅନ୍ତସତ୍ତ୍ୱା ହେଲେ । ମନ୍ଦୋଦରୀଙ୍କ ଠାରୁ ଅତି ସୁନ୍ଦରୀ କନ୍ୟାଟିଏ ଜନ୍ମ ନେବା ଫଳରେ ପିତା-ମାତାଙ୍କ ପାଇଁ ବଦନାମର କାରଣ ହେଲା । ଅବିବାହିତ କନ୍ୟା ଜନନୀ ହେବା ବାସ୍ତବିକ ଲୋକ ଲଜ୍ଜା ଓ କଳଙ୍କ । ଏଣୁ ରାଜା ମୟ ଉକ୍ତ ଶିଶୁ କନ୍ୟାକୁ ବିଳମ୍ବିତ ରାତ୍ରରେ ଦୂର ରାଇଜକୁ (ମିଥିଳା ନଗର)କୁ ନେଇ ଗୁପ୍ତ ଭାବରେ ଗାତ ଖୋଳି ପୋତି ଦେଇଥିଲେ । ଏହି ଶିଶୁ କନ୍ୟାଟିକୁ ମିଥିଳା ରାଜ୍ୟରେ ପୋତି ଦେଇଥିବା କାରଣରୁ ମିଥିଳାରେ ଅକାଳ ପଡ଼ିଲା । ବର୍ଷା ହେଲା ନାହିଁ । ମିଥିଳାବାସୀ ତ୍ରାହି ତ୍ରାହି କରିବାକୁ ଲାଗିଲେ । ମିଥିଳା ରାଜ୍ୟର ଜଣେ ପ୍ରଜାବତ୍ସଳ ରାଜା ଥିଲେ ଜନକ । ପ୍ରଜାଙ୍କର ଦୁଃଖଦୁର୍ଦ୍ଦଶା ଦେଖି ରାଜା ଜନକ ପ୍ରଜାଙ୍କ ହିତ ପାଇଁ ଜ୍ୟୋତିଷମାନଙ୍କର ପରାମର୍ଶ ନେଲେ । ଜ୍ୟୋତିଷମାନଙ୍କର ମତ ଅନୁଯାୟୀ ରାଜା ନିଜେ ହଳ ଯୋଚିଲେ ଅକାଳ ଦୂର ହେବ । 'ର' ଅର୍ଥ ସଂସାର ଓ 'ଜ' ଅର୍ଥ ଯୋଚିବା । ସଂସାରର ହିତ ପାଇଁ ରାଜା ଜନକ ନିଜେ ହଳ ଯୋଚିବାରୁ ଇନ୍ଦ୍ର ଦେବତା ସନ୍ତୁଷ୍ଟ ହୋଇ ମୂଷଳ ଧାରାରେ ବର୍ଷା ହେବାକୁ ଲାଗିଲା । ମିଥିଳାବାସୀ ଆନନ୍ଦ, ଉଲ୍ଲାସରେ ଗୀତ ଗାଇ ନାଚିବାକୁ ଲାଗିଲେ । ସାରା ମିଥିଳା ରାଜ୍ୟରେ ନାଚଗୀତର ପର୍ବ ଖେଳିଗଲା । ପୌରାଣିକ ମତାନୁଯାୟୀ ସେହି ଦିନଠୁଁ ରଜ ପର୍ବର ଆରମ୍ଭ ବୋଲି ବିଶ୍ୱାସ କରାଯାଏ ।

ଆଉ ଏକ ଲୋକକଥା ହେଲା- "ଯେଉଁ ମାଟିରେ ଆମେ ବସବାସ କରି ରହିଛୁ ସେହି ମାଟି ହେଲା ଆମ ମା' । ରଜସ୍ୱଳା ହେବା ନାରୀର ଯେମିତି ଏକ ଧର୍ମ ଠିକ୍ ସେମିତି ଏଇ ମାଟି ମା' ମଧ୍ୟ ବର୍ଷକୁ ଥରେ ରଜସ୍ୱଳା ହୋଇଥାଏ । ସାଧାରଣତଃ ନାରୀମାନେ ଗୃହକାର୍ଯ୍ୟରେ ବର୍ଷସାରା ବ୍ୟସ୍ତ ଥାଆନ୍ତି । ସଂସାର ଜଞ୍ଜାଳରେ ଆବଦ୍ଧ ହୋଇ ପଞ୍ଜୁରି ଭିତରେ ଶାରୀ ପରି ସେମାନେ ଜୀବନ ଅତିବାହିତ କରି ଥାଆନ୍ତି । ତେଲ ଲୁଣ ସଂସାରରେ ସୁଖ ଦୁଃଖକୁ ନେଇ ସେମାନେ କାଳାତିତ କରୁଥିଲେ ସୁଦ୍ଧା ମୁକ୍ତ ଆକାଶ ମୁକ୍ତ ପବନ ସାଙ୍ଗକୁ ଗୋଷ୍ଠୀମୟ ସାମୂହିକତା ଓ ସରସତା ପୂର୍ଣ୍ଣ ଜୀବନ ବିତାଇବାକୁ ସେମାନେ ସଦାସର୍ବଦା ତତ୍ପର ହୋଇଉଠନ୍ତି । ରଜପର୍ବ ଝିଅ ଭୁଆସୁଣୀମାନଙ୍କ ପର୍ବ ହୋଇଥିବା ଦୃଷ୍ଟିରୁ ତାଙ୍କର ମଧ୍ୟ ସମନ୍ୱୟ ସମ୍ପର୍କ ଗଢ଼ିଉଠେ । ତନ, ମନ, ଭାବର ଆଦାନ ପ୍ରଦାନ ମଧ୍ୟ ହୋଇଥାଏ । ନାଚଗୀତର ଅପୂର୍ବ ସମନ୍ୱୟରେ ଗଢ଼ିଉଠେ ନାରୀମାନଙ୍କ ଗୋଷ୍ଠୀମୟ ସାମାଜିକ ସମ୍ପର୍କ । ରକ୍ଷଣଶୀଳତା, କୁସଂସ୍କାର, ଅନ୍ଧବିଶ୍ୱାସ ଓ ମିଥ୍ୟାଚାର, ଅଶିକ୍ଷା, ଅଜ୍ଞତା ଓ ସ୍ୱାର୍ଥପରତାକୁ ତ୍ୟାଗକରି ସମସ୍ତେ ହୋଇ ଉଠନ୍ତି ଏକାକାର । ସମୟର କଷଟି ପଥରରେ ଘୋରି ହୋଇ ଲୁପ୍ତ ହେବାକୁ ବସିଲାଣି ପୁରାତନର ମଧୁମୟ ସଂସ୍କୃତି । ଆଧୁନିକତାର କୃତ୍ରିମ ମହକରେ ବିମୋହିତ ହୋଇ ଭୁଲି ଗଲୁଣି ବୈଦିକ ପରମ୍ପରାର ମୌଳିକତା ଓ ଆତ୍ମୀୟତାକୁ । ଗ୍ରହଣ କରି ନେଲୁଣି ପାଶ୍ଚାତ୍ୟର ରଙ୍ଗରସର ରଙ୍ଗିନ ସଂସ୍କୃତିକୁ । ସମୟ ଆସିଛି ପୁଣି ସେହି ପାରମ୍ପରିକ ରଜ ମହୋତ୍ସବକୁ ଆମ ପର ପିଢି ପାଇଁ ଉଦ୍‌ଜୀବିତ କରିବା ପାଇଁ । ଆମକୁ ସବୁଦିନ ପାଇଁ ମନେରଖିବାକୁ ପଡ଼ିବ ଯେ ଆମ ସଂସ୍କୃତିର ସ୍ୱତନ୍ତ୍ରତା, ସ୍ୱାବଲମ୍ବନତା ଓ ପ୍ରାଚୀନତାକୁ ଓ ସେ ହିଁ ଆମ ଗର୍ବ ଓ ଗୌରବ ।

# ପରମ୍ପରାରେ ନାରୀ ପର୍ବ : ରଜ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆସିଛି ରଜ । ରଜପର୍ବ ଆସିଲେ କେବଳ ଗ୍ରାମାଞ୍ଚଳ ଉତ୍ସବ ମୁଖରିତ ହେଉନାହିଁ ଏହାର ଗୁରୁତ୍ୱ ଉପଲବ୍ଧ କରାଯାଉଛି ସହରରେ । କେଉଁ ପ୍ରାଚୀନ କାଳରୁ ପ୍ରଚଳିତ ରଜପର୍ବର ମଜା ନେଉଛନ୍ତି ଗ୍ରାମ ଓ ସହରାଞ୍ଚଳର ମହିଳାମାନେ । ନବବସ୍ତ୍ର ପରିଧାନ ଠାରୁ ଆରମ୍ଭ କରି ପିଠାପଣା ପ୍ରସ୍ତୁତ କରିବା କାର୍ଯ୍ୟ ଘରେ ଘରେ ଦେଖିବାକୁ ମିଳେ । ସହରୀ ଜୀବନ ଭିତରେ ବି ଏହି ପର୍ବକୁ ପାଳନ କରିଚାଲିଛନ୍ତି ସହରରେ ବସବାସ କରୁଥିବା ମହିଳା ଓ ଝିଅମାନେ । ସମୟ ଥିଲା ପର୍ବପର୍ବାଣୀ ପଲ୍ଲୀ ଜୀବନକୁ ସରସ ସୁନ୍ଦର କରୁଥିଲା । କର୍ମକ୍ଳାନ୍ତ ଜୀବନରେ ଅବସର ପାଇଁ ଆଣି ଦେଉଥିଲା ସୁଯୋଗ । ଏବେ ସବୁ ମଣିଷ ବ୍ୟସ୍ତ । ଅବସର ପାଇଁ ସମୟ ନାହିଁ । ସଦା ଚଞ୍ଚଳ, କର୍ମତତ୍ପର ହୋଇ ଉଠନ୍ତି ଜୀବନ । ବିଶ୍ରାମ କଥା କେହି ଚିନ୍ତା ମଧ୍ୟ କରୁନାହାନ୍ତି । ତେବେବି ବ୍ୟବସ୍ଥା ବାହାରକୁ ଆସିପାରୁନି ମଣିଷ । ମାନିବାକୁ ହେଉଛି ପ୍ରଥା ଓ ପରମ୍ପରାର ନିୟମକୁ ।

ଜ୍ୟେଷ୍ଠ ମାସର ଶେଷ ଦିବସ ଏବଂ ଆଷାଢ଼ ମାସର ପ୍ରଥମ ଦୁଇଦିନକୁ ନେଇ ପାଳନ କରାଯାଇଥାଏ ରଜପର୍ବ । ଝିଅମାନଙ୍କ ଭୂମିକା ଏହି ପର୍ବରେ ପ୍ରମୁଖ । ଏହି ସମୟରେ ପୃଥିବୀ ରଜବତୀ ହୁଏ ବୋଲି ଲୋକକଥା ରହିଛି । ଧରଣୀକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ନେଇ ପାଳନ କରାଯାଇଥାଏ ପର୍ବ । ସ୍ତ୍ରୀ ଲୋକମାନେ ଧରଣୀ ମାତାର ପ୍ରତିନିଧିତ୍ୱ କରିଥାଆନ୍ତି । ରଜ ତିନିଦିନ କୌଣସି କାର୍ଯ୍ୟ କରିନଥାନ୍ତି ମହିଳାମାନେ । ଖାଲି ପାଦରେ ମାଟି ଉପରେ ଚାଲିବା ମଧ୍ୟ ବନ୍ଦ କରନ୍ତି । ଏହାକୁ ସେଭଳି କଡ଼ାକଡ଼ି ଭାବେ ପାଳନ କରାଯାଉନଥିଲେ ମଧ୍ୟ ସଂଖ୍ୟାଧିକ ମହିଳା ଏହି ନିୟମକୁ ମାନୁଥିବା ଲକ୍ଷ୍ୟ କରାଯାଏ । ଦାନ୍ତକାଠି ଭାଙ୍ଗିବା, ମସଲା ବାଟିବା କାର୍ଯ୍ୟ ବନ୍ଦ ରହିଥାଏ । ରଜପର୍ବ ପୂର୍ବରୁ ମସଲା ବଟା, ପିଠା ପଣା ପାଇଁ ସବୁ କାର୍ଯ୍ୟ ଶେଷ କରିଥାଆନ୍ତି ମହିଳାମାନେ ।

ଦୋଳି ଖେଳିବା ଏକ ବିଧିଭାବେ ରହିଆସିଛି । ରଜ ତିନିଦିନ ମହିଳାମାନେ ଦୋଳି ଖେଳିବା କାର୍ଯ୍ୟରେ ନିଜକୁ ସାମିଲ କରିଥାଆନ୍ତି । ଝିଅଙ୍କର ଆନନ୍ଦ ଉଲ୍ଲାସ ବଢ଼ିଥାଏ । ସେମାନେ ଉପଭୋଗ କରିଥାଆନ୍ତି ରଜ । ମଜା ନେଇଥାଆନ୍ତି ଏହି ପର୍ବର । ନାରୀମାନଙ୍କ ନିର୍ଦ୍ଦେଶରେ ପର୍ବର କଟକଣା କାର୍ଯ୍ୟକାରୀ ହୋଇଥାଏ । ନୂତନ ବସ୍ତ୍ର ପରିଧାନ ସହ ଝିଅ, ବୋହୂମାନେ ଅଳତା ଲଗାଇବା ଶଙ୍ଖା ସିନ୍ଦୂର ପିନ୍ଧି ଏକତ୍ର ହୁଅନ୍ତି ରଜଦୋଳି ନିକଟରେ । ଓଡ଼ିଶାର ଘରେ ଘରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । କେବଳ ଘରେ ନୁହେଁ ଓଡ଼ିଶାର ନାଥ ଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ପୋଡ଼ପିଠା ପ୍ରସ୍ତୁତ କରାଯାଇଥାଏ । ରଜପର୍ବରେ ଏକାଧିକ ଝିଅ ବୋହୂ ଓ ମହିଳା ଏକତ୍ର ହେବା ସେମାନଙ୍କ ମଧ୍ୟରେ ସମ୍ପର୍କକୁ ଅଧିକ ନିବିଡ଼ କରିଥାଏ । ଭୂମିକୁ ସ୍ପର୍ଶ ନକରିବା ପାଇଁ ଅନେକ ଅଞ୍ଚଳରେ ଝିଅମାନେ ଗୁଆ ଖୋଳପା ଓ କଦଳୀ ପାଟୁଆରେ ଜୋତା କରି ବ୍ୟବହାର କରନ୍ତି । ଏବେ ଚପଲ ଓ ଜୋତା ବ୍ୟବହାର ଯୋଗୁଁ ଧୀରେ ଧୀରେ ପ୍ରାଚୀନ ପରିଧାନରେ ପରିବର୍ତ୍ତନ ଘଟିଛି । ମଫସଲ ଅଞ୍ଚଳରେ ଝିଅମାନେ ତିନିଦିନ ତଳେ ବସିବା ଦେଖାଯାଏ ନାହିଁ । ମଶିଣା ଉପରେ ବସିରହନ୍ତି ଏମାନେ । ନାରୀମାନଙ୍କୁ ରଜପର୍ବ ପାଳନରେ ପୁରୁଷମାନେ ମଧ୍ୟ ସହଯୋଗ କରିଥାଆନ୍ତି । ନାରୀମାନେ ଆନନ୍ଦ ଉଲ୍ଲାସରେ ରଜପର୍ବର ମଜା ନେଉଥିବାବେଳେ ପୁରୁଷମାନେ ଦଳ ଦଳ ହୋଇ ବିଭିନ୍ନ ଖେଳରେ ମାତିରହନ୍ତି । ଆନନ୍ଦ ବିଭିନ୍ନ ସ୍ଥାନରେ ମନୋରଞ୍ଜନ କାର୍ଯ୍ୟକ୍ରମ ଯୋଗୁଁ ଅଧିକ ଉତ୍ସବ ମୁଖର ହୋଇଉଠେ ରଜ । ସମ୍ପର୍କୀୟ ଓ ବନ୍ଧୁବାନ୍ଧବମାନଙ୍କ ଘରକୁ ପିଠାପଣା, ଆମ୍ବ, ପଣସ



ପଠାଇ ସମ୍ପର୍କର ସେତୁକୁ ଦୃଢ଼ କରାଯାଇଥାଏ ।

ପହିଲି ରଜ ଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ସବୁକାର୍ଯ୍ୟ ମହିଳାମାନଙ୍କ ଦ୍ୱାରା କରାଯାଇଥାଏ । ପ୍ରଚଣ୍ଡ ରୌଦ୍ରତାପରେ ବସୁମାତା ଉତ୍ତପ୍ତ ହୋଇଥିବାରୁ ତାଙ୍କୁ ଶୀତଳ କରିବା ପାଇଁ ବସୁମତି ସ୍ନାନ ପରମ୍ପରା ଥିବା କହନ୍ତି ବୟସ୍କା ମହିଳାମାନେ । ରଜପର୍ବ ପାଳନ ଦ୍ୱାରା ମାଟି ମାଆ ଆଶୀର୍ବାଦ କରିଥାଏ ଓ ଫସଲ ଭଲ ହୋଇଥାଏ ବୋଲି ମତଦିଅନ୍ତି ଲୋକମାନେ । ଏହି ରଜପର୍ବ ପାଳନ ପଛରେ ପୂର୍ବପୁରୁଷଙ୍କର ଉଦ୍ଦେଶ୍ୟ କ'ଣ ଥିଲା ତାହା ଠିକ୍ ଭାବେ କେହି ନଜାଣିଲେ ମଧ୍ୟ ନାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପର୍ବର ଛିଟା ଏବେ ବି ସ୍ପଷ୍ଟ । ସ୍କୁଲ, କଲେଜ ଏହି ସମୟରେ ଛୁଟି ଥିବା ଯୋଗୁଁ ଝିଅମାନେ ବେଶ୍ ଆନନ୍ଦ ନିଅନ୍ତି ଏହି ପର୍ବପାଳନ କରି । ରଜପର୍ବର ମୌଳିକତା ଯାହା ବି ହେଉନା କାହିଁକି ଅନ୍ୟତମ ନାରୀମାନଙ୍କ ପର୍ବ ଭାବେ ପ୍ରଚଳିତ ଏହି ରଜପର୍ବ ଉତ୍ସବ ମୁଖରିତ କରିଥାଏ ଓଡ଼ିଶାବାସୀଙ୍କୁ । ଉଲ୍ଲସିତ କରିଥାଏ ଜୀବନଚିତ୍ର ।

# ଜୀବନର ଅନ୍ୟନାମ ରକ୍ତଦାନ



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ଦାନ ଓ ପ୍ରତିଦାନ ଦୁଇଟିର ମହତ୍ୱ ଭିନ୍ନଭିନ୍ନ ଓ ସଂଜ୍ଞା ପରସ୍ପର ଠାରୁ ଅଲଗା । ସମସ୍ତ ଦାନ ଦାତା ଓ ଗ୍ରହଣ କାରି ମଧ୍ୟରେ ସୀମିତ ଥିଲାବେଳେ ରକ୍ତଦାନର କଥା ଟିକେ ଅଲଗା । ରକ୍ତ ହେଉଛି ଈଶ୍ୱରଙ୍କର ଏକ ଅମୂଲ୍ୟ ଦାନ । କାରଣ ଏହାର କୌଣସି ବିକଳ୍ପ ନଥିବାରୁ ରକ୍ତ ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ । ସ୍ୱଇଚ୍ଛାରେ ଯଦି ଜଣେ ବ୍ୟକ୍ତି ନିଜ ଶରୀରରୁ ରକ୍ତ ଡାକ୍ତରୀ ପଦ୍ଧତିରେ ଦାନ କରିଥାନ୍ତି ତାହାକୁ ରକ୍ତଦାନ କୁହାଯାଏ । ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍ ? ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି । ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଅମୂଲ୍ୟ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ । ସଚେତନତା ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ କରିବା ଠାରୁ ଦୂରେଇ ରୁହନ୍ତି । ରକ୍ତଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ସର୍ବ ପ୍ରଥମେ ୨୦୦୪ରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା । ପ୍ରତିବର୍ଷ ଜୁନ୍ ୧୪ରେ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ । ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କୁ ରକ୍ତଦାନ ବିଷୟରେ ସଚେତନ କରିବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ବିଶ୍ୱ ସାର୍ବଜନିନ ସ୍ୱାସ୍ଥ୍ୟ ରକ୍ଷା ଅଭିଯାନ ଅନ୍ତର୍ଗତ ଯେଉଁ ଆଠଟି କାର୍ଯ୍ୟକ୍ରମ ପାଳିତ ହେଉଅଛି, ତନ୍ମଧ୍ୟରୁ ବିଶ୍ୱ ରକ୍ତଦାନ ଦିବସ ସ୍ୱତନ୍ତ୍ର । ଅନ୍ୟ ସାତୋଟି ହେଲା : ବିଶ୍ୱ ମ୍ୟାଲେରିଆ ଦିବସ, ବିଶ୍ୱ ଟୀକାକରଣ ସପ୍ତାହ, ବିଶ୍ୱ ଯକ୍ଷ୍ମା ଦିବସ, ବିଶ୍ୱ ତମାଖୁ ଦିବସ, ବିଶ୍ୱ ହେପାଟାଇଟିସ ଦିବସ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଓ ବିଶ୍ୱ ଏଡ୍‌ସ ଦିବସର ମଧ୍ୟ ଅନେକ ଗୁରୁତ୍ୱ ରହି ଆସିଛି । ସାଧାରଣ ଭାବେ ଦେଖିଲେ ମୁଖ୍ୟ ରକ୍ତ ପ୍ରଣାଳୀକୁ କୁହାଯାଏ ଏବିଓ । ଏହି ପ୍ରଣାଳୀ ଅନୁସାରେ ରକ୍ତ ଗ୍ରୁପ୍ ୪ ପ୍ରକାରର । ଯଥା : ଏ, ବି, ଏବି ଏବଂ ଓ । ଆମ ଭିତରୁ କାହାର ରକ୍ତଗ୍ରୁପ୍ 'ଏ' ତ କାହାର 'ବି' , କାହାର 'ଏବି ' ଏବଂ ଅନ୍ୟ କାହାର 'ଓ' । ଯାହାର ରକ୍ତଗ୍ରୁପ୍ ଯାହା ସେ ସେହି ରକ୍ତଗ୍ରୁପ୍ ଥିବା ବ୍ୟକ୍ତିଙ୍କ ଠାରୁ ସଂଗୃହୀତ ରକ୍ତ ନିରାପଦରେ ନେଇପାରେ । ତେବେ ସୁରକ୍ଷିତ ରକ୍ତ ସହିତ ଉପଯୁକ୍ତ ଗ୍ରୁପର ରକ୍ତ ନମିଳିଲେ ତାହା ପୁଣି ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ । ମଣିଷ ଶରୀରର ରକ୍ତର କୌଣସି ବିକଳ୍ପ ନଥିବାରୁ ରକ୍ତଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରି ହୋଇପଡିଛି । ଏହି ଉଦ୍ଦେଶ୍ୟରେ ସବୁ ଜାଗାରେ ନୂତନ ବ୍ଲଡ଼ ବ୍ୟାଙ୍କ ଗୁଡିକ ପ୍ରତିଷ୍ଠା କରାଯାଇ ରକ୍ତଦାନ ପାଇଁ ଲୋକଙ୍କୁ ଓ ରକ୍ତଦାତାଙ୍କୁ ପ୍ରୋତ୍ସାହିତ କରାଯାଉଛି ।

ରକ୍ତଦାନ କରିବା ପାଇଁ, ପ୍ରଥମେ ଆପଣ ଭିତରୁ ସୁସ୍ଥ ଅଛନ୍ତି କି ନାହିଁ ତାହା ଗୁରୁତ୍ୱପୂର୍ଣ୍ଣ । ଜଣେ ରୋଗୀ ରକ୍ତ ଦେଇପାରିବ ନାହିଁ । ଯିଏ ନିଜେ ରକ୍ତରେ ଅଭାବ । ରକ୍ତ ଦାନ କରିବା ପାଇଁ ଆପଣଙ୍କୁ ୧୮ ବର୍ଷ ହୋଇଥିବା ଆବଶ୍ୟକ । ଓଜନ ୫୦ କିଲୋଗ୍ରାମ ହେବା ଉଚିତ୍, ଏହାଠାରୁ କମ୍ ଲୋକ ରକ୍ତ ଦେଇପାରିବେ ନାହିଁ । ଯଦି ଜଣେ ପୁରୁଷ ରକ୍ତଦାତା, ତେବେ ସେ ୯୦ଦିନ ପରେ ପୁନର୍ବାର ରକ୍ତ ଦେଇପାରିବେ ଓ ମହିଳା ରକ୍ତଦାତାମାନେ ୧୨୦ ଦିନ ପରେ ପୁନର୍ବାର ରକ୍ତ ଦାନ କରିପାରିବେ । ରକ୍ତଦାନ ସମୟରେ ବ୍ୟକ୍ତିର ନାଡି ୬୦ରୁ ୧୦୦ ବି.ପି.ଏମ୍ ମଧ୍ୟରେ ହେବା ଉଚିତ୍ ।

ରକ୍ତଦାତାଙ୍କ ହିମୋଗ୍ଲୋବିନ ସ୍ତର ୧୨.୫ରୁ ଅଧିକ କିମ୍ବା ସମାନ ହେବା ଉଚିତ୍ । ଅନେକ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ମହାନ୍ ପୁଣ୍ୟ କାର୍ଯ୍ୟରୁ ବଞ୍ଚିତ ହୋଇଥାନ୍ତି । ଯଦି ଆପଣଙ୍କର ଏକ ପ୍ରମୁଖ କିମ୍ବା ଗୁରୁତର ରୋଗ ଅଛି ଏବଂ ଔଷଧ କିମ୍ବା ଚିକିତ୍ସା କରୁଛନ୍ତି, ତେବେ ଏହିପରି ଲୋକମାନେ ରକ୍ତ ଦାନ କରିପାରିବେ ନାହିଁ । ଯେଉଁମାନେ ନିକଟରେ ଟାଟୁ କରିଛନ୍ତି ସେମାନେ ରକ୍ତଦାନ କରିପାରିବେ ନାହିଁ । ନିକଟରେ ମିଳିମିଳା, ଚିକେନ୍ ପକ୍ସ କିମ୍ବା କୌଣସି ପ୍ରକାରର ଟିକା ନେଇଥିବା ବ୍ୟକ୍ତି ରକ୍ତଦାନ କରିପାରିବେ ନାହିଁ । ଯଦି ଆପଣ ଏଡସ୍, କର୍କଟ, ଟିବି ପରି କୌଣସି ଗମ୍ଭୀର ରୋଗରେ ପୀଡିତ, ତେବେ ଆପଣ ଆଦୌ ରକ୍ତଦାନ କରିପାରିବେ ନାହିଁ । ମଧୁମେହ ରୋଗୀମାନେ ମଧ୍ୟ ରକ୍ତ ଦାନରୁ ଦୂରେଇ ରହିବା ଉଚିତ୍ । ଯଦି ଜଣେ ମହିଳା ନିଜ ସନ୍ତାନକୁ ସ୍ତନ୍ୟପାନ କରାଉଥାଏ ତେବେ ସେ ମଧ୍ୟ ରକ୍ତଦାନ କରିବା ଉଚିତ୍ ନୁହେଁ । ରକ୍ତଦାନ କଲେ ଆମେ କେବଳ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରୁନାହୁଁ, ବରଂ ଆମେ ଆମ ଶରୀର ଏବଂ ସମାଜ ପାଇଁ ମଧ୍ୟ ଭଲ କାମ କରୁଛୁ । ରକ୍ତଦାନ କରିବା ଦ୍ୱାରା ଆପଣ ମନସିକ ଚାପରୁ ମୁକ୍ତ ପାଇଥାନ୍ତି, କାରଣ ଈଶ୍ୱର ସେମାନଙ୍କୁ ସଦାସର୍ବଦା ଶୁଭ ଦୃଷ୍ଟିରେ ଦେଖିଥାନ୍ତି । ଆପଣ ଭାବପ୍ରବଣତାରେ ଶକ୍ତିଶାଳୀର ଅଧିକାରୀ ହୋଇଥାନ୍ତି । ରକ୍ତ ଦାନ କଲେ ଶରୀରରୁ ଅତିରିକ୍ତ ଲୌହକୁ ବାହାର କରିଥାଏ ଓ ଯକୃତ ସୁସ୍ଥ ହୋଇଥାଏ । ରକ୍ତ ଦାନ କରିବା ଦ୍ୱାରା ହୃଦଘାତ ହେବାର ଆଶଙ୍କା ୮୮ ପ୍ରତିଶତ କମିଯାଏ । ରକ୍ତ ଦାନ କଲେ ଆପଣଙ୍କ ଭିତରେ ଥିବା ହାପି ହରମୋନ୍ ସକ୍ରିୟ ହୋଇଯାଏ ଏବଂ ଆପଣ ମାନସିକ ସ୍ତରରେ ସୁସ୍ଥ ହୁଅନ୍ତି ।

ବିଶେଷଜ୍ଞଙ୍କ ମତରେ ଯଦି ଭାରତର ମୋଟ୍ ଜନସଂଖ୍ୟାର କେବଳ ଏକ ପ୍ରତିଶତ ଲୋକ ରକ୍ତଦାନ କରନ୍ତି, ତାହେଲେ ମଧ୍ୟ ଭାରତରେ ରକ୍ତର ଅଭାବ ଦେଖାଯିବ ନାହିଁ । ଅହମଦାବାଦ, ଗୁଜରାଟ, ପଶ୍ଚିମବଙ୍ଗ ଓ ତାମିଲନାଡୁ ଭଳି ରାଜ୍ୟରେ ସ୍ୱଚ୍ଛାକୃତ ରକ୍ତଦାତା ଓ ଶିବିର ସଂଖ୍ୟାରେ ଆଗରେ ଥିଲାବେଳେ ବିହାର ଓ ଛତିଶଗଡ଼ ଭଳି ରାଜ୍ୟର ଏହାର ସଂଖ୍ୟା ନଗଣ୍ୟ ଅଟେ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ପକ୍ଷରୁ ଯଦିଓ ବିଭିନ୍ନ ରକ୍ତଦାନ ଶିବିରରୁ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରରେ ସୁରକ୍ଷିତ କରି ରଖିଥାନ୍ତି କିନ୍ତୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରୟାସ ଦ୍ୱାରା ଅନେକ ଶିବିର ଅନୁଷ୍ଠିତ ହୋଇଥାଏ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍, ଏନ୍.ସି.ସି ଓ ଭାରତ ଓ ସ୍କାଉଟ ଗାଇଡର ଭୂମିକା ଉଲ୍ଲେଖନୀୟ । ଜିଲ୍ଲା ଓ ରାଜ୍ୟ ସ୍ତରରେ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ଅନୁଷ୍ଠାନ ଭୂମିକା ପ୍ରଶଂସନୀୟ ଓ ମହତ୍ୱପୂର୍ଣ୍ଣ । ସମସ୍ତ ବେସରକାରୀ ସଂସ୍ଥା ଯେଭଳି ପ୍ରୟାସ କରି ଶିବିର ଆୟୋଜନ କରୁଛନ୍ତି, ଯଦି ସରକାର ସ୍ତରରେ କିମ୍ବା ବିଭାଗୀୟ ଅଧିକାରୀଙ୍କ ଆଗ୍ରହ ପରିଲକ୍ଷିତ ହୁଅନ୍ତା ବୋଧହୁଏ ଆମ ରାଜ୍ୟରେ ଯେଉଁ କିଛି ଅଞ୍ଚଳରେ ଏହାର ଅଭାବ ଦେଖାଯାଇଛି ତାହା ସମାଧାନ ହୋଇପାରନ୍ତା । ପ୍ରତ୍ୟେକ ଶିବିରରେ ସାଧାରଣତଃ ଶତକଡା ୩୮ ରୁ ୪୦ ଓ ପଜେଟିଭ, ଶତକଡା ୩୦ ରୁ ୩୨ ବି ପଜେଟିଭ, ଶତକଡା ୨୦ରୁ ୨୩ ଏ ପଜେଟିଭ ଓ ଶତକଡ଼ା ୫ ଭାଗ ଏବି ପଜେଟିଭ ସଂଗ୍ରହ କରାଯାଇଥାଏ । ଏହି ରକ୍ତ ନମୁନା ମଧ୍ୟରେ ୧୯୫୨ ମସିହାରେ ବମ୍ବେ ଫିନୋଥିପ ଯାହାକୁ ସାଧାରଣ ଅର୍ଥରେ ବମ୍ବେ ଗ୍ରୁପ୍ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଆବିଷ୍କାର କରିଥିଲେ । ଏହି ଦୁର୍ଲ୍ଲଭ ରକ୍ତ ନମୂନା ବହୁତ କମ୍ ସଂଖ୍ୟକ ଲୋକମାନଙ୍କ ଠାରେ ଦେଖିବାକୁ ମିଳିଥାଏ । ଏହା ସାଧାରଣତଃ ଓ ପଜେଟିଭ ଏ ଚାଷ୍ଟିଜିନ ନଥିବା ବ୍ୟକ୍ତିଙ୍କ ନିକଟରେ ଦେଖାଯାଇଥାଏ ପ୍ରାୟ ୨୦ ହଜାର ଲୋକରେ ଜଣେ । ଓଡ଼ିଶାରେ ବର୍ତ୍ତମାନ ୪୦ରୁ ୫୦ଜଣ ରକ୍ତଦାତା ଥିବାର ଅନୁମାନ କରାଯାଉଛି । ଏହି ସଂଗୃହିତ ରକ୍ତ ଉପାନ୍ତ ଅଞ୍ଚଳର ସିକଲସେଲ୍, ଥାଲାସେମିଆ ଓ ହେମୋଫିଲିଆ ଆଦି ଆକ୍ରାନ୍ତ ରୋଗିଙ୍କ ନିମନ୍ତେ ଶତକଡା ୬ଭାଗ ବ୍ୟବହୃତ ହୋଇଥାଏ । ଏହି ସମସ୍ତ ରୋଗୀଙ୍କୁ ବିନା ଶୁଳ୍କରେ ରୋଗୀମାନଙ୍କୁ ଦିଆଯାଇଥାଏ । ଏସବୁ ବ୍ୟତୀତ ପ୍ରତିଦିନ ସଡ଼କ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟରେ ଗମ୍ଭୀର ଭାବେ ଆହତ ହୋଇଥିବା ଲୋକଙ୍କ ପାଇଁ ମଧ୍ୟ ରକ୍ତ ଆବଶ୍ୟକ ପଡୁଛି । ଦେଶରେ ପ୍ରସବକାଳୀନ ଜଟିଳତା ହାର ଅଧିକ ହୋଇଥିବାରୁ ଏଥିପାଇଁ ମଧ୍ୟ ବହୁପରିମାଣରେ ରକ୍ତ ଆବଶ୍ୟକ ହୋଇଥାଏ । ସେହିପରି ନବଜାତ ଶିଶୁଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତ ଆବଶ୍ୟକ ହୋଇଥାଏ ।

ବୈଷିୟିକ ଜ୍ଞାନ କୌଶଳର ଅଗ୍ରଗତି ସତ୍ତ୍ୱେ, ରକ୍ତ ନିମନ୍ତେ କୌଣସି ବିକଳ୍ପ ଏବେ ବି ନାହିଁ ଏବଂ ୧ ୟୁନିଟ୍ ରକ୍ତ ତିନି ଜଣ ଲୋକଙ୍କର ଜୀବନକୁ ବଞ୍ଚାଇ ପାରିବ । ମନୁଷ୍ୟ ଶରୀର ବ୍ୟତୀତ ଅନ୍ୟକୌଣସି ସ୍ଥାନରେ ରକ୍ତ ପ୍ରସ୍ତୁତ କରାଯାଇ ପାରିବନାହିଁ । ଏଣୁ ଜଣଙ୍କ ଠାରେ ଦେଖାଦେଉଥିବା ରକ୍ତାଭାବ କେବଳ ଅନ୍ୟଜଣଙ୍କ ରକ୍ତ ଦ୍ୱାରା ହିଁ ପୂରଣ କରାଯାଇ ପାରିବ । ଏହି ଅଭାବକୁ ପୂରଣ କରିବାକୁ ହେଲେ ସର୍ବପ୍ରଥମେ ବିଶେଷ କରି ଯୁବଗୋଷ୍ଠୀଙ୍କ ମଧ୍ୟରେ ସଚେତନତା କରିବାକୁ ପଡ଼ିବ, କାରଣ ୩୫ ଶତକଡା ହେଉଛନ୍ତି ଏହି ବର୍ଗର । ପ୍ରତ୍ୟେକ ପରିବାରରୁ ଯଦି ଗୋଟିଏ ଲେଖାଏଁ ରକ୍ତଦାତା ସୃଷ୍ଟି କରିପାରିବା ତେବେ ଆମ ଦେଶରେ ଏହି ସମସ୍ୟା ଦେଖାଯିବ ନାହିଁ । ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବସନ୍ତପୁର ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଗଲା । ଚଳିତବର୍ଷ ଠାରୁ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୮ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢିବାକୁ ସୁଯୋଗ ପାଇବେ । ଏ ନେଇ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି । ବସନ୍ତପୁର ଉଚ୍ଚ ବିଦ୍ୟାଳୟକୁ ଉନ୍ନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଦାବି କରିଆସୁଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ,ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ଚଳିତ ମାସ ୩ରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି ଉନ୍ନିତ ପରେ ସାଂସଦ ଅନନ୍ତ ନାୟକ ବିଭାଗୀୟ ମନ୍ତ୍ରୀଙ୍କୁ ଗତକାଲି କେନ୍ଦୁଝର ସର୍କିଟ ହାଉସରେ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଧନ୍ୟବାଦ ଦେବା ସମୟରେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ,ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ହରିହର ମହାନ୍ତ,ପ୍ରଦୀପ ବେହେରା,ଶ୍ୟାମସୁନ୍ଦର ନାୟକ,ଅମୂଲ୍ୟ ସାମଲ,ସୁଧିର କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।



# ‘ଦେଶ ପ୍ରଗତିରେ ଆଇଓସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା’




ପାରାଦୀପ(ଭାସ୍କର ନ୍ୟୁଜ): ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ (ଆଇଓସିଏଲ) ପାରାଦୀପ ରେ ପ୍ରାୟ ୪୩,୩୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିଛି, ଯେଉଁଥିରେ ଏହାର ଅତ୍ୟାଧୁନିକ ରିଫାଇନରୀ ୟୁନିଟ୍ (୩୪,୫୫୫ କୋଟି ଟଙ୍କା), ପଲିପ୍ରୋପିଲିନ୍ ପ୍ଲାଣ୍ଟ (୩,୧୫୦ କୋଟି ) ଏବଂ ମୋନୋ ଇଥୁଲିନ୍ ଗ୍ଲାଇକୋଲ ପ୍ଲାଣ୍ଟ (୫,୬୫୪ କୋଟି ଟଙ୍କା) ଅନ୍ତର୍ଭୁକ୍ତ । ଏହା ସହିତ, ପେଟ୍ରୋକେମିକାଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍, ପାରାପରେ ଚାଲିଥିବା ପିଏକ୍ସ-ପିଟିଏ ପ୍ରକଳ୍ପରେ ୧୩, ୮୦୫ କାଟି ଟଙ୍କା ପୁଞ୍ଜିନିବେଶ କରିଛି ଓ ଓଡ଼ିଶାର ବୟନ ଶିଳ୍ପ କ୍ଷେତ୍ରକୁ ସହଯୋଗ କରିବା ପାଇଁ ଭଦ୍ରକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨ କୋଟି ଟଙ୍କା ନିବେଶ କରାଯିବା ପାଇଁ ଯୋଜନା ରହିଛି ଓ ଆଗାମୀ ପାରାଦୀପ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ପ୍ରକଳ୍ପ ରେ ପ୍ରସ୍ତାବିତ ୬୧,୦୭୭ କୋଟି ଟଙ୍କାର ନିବେଶ ସହ ଓଡ଼ିଶାରେ ଶିଳ୍ପ ଓ ନିଯୁକ୍ତି ବୃଦ୍ଧି କରିବ । ଏହି ନିବେଶ ଗୁଡିକ ପାରାଦୀପକୁ ଏକ ସମନ୍ୱିତ ଉର୍ଜା ଏବଂ ପେଟ୍ରୋକେମିକାଲ ହବ୍ ଭାବେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍‌ର ରଣନୈତିକ ଦୃଷ୍ଟିକୋଣକୁ ଦର୍ଶାଉଛି । ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତା ବୃଦ୍ଧି ଏବଂ ସ୍ୱଚ୍ଛ, ନିରନ୍ତର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏଥିସହ ପାରାଦୀପ ତୈଳ ବିଶୋଧନାଗାରର ବିକାଶ, ପରିଚାଳନା ଏବଂ ୧୫ ହଜାରରୁ ଅଧିକ ଜୀବିକା ନିର୍ବାହକୁ ପ୍ରତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହାୟକ ହେବ, ଯେଉଁଥିରେ କୁଶଳୀ ଏବଂ ଅଣକୁଶଳୀ ଶ୍ରମିକ, ଠିକାଦାର ଏବଂ ଯୋଗାଣ ଶୃଙ୍ଖଳା ଅଂଶୀଦାରମାନେ ଅନ୍ତର୍ଭୁକ୍ତ ରହିବେ। ଇଣ୍ଡିଆନଅଏଲ୍ ସ୍ଥାନୀୟ ଦକ୍ଷତା ବିକାଶ ଏବଂ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ସମର୍ଥନ କରିଥାଏ, ଯାହା ନିକଟବର୍ତ୍ତୀ ସମୁଦାୟ ଗୁଡ଼ିକରେ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ, ପାରାଦୀପ ତୈଳ ବିଶୋଧନାଗାର ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୨୫,୬୯୯ କୋଟି ଟଙ୍କାରୁ ଉର୍ଦ୍ଧ ଅଂଶଦାନ ପ୍ରଦାନ କରିଛି, ଯାହା ଏହାର ଦାୟିତ୍ୱଶୀଳ କର୍ପୋରେଟ ପ୍ରତିଷ୍ଠାନ ଓ ଅର୍ଥନୈତିକ ସାମର୍ଥ୍ୟର ଭୂମିକାକୁ ରେଖାଙ୍କିତ କରିଥାଏ । ସେହିପରି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଯୋଜନା ଅନ୍ତର୍ଗତ ପାରାଦୀପ ତୈଳ ବିଶୋଧନାଗାର ପାରିପାର୍ଶ୍ୱିକ ଅଞ୍ଚଳରେ ତାର ପରିଯୋଜନା ଯଥା ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ପରିବେଶ ସଂରକ୍ଷଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତାରେ ନିବେଶ କରିଆସୁଛି । ବର୍ତ୍ତମାନ ପର୍ଯ୍ୟନ୍ତ ପାରାଦୀପ ତୈଳ ବିଶୋଧନାଗାର ତାର ସିଏସଆର ଓ କର୍ପୋରେଟ ପରିବେଶ ଦାୟିତ୍ୱ (ସିଇଆର) ଅଧୀନରେ ୫୪,୫୫ କୋଟି ଟଙ୍କା ବ୍ୟୟ କରିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ତୈଳ ବିଶୋଧନାଗାରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କୌଶିକ ବସୁ ସୂଚନା ଦେଇ କହିଥିଲେ ଯେ ପାରାଦୀପ ତୈଳ ବିଶୋଧନାଗାର ହେଉଛି ଶିଳ୍ପ ଉତ୍କର୍ଷତାର ଏକ ସ୍ୱରୂପ ଏବଂ ସମାବେଶୀ ବିକାଶ ଏବଂ ନବୀକରଣର ପ୍ରତୀକ । ଆଇଓସିଏଲର ପୁଞ୍ଜିନିବେଶ ପାରାଦୀପର ଏକ ସମନ୍ୱିତ ରିଫାଇନେରୀ ଓ ପେଟ୍ରୋକେମିକାଲ ହବ୍ ନିର୍ମାଣ ପାଇଁ ଆଇଓସିଏଲ୍‌ର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ଯାହା ଓଡିଶା ତଥା ଦେଶବାସୀଙ୍କ ପାଇଁ ଉର୍ଜା-ଶକ୍ତି ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରୁଥିବା ନେଇ ଶ୍ରୀ ବସୁ ସୂଚନା ଦେଇଥିଲେ ।

# ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଚାଲାଣ, ୨ ଗିରଫ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା କଫି ବାର ନିକଟରୁ ଏକ ଗଂଜେଇ ଗାଡ଼ିକୁ ଚୌଦ୍ୱାର ପୁଲିସ୍ ପକ୍ଷରୁ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ଏ ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ଏକ ପ୍ରେସ୍‌ମିଟ୍ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ପୁଲିସ୍ ସୂଚନା ମୁତାବକ, ଫୁଲବାଣୀ ଅଂଚଳରୁ ୨ଟି ଗାଡ଼ି ଯୋଗେ ବହୁ ପରିମାଣର ଗଂଜେଇ ଚାଲାଣ ହେଉଥିବା ନେଇ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ସମେତ ଅନ୍ୟ ପୁଲିସ୍ ଅଧିକାରୀମାନେ ଗାଡ଼ି ଦୁଇଟିର ପିଛା କରିବା ସହ ନୂଆପାଟଣା କଫି ବାର ନିକଟରେ ଗୋଟେ ନୀଳ ରଙ୍ଗର ମାରୁତି ସୁଜୁକି ଫ୍ରନ୍ସ ଓଡ଼ି୩୩ଏଆର୨୨୦୦ ଓ ଅନ୍ୟ ଏକ ଧଳା ରଙ୍ଗର ଟୟୋଟା ଇନୋଭା ଓଡ଼ି୦୨ଏବି୧୪୯୪କୁ ଧରିବାରେ ସକ୍ଷମ ହୋଇଥିଲେ । ପୁଲିସ୍‌ର ଯାଂଚ୍ ପରେ ଇନୋଭା ଗାଡ଼ିରୁ ୧୯୬ ପ୍ୟାକେଟ୍ ଜରି ବସ୍ତା ଯେଉଁଥିରେ ଗଂଜେଇ ଭର୍ତ୍ତି ହୋଇଥିବା ବେଳେ ମୋଟ ୧୯୮.୫୦୦କେଜି ଗଂଜେଇ ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏଥିରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତ ଅଜୟ କୁମାର ଛୋଟରାୟ (୩୮) ଓ ବିବେକ ରଂଜନ ପ୍ରଧାନ (୨୦) ହୋଇଥିବା ବେଳେ ସେମାନଙ୍କ ଘର ଭୁବନେଶ୍ୱର ଖଣ୍ଡଗିରି ଥାନା ସିରିପୁର ଅଂଚଳର ବୋଲି ଜଣା ପଡ଼ିଥିବା ବେଳେ ଉଭୟଙ୍କୁ ଗିରଫ୍ କରାଯାଇ ତଦନ୍ତ ଜାରି ରହିଥିବା ନେଇ ଚୌଦ୍ୱାର ପୁଲିସ୍ ପକ୍ଷରୁ ପ୍ରକାଶ କରାଯାଇଛି ।




# ବଜ୍ରପାତରେ ଚାଷୀ ମୃତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ କାଶିପୁର ଗ୍ରାମର କରୁଣାକର ବାରିକ (୫୦) ନାମକ ଜଣେ ଚାଷୀଙ୍କର ଶୁକ୍ରବାର ଅପରାହ୍ନ ୩ଟା ବେଳେ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି । ବିଲରେ କାମ କରୁଥିବା ମୁଲିଆଙ୍କୁ କରୁଣାକର ଖାଇବା ଦେଇ ଫେରିବା ସମୟରେ ବଜ୍ରପାତ ହୋଇଥିଲା । ବଜ୍ରପାତରେ ସେ ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୀରହାଟ ପୋଲିସ ଏହି ଘଟଣାରେ ୧୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାପଡିଛି । ଚାଷୀ କରୁଣାକରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଖବର ପାଇ ରତିକାନ୍ତ ମହାକୁଡ଼, ଭୀମସେନ ବାରିକ, ଅରୁଣ ବାରିକ, ଭାରତ ବାରିକ, ଅର୍ଜୁନ ବାରିକ, କୁଳମଣି ବେହେରା, ଖଗେଶ୍ୱର ପୃଷ୍ଟି, ଉଦୟକର ବେହେରା, ଶଶିକାନ୍ତ କବି ପ୍ରମୁଖଙ୍କ ସମେତ ଗ୍ରାମବାସୀ ଡାକ୍ତରଖାନାରେ ପହଞ୍ଚି ଶୋକ ପ୍ରକାଶ କରିଛନ୍ତି ।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ବିମାନ ଦୁର୍ଘଟଣା ମୃତକଙ୍କ ପାଇଁ ଶୋକ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅହମଦାବାଦରେ ହୋଇଥିବା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଭୟଙ୍କର ବିମାନ ଦୁର୍ଘଟଣା କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ଏହାର ଏକ ନିରପେକ୍ଷ ତଦନ୍ତ କମିଟି ଗଠନ କରାଯାଇ ଉକ୍ତ ଦୁର୍ଘଟଣାରେ ପ୍ରକୃତ ରହସ୍ୟ ଉନ୍ମୋଚନ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ଭୟାବହ ବିମାନ ଦୁର୍ଘଟଣାକୁ ଜାତୀୟ ବିପତ୍ତି ରୂପେ ବିବେଚନା କରାଯାଇ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ଭାରତ ବର୍ଷ ଏକ ପ୍ରଗତିଶୀଳ ରାଷ୍ଟ୍ର ଆଡକୁ ମୁହାଁଇ ଥିବାରୁ ଭବିଷ୍ୟତରେ ଯେପରି ଏପରି ଦୁର୍ଘଟଣାର ପୁନରାବୃତ୍ତି ନଘଟେ ସେଥିପ୍ରତି ଧ୍ୟାନ ଦେବାକୁ ଦାବୀ ଉପସ୍ଥାପନା କରାଯାଇଥିଲା । ଏହି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ବୈଠକରେ ସମବେଦନା ଜ୍ଞାପନ କରାଯାଇଥିଲା । ଏହି ବୈଠକରେ ଉପସଭାପତି ଟଙ୍କଧର ବେହେରା, ସଂପାଦକ ତାପସ କୁମାର କବିଶତପଥୀ, ବରିଷ୍ଠ ଆଇନଜୀବୀ ବିପ୍ଳବ ପଟ୍ଟନାୟକ, ନବକିଶୋର ଗୁରୁ, ସୁବୋଧ ମହାନ୍ତି, ବିଜେଶ ରାଉତ, ସୟ କୁମାର ମିଶ୍ର, କିଶୋର ରାଉତ, ପ୍ରମିଳା ମହାପାତ୍ର, ସୁଭାସିନି ମହାଖୁଡ଼, ରଣ ପ୍ରଧାନ, ବିଶ୍ୱଜିତ ଦାସ, ପ୍ରତାପ ରାଉତ, ସଦାନନ୍ଦ ସାହୁ, ସୁଧାଂଶୁ ନାୟକ, କ୍ଷୀରୋଦ ହୋତା, ସତ୍ୟନାରାୟଣ ସାହୁ, ସତ୍ୟବ୍ରତ ଶତପଥୀ, ପ୍ରଶାନ୍ତ ମହାରଣା, ରାଜେଶ ରାୟ ପ୍ରମୁଖଙ୍କ ସମେତ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ ।

ଯାଜପୁର ନବଜାତ ଶିଶୁ ମୃତ୍ୟୁ ଘଟଣା

# ୩୦ ଦିନରେ ଉତ୍ତର ରଖିବାକୁ ଜିଲ୍ଲାପାଳଙ୍କୁ ଚିଠି

କୋରେଇ(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଗୌରପୁର ଗ୍ରାମପଞ୍ଚାୟତର ନୟାହାଟପାଟଣା ଗ୍ରାମର ରାଜେନ୍ଦ୍ର ସାହୁଙ୍କ ନବଜାତ ଶିଶୁ ପୁତ୍ର ମୃତ୍ୟୁ ଘଟଣାକୁ ଦୀର୍ଘମାସ ବିତିଯାଇଥିଲେ ମଧ୍ୟ ମୃତ୍ୟୁରେ ଅବହେଳା କରିଥିବା କଟକ ସିଡିଏ ଦରେ ଥିବା ନିୟୁବର୍ଣ୍ଣ ପେଡିଆଟିକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାକ୍ତର ମାନସ କୁମାର ଉପାଧ୍ୟାୟଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନଜିଲିନି ହୋଇନାହିଁ ତାହା ପୀଡିତ ପରିବାର ଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି ଯାହା ପାଇଁ ସେ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ନବଜାତ ଶିଶୁପୁତ୍ର ଜନ୍ମ ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ବେଳେ ନବଜାତ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଥିଲା ପରେ ଆଇସିୟୁ ପାଇଁ ଡାକ୍ତର ପରାମର୍ଶ ପରେ ସେ ନିଉବର୍ଣ୍ଣ ପେଡିଆଟିକ ନାମକ ଘରୋଇ ଚିକିତ୍ସାଳୟକୁ ନେଇ ଆଇସିୟୁରେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ଚିକିତ୍ସା ଅବହେଳା ପାଇଁ ଶିଶୁଟିର ମୃତ୍ୟୁ ହୋଇଥିବା କଥାକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରିନଥିଲେ । ପରେ ଡାକ୍ତର ମାନସ କୁମାର ଉପାଧ୍ୟାୟ ଓ ଏହି ଚିକିତ୍ସାଳୟ ନାମରେ କଟକ ମର୍କତ ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଓ ପରିବାର ଲୋକ ଧାରଣାରେ ୨ ଦିନ ବସିବା ପରେ କଟକ ଜିଲ୍ଲାପାଳ ପରିବାରକୁ ଧାରଣା ସ୍ଥଳରେ ଭେଟି ଉକ୍ତ ଚିକିତ୍ସାଳୟକୁ ସିଲ୍ କରିଥିଲେ । କିନ୍ତୁ ଦୁଃଖର ବିଷୟ ଡାକ୍ତରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଇ ନାହିଁ । ସୂଚନା ଅଧିକାର ବଳରେ ଏହି ବିଷୟରେ ଉଭୟ ପୋଲିସ ଓ ଜିଲ୍ଲାପାଳ କେତେ ଗୁରୁତ୍ୱ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଉତ୍ତରରେ କୌଣସି ତଥ୍ୟ ନଥିବା ସୂଚନା ପ୍ରଦାନ କରିଛନ୍ତି । ପ୍ରଶାସନ ଉପରୁ ସମସ୍ତ ପ୍ରକାର ଆଶା ତୁଟିଗଲା ପରେ ପୀଡିତ ପରିବାର କୋରେଇ ଅଞ୍ଚଳ ମାନବାଧିକାର କର୍ମୀ ମନୋଜ ଜେନାଙ୍କ ସହଯୋଗ ଲୋଡିଥିଲେ । ଶ୍ରୀ ଜେନା ୨୧/୦୫/୨୦୨୫ରେ ଏକ କେସ ଫାଇଲ କରିଥିବା ବେଳେ ୩୦ ଦିନ ମଧ୍ୟରେ କଟକ ଜିଲ୍ଲାପାଳଙ୍କୁ ଉତ୍ତର ରଖିବାକୁ କମିଶନ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି ।

# ନାଳବନ୍ଧ ରାସ୍ତା ଗଡ଼ାଣିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ, ମରାମତି ଦାବି

ନିମାପଡ଼ା, ୧୩।୬ (ଭାସ୍କର ନ୍ୟୁଜ): ନିମାପଡ଼ା ନିୟନ୍ତ୍ରଣ ହରାଇ ୧୮ ଚକିଆ ଟ୍ରକ୍ ଦୁର୍ଘଟଣାର ସମ୍ମୁଖୀନ । ଅଳ୍ପକେ ବର୍ତିଲେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି । ଦୀର୍ଘଦିନ ହେବ ରାସ୍ତା ନିର୍ମାଣ ପାଇଁ ଦାବୀ ହୋଇ ଆସୁଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ଦୃଷ୍ଟି ନ ଦେବାରୁ ଅନେକ ଦୁର୍ଘଟଣା ଏହି ସ୍ଥାନରେ ଘଟୁଅଛି । ରାସ୍ତା ନିର୍ମାଣ ସମୟରେ ପୂର୍ତ୍ତ ବିଭାଗ ବ୍ରିଜ୍ ଗଡ଼ାଙ୍କୁ ସଠିକ୍ ଭାବେ ବ୍ରଷ୍ଟ ପୋଡି ନଥିବାରୁ ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି । ଯାହାକୁ ନେଇ ଅସନ୍ତୋଷ ବଢ଼ି ଚାଲିଥିଲେ ମଧ୍ୟ ପୂର୍ତ୍ତ ବିଭାଗ ବେପିକର ହୋଇ ବସି ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଡଳାଙ୍ଗିଆ ଠାରୁ କୋଳବୋର୍ଡ଼ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରାଯାଇଥିଲା । ପୁରୁଣା ବସ୍ତଷ୍ଟ ନିକଟରେ ନାଳବନ୍ଧ ପୋଲ ନୂତନ ଭାବେ ନିର୍ମାଣ କରାଯାଇଥିବା ବେଳେ ନାଳବନ୍ଧ ରାସ୍ତାକୁ ଗଡ଼ିବା ପାଇଁ ସଠିକ୍ ଭାବେ କାର୍ଯ୍ୟ କରାଯାଇ ନଥିବାରୁ ଦୁର୍ଘଟଣା ଘଟୁଅଛି । ଜୟଗୁରୁ ଆଶ୍ରମ ଠାରୁ ଗଡ଼ଅଞ୍ଚଳ ନାଳବନ୍ଧ ରାସ୍ତାରେ ଗଡ଼ାଣି ତାଖା ହୋଇଥିବାରୁ ଅନେକ ଥର ଦୁର୍ଘଟଣା ଘଟିଅଛି । ଠିକାଦାର ସଠିକ୍ ଭାବେ ଗଡ଼ାଣି କରି ନଥିବାରୁ ଅନେକ ଭାରିଯାନ ଗଡ଼ିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଶୁକ୍ରବାର ଏକ ୧୮ ଚକିଆ ଟ୍ରକ୍ ଗଡ଼ାଣିରେ ଗଡୁଥିବା ବେଳେ ନିୟନ୍ତ୍ରଣ ହରାଇ ନିକଟରେ ଥିବା ଶାଖା ନାଳକୁ ପଶି ଯାଇଥିଲା । ସେହି ରାସ୍ତା ଦେଇ ଯାଉଥିବା ଅନେକ ପଥଚାରୀ ଏବେ ଗୋଟ ଦୁର୍ଘଟଣାରୁ ଅଳ୍ପରେ ରକ୍ଷା ପାଇ ଯାଇଛନ୍ତି । ଏହି ନାଳବନ୍ଧ ରାସ୍ତା ଗଡ଼ାକୁ ତୁରନ୍ତ ନିର୍ମାଣ କରିବା ପାଇଁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନ ବେପିକର ଭାବେ କାର୍ଯ୍ୟ କରୁ ନାହିଁ । ଏହି ସ୍ଥାନଟି ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ପ୍ରତ୍ୟେକ ମୁହୂର୍ତ୍ତରେ ହଜାର ହଜାର ବିଭିନ୍ନ ଯାନବାହନ ଗାଡ଼ି ଏହି ରାସ୍ତାରେ ଯାତାୟାତ କରୁଛନ୍ତି । କ୍ରେନ୍ ସାହାଯ୍ୟରେ ଟ୍ରକ୍‌ଟିକୁ ଉଠା ଯାଇଥିବା ବେଳେ ଦୀର୍ଘ ୪ ଘଂଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତା ବନ୍ଦ ହୋଇ ରହିଥିଲା । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

# ଢେଙ୍ଗୁଆଁ କ୍ଷୁଦ୍ର ୟୁକୋ ବ୍ୟାଙ୍କରୁ ଲାପଟପ୍ ଓ ଇନଭର୍ଟରର ବ୍ୟାଟେରି ଚୋରି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଢେଙ୍ଗୁଆଁ ପଂଚାୟତରେ ଥିବା କ୍ଷୁଦ୍ର ୟୁକୋ ବ୍ୟାଙ୍କ ଶାଖାରୁ ଚୋରୀ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି । କୌଣସି ଠାଉଆ ଚୋର ଏହି ଚୋରୀ କରିଥିବା ପୋଲିସର ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ୟୁକୋ ବ୍ୟାଙ୍କ ଶାଖାର ଢେଙ୍ଗୁଆଁ ପଂଚାୟତରେ ଏକ କ୍ଷୁଦ୍ର ୟୁକୋ ବ୍ୟାଙ୍କ ରହିଅଛି । ସଂଜିବ ନାୟକ ନାମକ ବ୍ୟକ୍ତି ବିସି ଭାବରେ ଏହି କ୍ଷୁଦ୍ର ବ୍ୟାଙ୍କରେ କାର୍ଯ୍ୟ କରନ୍ତି । ସଂଜିବଙ୍କର ସହକର୍ମୀ ସୌଦାମିନୀ ସ୍ୱାଇଁ ମଧ୍ୟ ସେଠାରେ କାର୍ଯ୍ୟ କରନ୍ତି । ବ୍ୟାଙ୍କ ବନ୍ଦ ଥିବା ବେଳେ ଗତ ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ସୌଦାମିନୀ ସ୍ୱାଇଁ ବ୍ୟାଙ୍କକୁ ଯାଇ ଦେଖନ୍ତି ମେନ୍ ଗେଟ୍ ତାଲା କଟା ଯାଇଛି । ଅଫିସ ତାଲା କଟାଯାଇ ଇନଭର୍ଟର ବ୍ୟାଟେରୀ ଓ ଗଡ଼ରେଜ୍ ଆଲମାରୀରୁ ଲାପଟପ୍ ଚୋରୀ ହୋଇଯାଇଛି । ଏ ସଂପର୍କରେ ନିମାପଡ଼ା ୟୁକୋ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ଅବଗତ କରାଇବା ସହ ଏ ସଂପର୍କରେ ସଂଜୀବ ନାୟକ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି ।

# ବ୍ୟାଙ୍କ ଲୁଟ୍ ଘଟଣାରେ ସାଇଣ୍ଟିଫିକ୍ ଟିମ୍ ଓ ଏସ୍‌ପିଙ୍କ ତଦନ୍ତ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧିନ ତିହିଡ଼ି ବ୍ଲକ କାର୍ଯ୍ୟାଳୟ ନିକଟ ଭଦ୍ରକ-ଚାନ୍ଦବାଲି ରାସ୍ତାପାର୍ଶ୍ୱରେ ଥିବା ଏୟୁ ଫାଇନାନ୍ସ ବ୍ୟାଙ୍କରୁ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୭ଲକ୍ଷରୁ ଅଧିକ ଟଙ୍କା ଲୁଟ କରି ନେଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଶୁକ୍ରବାର ଭଦ୍ରକ ସାଇଣ୍ଟିଫିକ ଟିମ ଓ ଏସପି ମନୋଜ କୁମାର ରାଉତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡିଛି । ତଦନ୍ତ ବେଳେ ତିହିଡି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଉପସ୍ଥିତ ଥିଲେ । ସାଇଣ୍ଟିଫିକ ଟିମ ସେମାନଙ୍କ ନିୟମ ଅନୁଯାୟୀ ତଦନ୍ତ କରିଥିବା ବେଳେ ଏସପି ଶ୍ରୀ ରାଉତ ବ୍ୟାଙ୍କ ଶାଖା ପରିଚାଳକ ଓ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ । ପ୍ରକାଶ ଯେ, ବୁଧବାର ରାତି ୧୦ଟାରେ ୪/୫ ଦୁର୍ବୃତ୍ତ ମୁଣ୍ଡରେ ହେଲମେଣ୍ଟ ଓ ମୁହଁରେ କଳା କପଡା ପିନ୍ଧି ବ୍ୟାଙ୍କରେ ପ୍ରବେଶ କରି ବ୍ୟାଙ୍କ କର୍ମଚାରଙ୍କୁ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଦେଖାଇ ୭ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିଲେ । ପରେ ଶାଖା ପରିଚାଳକ ମଳୟ କୁମାର ସାହୁ ଥାନାରେ ଏତଲା ଦେଇଥିଲେ । ଘଟଣାରେ ପୋଲିସ ୨୦୮/୨୫ ମାମଲା ରୁଜୁକରି ଥିଲେ । ଖବର ପାଇ ଗୁରୁବାର ସକାଳେ ଏସପି ପ୍ରାଥମିକ ତଦନ୍ତ କରି ଫେରିଥିଲେ । ଲୁଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସଦୃଶ ହୋଇଥିବା ବେଳେ ଲୁଟେରାଙ୍କୁ କେବେ ଧରିବାକୁ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ଅଜଣା ଗାଡ଼ି ଧକ୍କାରେ ଦିବ୍ୟାଙ୍ଗଙ୍କ ପରଲୋକ

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ଚାରିଛକ ଥାନା ବାହାରଣା ପଂଚାୟତ ବାହାରଣ ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ଅରବିନ୍ଦ ଗିରି (ବାବୁଲି) (୫୪) ସାଇକେଲରେ ଯାଉଥିବା ସମୟରେ ଅଜଣା ଗାଡ଼ି ଧକ୍କାରେ ସାଇକେଲରୁ ଖସିପଡ଼ି ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଶ୍ରୀ ଗିରି ଶୁକ୍ରବାର ନିଜ ଘର ବାହାରଣାକୁ ନୟାହାଟକୁ ଯାଉଥିବା ସମୟରେ ଶ୍ରୀ ଗିରି ନୟାହାଟ ଫାଣ୍ଡି ଅନ୍ତର୍ଗତ ବିଶୁଳିପଡ଼ା ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ସେ ସାଇକେଲରୁ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ମାତ୍ର ଡ଼ାକ୍ତର ତାଙ୍କୁ ଦେଖିବା ପରେ ମୃତ୍ୟୁ ଘୋଷଣା କରିଥିଲେ । ଶ୍ରୀ ଗିରି ଭାରତୀୟ ଜନତା ପାର୍ଟିର ଜଣେ ଦୃଢ଼ ସମର୍ଥକ ଥିଲେ । ସେ ଦିବ୍ୟାଙ୍ଗ ହେଲେ ସୁଦ୍ଧା ରାଜନୀତି କରିବାରେ ତାଙ୍କର ବେଶ ଆଗ୍ରହ ରହିଥିଲା । ସଦା ସର୍ବଦା ସେ ଲୋକମାନଙ୍କ ସମସ୍ୟା ବୁଝୁଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୁଃଖ ପ୍ରକାଶ କରିବା ସହ ପରିବାର ଲୋକମାନଙ୍କୁ ସାନ୍ତ୍ୱନା ଦେଇଛନ୍ତି । ସେହିପରି ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ପଂଚାୟତ ସଭାପତି ବ୍ରଜ କିଶୋର ନାୟକ, ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ୱାର୍ଡ଼ ସଭ୍ୟ ମନୋଜ ମହାନ୍ତି, ଗୁଣନିଧି ମୁଦୁଲି, ତୁଷାର ରଂଜନ ରାଉତ, ଜ୍ୟୋତି ରଂଜନ ପାତ୍ର, କୃଷ୍ଣଚନ୍ଦ୍ର ବାରିକ, ଦୁର୍ଯ୍ୟୋଧନ ମହାନ୍ତି, ଦେବେନ୍ଦ୍ର ବାରିକ, ଅବନୀ ଜେନା, ବସନ୍ତ କମାର ମଲ୍ଲ, ଦଶନାମୀ ଗୋସ୍ୱାମୀ ବ୍ରାହ୍ମଣ ସଂଗଠନର ପୁରୀ ଜିଲ୍ଲା ତରଫରୁ ପଣ୍ଡିତ ମୁରଲୀଧର ଭାରତୀ ଗୋସ୍ୱାମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀ ଗିରିଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଶ୍ରୀ ଗିରିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ନିଜ ଗ୍ରାମ ତଥା ସାରା ପଂଚାୟତରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟଙ୍କା ହଡପ ନେଇ ହିତାଧିକାରୀ ଥାନାର ଦ୍ୱାରସ୍ଥ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡଗୁଡା ଗ୍ରାମ ପଂଚାୟତର କାଲାଗୁଡା ଗ୍ରାମରେ ଆବାସ ଯୋଜନାର ଟଙ୍କା ହଡପକୁ ନେଇ ମାଲକାନଗିରି ଥାନାର ଦ୍ୱାରସ୍ତ ହେଲେ ହିତାଧିକାରୀ । ସୁଚନା ମୁତାବକ ଏହି ଗ୍ରାମର କୁସୁମା ନାୟକ, ଚନ୍ଦ୍ରାବତୀ ନାୟକ, ଆଦି ନାୟକ, ଲଛନ ଖିଲ, ଓ କଳାବତୀ ଖିଲ ୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପତ୍ର ପାଇଥିଲେ । ସେହି ସମୟରେ ମାଲକାନଗିରି ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର ଏହି ହିତାଧିକାରୀଙ୍କ ନିକଟରେ ଗୃହ ନିର୍ମାଣ କରିଦେବା ନେଇ ପ୍ରତିଶୃତି ଦେଇଥିଲେ ଏବଂ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ସମ୍ପୃକ୍ତ ହିତାଧିକାରୀ ଶ୍ରୀ ହାଲଦାରଙ୍କୁ ପ୍ରଦାନ କରିଥିଲେ । ଦୁଇବର୍ଷ ବିତି ଯାଇଥିଲେ ମଧ୍ୟ ସେମାନଙ୍କର ଗୃହ ସମାପ୍ତ ହୋଇନଥିବା ଅଭିଯୋଗ କରିଛନ୍ତି । ହିତାଧିକାରୀଙ୍କ କହିବା ଅନୁସାରେ ଏ ସମ୍ପର୍କରେ ଶ୍ରୀ ହାଲଦାରଙ୍କ ସହ କଥାବାର୍ତା ହେଲେ ସେ ବିରକ୍ତ ହୋଇ ଗାଳିଗୁଲଜ କରୁଥିବା ଅଭିଯୋଗ କରିଛନ୍ତି । ଗତକାଲି ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନାରେ ଉକ୍ତ ହିତାଧିକାରୀ ମାନେ ଏକ ଲିଖିତ ଅଭି ଯୋଗ କରିଛନ୍ତି । ହିତାଧିକାରୀଙ୍କ କହିବା ଅନୁ ଯାୟୀ ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ସହ ମନରେଗା ଯୋଜନାରେ ୨୨ ହଜାର ଟଙ୍କା ରହିଛି । ସେହି ଟଙ୍କାଗୁଡିକ ବିଭିନ୍ନ ଲୋକଙ୍କ ନାମରେ ସମସ୍ତ ଟଙ୍କା ଶ୍ରୀ ହାଲଦାର ଉଠାଇ ନେଇଥିବା ଅଭି ଯୋଗ କରିଛନ୍ତି । ତେବେ ଘର ସମ୍ପୂର୍ଣ୍ଣ ହେବା ପୂର୍ବରୁ କିପରି ମନରେଗା ଟଙ୍କା ଉଠାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମ୍ପୃକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଜିଆରଏସ୍ ଏବଂ ପଂଚାୟତ କା ର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି । ଏ ସମ୍ପର୍କରେ ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କୁ ପଚାରିବାରୁ ଥାନାରେ ଅଭିଯୋଗ ହୋଇଛି କିନ୍ତୁ ଉଭୟପକ୍ଷକୁ ଆଗାମୀ ଦିନ ଡକାଯାଇଛି । ଆପସ ସମାଧାନ ନ ହେଲେ ମାମଲା ରୁଜୁ କରା ଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବିମାନ ଦୁର୍ଘଟଣା ମୃତକଙ୍କ ପାଇଁ ଢେଙ୍କାନାଳ ବିଜେପିର ଶୋକ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୪୧ ଜଣ ବିମାନ ଯାତ୍ରୀ ଓ ୫ ଜଣ ଡାକ୍ତରୀ ଛାତ୍ରଙ୍କ ପାଇଁ ଢେଙ୍କାନାଳ ବିଜେପି ଗଭୀର ଶୋକ ପ୍ରକଟ କରିଛି । ବିଜେପିର ବରିଷ୍ଠ ନେତା ତଥା ସାଂସଦ ରୁଦ୍ରନାରାୟଣ ପାଣି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପର୍ଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତୃଘ୍ନ ଜେନା, ହିନ୍ଦୋଳ ବିଧାୟିକା ସିମାରାଣୀ ନାୟକ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ବିଷ୍ଣୁପ୍ରସାଦ ଲେଙ୍କା, ଜିଲ୍ଲା ସାଧାରଣ ସଂପାଦକ ସୁନୀଲ ଶର୍ମା, ରତିକାନ୍ତ ସାହୁ ପ୍ରମୁଖ ଶୋକ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରିଛନ୍ତି ।

## ସରିଲା ସଜବାଜ, ଆଜି ପହିଲି ରଜ

# ରଜ ଦୋଳି, ପିଠା, ପାନ ସହ ମେହେନ୍ଦି ଓ ଅଳତା ଲଗାଇବାର ସୁଯୋଗ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ। ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏମିତି ଏକ ପର୍ବର ପରିକଳ୍ପନା ହୁଏତ ଆଉ କେଉଁଠି ନ ଥିବ । ପ୍ରକୃତି ସୃଷ୍ଟି କରିଛି ବର୍ଷା। ଆଉ ବର୍ଷାକୁ ସ୍ୱାଗତ କରେ ରଜ । ପିଠା, ଦୋଳି ଓ ଗୀତର ଆସର ହିଁ କହିଦିଏ ଏହି ପର୍ବର ମନକଥା। ପହିଲି ରଜରେ ଝିଅମାନଙ୍କ ସଜବାଜଠାରୁ ଆରମ୍ଭ କରି ବସୁମତି ସ୍ନାନ ପର୍ଯ୍ୟନ୍ତ ପାଳିତ ହୋଇଥାଏ ରଜପର୍ବ। ଅସରାଏ ବର୍ଷା ପରେ ପାଗ ହୁଏ ଅନୁକୂଳ। ଗାଁ ଦାଣ୍ଡରେ ଝିଅମାନେ କଉଡ଼ି, ବୋହୂଚୋରି, ଲୁଡୁ ଖେଳୁଥିବା ବେଳେ ଯୁବକମାନେ କବାଡ଼ି, କୁସ୍ତି, ପଶା ଓ ତାସ୍ ଆଦି ଖେଳରେ ମସ୍‌ଗୁଲ୍ ରହନ୍ତି। ହେଲେ ଆଗଭଳି ଆଉ ଦେଖିବାକୁ ମିଳେନା ରଜରେ ଏହିସବୁ ପାରମ୍ପରିକ ଖେଳ। ସମୟକ୍ରମେ ଗାଁରୁ ଲୋପ ପାଇଆସିଲାଣି ଅନେକ ଖେଳ, ଯାହାଯୋଗୁ ଦେହମନ ସୁସ୍ଥ ଓ ପ୍ରଫୁଲ୍ଲ ରହୁଥିଲା। କିନ୍ତୁ ରଜ ଆସିଲେ ଏହିସବୁ ପରମ୍ପରା ମନେପଡ଼ିଯାଏ, ଯାହା ଆଜିକାଲି କାଁ ଭାଁ କେତୋଟି ଜାଗାରେ ଦେଖିବାକୁ ମିଳେ। ଦୋଳି ବିନା ରଜର ପରିକଳ୍ପନା କରାଯାଇ ପାରେନା। ରଜରେ ରାମଦୋଳି, ଚରକାଦୋଳି, ବାଉଁଶଦୋଳି ଦେଖିବାକୁ ମିଳେ। ସାଙ୍ଗସାଥୀଙ୍କ ମେଳରେ ଦୋଳିଖେଳ ସହିତ ଶୁଣାଯାଏ ରଜଗୀତର ମିଠାସୁର। ଘର ଅଗଣା ହେଉ କି ଆମ୍ବତୋଟା, ସବୁଠି ଶୋଭାପାଏ ରଜଦୋଳି । ତା’ ସାଙ୍ଗକୁ ଭାସି ଆସୁଥାଏ ରଜର ମନମତାଣିଆ ଗୀତ... ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜଲୋ, ଘେନି ନୂଆ ସଜବାଜ। ରଜଦୋଳି କଟମଟ, ମୋ ଭାଇ ମୁଣ୍ଡରେ ସୁନାମୁକୁଟ, ସୁନାମୁକୁଟ ଲୋ ଦିଶୁଥାଏ ଝଟଝଟ। ପୁଣି ଦିନସରି ହେଲା ସଞ୍ଜ, ଭାଉଜ ଖୋଜିବେ ଗୋଟିଏ ଖଞ୍ଜ, ଗୋଟିଏ ଖଞ୍ଜିଲୋ, କରିବା ପାଇଁ ମଉଜ। କଷି ଡାଳ ପଡ଼େ ଖସି, ପୀରତି ଆଶାରେ ରହିଲି ବସି, ରହିଲି ବସିଲୋ କଥା ନ କହିଲୁ ହସି ଇତ୍ୟାଦି ଢଗଢ଼ମାଳି ଗାଇ ଝିଅମାନେ ଦୋଳି ଖେଳିଥାନ୍ତି। ପୁଚି ଦୁଇ ପ୍ରକାରର- ଠିଆପୁଚି ଓ ବସାପୁଚି। ରଜରେ ଏଥିରେ ବହୁସଂଖ୍ୟାରେ ଝିଅ ଭାଗ ନେଇଥାନ୍ତି। ପୁଚି ଖେଳିବା ବେଳେ ଝିଅମାନେ ମଉଜିଆ ଗୀତ ଗାଆନ୍ତି-ଠିଆପୁଚି ନାରଙ୍ଗ, ଗୋଡ଼ ଦି’ଟା ସାରଙ୍ଗ। ସାରଙ୍ଗ ବାଡ଼ିକୁ ଯାଇଥିଲି, ନାରଙ୍ଗ ଦି’ପୁଞ୍ଜା ଆଣିଥିଲି। ଅଧେ କଲି ରାଇ ଲୋ, ଅଧେ କଲି ଭଜା। ତୋ ଭଉଣୀ ରାଣୀ ଲୋ, ମୋ ଭାଇଟି ରଜା। ଅସ୍ତରଙ୍ଗ ଉପକଣ୍ଠ ବିଭିନ୍ନ ଗ୍ରାମରେ ରଜ ପାଇଁ ପ୍ରସ୍ତୁତି ମଧ୍ୟ ହୋଇଛି। ବିଭିନ୍ନ ଗ୍ରାମରେ ଝିଅ ମାନଙ୍କ ଦ୍ୱାରା ଗୀତ, ନାଚ, ଝୋଟି, ପାନ ଭଙ୍ଗା, ପୋଡ଼ପିଠା ତିଆରି, ଚିତ୍ର କଳା ଆଦି ପ୍ରତିଯୋଗିତା ଆରମ୍ଭ ହେବ। ଯାହାକି ନେଇ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମ ରଜ ପର୍ବରେ ଉତ୍ସବ ମୁଖର।

# ମୁକୁଳା ପଡ଼ିଛି ତନଖି ଫାଟକ, ବିପଜ୍ଜନକ ଯାତାୟାତ



କେନ୍ଦୁଝର(ଭାସ୍କର ନ୍ୟୁଜ): ଯୋଡ଼ା ବ୍ଲକର ଦୁଇଟି ଜନଗହଳିପୂର୍ଣ୍ଣ ସ୍ଥାନରେ ରେଳ ବିଭାଗ ଲେବେଲ କ୍ରସିଂ ଫାଟକ ନାହିଁ। ପ୍ରତିଦିନ ଶହ ଶହ ଲୋକ ଏବଂ ସ୍କୁଲ ଛାତ୍ରଛାତ୍ରୀ ଜଗୁଆଳୀ ବିହୀନ ରେଳ ଫାଟକ ଅତିକ୍ରମ କରି ବିପଜନକ ଅବସ୍ଥାରେ ଯାତାୟାତ କରୁଛନ୍ତି। ଅତୀତରେ ଏହି ଜଗୁଆଳୀ ବିହୀନ ରେଳ ଫାଟକରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇଥିଲେ ମଧ୍ୟ ଫାଟକ ନିର୍ମାଣ ଦିଗରେ ରେଳ ବିଭାଗ କର୍ତୃପକ୍ଷ କିମ୍ବା ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉନଥିବା ଜନସାଧାରଣରେ ଅଭିଯୋଗ କରିଛନ୍ତି। ଯୋଡାରୁ ରେଳ ବିଭାଗ ଖଣିଜ ପରିବହନ କରି କୋଟି କୋଟି ଟଙ୍କା ରାଜସ୍ୱ ପାଉଛି। ରେଳ ବିଭାଗର ପୂର୍ବତଟ ଓ ଦକ୍ଷିଣ- ପୂର୍ବ ରେଳପଥ ହେଉଛି ରେଳ ବିଭାଗର ଆୟର ମୁଖ୍ୟ ଉତ୍ସ। ଏହି ରେଳପଥ ଦେଇ ପ୍ରତ୍ୟେକ ଦିନ ଓ ରାତ୍ରି ସମୟରେ ଦେଶର ବିଭିନ୍ନ ପ୍ରାନ୍ତକୁ ଖଣିଜ ପରିବହନ ହୋଇଥାଏ। ଏଣୁ ଏହି ରେଳଲାଇନ ବ୍ୟସ୍ତ ବହୁଳ ଭାବେ ଯୋଡ଼ା ଖଣି ଅଞ୍ଚଳରେ ପରିଚିତ। ଯୋଡ଼ା ଖଣି ମଣ୍ଡଳରୁ ରେଳ ପରିବହନ ଦ୍ୱାରା ରେଳ ବିଭାଗ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଯୋଡ଼ା ବ୍ଲକ ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ରେଳ ବିଭାଗର ବୈମାତୃକ ମନୋଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ରେଳ ଲାଇନ ନିକଟରେ ଥିବା ଗ୍ରାମବାସି ମାନେ ସୁରକ୍ଷିତ ଯାତାୟାତ କରି ପାରୁନାହାନ୍ତି। ରେଳ ଲାଇନରେ ଲେବେଲ କ୍ରସିଂ ଫାଟକ ନ ଥିବାରୁ ଅନେକ ସମୟରେ ରେଳ ଧକ୍କାରେ ଧନ ଜୀବନ ନଷ୍ଟ ହେଉଛି। ଏପରି ସମସ୍ୟା ଭୋଗୁଛନ୍ତି ଯୋଡ଼ା ବ୍ଲକର ବିରିକଳା ଗ୍ରାମ ପଞ୍ଚାୟତବାସି। ଖବରରୁ ପ୍ରକାଶ କି, ପୂର୍ବ ରେଳପଥ ଅନ୍ତର୍ଗତ ବାଂଶପାଣି - ଡାଙ୍ଗୁଆପଶି ରେଳ ଲାଇନ କାର୍ଯ୍ୟ ୧୯୬୨ ମସିହାରେ ଶେଷ ହୋଇଥିଲା। ବିଶେଷ କରି ଯୋଡ଼ା ଅଞ୍ଚଳରୁ ଖଣିଜ ପରିବହନ ନିମନ୍ତେ ଉକ୍ତ ରେଳ ଲାଇନ ନିର୍ମାଣ କରାଯାଇଥିବା ବେଳେ ଦୀର୍ଘ ୫ ଦଶନ୍ଧି ଧରି ଏହା ରେଳ ବିଭାଗର ମୁଖ୍ୟ ପରିବହନ ଟ୍ରାକ ଭାବେ ପରିଗଣିତ ହୋଇଆସୁଛି। ବାଂଶପାଣି ରୁ ଡାଙ୍ଗୁଆପଶି ଯାଇଥିବା ରେଳ ଲାଇନରେ ଯୋଡ଼ା ବ୍ଲକର ଦୁଇଟି ଜନବସତି ସ୍ଥାନ ଥିବା ବେଳେ ଏ ପର୍ଯ୍ୟନ୍ତ ସେଠାରେ ଲେବେଲ କ୍ରସିଂ ଫାଟକ ନିର୍ମାଣ କରାଯାଇ ନାହିଁ। ଉକ୍ତ ପଞ୍ଚାୟତ ମଧ୍ୟ ଦେଇ ଦକ୍ଷିଣ- ପୂର୍ବ ରେଳପଥଟି ଝାଡଖଣ୍ଡ ରାଜ୍ୟକୁ ସଂଯୋଗ ହୋଇଛି। ଯୋଡ଼ା ବ୍ଲକ ବିରିକଳା ଗ୍ରାମ ପଞ୍ଚାୟତ ଦେଇ ଯାଇଥିବା ରେଳପଥର ଲହଣ୍ଡା ଓ ଭାଗଲପୁରର ଭିନ୍ନ ଭିନ୍ନ ସ୍ଥାନରେ ରେଳ ଲାଇନରେ ଏପର୍ଯ୍ୟନ୍ତ ଲେବେଲ କ୍ରସିଂ ଫାଟକ ନିର୍ମାଣ କରାଯାଇ ନାହିଁ। ଏହି ଦୁଇ ରେଳ ଧାରଣା ଦେଇ ପ୍ରତିଦିନ ଉକ୍ତ ପଞ୍ଚାୟତର ଲହଣ୍ଡା, କାଳିଆବେଡା, ବିଲେଇପଦା, ଭାଗଲପୁର ଓ ବଳିତାର ହଜାର ହଜାର ଗ୍ରାମବାସୀ ପ୍ରତିଦିନ ଯାଆସ କରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କରିଛନ୍ତି ଯେ, ଗ୍ରାମ ଗୁଡିକରେ ଜନବସତି ନିର୍ମାଣ ହେବା ପରେ ଉକ୍ତ ଅଞ୍ଚଳରେ ରେଳ ଲାଇନ ନିର୍ମାଣ କରାଯାଇଛି। ଗ୍ରାମବାସୀଙ୍କ ଯାତାୟାତ ସୁରକ୍ଷା ପାଇଁ ଉକ୍ତ ଦୁଇଟି ଗ୍ରାମ୍ୟ ରାସ୍ତାରେ ରେଳ ବିଭାଗ ଫାଟକ ନିର୍ମାଣ ଜରୁରୀ ବୋଲି ଯୋଡ଼ା ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀର ନାଏକ କହିଛନ୍ତି। ରେଳ ବିଭାଗ ଯେଉଁ ଅନୁପାତରେ ଏଠାରୁ ରାଜସ୍ୱ ପାଉଛି ଏ ଅଞ୍ଚଳର ଉନ୍ନତି ଦିଗରେ କାର୍ଯ୍ୟ କରିବକୁ ଶ୍ରୀ ନାଏକ ଦାବି କରିଛନ୍ତି। ଖଣିଜ ପରିବହନ ବାବଦରେ ରେଳ ବିଭାଗ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବା ବେଳେ ଜନବସତି ଅଞ୍ଚଳରେ ତନଖି ଫାଟକ ଗୁଡ଼ିକୁ ସେମିତି ମୁକୁଳା ଛାଡି ଦେବା ଅତ୍ୟନ୍ତ ପରିତାପର ବିଷୟ। ପ୍ରଶାସନିକ ସ୍ତରରେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



କୋରାପୁଟ, (ଭାସ୍କର ନ୍ୟୁଜ) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କୋରାପୁଟ ପୋଲିସ ପ୍ୟାରେଡ ପଡିଆରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆରମ୍ଭ ହୋଇଯାଇଛି । ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୭୦ଟି ଷ୍ଟଲରେ ପଲ୍ଲୀଶ୍ରୀ ଏବଂ ଖାଦ୍ୟ ମେଳା ଅନୁଷ୍ଠିତ ହେଉଛି । ଏଥିରେ କୋରାପୁଟ କଫି ଷ୍ଟଲ ସ୍ୱତନ୍ତ୍ର ଆକର୍ଷଣ ହୋଇଛି । ଏଥିସହ ପ୍ରତିଦିନ ସନ୍ଧ୍ୟାରେ ମେଲୋଡି, ଆଦିବାସୀ ନୃତ୍ୟ ଏବଂ ପୁରୁଣା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ରହଛି । ଏହି ଅବସରରେ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଏବଂ ବିକାଶ ବାହନର ଶୁଭାରମ୍ଭ ହୋଇଯାଇଛି । ପୋଲିସ ପ୍ୟାରେଡ ପଡିଆରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିଥିଲେ । ସହରାଂଚଳ ଏବଂ ଗ୍ରାମାଂଚଳ ବିକାଶ ବାହନ ପରିଭ୍ରମଣ କରି ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଂଚାଇବ ବୋଲି ବିଧାୟକ ଶ୍ରୀ ମାଛ କହିଛନ୍ତି । ଏହାପରେ ଅତିଥି ଏବଂ ଅନ୍ୟ ବ୍ୟକ୍ତି ବିଶେଷ ପୋଲିସ ପଡିଆରେ ବୃକ୍ଷରୋପଣ କରିଥିଲେ । କୋରାପୁଟ ବସଷ୍ଟାଣ୍ଡ ପରିସରରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ସଫେଇ ଅଭିଯାନର ଶୁଭାରମ୍ଭ କରିଥିଲେ । ନିଜେ ଜିଲ୍ଲାପାଳ ଝାଡୁ ଧରି ବସଷ୍ଟାଣ୍ଡ ପରିସରକୁ ସଫା କରୁଥିବା ଦେଖିବାକୁ ମିଳିଥିଲା । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠି ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ମଧ୍ୟ ସଫେଇ ଅଭିଯାନରେ ସାମିଲ ହୋଇଥିଲେ ।

# ନିୟମିତ ଖୋଲୁନି ପ୍ରାଣୀଧନ ସହାୟକ କେନ୍ଦ୍ର, ଗୋପାଳକ ହନ୍ତସନ୍ତ





ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲାରେ ଗୋ ପାଳନ ବୃଦ୍ଧି ପାଇଁ ରାଜ୍ୟ ସରକାର ଗୋପାଳକମାନଙ୍କୁ ସ୍ୱଳ୍ପ ସୁଧରେ ଋଣ, ଗୁହାଳ, ରିହାତିରେ ଦାନା ଆଦି ଦେଉଥିବା ବେଳେ ଏମାନଙ୍କ ଚିକିତ୍ସା ସୁବିଧା ପାଇଁ ପ୍ରାଣୀ ଧନ ଚିକିତ୍ସାଳୟ ଖୋଲାଯାଇଛି । ଏହି ପରିପ୍ରେକ୍ଷୀରେ ୧୯୭୦ ମସିହାରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଂଚାୟତ ଅନ୍ତର୍ଗତ ଜହ୍ନାପଙ୍କରେ ନାରାୟଣ ନଗର ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା । ପ୍ରଥମେ ଏହା ଚାଳ ଛପର ଘରେ ଚାଲିଥିଲା । ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗି ଯିବାରୁ ୨୦୧୮ ମସିହାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କରାଗଲା । ଏହି କେନ୍ଦ୍ର ଉପରେ ଆଖପାଖ ୪ ଟି ପଂଚାୟତର ଅଞ୍ଚଳର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗ୍ରାମର ଗୋପାଳକ ନିର୍ଭର କରୁଥିବା ବେଳେ ୨୦୨୨ ଜୁନରୁ ଏଠାରେ ଥିବା ପ୍ରାଣୀଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେର କାର୍ଯ୍ୟରେ ଅବହେଳା ଯୋଗୁଁ ଅନ୍ୟତ୍ର ବଦଳି ହେବାପରେ ମୁଣ୍ଡାପଡା ପ୍ରାଣୀ ନିରୀକ୍ଷକ ସୌଭାଗ୍ୟ ପ୍ରଧାନଙ୍କ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ତେବେ ଅକ୍ଟୋବର ମାସରେ ଏଠାରେ ନୂତନ ପ୍ରାଣୀ ନିରୀକ୍ଷକ ଅଭିଲିପ୍ସା ଦାସ ଯୋଗ ଦେଇଥିଲେ ମଧ୍ୟ ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲୁ ନଥିବାରୁ ପ୍ରାଣୀପାଳକ ମାନେ କେନ୍ଦ୍ରକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ହଇରାଣ ହେବା ସହ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେବାକୁ ବାଧ୍ୟ ହେଉଛନ୍ତି । ତେବେ ୨୦୨୫ ଜାନୁଆରୀ ମାସରୁ ଏହି କେନ୍ଦ୍ରର ଅଭିଲିପ୍ସା ଦାସ ଅନ୍ୟ ଚାକିରୀ ପାଇବାରୁ ସେହିଦିନଠାରୁ ଏହି କେନ୍ଦ୍ର ଖାଲି ପଡିଛି । ଏବଂ ଅତିରିକ୍ତ ଦାୟିତ୍ୱ ଶ୍ରୀ ପ୍ରଧାନଙ୍କୁ ଦିଆଯାଇଛି । ତେବେ ମୁଣ୍ଡାପଡା, ତେଲିବନ୍ଧ ଓ ନାରାୟଣ ନଗର ( ଜହ୍ନପଙ୍କ) ତିନି କେନ୍ଦ୍ର ଦାୟିତ୍ୱରେ ଥିବାରୁ ସମୟ ଦେଇ ପାରୁନ ଥିବାରୁ ଏହି ପ୍ରାଣୀ ସହାୟକ କେନ୍ଦ୍ର ପ୍ରାୟତଃ ବନ୍ଦ ରହୁଥିବା ମର୍ଯ୍ୟାଦପୁର, ଗୋବିନ୍ଦପୁର, ପୋଲାମ, ବ୍ରହ୍ମଚାରି, ଖୁଣ୍ଟବନ୍ଧ, ଚଣ୍ଡିଗଡ, କୁମ୍ଭରସିଙ୍ଗା, ଚରଦା, ପଦ୍ମନପୁର, ମକୁନ୍ଦପୁର, ଚନ୍ଦ୍ରପୁର, ଜଗତି ଆଦି ଗ୍ରାମର ଗୋପାଳକମାନେ ଅଭିଯୋଗ କରିଛନ୍ତି । ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କିଛି ସୁଫଳ ମିଳୁନଥିବାରୁ ଗୋପାଳକମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି । ଏହି ଅସନ୍ତୋଷ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ରୂପ ନେଇପାରେ ବୋଲି ଆଲୋଚନା ହେଉଛି । ଏନେଇ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ଜିଲାରେ ଯେତିକି ପ୍ରାଣୀ ସହାୟକ କେନ୍ଦ୍ର ଅଛି ତା ତୁଳନାରେ କମ ପ୍ରାଣୀ ଚିକିତ୍ସିତ ଥିବାରୁ ଏହି ସମସ୍ୟା ସୃଷ୍ଟି ହେଉଛି । ରାଜ୍ୟ ସରକାର ଯଦି ନୂଆ ପୋଷ୍ଟିଙ୍ଗ କରିବେ ଏ ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଉତ୍ତର ଦେଇଥିଲେ । ଯଦି ନିୟମିତ କେନ୍ଦ୍ର ନଖୋଲେ ତେବେ ଅଞ୍ଚଳର ଗୋପାଳକମାନେ କେନ୍ଦ୍ରରେ ତାଲା ପକାଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ମୁଣ୍ଡାସାହି ରାସ୍ତା ଶୋଚନୀୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବିସ୍ତାପାଳ ମଶାଣିପଦା ମୁଣ୍ଡାସାହି ମାଟି ରାସ୍ତା ଅତି ଶୋଚନୀୟ ହୋଇ ପଡିରହିଛି । ତେବେ ବର୍ଷ ବର୍ଷ ଧରି ମାଟି ମୁଠେ ପଡୁନଥିବାରୁ ଅରଡେଇ ନଦୀ ଠାରୁ ସାହି ପର୍ଯ୍ୟନ୍ତ ରାସ୍ତା ସାମନ୍ୟ ବର୍ଷାରେ କାଦୁଅ ପଚପଚ ହୋଇ ରହିଛି । ଭାରୀଯାନ ଯାତାୟତ ଦ୍ୱାରା ରାସ୍ତାରେ ଖାଲଖମା ସୃଷ୍ଟି ହୋଇଥିବାରୁ ଗ୍ରାମବାସୀ ଚାଲି ଚାଲି ଯିବାକୁ ଭାରି ହଇରାଣ ହେଉଛନ୍ତି । ସ୍କୁଲ-କଲେଜ ଛାତ୍ର ଛାତ୍ରୀ ସମେତ ରୋଗୀଙ୍କୁ ମେଡିକାଲ ନେବାକୁ ୧୦୮ ଆମ୍ବୁଲାନ୍ସ ନାକେଦମ ହେଉଛି । ଅନେକ ଥର ଅଭିଯୋଗ ହୋଇ ଆସୁଥିଲେହେଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାସ୍ତା ମରାମତି କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଅସମ୍ପୂର୍ଣ୍ଣ ହୋଇପଡ଼ିଛି ଯାତ୍ରୀ ପ୍ରତୀକ୍ଷାଳୟ





ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା- ଟିକରପଡା ପୂର୍ତ୍ତ ବିଭାଗ ରାସ୍ତାର ମାଝିସାହି ଛକରେ ୨୦୨୩-୨୪ ଆର୍ଥିକ ବର୍ଷରେ ଲକ୍ଷ୍ମୀ ଯୋଜନାରେ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଥିଲା । ଏଥିପାଇଁ ୫ ଲକ୍ଷ ଅନୁଦାନ ଦିଆଯାଇଥିଲା । ତେବେ ପୂର୍ବ ସରକାର ଅମଳରେ ବ୍ଲକ କାର୍ଯ୍ୟାଳୟରୁ କାର୍ଯ୍ୟାଦେଶ ଦିଆଯାଇଥିଲେହେଁ ଏହା ଦଳୀୟ ଭିତ୍ତିରେ କର୍ମୀଙ୍କୁ ନିର୍ମାଣ କରିବା ଦାୟିତ୍ୱ ଦିଆଯାଇଥିଲା । ଫେବୃଆରୀ ୨୦୨୪ ରେ ଏହାର ଉଦ୍‌ଘାଟନ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାର ନିର୍ମାଣ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଲକ୍ଷ୍ମୀ ବସ୍‌ଷ୍ଟପ୍ ଉଦ୍‌ଘାଟନର ବର୍ଷେରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ହୋଇ ପଡିଛି । ଏବଂ ପ୍ରାୟ ୫ ଲକ୍ଷ ଟଙ୍କା ବିଲ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଗାଁ ନିକଟରେ ତାହା ନିର୍ମାଣ କରାନଯାଇ ଦୂରରେ ନିର୍ମାଣ ହୋଇଥିବାରୁ ସେଠାକୁ କେହି ଯାଉନାହାନ୍ତି ଯଦ୍ୱାରା ବୁଲା କୁକୁର ଓ ମଦ୍ୟପଙ୍କ ଆଡ୍ଡା ପାଲଟିଛି । ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ଯାତ୍ରୀ ପ୍ରତୀକ୍ଷାଳୟ କୌଣସି କାମରେ ଆସୁନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଅଫ୍‌ଲାଇନ୍‌କୁ ହଁ, ଅନ୍‌ଲାଇନ ଫି’କୁ ନାଁ

ବଲାଙ୍ଗୀର, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ହେଉ କି ରାଜ୍ୟ ଉଭୟ ସରକାର ଶିକ୍ଷାର ଉନ୍ନତିକରଣ ପ୍ରତି ବିଶେଷ ଗୁରୁତ୍ୱ ରୋପ କରିବା ସହିତ ଶିକ୍ଷାର ବିକାଶ ପାଇଁ ସ୍ୱତନ୍ତ୍ର ଶିକ୍ଷା ନୀତି ମଧ୍ୟ ପ୍ରଣୟନ କରୁଛନ୍ତି । ଶିକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ ମଧ୍ୟ ଉପସ୍ଥାପିତ କରାଯାଉଛି । କିନ୍ତୁ ବେସରକାରୀ ଶିକ୍ଷା ସଂସ୍ଥା ପ୍ରତି ସରକାରଙ୍କ କୌଣସି ନୀତି ନିୟମ ନ ଥିଲା ପରି ପରିଲକ୍ଷିତ ହେଉଛି । ସରକାରୀ ନୀତି ନୀୟମକୁ ଖୁଲୁମ ଖୁଲା ଉଲଂଘନ କରାଯାଇଥିବା ପରିଲକ୍ଷିତ ହେଉଛି ବଲାଙ୍ଗୀର ସହର ମଧ୍ୟରେ ଥିବା କେତେକ ଶିକ୍ଷା ଅନୁଷ୍ଠାନରେ ମନଇଚ୍ଛା ଫି ଆଦାୟ କରୁଥିବା ଦେଖାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବିଭିନ୍ନ ଯୋଜନା ମଧ୍ୟରୁ ଏକ ମୁଖ୍ୟ ଯୋଜନା ହେଉଛି ଡିଜିଟାଲ ଇଣ୍ଡିଆ ଏହି ଯୋଜନା ହେବା ଦ୍ୱାରା ଛୋଟରୁ ଅତି ଛୋଟ ଦୋକାନ ମଧ୍ୟ ପଇସା ପୈଠ ଡିଜିଟାଲ ମାଧ୍ୟମରେ ନେଉଛନ୍ତି । କିନ୍ତୁ ବଲାଙ୍ଗୀର ସହରର ପ୍ରମୁଖ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଲିଟିଲ ଫ୍ଲାୱାର ସ୍କୁଲ ଛାତ୍ରଛାତ୍ରୀଙ୍କ ଆଡ୍‌ମିଶନ ସମୟରେ ନିଆଯାଉଥିବା ଫି ଡିଜିଟାଲ ଆପ୍ସ ମାଧ୍ୟମରେ ନ ନେଇ ନଗଦ ଟଙ୍କା ନେଉଛନ୍ତି । ବର୍ତ୍ତମାନ ସମୟରେ ଡିଜିଟାଲ ଆପ୍ସ ବିଭିନ୍ନ ଆର୍ଥିକ ନେଣଦେଣ ପାଇଁ ଏକ ଉତ୍କୃଷ୍ଟ ମାଧ୍ୟମ ହୋଇଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟ ଏଭଳି ସହଜ ବ୍ୟବସ୍ଥା ମାଧ୍ୟମରେ କାହିଁକି ଫି ନେବାକୁ ମନା କରୁଛି ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଭଳି ନିୟମ ଉଲଂଘନ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଜାଣିଛନ୍ତି ନା ନାହିଁ ତାହା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । କିନ୍ତୁ ଏତେ ବଡ଼ ନିୟମ ଉଲଂଘନ ହେଲା ପରେ ମଧ୍ୟ ଶିକ୍ଷା ବିଭାଗ ବିଷ୍ଣୁ ନିଦ୍ରା ସାଜିବା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ପ୍ରକାଶ ପାଉଛି ।

# ରାଜ୍ୟପାଳଙ୍କୁ ଜିଲ୍ଲା ଛାତ୍ର କଂଗ୍ରେସର ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କଂଗ୍ରେସ ଛାତ୍ର ସଙ୍ଗଠନ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ପରିବହନ ସୁଗମତା ଓ ସୁଲଭତା ସମ୍ପର୍କରେ ଦୀର୍ଘକାଳୀନ ଏବଂ ଗୁରୁତପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି । ସରକାରୀ ସାର୍ବଜନୀନ ପରିବହନରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ସୁବିଧା ସକାଶେ ସରକାରୀ ପରିଚାଳିତ ବସ୍ ଓ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀ ପାଇଁ ମାଗଣା ଯାତ୍ରା ତୁରନ୍ତ ଦିଆଯାଉ ବିଶେଷ କରି ଗ୍ରାମାଞ୍ଚଳ ଓ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଅନେକ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଓ ବିଶ୍ୱ ବିଦ୍ୟାଳୟକୁ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟକ୍ତିଗତ ପରିବହନ ସେବା ବାରେ ୫୦ ପ୍ରତିଶତ ରିହାତି ଏବଂ ଯେଉଁ ଅଞ୍ଚଳରେ ସରକାରୀ ପରିବହନ ଉପଲବ୍ଧ ନାହିଁ କିମ୍ବା ପର୍ଯ୍ୟାପ୍ତ ନୁହେଁ ସେଠାରେ ଛାତ୍ରଛାତ୍ରୀ ଘରୋଇ ବସ୍ କିମ୍ବା ଭ୍ୟାନ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ବୈଧ ଛାତ୍ରଙ୍କ ପରିଚୟ ପତ୍ର ଉପସ୍ଥାପନ ପରେ ଘରୋଇ ପରିବହନ ସେବାରେ ସମସ୍ତ ପ୍ରତିଶତ ଛାତ୍ରଛାତ୍ରୀଙ୍କ ପାଇଁ ୫୦ ପ୍ରତି ବାଧ୍ୟତାମୂଳକ କରାଯାଉ ବୋଲି ଦାବିପତ୍ର ପତ୍ରରେ ଉଲ୍ଲେଖ ରହିଛି ଦାବିପତ୍ର ପ୍ରଦାନ ସମୟରେ ଛାତ୍ର ସଙ୍ଗଠନର ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବୌଦ୍ଧରେ ବିକାଶ ମେଳାର ଉଦ୍‌ଘାଟନ କଲେ ମନ୍ତ୍ରୀ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଗସ୍ତରେ ଆସିଥିବା ମାନ୍ୟବର ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଦୁଇଦିନିଆ ବୌଦ୍ଧ ଗସ୍ତରେ ଆସି ବୌଦ୍ଧ ମର୍ଜାକୁଦ, କୁଲାରିକୁଦ, ନବ ନିର୍ମାଣ ବୌଦ୍ଧ ବସ୍ ଷ୍ଟାଣ୍ଡ, ଆଳତୀ ଘାଟ, ଚନ୍ଦ୍ରଚୂଡ଼ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ ସହିତ ପୁରୁଣା ଦୈନିକ ବଜାର ଏବଂ ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ତଥା ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସକାଳ ୧୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ବାହାନ ରଥର ଶୁଭ ଉଦ୍‌ଘାଟନ ଉତ୍ସବ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୩ ଗୋଟି ବିକାଶ ବାହାନ ରଥର ଶୁଭ ଉଦ୍‌ଘାଟନ କରିଥିଲେ ମାନ୍ୟବର ମନ୍ତ୍ରୀ । ପରେ ପରେ ଟାଉନ ହଲ ଠାରେ ସେମିନାରରେ ଯୋଗ ଦେଇଥିଲେ । ପରେ ପରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୨ ଜୁନ ଠାରୁ ୧୮ ଜୁନ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ କଚେରୀ ପଡିଆ ବୌଦ୍ଧ ଠାରେ ଅନୁଷ୍ଠିତ ହେଉଥିବା ବିକାଶ ମେଳାର ପଲ୍ଲିଶ୍ରୀ ମେଳା ଷ୍ଟଲ ଏବଂ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ଷ୍ଟଲର ଶୁଭ ଉଦ୍‌ଘାଟନ କରିଥିଲେ । ସନ୍ଧ୍ୟାରେ ମାଆ ଭୈରବୀ ଭିନ୍ନକ୍ଷମ ସଂକୀର୍ତନ ଦଳ, କୁମ୍ଭରସିଂଘା ଗୁରୁ ରଞ୍ଜନ ଜଗଦଳା ଓ ସାଥି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ, କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିପଲ କଟା ଉ. ପ୍ରା. ବିଦ୍ୟାଳୟ, ଗନ୍ଧରାଡି କଳା ପରିଷଦ, ଜହ୍ନାପଙ୍କ, କୃଷ୍ଣ ଚନ୍ଦ୍ର ମିଶ୍ର ଓ ସାଥି, ସଂଗୀତାୟନ, ବୌଦ୍ଧ, ନୂପୁରଧ୍ୱନୀ ଡ୍ୟାନ୍ସ ଏକାଡେମୀ, ଜଟଣୀ ପ୍ରମୁଖ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ବଲପୁରୀ, ପାଲା, ଦାସକାଠିଆ, ଭଜନ, ନାଟକ ପରିବେଷଣ କରିଥିଲେ ।

# ଜିଲ୍ଲା ଜଜ୍‌ଙ୍କ ବାସଗୃହ ଓ କୋର୍ଟ ସମ୍ମୁଖ ରାସ୍ତା ବିପଦ ସଂକୁଳ



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ପ୍ରମୁଖ ସହର ଫୁଲବାଣୀ । ଏହି ଜିଲ୍ଲାରେ ଏକ ମାତ୍ର ପୌରପରିଷଦ ଫୁଲବାଣୀ । କିନ୍ତୁ ପୌରପରିଷଦର ମନମୁଖୀ ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟରେ ପ୍ରତି ୱାର୍ଡ ରାସ୍ତା, ନାଳ, ନାଳ ଉପରେ ପଡିଥିବା ସିମେଣ୍ଟ ପ୍ଲେଟ ଗୁଡିକ ବିପଦ ସଂକୁଳ ଅବସ୍ଥାରେ ପଡି ରହିଛି । ହେଲେ ବି ପୌରପରିଷଦ ନିର୍ବାହୀ ଅଧିକାରୀ, ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଓ ସାସଂଦ ଗୁରୁତ୍ୱ, ଠିକାଦାର, ଯନ୍ତ୍ରୀ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେଉନଥିବାର ଦେଖାଯାଉଛି । ତେଣୁ ଅଧିକାଂଶ ସ୍ଥାନର ପିଚୁ ରାସ୍ତା ଗୁଡିକ ମରାମତି କରାଗଲା କିନ୍ତୁ ଦୁଇ ପାର୍ଶ୍ୱରେ ମାଟି ପକାଇ ସମତୁଲ କରାଗଲାନାହିଁ ବର୍ତ୍ତମାନ ସୁଧା ସେମିତି ପଡିରହିଛି । ଫୁଲବାଣୀ ପୌରପରିଷଦର ଅଧୀନରେ ଥିବା ଜିଲ୍ଲା ଜର୍ଜ କୋର୍ଟ ସମୁଖ ପିଚୁ ରାସ୍ତା ଟି ଦୀର୍ଘ ବର୍ଷ ହେଲାଣି ଗାତ ସୃଷ୍ଟି ହେବା ସହିତ ରାସ୍ତାଟି ଜନସାଧରଣଙ୍କ ମରଣ ଯନ୍ତା ପାଲଟି ରହିଛି ହେଲେବି ନିର୍ମାଣ ନ କରି ଅଧିକାଂଶ ଭଲ ରାସ୍ତା ନୂତନ ପିଚୁ ରାସ୍ତା କରାଗଲାଣି । ବରଂ ମୁଖ୍ୟ କୋର୍ଟର ପିଚୁ ରାସ୍ତାକୁ ନିର୍ମାଣ ନ କରି ଜାଣି ଶୁଣି ଛାଡ଼ିଦେଇଛନ୍ତି । ନିର୍ବାହୀ ଅଧିକାରୀ, ଯନ୍ତ୍ରୀଙ୍କୁ ପଚାରିଲେ କହୁଛନ୍ତି ଏହି ରାସ୍ତା ପୂର୍ତ୍ତି ବିଭାଗ ଆମେ କେମିତି କରିବୁ ବୋଲି ପ୍ରକାଶ କରୁଛନ୍ତି । ବର୍ତ୍ତମାନ ତୁ ତୁ ମେ ମେରେ ଚାଲିଛି ଏହି କାର୍ଯ୍ୟଳୟ । ଏହା ଦ୍ୱାରା ହଜାର ହଜାର ଜନସାଧରଣ ହଇରାଣ ହେବା ସହିତ ରାସ୍ତାରେ ଯିବା ଆସିବା ପାଇଁ ଭୟ କରୁଛନ୍ତି । ଜିଲ୍ଲା ପ୍ରଶାସନ, ବିଧାୟକ, ସାଂସଦ ଓ ପୌରପରିଷଦ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି ହେଉଛି । ଏହାସହିତ ବିଭିନ୍ନ ୱାର୍ଡର ନାଳ, ନାଳ ଉପରେ ପଡିଥିବା ନିମ୍ନ ମାନର ସିମେଣ୍ଟ ପ୍ଲେଟ, ଫାଇବର ପ୍ଲେଟ ପଡିଥିବା ରାସ୍ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥିବା ଠିକାଦାର ଉପରେ ଦୃଢ଼ ପଦକ୍ଷେପ ନେଲେ ଆଗାମୀ ଦିନରେ ଠିକ ଭାବରେ କାର୍ଯ୍ୟ କରିବେ । ଫୁଲବାଣୀ ପୌରପରିଷଦ ଅଞ୍ଚଳରେ ବିଜେପି ସରକାରଙ୍କ ଉନ୍ନତି ହୋଇପାରିବ ।

# ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ବେଳେ ୩ମହିଳା ଗିରଫ



କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ରେଲୱେ ଷ୍ଟେସନ ଠାରେ ତିନି ମହିଳା ଦିଲ୍ଲୀ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ଧରାପଡିଛନ୍ତି । କୋରାପୁଟ ରେଲୱେ ପୋଲିସ ଗଞ୍ଜେଇ ଜବତ କରିବା ସହ ତିନି ମହିଳାଙ୍କୁ ଗିରଫ କରିଛି । ଜୟପୁରରୁ ରେଳ ଯୋଗେ ବିଶାଖାପଟଣା ଯିବାବେଳେ କୋରାପୁଟ ଷ୍ଟେସନରେ ତିନି ମହିଳା ଧରାପଡିଥିଲେ । କିରଣ୍ଡୁଲ ବିଶାଖାପଟଣା ଟ୍ରେନରେ ଆରପିଏଫ ଓ ଜିଆର୍‌ପି ପୋଲିସର ଯାଂଚ ସମୟରେ ୩ଜଣ ଯୁବତୀଙ୍କ ବ୍ୟାଗରୁ ପ୍ରାୟ ୧୦କେଜି ଲେଖାଏଁ ପ୍ୟାକେଟ ଥିବା ଗଞ୍ଜେଇ ଜବତ କରିଥିଲେ । ଏଥିସହ ୩ଜଣଙ୍କୁ ଗିରଫ କରିଥିଲେ । ଗିରଫ ୩ଜଣ ଯୁବତୀ ଦିଲ୍ଲୀ ଅଚଂଳର ମୋନିକା, ଶର୍ମିଳା ଓ ରାଧିକା ବୋଲି ଜଣାପଡିଛି । ସମସ୍ତେ ବିବାହିତ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ପୋଲିସ ପ୍ରାଥମିକ ତଦନ୍ତ ବେଳେ ଗିରଫ ୩ଜଣ ଯୁବତୀ ଜୟପୁରରୁ ଗଞ୍ଜେଇ ଆଣି ବିଶାଖାପାଟଣାରୁ ଅନ୍ୟ ଏକ ଟ୍ରେନ ଯୋଗେ ଦିଲ୍ଲୀକୁ ଯାଇଥାନ୍ତେ । ଏମାନେ ଦିଲ୍ଲୀରେ ଗଞ୍ଜେଇକୁ ଖୋଲାରେ ବିକ୍ରି କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ଗିରଫ ୩ଜଣ ଯୁବତୀ ପୂର୍ବରୁ କୌଣସି ମାମଲାରେ ଜଡିତ ଅଛନ୍ତି ନା ପ୍ରଥମ ଥର ପାଇଁ ଗଞ୍ଜେଇ ଚାଲାଣ କରୁଥିଲେ ପୋଲିସ ତଦନ୍ତ ପରେ ଜଣାପଡିବ । ଏମାନେ କେଉଁ ସ୍ଥାନରୁ ଗଞ୍ଜେଇ ଆଣିଥିଲେ ଏବଂ ସେମାନଙ୍କ ପଛରେ କାହାର ହାତ ରହିଛି ତାହା ତଦନ୍ତ ପରେ ଜଣାପଡିବ ବୋଲି କୋରାପୁଟ ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ କହିଛନ୍ତି ।

# ବ୍ରହ୍ମପୁର ମହାନଗର ନିଗମରେ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଅଭିଯୋଗ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଦୁର୍ନିତୀ, ଅପାରଗତା, ଉତ୍ତରଦାୟିତ୍ୱ, ଦକ୍ଷ ନେତୃତ୍ୱ ଓ ଉପଯୁକ୍ତ କର୍ମଚାରୀଙ୍କ ଅଭାବ ଭଳି ପ୍ରସଙ୍ଗ, ସମସ୍ୟା ବ୍ରହ୍ମପୁର ମହାନଗର ନିଗମର ପିଛା ଛାଡୁନି । ସେହିପରି ଆବଶ୍ୟକୀୟ ବୃହତ ଭିତ୍ତିଭୂମି ଜନିତ ତଥା ସାମାଜିକ ସଲଂଗ୍ନ ବସ୍ତୁନିଷ୍ଠ ଅଭିନବ ପ୍ରକଳ୍ପ ହାତେଇବା, ଅଧିଗ୍ରହଣ କରିବା ତଥା କାର୍ଯ୍ୟକାରି କରିବାରେ ବ୍ରହ୍ମପୁର ମହାନଗରନିଗମ ସବୁଠାରୁ ପଛରେ । ତାର କାରଣ ହେଲା ଅଧୁନା ସଂପ୍ରତି ୪୨ ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ସମସ୍ତ ପ୍ରକଳ୍ପ ଯଥା ରାସ୍ତା ଘାଟ ଠାରୁ ଆରମ୍ଭ କରି ଡ୍ରେନ, ବନ୍ଧ, ମାର୍କେଟ ଗୃହ, ଭେଣ୍ଡିଂ ଜୋନ ତଥା ବିଭିନ୍ନ ପ୍ରକାର ବିଲ୍ଡିଂ ନିର୍ମାଣ ଭଳି ଯାବତୀୟ ଯୋଜନାର ପରିକଳ୍ପନା ତଥା ଡିପିଆର ପ୍ରସ୍ତୁତି ଓ ବ୍ୟୟ ଅଟକଳ ପରିମାଣ ସ୍ଥିର ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ କାମ ନିଗମରେ ଅବସ୍ଥାପିତ ଜଣେ ମାତ୍ର ଆର୍କିଟେକ୍‌ଙ୍କ ହାତରେ ନ୍ୟସ୍ତ । ଫଳରେ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ହେଉ କିମ୍ବା ଅନ୍ୟ ଯେ କୌଣସି କାରଣରୁ ହେଉ ସଂପୃକ୍ତ ଆର୍କିଟେକ୍ ବିଏମ୍‌ସି ଦ୍ୱାରା କାର୍ଯ୍ୟକାରି ହେବାକୁ ଥିବା ପ୍ରକଳ୍ପର ଡିପିଆର୍ ଓ ବ୍ୟୟ ଅଟକଳ ପ୍ରସ୍ତୁତି କରିବାରେ ଅହେତୁକ ବିଳମ୍ବ କରୁଥିବାର ଅଭିଯୋଗ ହୁଏ । ଏତଦ୍ ବ୍ୟତୀତ ଅତ୍ୟଧିକ ଚାପ ଓ କାର୍ଯ୍ୟଭାର ଯୋଗୁଁ ଡିପିଆର୍ ପ୍ରସ୍ତୁତିରେ ଅନେକ ସମୟରେ ବହୁତ ତ୍ରୁଟି ଓ ଭୁଲ୍ ଭଟକା ରହିଥାଏ । ସେହିଭଳି ଡିପିଆର୍ ଓ ସେଥି ନିମନ୍ତେ ଉଦ୍ଦିଷ୍ଟ ବ୍ୟୟ ଅଟକଳ ମଧ୍ୟରେ ମାତ୍ରାଧିକ ତାରତମ୍ୟ ରହୁଥିବାରୁ ଉପର ଅଧିକାରୀ ସ୍ତରରେ ଏହି ତ୍ରୁଟି ଓ ଛିଦ୍ରକୁ ଧରାଯାଇ ଆପତ୍ତି ଉଠାଯାଏ । ଫଳରେ ପୁଣି ଥରେ ତ୍ରୁଟି ଶୂନ୍ୟ ଭାବରେ ପ୍ରକଳ୍ପ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଏ । ଏଭଳି ଚକ୍ରବ୍ୟୁହ ଓ ସାଇକେଲ ମଧ୍ୟରେ ପ୍ରକଳ୍ପଟି ଗତି କରି ଅଯଥା ସମୟ ଅପଚୟ ସହ ଅହେତୁକ ଭାବରେ ପ୍ରକଳ୍ପର ବ୍ୟୟ ଅଟକଳରେ ବୃଦ୍ଧି ଘଟିଥାଏ । ବେଳେ ବେଳେ ଯେଉଁ ଉଦ୍ଦେଶ୍ୟ ନେଇ ଉକ୍ତ ଯୋଜନା ହାତକୁ ନିଆଯାଇ ଥାଏ ତାହା ଅନାବଶ୍ୟକ, ଅବାଞ୍ଛିତ ଓ ଅପାଙ୍କ୍ତେୟ ହୋଇ ପଡ଼ିଥାଏ । ଗୋଟେ ଗଣତାନ୍ତ୍ରିକ ଓ ଜନ କଲ୍ୟାଣ ରାଷ୍ଟ୍ରରେ ଯୋଜନା ଓ ପ୍ରକଳ୍ପ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତାରେ ଅନାବଶ୍ୟକ ବିଳମ୍ବ ଆଦୌ ବାଞ୍ଛିତ ଓ ଗ୍ରହଣୀୟ ନୁହେଁ । ଏଠାରେ ସୂଚନାଯୋଗ୍ୟ ଯେ ମହାନଗର ନିଗମର ଭୌଗୋଳିକ ପରିସୀମା ଏବଂ ପ୍ରକଳ୍ପ କାର୍ଯ୍ୟକାରିତାର ହାରକୁ ବିଚାରକୁ ନେଲେ ଆଇଡିୟାଲି ଏଠାରେ ତିନିରୁ ଚାରି ଜଣ ବିଶେଷ ସୂକ୍ଷ୍ମ ଗୁଣ ଓ ପାଠ୍ୟକ୍ରମ ଆଧାରିତ ବୃତ୍ତିଗତ ଧାରୀ ଆର୍କିଟେକ୍ ନିଯୁକ୍ତ ପାଇବା କଥା । କିନ୍ତୁ ସବୁ କାମ ନିମନ୍ତେ ଜଣେ ଆର୍କିଟେକ୍ ଉପରେ ନିର୍ଭରଶୀଳ ରହିବା ଦ୍ୱାରା କୌଣସି ପ୍ରକଳ୍ପ ଠିକ୍ ସମୟରେ କାର୍ଯ୍ୟକାରି ଓ ସମ୍ପାଦନ ହୋଇ ପାରୁନାହିଁ । ସେହିପରି ବାରମ୍ବାର ବ୍ୟୟବରାଦ ବଢିବା ଦ୍ୱାରା ଏହା ସାଧୁତା ଓ ପାରଦର୍ଶିତା ଉପରେ ପ୍ରଭାବ ପକାଏ । ସବୁ ମହାନଗର ନିଗମରେ ତିନି ଚାରୋଟି ଆର୍କିଟେକ୍ ନିଯୁକ୍ତିରତ ଥିବା ବେଳେ କେବଳ ବ୍ରହ୍ମପୁର ମହାନଗର ନିଗମକୁ କିଭଳି ଜଣେ ମାତ୍ର ଆର୍କିଟେକ୍ଟଙ୍କ ହାତରେ ଛାଡ଼ି ଦିଆଯାଇଛି ତାହା ବିସ୍ମୟକର ଓ ଚିନ୍ତାଜନକ । ଏଭଳି ପରିସ୍ଥିତିରେ ବିଏମସିର କାର୍ଯ୍ୟଦକ୍ଷତା ରେ ହ୍ରାସ ଘଟୁଥିବାରୁ ଏ ନେଇ ଜନ ସାଧାରଣ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାର ପରିଲକ୍ଷିତ ହେଉଛି । ଆଗକୁ ସହର ତଳି ଅଞ୍ଚଳ ସାମିଲ ହୋଇ ବ୍ରହ୍ମପୁର ମହାନଗର ନିଗମ ଏକ ପୂର୍ଣ୍ଣାଙ୍ଗ ଓ ବୃହତ୍ତର ମହାନଗର ନିଗମରେ ପରିଣତ ହେବାକୁ ଯାଉଥିବାରୁ ତୁରନ୍ତ ସରକାର ଏଠାରେ ଆବଶ୍ୟକତା ଅନୁଯାୟୀ ଆର୍କିଟେକ୍ଟ ନିଯୁକ୍ତି ନେଇ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାର ମନ୍ତ୍ରୀ, ସାଂସଦ, ବିଧାୟକ , ମେୟର ଓ ସରକାର ଯତ୍ନବାନ ହେବାକୁ ଏବଂ ସର୍ବ ପ୍ରାଚୀନ ବ୍ରହ୍ମପୁର ମହାନଗର ନିଗମକୁ କ୍ରିୟାଶୀଳ ଓ ଗତିଶୀଳ କରିବା ନିମନ୍ତେ ପଦକ୍ଷେପ ନେବାକୁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବୀ କରିଛନ୍ତି ।


# ଆର୍‌ଟିଓ ଅଫିସ ଘେରିଲା ଛାତ୍ର କଂଗ୍ରେସ

## ସରକାରୀ ବସ୍‌ରେ ମାଗଣା ଯାତ୍ରା ପାଇଁ ଦାବି



କୋରାପୁଟ, (ଭାସ୍କର ନ୍ୟୁଜ) ସରକାରୀ ବସ୍‌ରେ ମାଗଣା ଓ ଘରୋଇ ବସ୍‌ରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ଦାବିରେ ଆରଟିଓ ଅଫିସ ଘେରାଉ କରିଛି କୋରାପୁଟ ଛାତ୍ର କଂଗ୍ରେସ । ରାଜ୍ୟସାରା ସରକାରୀ ପରିଚାଳିତ ବସ୍ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ତୁରନ୍ତ ଯୋଗାଇ ଦେବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଥିଲା । ବିଶେଷ କରି ଗ୍ରାମାଚଂଳ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ଅନେକ ଛାତ୍ରଛାତ୍ରୀ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଯାତାୟାତ କରିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ଗାଡି ଉପଲବ୍ଧ ନଥିବା କିମ୍ବା ପର୍ଯ୍ୟପ୍ତ ନଥିବା କିମ୍ବା ପର୍ଯ୍ୟାପ୍ତ ନଥିବା ଅଞ୍ଚଳର ଛାତ୍ରଛାତ୍ରୀମାନେ ଘରୋଇ ବସ୍ କିମ୍ବା ଭ୍ୟାନରେ ଯାତାୟାତ କରୁଛନ୍ତି । ତେଣୁ ବୈଧ ଛାତ୍ର ପରିଚୟପତ୍ର ଉପସ୍ଥାପନ କରିବା ପରେ ଘରୋଇ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ଭଡା ରିହାତିକୁ ବାଧ୍ୟତାମୂଳକ କରିବାକୁ ଦାବି ହୋଇଛି । ପରିବହନ ପ୍ରତିବନ୍ଧକ ଯୋଗୁଁ ଅନେକ ଛାତ୍ରଛାତ୍ରୀ ପାଠ ପଢାରେ ଡୋରି ବନ୍ଧୁଛନ୍ତି । ତେଣୁ ଛାତ୍ରମାନଙ୍କ କଲ୍ୟାଣ ପ୍ରତି ସରକାର ଦୃଷ୍ଟି ଦେଇ ଦାବି ପୂରଣ କରିବାକୁ ଦାବି କରାଯାଇଛି । ଆରଟିଓ ଅଫିସ ଘେରାଉ ସମୟରେ ପିସିସି ସମ୍ପାଦକ ରୁପକ ତୁରୁକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଣୟ ଶର୍ମା, ଭଗବାନ ବାହିନୀପତି, ଜୟନ୍ତ କଟିମ, ବିଜି ରୟଙ୍କ ସମେତ ଛାତ୍ର କଂଗ୍ରେସର ବହୁ ଛାତ୍ର ଯୋଗଦେଇଥିଲେ ।

# ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପର ଭାଇଜର ତାଲିମ ପାଇଁ ୯ ମନୋନୀତ



ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନର ସୁପାରିଶ କ୍ରମେ ସିଇଓ, ଓଡିଶା, ନୂଆଦିଲ୍ଲୀର ଆଇଆଇଆଇଡିଇଏମ୍ ଠାରେ ତାଲିମ ନିମନ୍ତେ ଓଡିଶାର ବିଭିନ୍ନ ୫୦ଟି ନିର୍ବାଚନ ମଣ୍ଡଳୀରୁ ୫୦ ଜଣ ବୁଥ ସ୍ତରୀୟ ଅଧିକାରୀ/ ବୁଥସ୍ତରୀୟ ସୁପରଭାଇଜରଙ୍କୁ ପ୍ରଥମ ବ୍ୟାଚରେ ମନୋନୀତ କରିଛନ୍ତି । ଏହି କ୍ରମରେ ମୟୁରଭଞ୍ଜ ଜିଲ୍ଲାରୁ ସମୁଦାୟ ୯ ଜଣ ଅଧିକାରୀ ଉକ୍ତ ତାଲିମ ପାଇଁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ବୁଥ ସୁପରଭାଇଜର ବୀରେନ୍ଦ୍ର କୁମାର ବାରିକ (ଯଶିପୁର ଏସି), ରସାନନ୍ଦ ବେହେରା (ସାରସକଣା ଏସି), ନିରଞ୍ଜନ ଗୋପ (ରାଇରଙ୍ଗପୁର ଏସି), ବିଶ୍ୱଜିତ ମହାନ୍ତି(ବାଙ୍ଗିରିପୋଷୀ ଏସି), ରଜତ କୁମାର ମହାପାତ୍ର (ଉଦଳା ଏସି), ସନ୍ତୋଷ କୁମାର ବେହେରା (ବଡ଼ସାହି ଏସି), ସିଦ୍ଧେଶ୍ୱର ମିଶ୍ର (ବାରିପଦା ଏସି), ପ୍ରସନ୍ନ କୁମାର ମହାନ୍ତ (ମୋରଡା ଏସି) ଓ ବୁଥ ସ୍ତରୀୟ ଅଧିକାରୀ ମହମ୍ମଦ ଇମାଦ ହସେନ (କରଞ୍ଜିଆ ଏସି ) । ପ୍ରଥମ ବ୍ୟାଚ ତାଲିମ ପାଇଁ ମନୋନୀତ ହୋଇଥିବା ଜିଲ୍ଲାର ଏହି ୯ ଜଣ ଅଧିକାରୀମାନେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ବ୍ଲକ ଅନ୍ତର୍ଗତ ମହୁଲପାଳ-କଣପାଳ ପଞ୍ଚାୟତର ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ମୀରାବାଇ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ରଜ ମହକ ଅନୁଷ୍ଠିତ ହୋଇଯାଇଛି । କଳା ବିକାଶ କେନ୍ଦ୍ର ସମ୍ପାଦକ ଭଗବାନ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଦୌରା ଜଜ୍ ଭିକାରୀ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଭୁବନ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର। ମୀରାବାଇ କଳା ବିକାଶ କେନ୍ଦ୍ର ଜରିଆରେ ଅନେକ କଳାକାର ତିଆରି କରି ଭୁବନକୁ ଗୌରବାନ୍ୱିତ କରିଥିବାରୁ ସମ୍ପାଦକ ଭଗବାନ ଗୁରୁଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ମହୁଲପାଳ ସରପଞ୍ଚ ଲିପ୍ସା ରାଉତ, ଚିତ୍ରଶିଳ୍ପୀ ନାରାୟଣ ସାହୁ ଯୋଗଦେଇଥିଲେ। କବି ସୁରେନ୍ଦ୍ର କୁମାର ପୃଷ୍ଟି, କବୟତ୍ରୀ ଉପମା ସାମଲଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କବି ପ୍ରଶାନ୍ତ ଦ୍ୱିବେଦୀ, ହରିହର ସାହୁ, ବିଳାସିନୀ ମିଶ୍ର, ପ୍ରଜ୍ଞା ସାହୁ, ବିଳାସିନୀ ପୃଷ୍ଟି ପ୍ରମୁଖ ବହୁ କବି ସ୍ୱରଚିତ କବିତା ପାଠୋତ୍ସବ କରି ରଜକୁ ସ୍ୱାଗତ କରିଥିଲେ। ଏହି ଅବସରରେ କଳା ବିକାଶ କେନ୍ଦ୍ର କଳାକାରଙ୍କ ଦ୍ୱାରା ସହିଦ ବୀର ବାଜି ରାଉତ ଗୀତିନାଟ୍ୟ ପରିବେଷଣ ହୋଇଥିଲା। କୁନି କଳାକାର ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଶାନ୍ତନୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



# ଦକ୍ଷିଣ ଓଡ଼ିଶାର ଭିତ୍ତିଭୂମି ବିକାଶ ପାଇଁ ଦାବି



ଆସିକା (ଭାସ୍କର ନ୍ୟୁଜ୍) : ଦକ୍ଷିଣ ଓଡ଼ିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜପଥ ପ୍ରଶସ୍ତିକରଣ, ରେଳପଥ ନିର୍ମାଣ, ନଦୀର ଜଳକୁ ସଂଯୋଗୀକରଣ, ଶିକ୍ଷା ଅନୁଷ୍ଠାନର ପୁନଃଉଦ୍ଧାର ସମେତ ଅନେକ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଜିଲ୍ଲାର ଏଡିଏମ ପ୍ରମୋଦ ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ଦାବିପତ୍ରରେ ଦକ୍ଷିଣ ଓଡ଼ିଶାର ବିକାଶ ନିମନ୍ତେ ବ୍ରହ୍ମପୁର ଅଞ୍ଚଳର ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଆସିକା ଭଳି ଏକ ଦକ୍ଷିଣ ଓଡିଶାର ଅନ୍ୟ ଏକ ପ୍ରାଣକେନ୍ଦ୍ରର ଭିତ୍ତିଭୂମିର ବିକାଶ ଉପରେ ଉକ୍ତ ଦାବିପତ୍ରରେ ନଥିବାରୁ ଅନେକ ବୁଦ୍ଧିଜୀବୀ ଏହାକୁ ନାପସନ୍ଦ କରିଛନ୍ତି। ଦକ୍ଷିଣ ଓଡ଼ିଶାର ବିକାଶରେ ଆସିକା ଅବହେଳିତ ହେଉଥିବା ନେଇ ଅନେକ ନେତା ମତ ରଖିଥିଲେ। ଆସିକା ଏକ ସଂସଦୀୟ କ୍ଷେତ୍ର ହୋଇ ରହିଛି। ସମବାୟ ନଗରୀ ରୂପେ ପରିଚିତ ଥିବା ଆସିକା ସହରରୁ ବୁଡି ଯାଉଥିବା ସମବାୟ ଅନୁଷ୍ଠାନକୁ ଜୀବିତ ରଖିବା, ଋଷିକୂଲ୍ୟାର ଜଳକୁ ବିଭିନ୍ନ କମ୍ପାନୀକୁ ନଦେଇ ଚେକ ଡ୍ୟାମ୍ କରି ଭବିଷ୍ୟତ ପାଇଁ ଚାଷ ଓ ପାନୀୟ ଜଳ ପାଇଁ ସଂରକ୍ଷଣ କରିବା, ସର୍ବ ପୁରାତନ ସୂତାକଳକୁ ଚାଲୁ କରାଗଲେ ଅନେକ ବେକାରୀ ରୋଜଗାର ପାଇବାର ସୁବିଧା, କୃଷି ଭିତ୍ତିକ ଆସିକା ଅଞ୍ଚଳରେ ଶୀତଳ ଭଣ୍ଡାର, କୃଷି ଓ ବୈଷୟିକ ବିଦ୍ୟାଳୟ ପ୍ରତିଷ୍ଠା, ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ତାଲିମ ଅନୁଷ୍ଠାନ, ସରକାରୀ ଆଇଆଇଟି ଖୋଲିବା, ଆସିକାରୁ ବିମାନ ଚଳାଚଳ ପ୍ରସ୍ତାବ, ଆସିକାର ଦୁଇ ପଟେ ପ୍ରବାହିତ ଋଷିକୂଲ୍ୟା ଓ ବଡ଼ ନଦୀରେ ବ୍ୟାରେଜ ନିର୍ମାଣ, ବନ୍ୟା ମୁକୁଳିବା ପାଇଁ ଜଳ ନିଷ୍କାସନ, ନୂତନ ସେତୁ ନିର୍ମାଣ ପ୍ରସ୍ତାବ ଭଳି ବିକାଶ ମୂଳକ ପ୍ରସଙ୍ଗ ସ୍ଥାନ ନଥିବାରୁ ଅନେକ ଜ୍ଞାନୀ, ଗୁଣି, ବୁଦ୍ଧିଜୀବୀଙ୍କ ମନରେ ଆଶଙ୍କା ଆସିଯାଇଛି। ଦକ୍ଷିଣ ଓଡିଶାର ବିକାଶ ମାନେ କ'ଣ ଆସିକା ଅବହେଳିତ ହୋଇ କେବଳ ବ୍ରହ୍ମପୁରର ଉନ୍ନତି ହେବା ଜରୁରି। ଏହି ଅବସରରେ ଗୋପାଳପୁର-ସମ୍ବଲପୁର (ରେଢ଼ାଖୋଲ) ରେଳପଥ ନିର୍ମାଣ ଦାବିରେ ସଚେତନତା ରଥ ପରିକ୍ରମା ଓ ଅବହେଳିତ ଦକ୍ଷିଣ ଓଡିଶାର ବିକାଶର ବାର୍ତ୍ତା ହିଞ୍ଜିଳି ଠାରୁ ଆରମ୍ଭ କରି, ଆସିକା, ଭଞ୍ଜନଗର, ଫୁଲବାଣୀ ପର୍ଯ୍ୟନ୍ତ ଏବଂ ଗ୍ରାମ ପଞ୍ଚାୟତ, ସଦର ମହକୁମା, ସହର ତଥା ଜିଲ୍ଲା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ପ୍ରଚାର କରି ପ୍ରଶାସନ ଏବଂ ଶାସନ କଳରେ ବିକାଶର ଦାବି ପହଞ୍ଚାଇବା ଅଭିପ୍ରାୟରେ ଏହି ଯାତ୍ରା ଆରମ୍ଭ କରାଯାଇଛି ବୋଲି ଅନେକ ମତ ରଖିଥିଲେ। ଏହି ରଥ ହିଞ୍ଜିଳି, ଆସିକା, ଭଞ୍ଜନଗର ଓ ଫୁଲବାଣି ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟନାୟକ, ଡ଼. ବାଳକୃଷ୍ଣ ପଣ୍ଡା , ବିନୋଦ ଠାକୁର, ରାଜେନ୍ଦ୍ର ପଣ୍ଡା, ପ୍ରିତିଶ କୁମାର ପାଣିଗ୍ରାହୀ, ପ୍ରବୀଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଅମ୍ବିକା ପଣ୍ଡା, ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ବିଦେଶୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଅନିମା ପରିଡା, ବହୁମୁଖୀ ସମବାୟ ସମିତିର ସଭାପତି କାର୍ତ୍ତିକେଶ୍ୱର ପରିଡା, ପୂର୍ବତନ ଆସିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅନିଲ ନାହାକ, ପୂର୍ବତନ ସରପଞ୍ଚ ଭାଗବାନ ପ୍ରଧାନଙ୍କ ସମେତ ଇନ୍ଦିରା ମଣି ପଟ୍ଟନାୟକ, ମାନସ ରଞ୍ଜନ ପାତ୍ର, ସୁଜିତ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ବେହେରା, ଦୀପକ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାଡ଼ିରୁ ଆମ୍ବ ପଣସ ଖାଇ ଦନ୍ତା ଭାଙ୍ଗିଦେଲା ଘର

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଗଣ୍ଡତଇଳା ହରିଜନ ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ଉପଦ୍ରବ କରିଥିବା ଜଣାପଡିଛି। ଦନ୍ତା ସାହି ନିକଟରେ ରହିଥିବା ବାରବାଙ୍କ ଜଙ୍ଗଲରେ ଦିନ ସାରା ଆଶ୍ରୟ ନେଇ ସନ୍ଧ୍ୟା ହେଲେ ଏ ଗାଁରୁ ସେ ଗାଁରେ ପଶି କ୍ଷୟକ୍ଷତି ଘଟାଉଛି । ଗୁରୁବାର ବିଳମ୍ବିତ ରାତିରେ ସାହିର ନିରଞ୍ଜନ ନାଏକ ଓ ଗୀତାଞ୍ଜଳି ନାଏକଙ୍କ ବାଡ଼ିରେ ପ୍ରଥମେ ପଶି ଆମ୍ବ ପଣସ ଖାଇ ଘର ମୁହାଁ ହୋଇଥିଲା। କବାଟ ନଥିବା ଝାଟିମାଟି ଆଜବେଷ୍ଟ ଛପର ଘରେ ପରିବାର ଲୋକେ ଶୋଇଥିବା ବେଳେ ବାହାର ପଟୁ ଗର୍ଜନ କରି କାନ୍ଥ ଭାଙ୍ଗିବା ଆରମ୍ଭ କରିଥିଲା। ପାଖ ପଡୋଶୀ ଲୋକମାନେ ଦନ୍ତାକୁ ଦେଖି ପାଟିତୁଣ୍ଡ କରିବାରୁ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲା। ସାହିର ଲୋକମାନେ ଭୟରେ ରାତିସାରା ଉଜାଗର ରହି ବନ ବିଭାଗକୁ ଜଣାଇ ଥିଲେ । ବନ ବିଭାଗ ସେଠାରେ ପହଞ୍ଚି ଦନ୍ତାର ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି।

# 'ବିକାଶ ମେଳା' ଉଦ୍‌ଘାଟିତ




ଜଗତସିଂହପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ପରିସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ସ୍ୱାସ୍ଥ୍ୟ ବିଭାଗ, ଶ୍ରମ ବିଭାଗ ଏବଂ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଥିଲା। ସଭାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ସରକାରଙ୍କ ଏକ ବର୍ଷର ବିକାଶ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, କ୍ରୀଡା, କୃଷି ଆଦି ସମସ୍ତ କ୍ଷେତ୍ରରେ ସରକାରଙ୍କ ଅଭୂତପୂର୍ବ ସଫଳତା ବିଷୟରେ ଆଲୋଚନା କରିଥିଲେ। ପରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ରଶ୍ମୀ ରଞ୍ଜନ ପଟ୍ଟନାୟକ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରମ ବିଭାଗ ପକ୍ଷରୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ- ବାବାଆନନ୍ଦ ରଂଜନ ଦାସ,ଜିଲ୍ଲା ଶ୍ରମ ଅଧିକାରୀ ପ୍ରବର୍ତ୍ତନ ଶିବ ନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ସ୍ମୃତିରେଖା ନାୟକ ଓ ସହ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମା ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଆଲୋଚନା କରିଥିଲେ। କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ କ୍ରୀଡାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ଏହାପରେ ଶ୍ରମ ବିଭାଗର ୬ଜଣ ହିତାଧିକାରୀଙ୍କୁ ବିବାହ ସହାୟତା ଭାବେ ୫୦ହଜାର ଲେଖାଏଁ, ୨ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ନିମନ୍ତେ ୪୦ ହଜାର ଓ ଜଣଙ୍କୁ ୪୮ହଜାର ଟଙ୍କା, ମୃତ୍ୟୁଜନିତ ସହାୟତା ପାଇଁ ୩,୦୫,୦୦୦ ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ୫ ଜଣଙ୍କୁ ଶ୍ରମ କାର୍ଡ ଦିଆ ଯାଇଥିଲା। କ୍ରୀଡା ବିଭାଗର ଆନ୍ତର୍ଜାତୀୟ ଖୋ ଖୋ ଖେଳାଳୀ ସସ୍ମିତା ନାଥ ଶର୍ମା ଓ ପାରା ଅଲମ୍ପିକ୍ସ ଖେଳାଳୀ ପ୍ରଫୁଲ୍ଲ କୁମାର ଖଣ୍ଡାୟତ୍ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଯାନ୍ତ୍ରିକ ତ୍ରୁଟି, ଚିଲିକାରେ ଅଟକିଲା ଯାତ୍ରୀବାହୀ ଡ଼ଙ୍ଗା



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡା ଠାରୁ ଜହ୍ନିକୁଦା ଅଭିମୁଖେ ଆସୁଥିବା ଯାତ୍ରିବାହୀ ଡ଼ଙ୍ଗା ଚିଲିକା ମଝିରେ ଯାତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘ ସମୟ ଅଟକି ରହିଛି। ଅପରାହ୍ନ ୪.୪୫ମିନିଟ ସମୟରେ ସାତପଡ଼ା ଠାରୁ ୩୦ଟି ମୋଟର ସାଇକେଲ ଓ ୪୦ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା ବେଳେ ଡ଼ଙ୍ଗାଟି ଅଟକି ଥିବାରୁ ଅନ୍ୟ ଏକ ଡ଼ଙ୍ଗା ଦ୍ୱାରା ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ କୌଣସି ଯାତ୍ରୀଙ୍କର କିଛି ଅସୁବିଧା ହୋଇନଥିବା ସୂଚନା ମିଳିଛି। ଚିଲିକାରେ ଏପରି ଘଟଣା ବାରମ୍ବାର ଘଟୁଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏନ୍‌ଟିପିସି କଣିହାଁ ପକ୍ଷରୁ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା



କଣିହାଁ (ଭାସ୍କର ନ୍ୟୁଜ) : ଅନୁଗୁଳ ଜିଲ୍ଲା ଏନଟିପିସି, କଣିହାଁ ପ୍ରକଳ୍ପ ପକ୍ଷରୁ ଚାଲିଥିବା ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଗତ ମେ' ୧୩ ଠାରୁ ଜୁନ ୧୦ ପର୍ଯ୍ୟନ୍ତ ଏହି ବାଳିକା ମିଶନ କର୍ମଶାଳାରେ ୧୦-୧୨ ବୟସର ଯୁବତୀ ମାନେ ସାମିଲ ହୋଇଥିଲେ। ଯୁବତୀମାନଙ୍କର ଆତ୍ମବିଶ୍ୱାସ ନିର୍ମାଣ, ନେତୃତ୍ୱ ବିକାଶ ଏବଂ ଜୀବନ କୌଶଳ ତାଲିମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏନଟିପିସି ପ୍ରକଳ୍ପ ସିଏସ୍‌ଆର ଜରିଆରେ ଏହି ବାଳିକା କର୍ମଶାଳା ଅନ୍ତର୍ଭୁକ୍ତ। ଉଦଯାପନୀ ଅବସରରେ ଏନଟିପିସି, କଣିହାଁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏନ. ରେଡ୍ଡୀ ମୁଖ୍ୟଅତିଥି, ଏବଂ ତନଭି ସଙ୍ଗମର ଅଧ୍ୟକ୍ଷ କରିବେଦ ଶ୍ରୀବାନୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଏନଟିପିସି ମହାପ୍ରବନ୍ଧକ ସତ୍ୟ ରାମ କୃଷ୍ଣ, ଏନଟିପିସି ରକ୍ଷଣାବେକ୍ଷଣ ମହାପ୍ରବନ୍ଧକ ଏସ୍.ଏସ୍. ରାଓ, ଏନଟିପିସି ମାନବସମ୍ବଳ ବିଭଗ ମୁଖ୍ୟ ତଥା ଅତିରିକ୍ତ ମହାପ୍ରବନ୍ଧକ ନବନୀତ କୁମାର, ଶ୍ରମିକ ସଂଗଠନ କର୍ମକର୍ତ୍ତା, ଆସୋସିଏସନ ପ୍ରତିନିଧି, ତନଭି ସଙ୍ଗମର ସଦସ୍ୟ/ସଦସ୍ୟା, ସ୍ଥାନୀୟ ସରକାରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ, ଅଂଶଗ୍ରହଣ କାରୀଙ୍କ ଅଭିଭାବକମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏନ୍‌ଟିପିସି ମାନବ ସମ୍ବଳ ମୁଖ୍ୟ ନବନୀତ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ମନମୁଗ୍ଧକର ଭିଡିଓ ପ୍ରଦର୍ଶିତ ହୋଇଥିଲା ଯାହା ବାଳିକା ଅଂଶଗ୍ରହଣକାରୀଙ୍କ ପ୍ରାରମ୍ଭିକ ପର୍ଯ୍ୟାୟରୁ ଅନ୍ତିମ ଫଳାଫଳ ପର୍ଯ୍ୟନ୍ତ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯାଇଥିଲା, ଯାହା କି ପରିଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଅଭିବୃଦ୍ଧି ଉପରେ ଚିହ୍ନଟ ହୋଇପାରିଥିଲା। ସେହିପରି ବାଳିକା ମିଶନ କର୍ମଶାଳା ଉଦ୍‌ଯାପନୀ ସମାରୋହରେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସୃଜନଶୀଳ ପ୍ରଦର୍ଶିତ ହେବା ସହିତ ବାଳିକା ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶିତ କରିଥିଲା। ସେହିପରି ସ୍ୱାଗତ ନୃତ୍ୟ, ଯୋଗ ପ୍ରଦର୍ଶନ, ବାଳିକା ଙ୍କ ସଶକ୍ତିକରଣ ଉପରେ ଏକ ନାଟକ ଏବଂ 'ଜୀବନରେ ଲକ୍ଷ୍ୟ' ଶୀର୍ଷକ କାର୍ଯ୍ୟକ୍ରମ ବେଶ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ୧୦ଜଣ ବାଳିକାଙ୍କୁ ବିଶେଷ ପ୍ରତିଭା ପାଇଁ ଅତିଥିମାନଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

# ଟ୍ରଲର ସହ ଗଞ୍ଜେଇ ଜବତ, ଜଣେ ଗିରଫ

କୋରାପୁଟ (ଭାସ୍କର ନ୍ୟୁଡ) କୋରାପୁଟ ଜିଲ୍ଲା ନନ୍ଦପୁର ପୋଲିସକୁ ମିଳିଛି ବଡ ସଫଳତା। ଏକ ଟ୍ରଲରେ ଚୋରା ଚାଲାଣ ହେଉଥିବା ୧୦୫୪ କିଲୋ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି ପୋଲିସ। ତେବେ ଡ୍ରାଇଭର ଫେରାର ଥିବା ଜଣାପଡିଛି। ଗଞ୍ଜେଇ ଚାଲାଣକାରୀ ଜଣଙ୍କ ନନ୍ଦପୁର ବ୍ଲକ ତଥା ମାଛକୁଣ୍ଡ ଅଧୀନସ୍ଥ ସୁରମୀ ଗ୍ରାମର ମୋହନ ରାଓ ନିରିଖି। ସୂଚନା ଅନୁଯାୟୀ, ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଥାନା ଅଧିକାରୀ ମମତା କୁମାରୀ ପଣ୍ଡା, ଏସ୍‌ଆଇ ଦେବଦର ସାହୁ, ଏଏସ୍‌ଆଇ ଗୁପ୍ତେଶ୍ୱର ଗୌଡ ଏବଂ ଡିଟ୍ ପାଟ୍ରୋଲିଂ କରୁଥିଲେ । ଲୁଜିଂ ଛକ ନିକଟସ୍ଥ ମୁଖ୍ୟ ରାସ୍ତାରେ ଏକ ଟ୍ରଲର (ଆରଜେ ୦୮ଜିଏ ୪୨୦୪)କୁ ପୋଲିସ ସନ୍ଦେହରେ ଅଟକାଇ ଥିଲା। ପୋଲିସକୁ ଦେଖି ଡ୍ରାଇଭର ଗାଡି ଛାଡି ଚମ୍ପଟ ମାରିଥିବା ବେଳେ ଗଞ୍ଜେଇ ଚାଲାଣକାରୀଙ୍କୁ ପୋଲିସ କାବୁ କରି ନେଇଥିଲା। ଯାଞ୍ଚ କରିବାରୁ ଟ୍ରକରେ ଗଞ୍ଜେଇ ଥିବା ପୋଲିସ ଦେଖିବାକୁ ପାଇଥିଲା। ପରେ ଟ୍ରଲର ଓ ଗଞ୍ଜେଇ ଜବତ କରାଯିବା ସହିତ ଗଞ୍ଜେଇ ଚାଲାଣକାରୀ ମୋହନ ରାଓ ନିରିଖିଙ୍କୁ ଗିରଫ କରି ଥାନାକୁ ନେଇଥିଲେ। ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାରୁ ଏହା ୧୦୫୪ କିଲୋ ୨୦୦ ଗ୍ରାମ ବୋଲି ଜଣାପଡିଥିଲା। ଏହି ଗଞ୍ଜେଇ ଚାଲାଣରେ ଆଉ କିଏ ସଂପୃକ୍ତ ଅଛନ୍ତି ସେନେଇ ତଦନ୍ତକାରୀ ଅଧିକାରୀ ମମତା କୁମାରୀ ପଣ୍ଡା ତଦନ୍ତ କରୁଛନ୍ତି।


# ପାଣିରେ ବୁଡି ବୃଦ୍ଧ ମୃତ

ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଆଜି ସକାଳ ସମୟରେ ଅବଭାନୀୟ ଘଟଣା ଦେଖିବାକୁ ମିଳିଛି। ବାଲିମେଳା ନିକଟସ୍ଥ ଚିତାପରୀ ନଦୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୨ନମ୍ବର ୱାର୍ଡର ଝାଟିମାଟି ଲାଇନର ଭଗବାନ ନାଗ(୫୦) ସକାଳେ ଶୌଚ ହେବା ନିମନ୍ତେ ନଦୀକୁ ଯାଇଥିବା ସମୟରେ ଗୋଡ଼ ଖସି ଯାଇଥିଲା। ଫଳରେ ଭଗବାନ ପାଣିରେ ବୁଡି ଯାଇଥିଲେ। ପାଖରେ ଥିବା ସାହିବାସିନ୍ଦା ଖୋଜାଖୋଜି କରି ପାଣିରୁ ଭଗବାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଯୋଗେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ଭଗବାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଓର୍କେଲ ଥାନା କର୍ମଚାରୀ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାଲକାନଗିରି ନେଇଥିଲେ । ସେଠାରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛନ୍ତି। ଭଗବାନଙ୍କ ମୃତ୍ୟୁରେ ୱାର୍ଡରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜଳେଶ୍ୱର ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଜଳେଶ୍ୱର ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ଆହ୍ୱାନରେ ପଞ୍ଚାୟତ ସମିତିର ଅଧ୍ୟକ୍ଷ ମାନସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏହି ଦଶମ ସାଧାରଣ ଅଧିବେଶନରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଧାୟକ ଅଶ୍ୱିନି କୁମାର ପାତ୍ର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଆନୁସୟା ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟ ରଞ୍ଜନ ସାହୁ, ଜିପିଇଓ ସଲିମା ରାଉତ ଯୋଗ ଦେଇଥିଲେ। ପ୍ରଥମେ ପୂର୍ବ ବିବରଣୀ ପଠନ ଓ ଦୃଢ଼ି କରଣ କାର୍ଯ୍ୟ ଯଥା-ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଉଠା ଜଳସେଚନ, ନାଳ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ଖଣି ବିଭାଗ ସମ୍ବନ୍ଧୀୟ ଜାନୁଆରୀ ମାସ ୮ ତାରିଖ ଦିନ ହୋଇଥିବା ନବମ ଅଧିବେଶନର ଆଲୋଚନା ଦୃଢ଼ିକରଣ କରାଯାଇଥିଲା। ଏହି ଅଧିବେଶନରେ ଶିକ୍ଷା ବିଭାଗର ଜଳେଶ୍ୱର ଏବିଇଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସିଡିପିଓ ଗିରିବାଳା ମହାନ୍ତ, ସ୍ୱାସ୍ଥ୍ୟ ବିଭାଗର ବ୍ଲକ ସମ୍ପ୍ରସାରଣ ଅଧିକାରୀ ଫକୀର ମୋହନ ପ୍ରଧାନ, ବ୍ଲକ ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ଟାଟା ପାୱାର ଏସଡିଓ ଭୁବନ ମୋହନ ସାହୁ, ଡ୍ରେନେଜ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଶରତ କୁମାର ସି, ପୂର୍ତ୍ତ ବିଭାଗର ଏସ୍‌ଡିଓ ଅବିନାଶ ବେହେରା, ପ୍ରାଣୀ ଚିକିତ୍ସା ବିଭାଗ, ଫରେଷ୍ଟ, ଅଗ୍ନିଶମ ବିଭାଗ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ରହି ଦୃଢ଼ୀକରଣ ପରେ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ମୃତ୍ତିକା ସଂରକ୍ଷଣ, ଜଳ ସେଚନ, ଉଠା ଜଳସେଚନ, ଡ୍ରେନେଜ, ସମ୍ବନ୍ଧୀୟ ଆଲୋଚନା ସହିତ ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସମ୍ବନ୍ଧୀୟ ଆଲୋଚନା ତଥା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବିଦ୍ୟୁତ, ଜଳସେଚନ ଓ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଶ୍ରୀଦଧିବାମନଜିଉଙ୍କ ଗଜାନନ ବେଶ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଦଧିବାମନଜିଉଙ୍କ ମନ୍ଦିରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ ଦଧିବାମନଜିଉ ସ୍ନାନ ମଣ୍ଡପକୁ ଯାଇ ସର୍ବସାଧାରଣଙ୍କୁ ଦର୍ଶନ ଦେଇଛନ୍ତି। ଏଥିସହିତ ଶ୍ରୀ ଜୀଉଙ୍କ ଗଜାନନ ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଆଜି ପ୍ରାତଃରୁ ମଙ୍ଗଳ ଆଳତୀ ପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ଗୋଟି ପହଣ୍ଡିରେ ଶ୍ରୀଜିଉଙ୍କୁ ସିଂହାସନରୁ ସ୍ନାନ ମଣ୍ଡପ ଯାଏ ଆଣା ଯାଇଥିଲା। ପରମ୍ପରା ଅନୁଯାଇ ଛେରା ପହରା କାର୍ଯ୍ୟ ସମ୍ପନ୍ନ ହେବା ପରେ ଶ୍ରୀଜିଉଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ମଣ୍ଡପରେ ଶ୍ରଦ୍ଧାଳୁମାନେ ଆଣିଥିବା ବିଭିନ୍ନ ପ୍ରକାର ଫଳମୂଳ ନୈବେଦ୍ୟ କରାଯାଇ ଶ୍ରୀଜିଉଙ୍କୁ ଗଜାନନ ବେଶ କରାଯାଇଥିଲା।

# ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଲୋକାର୍ପିତ




ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ଏନ୍‌ଏସି ଅନ୍ତର୍ଗତ କଲେଜ ରୋଡ଼ରେ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଏହାର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଥିଲେ, କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଭୁବନବାସୀଙ୍କୁ ଏହି ସ୍ୱାସ୍ଥ୍ୟସେବା ହେଉଛି ରଜ ଭେଟି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସକାଳ ୮ରୁ ଦିନ ୧୧ ଏବଂ ଅପରାହ୍ନ ୫ ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଭୁବନ ଓ ଆଖପାଖ ଅଞ୍ଚଳର ଲୋକମାନେ ଗୁଣବତ୍ତାପୂର୍ଣ୍ଣ ଚିକିତ୍ସା ସେବା ପାଇ ପାରିବେ ବୋଲି ବିଧାୟକ ଶ୍ରୀଯୁକ୍ତ ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନୀଳମଣି ଦିଲ୍ଲୀପ ଚାନ୍ଦ ବେହେରା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡ଼ିକାଲ ଅଫିସର ଡା ରମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆକାଉଟାଣ୍ଟ ଶୁଭକାନ୍ତ ଆଚାର୍ଯ୍ୟ, ସସ୍ମିତା ସାହୁ (ଡିପିଏମ), ଗଗନ ବିହାରୀ ସାହୁ (ଡିଏଏମ), ଦୀପକ କୁମାର ସ୍ୱାଇଁ (ଏପିଏମ)ଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।


# ବସ୍‌ଭଡ଼ାରେ ରିହାତି ଦାବି କଲା ଛାତ୍ର କଂଗ୍ରେସ




ଛତ୍ରପୁର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ସରକାରୀ ବସ୍ ପରିବହନରେ ମାଗଣା ଏବଂ ଘରୋଇ ପରିବହନରେ ୫୦% ପ୍ରତିଶତ ରିହାତି ଦାବି ହୋଇଛି। ଏ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ଉଦିତ ନାରାୟଣ ପ୍ରଧାନଙ୍କ ଡାକରାରେ ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀ (ଗଞ୍ଜାମ)ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାନସଭା ଛାତ୍ର କଂଗ୍ରେସ ସଭାପତି ଚକ୍ରପାଣି ପଲେଇ, ଛାତ୍ର ନେତା ମହେଶ୍ୱର ଗୌଡ଼, ବାଲ୍ମୀକି ସେଠୀ, ସୁନିଲ ରାଉଳ, ଅସିତ୍ କାନ୍ତ ପାତ୍ର, ମୁନା ଦାସ, ଭବାନୀ ବେହେରା, ଶୁଭମ୍ ଚୌଧୁରୀ ସମେତ ବହୁ ଛାତ୍ର କଂଗ୍ରେସ କର୍ମୀ ଏକାଠି ହୋଇ ଦାବି ଉପସ୍ଥାପନ କରିଥିଲେ।

# ରାଶିଫଳ


**ଶନିବାର, ୧୪ ଜୁନ୍ ୨୦୨୫**



**ମେଷ:** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ।




**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ।




**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ।




**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ଶତ୍ରୁମାନେ ସକ୍ରିୟ ରହିବେ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ଶ୍ରୀପତିଙ୍କ ଗଣନା

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କୋଇଡା(ଭାସ୍କର ନ୍ୟୁଜ): କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ସେଗାସାହି ସ୍ଥିତ ଏଏମଏନଏସ ଖଣି କର୍ତ୍ତୃପକ୍ଷ ଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଏକ ବିରାଟ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ କାହୁଁସାହି ସ୍ଥିତ ଫୁଟବଲ ଖେଳପଡ଼ିଆ ଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମିତ୍ତଲ ଖଣି ସଂଲଗ୍ନ ସେଗାସାହି, କାହୁଁସାହି ଏବଂ କଲମଙ୍ଗ ଗ୍ରାମର ଶତାଧିକ ଶ୍ରମିକ ଏବଂ ଗ୍ରାମବାସୀ ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ ସିଆଇଟିୟୁର ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ କୋଇଡା ଜିଲ୍ଲା ପରିଷଦ ସୁଶୀଳା ମୁଣ୍ଡା, ସମାଜସେବୀ ଡକ୍ଟର ବାଦଲ ବାରିକ ଏବଂ ସିଆଇଟିୟୁର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଥାଉ କି ଗତ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖ ଦିନ ଜିଲ୍ଲା ପ୍ରଶାସନ ଉପସ୍ଥିତିରେ ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ ଖଣି କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଖଣି କର୍ତ୍ତୃପକ୍ଷ ଦୀର୍ଘ ଆଠ ମାସ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରୁନଥିବାର ଅଭିଯୋଗ ଆଣିଛନ୍ତି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଖଣି କର୍ତ୍ତୃପକ୍ଷ। ଚଳିତ ଜୁନ ମାସ ୨୪ ତାରିଖ ମଧ୍ୟରେ ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ ନ କଲେ ୨୪ ତାରିଖ ଦିନ ଖଣି ଉତ୍ତୋଳନ ଓ ପରିବହନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଠପ କରାଯିବା ସହିତ ପାଇପ ଲାଇନ ଯୋଗେ ମାଲ ପରିବହନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯିବା ନେଇ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଚେତାବନୀ ଦେଇଥିବା ବେଳେ ଆନ୍ଦୋଳନ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ପରିପ୍ରକାଶ କରିଛନ୍ତି ।



# ଭିଜିଲାନ୍ସ ଜାଲରେ ଆର୍ଆଇ

## ୪୦ହଜାର ଟଙ୍କା ନେଇ ଧରାପଡ଼ିଲେ

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଜମନକିରା ତହସିଲ ଓ ବ୍ଲକ୍ ଅନ୍ତର୍ଗତ ଗୌଡ଼ପାଲିରେ ଜନୈକ ଭୂମିହୀନଙ୍କ ଠାରୁ ୪୦ହଜାର ଟଙ୍କା ଦେଲେ ପଟ୍ଟା କରାଇଦେବେ ବୋଲି କହି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାଜସ୍ୱ ନିରୀକ୍ଷକ ଭୀଷ୍ମଦେବ ପ୍ରଧାନ। ପଟ୍ଟାପାଇଁ ଯାଇଥିବା ବେଳେ ଭୂମିହୀନଙ୍କୁ ଆର୍ଆଇ ଭୀଷ୍ମଦେବ ପ୍ରଧାନ ୪୦ହଜାର ଟଙ୍କା ଦେଲେ କାମ ହେବ ବୋଲି ରୋକ୍ ଠୋକ୍ କହିଥିଲେ। କିନ୍ତୁ ଗରିବ ଅଭିଯୋଗକାରୀ ମୂଲ ଲାଗିଲେ ଚଳୁଥିବାରୁ ଏତେ ଟଙ୍କା ଦେବା ତା' ପାଇଁ କଷ୍ଟସାଧ୍ୟ ଥିଲା। ଏଣୁ ଗ୍ରାମର ପରାମର୍ଶକ୍ରମେ ସମ୍ବଲପୁର ଜିଲ୍ଲା ଭିଜିଲାନ୍ସ ଅଫିସ ଦ୍ୱାରସ୍ଥ ହୋଇଥିଲେ



ସେ।ଅଭିଯୋଗକାରୀଙ୍କ ଠାରୁ ସବୁକଥା ଶୁଣିବା ପରେ ତାଙ୍କୁ ଭିଜିଲାନ୍ସ କେମିକାଲ ବୋଳା ଟଙ୍କା ପ୍ରଦାନ କରିଥିଲେ। ପୂର୍ବ ଯୋଜନା ଅନୁସାରେ ବ୍ୟକ୍ତି ଜଣକ ତହସିଲ ଯାଇ ରାଜସ୍ୱ ନିରୀକ୍ଷକଙ୍କୁ ଉକ୍ତ କେମିକାଲ ବୋଳା ଟଙ୍କା ଦେବା ସମୟରେ ଗୁରୁବାରଦିନ ଗୌଡ଼ପାଲିରେ ଭିଜିଲାନ୍ସ ଟିମ ପାହଁଞ୍ଚିଥିଲେ। ଟଙ୍କା ଦେଉଥିବା ବେଳେବେଳେ ତାଙ୍କୁ ରଙ୍ଗି ହାତରେ ଧରିଥିଲେ ଓ ଦେଇଥିବା ଟଙ୍କା ଜବତ କରିବାରେ ସମର୍ଥ ହୋଇଥିଲେ ଓ ମାମଲା ନଂ ୧୨/୨୦୨୫ ଦ୍ୱାରା ସଂଶୋଧିତ ୭ପିସି ଆଇନ ୨୦୧୮ ନିୟମ ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରିଥିଲେ। ଏହିମତେ ଆୟବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଏକକାଳୀନ ୨ଗୋଟି ସ୍ଥାନରେ ରେଡ୍ ଚାଲିଛି ବୋଲି ଏକ ପ୍ରେସ୍ ମିଟ୍‌ରେ ସୂଚନା ପ୍ରଦାନ କରିଛି ଭିଜିଲାନ୍ସ । ଏହା ପୂର୍ବରୁ ଜମନକିରା ସଦର ମହକୁମା ରାଜସ୍ୱ ନିରିକ୍ଷକଙ୍କୁ ଲାଞ୍ଚ ଅଭିଯୋଗରେ ଗିରଫ କରିଥିଲା ଭିଜିଲାନ୍ସ। ଏହା ଦ୍ୱିତୀୟ ଘଟଣା।

# ବାର୍‌ହା ଶିକାର କରି ୩ ଗିରଫ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଗତ ମାର୍ଚ୍ଚ ମାସରେ ରାଜପୁର ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ଶିକାର ଅଭିଯୋଗରେ ବନବିଭାଗ ଚଢଉ କରି ବଡ଼ଯୋବ ଗ୍ରାମର ସୁନ୍ଦର ଖଡ଼ିଆ (୬୯), ସୁରେନ୍ଦ୍ର ସିଂହ (୩୫) ଓ ଜୟରାମ ଖଡ଼ିଆ (୪୫)କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କୁ ବହୁଥର ନୋଟିସ ଦେବା ସତ୍ତ୍ୱେ ହାଜିର ନହେବାରୁ ସର୍ଚ୍ଚ ୱାରେଣ୍ଟ ବଳରେ ଗତକାଲି ରାତିରେ ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆଙ୍କ ନେତୃତ୍ୱରେ ଗଠିତ ଟିମ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସୂଚନା ଅନୁସାରେ, ରାଜପୁର



ଫରେଷ୍ଟର ସରୋଜ ଭୋଇ, ବନରକ୍ଷୀ କିଶୋର କୁମାର ଷଣ୍ଢ ଓ ଅନ୍ୟ ବନ କର୍ମଚାରୀମାନେ ଗତ ମାର୍ଚ୍ଚ ୬ ତାରିଖ ଦିନ ରାଜପୁର ସଂରକ୍ଷିତ ଜଙ୍ଗଲର ବଡ଼ଯୋବ ଠାରେ ପେଟ୍ରୋଲିଂ କରୁଥିବା ବେଳେ ସୁନ୍ଦର ଖଡ଼ିଆକୁ ଗୋଟିଏ ବାର୍‌ହାମୁଣ୍ଡ ଧୋଉଥିବା ଦେଖିଥିଲେ। ସୁନ୍ଦର ଖଡ଼ିଆକୁ ରାଜପୁର ଫରେଷ୍ଟର କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରିବାରୁ ଜୟରାମ ଖଡ଼ିଆ ଓ ସୁରେନ୍ଦ୍ର ସିଂହ ତାକୁ ଗୋଟିଏ ଘୁଷୁରା ମୁଣ୍ଡ ଦେଇଥିବା ସୁନ୍ଦର କହିଥିଲା। ବନ ବିଭାଗ ସୁନ୍ଦର ଖଡ଼ିଆ, ଜୟରାମ ଖଡ଼ିଆ ଓ ସୁରେନ୍ଦ୍ର ସିଂହଙ୍କୁ ଗିରଫ କରି ନୋଟିସରେ ଛାଡ଼ିଥିଲା। ସେପଟେ ଜବତ ମାଂସର ନମୂନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଓ୍ୟୁଏଟିକୁ ପଠାଯାଇଥିଲା । ଏହା ବାରହା ମାଂସ ବୋଲି ରିପୋର୍ଟରେ ଜଣାପଡିଥିଲା। ଅନ୍ୟପଟେ ତିନିଜଣ ଅଭିଯୁକ୍ତଙ୍କୁ ହାଜିର ହେବା ଲାଗି ବନ ବିଭାଗ ବହୁଥର ନୋଟିସ ଦେଇଥିଲେ ସୁଦ୍ଧା ସେମାନେ ଅବମାନନା କରିବାରୁ ଗତକାଲି ରାତିରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆଙ୍କ ନେତୃତ୍ୱରେ ଗଠିତ ଚଢ଼ାଉ ଦଳରେ ରାଜପୁର ଫରେଷ୍ଟର ସରୋଜ ଭୋଇ, ବ୍ରଜରାଜନଗର ଫରେଷ୍ଟର ଅଜୟ ବିଶ୍ୱାଳ, ବନ୍ଧବାହାଲ ଫରେଷ୍ଟର ଗୌରାଙ୍ଗ ସାହୁ, ବନରକ୍ଷୀ କିଶୋର କୁମାର ଷଣ୍ଢ, ରିମା ପଟେଲ, ସଂଘମିତ୍ରା ସାମଲ, ପାରା ଷ୍ଟାଫ ଯୋଗେଶ ଦେହୁରୀ, ଆଲୋକ ପ୍ରଧାନ, ହର୍ଷ ବର୍ଦ୍ଧନ ରାଉତ, ଉମେଶ ସେଠ ପ୍ରମୁଖ ସାମିଲ ଥିଲେ।

## ଧାନବିକ୍ରି ପଇସା ନ ମିଳିବା ଘଟଣାର ଜବାବ ରଖିଲା ବିଜେପି

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମଣ୍ଡିରେ ଧାନ ପଇସା ନ ମିଳିବା ଘଟଣା ପରେ ବିଜେଡି ରାଇଘର ବନ୍ଦ ଡାକରା ଦେଇଥିଲା। ଏହି ପରିପ୍ରେକ୍ଷୀରେ ବିଜେପି ଏକ ସାମ୍ବାଦିକ ସମ୍ମିଳନୀ କରି ତାହାର ଜବାବ ରଖିଛି। ବିଜେପି ପକ୍ଷରୁ କୁହାଯାଇଛି ଯେ ସରକାର ଚାଷୀଙ୍କୁ ଗୁରୁତ୍ୱ ଦେଇ ଆସୁଥିବାବେଳେ ଚାଷୀମାନେ ସରକାରଙ୍କୁ ଧାନ ବିକ୍ରି କରିନାହାନ୍ତି। କିନ୍ତୁ କେଉଁ କାରଣ ପାଇଁ ଚାଷୀ ବର୍ତ୍ତମାନ ସୁଦ୍ଧା ପଇସା ପାଇନାହାନ୍ତି ତାହା ଉପରେ ତଦନ୍ତ ଚାଲୁରହିଛି। ଏହି ଘଟଣାରେ ଏବେ ଲ୍ୟାମ୍ପ ଏମଡିଙ୍କୁ ନିଲମ୍ବନ କରାଯାଇଛି। ଚାଷୀମାନେ ଧାନ ବିକ୍ରି କରିବାକୁ ମଣ୍ଡିକୁ ଆଣିଥିଲେ, କିନ୍ତୁ ଟିପି କରା ନ ଯିବାରୁ ମିଲର ଚାଷୀଙ୍କ ଧାନ ଉଠାଇ ନେଇଯାଇଥିବା ଅଭିଯୋଗ କରିଛି ବିଜେପି। ସରକାରଙ୍କ ତରଫରୁ ପୋର୍ଟାଲ ଖୋଲାଯିବା ସତ୍ତ୍ୱେ କଣ ପାଇଁ ଟିପି କରାଗଲା ନାହି ବୋଲି ବିଜେଡ଼ିକୁ ଟାର୍ଗେଟ କରିଛି। ଓଡ଼ିଶା ସାରା ସମସ୍ତ ବ୍ଲକର ଚାଷୀ ପଇସା ପାଇଯାଇଥିବା ବେଳେ ଏଠାରେ କାହିଁକି ଏମିତି ହେଲା। ତାସହ ଲ୍ୟାମ୍ପର ସଭାପତି ମଧ୍ୟ ବିଜେଡି ହାତରେ ରହିଅଛି। ତାସତ୍ତ୍ୱେ ଚାଷୀ ପଇସା ପାଇ ପାରିଲା ନାହିଁ। ଏହା ମଧ୍ୟରେ କିଛି ଦଲାଲ ସକ୍ରିୟ ଥିବା ଅଭିଯୋଗ କରିଛି ବିଜେପି।

# ବିଭିନ୍ନ ସ୍ଥାନରେ ଜିଲ୍ଲାସ୍ତରୀୟ ବିକାଶ ମେଳା

ନୂଆପଡ଼ା(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିକାଶ ମେଳା ଅନୁଷ୍ଠିତ ହେଉଛି । ଏହିକ୍ରମରେ ନୂଆପଡ଼ା ଜିଲ୍ଲାରେ ଅନୁଷ୍ଠିତ ବିକାଶ ମେଳାରେ ଜିଲ୍ଲା ପାଇଁ ପ୍ରଭାରୀ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ । ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ମନ୍ତ୍ରୀ ବୃକ୍ଷରୋପଣ କରିବା ପରେ ବିଭିନ୍ନ ବିଭାଗୀୟ ପ୍ରଚାର ରଥକୁ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହାପରେ ପଲ୍ଲୀଶ୍ରୀ ମେଳା ଓ ଖାଦ୍ୟ ମେଳାର ଶୁଭ ଉଦ୍ଘାଟନ କରିଥିଲେ । ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ସହିତ ଓଡିଶା ଭିଜନ୍ ୨୦୩୬ ଓ ୨୦୪୭ ପାଇଁ ଆମର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଡଃ ସୋନିଆ ଅଗ୍ରୱାଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର, ଆର୍ ସି ଏଫ୍ ଭବାନୀପାଟଣା ସନ୍ତୋଷ ଯୋଶୀ, ବନଖଣ୍ଡ ଅଧିକାରୀ ଖରିଆର- ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ନୂଆପଡ଼ାର ବିଭିନ୍ନ ବିଭାଗର ପ୍ରମୁଖ ବ୍ୟକ୍ତି, ରାଜନୈତିକ ଦଳର ନେତୃବୃନ୍ଦ ଓ ପଦାଧିକାରୀ ଯୋଗଦେଇ ଜିଲ୍ଲା ପାଇଁ ସେମାନଙ୍କ ଭିଜନ୍ ଉପସ୍ଥାପନ କରିଥିଲେ ।



ରାୟଗଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାରେ ଗୁରୁବାର ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ଏହି ଅବସରରେ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡ଼ି ପଡ଼ିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚାଲିବ । ଏହି ମେଳାରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

ମାଲକାନଗିରି(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଡିଏନ୍‌କେ ଖେଳ ପଡିଆ ଠାରେ ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ଇଂ. ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ପ୍ରଦୀପ ନାୟକ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ




ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ମୁଖ୍ୟ ଅତିଥି ଇଂ ମାଝୀ ବିକାଶ ବାହନର ଶୁଭାରମ୍ଭ କରିଥିଲେ। ଏହା ଜିଲ୍ଲା ମୁଖ୍ୟାଳୟରୁ ଆରମ୍ଭ କରି ପ୍ରତ୍ୟେକ ବ୍ଲକ ସମେତ ସମସ୍ତ ଗ୍ରାମ ପଞ୍ଚାୟତ ବୁଲି ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଉପରେ ଲୋକଙ୍କୁ ସଚେତନ କରିବ । ସେହିପରି ସନ୍ଧ୍ୟାରେ ଓରମାସ ପକ୍ଷରୁ ଆୟୋଜିତ ବିକାଶ ମେଳାର ଷ୍ଟଲ ଗୁଡ଼ିକୁ ମଧ୍ୟ ଇଂ ମାଝୀ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଛନ୍ତି। ଜୁନ୍ ୧୨ରୁ ଚଳିତ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି ଜିଲ୍ଲା ସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପୂର୍ବାହ୍ନରେ ବିଭିନ୍ନ ବିଷୟବସ୍ତୁ ନେଇ ଆଲୋଚନା ଚକ୍ର ଆୟୋଜନ କରାଯିବ। ଏଥିରେ ମହିଳା, କୃଷକ ସଶକ୍ତିକରଣ ଓ ଜନଜାତି ଉନ୍ନୟନ ଇତ୍ୟାଦି ବିଷୟକୁ ସ୍ଥାନ ଦିଆଯାଇଛି।



କନ୍ଧମାଳ(ଭାସ୍କର ନ୍ୟୁଜ୍): ସ୍ଥାନୀୟ କରୋନେସନ୍ ପଡ଼ିଆ, ଫୁଲବାଣୀ ଠାରେ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ସନ୍ଧ୍ୟା ସମୟରେ ଜିଲ୍ଲାସ୍ତରୀୟ ବିକାଶ ମେଳା-୨୦୨୫ ମାନ୍ୟବର ବିଧାୟକ, ଫୁଲବାଣୀ ଶ୍ରୀ ଉମା ଚରଣ ମଲ୍ଲିକଙ୍କ କରକୋମଳରେ ଉଦ୍ ଘାଟନ ହୋଇଯାଇଅଛି। ଏହି ଅବସରରେ ଶ୍ରୀ ମଲ୍ଲିକ ଏକ ବର୍ଷ ମଧ୍ୟରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ବର୍ଣ୍ଣନା କରିବା ସହିତ କହିଥିଲେ ଯେ ସରକାର ତଳ ଶ୍ରେଣୀର ଲୋକଙ୍କ ପଯ୍ୟନ୍ତ ବିକାଶ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ। ଏହି ମେଳା ତା. ୧୨.୦୬.୨୦୨୫ ରିଖ ଠାରୁ ତା.୨୦.୦୬.୨୦୨୫ ରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ଉଦ୍‌ଘାଟନ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଉପ-ଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଭାଜପା ଜିଲ୍ଲା ସଭାପତି ପଣ୍ଡିତ ବିସି ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୋମ୍ୟରଞ୍ଜନ ପାତ୍ର, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଜନ ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ବିଭିନ୍ନ ସାଂସ୍କୃତିକ ଦଳର କଳାକାରମାନେ,ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ବିଶାଖାପାଟଣାରୁ ରାୟପୁରକୁ ବିଛାହେବ ପେଟ୍ରୋଲିୟମ ପାଇପ୍ ଲାଇନ

ନୂଆପଡା(ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ତୈଳ ଉଦ୍ୟୋଗ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ ଦ୍ୱାରା ବିଶାଖାପାଟଣାରୁ ରାୟପୁରକୁ ଦୀର୍ଘ ୫୪୦କିମି ଦୂର ପେଟ୍ରୋଲିୟମ ପାଇପ ଲାଇନ ବିଛାହେବ ।ବିଶାଖାପାଟଣାର ଏଚପିସିଏଲ ରିଫାଇନାରୀରୁ ରାୟପୁରର ପୂର୍ବ ଡିପୋକୁ ପ୍ରସ୍ତୁତ ଉତ୍ପାଦ ଅର୍ଥାତ୍ ପେଟ୍ରୋଲ, ଡିଜେଲ, କିରୋସିନ ପାଇପ୍ ଲାଇନ ଦ୍ୱାରା ପରିବହନ କରାଯିବ। ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଚାହିଦା ପୂରଣ କରିବା ପାଇଁ ବଲାଙ୍ଗୀର ଜିଲ୍ଲା କାଣ୍ଟାବାଞ୍ଜିରେ ଏକ ନୂତନ ଡିପୋ



ନିର୍ମାଣ କରାଯିବ। ଏହି ପାଇପଲାଇନ ନୂଆପଡ଼ା ଜିଲ୍ଲା କୋମନା ତହସିଲର ୧୯ଟି ଗ୍ରାମ ଏବଂ ନୂଆପଡ଼ା ତହସିଲର ୧୧ଟି ଗ୍ରାମ ଦେଇ ଯିବ। ନୂଆପଡା ଜିଲ୍ଲାରେ ମୋଟ ୪୮କିମି ଲମ୍ବ ପାଇପଲାଇନ ରହିବ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ, ଏଚ ପିସିଏଲ ଜିଲ୍ଲା ପ୍ରଶାସନ, ନୂଆପଡାର ସହାୟତା ପାଇଁ ଅନୁରୋଧ କରିଥିଲେ। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଭୂ ଅର୍ଜନ ଅଧିକାରୀ ହେମନ୍ତ ପୁଟା, କୋମନା, ନୂଆପଡା ର ତହସିଲଦାର, ଜିଲ୍ଲା ପ୍ରଶାସନର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଏଚପିସିଏଲ ପ୍ରକଳ୍ପ ପରିଚାଳକ ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଅମିତ ମୀନା, ରେଶେଭ ଥାପଲିୟାଲ ବୈଠକରେ ଉପସ୍ଥିତ ଥିଲେ । ଏଚପିସିଏଲ ପ୍ରକଳ୍ପ କଳାହାଣ୍ଡି, ବଲାଙ୍ଗୀର ଏବଂ ନୂଆପଡା ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ସେଠୀ ପ୍ରକଳ୍ପର ଗୁରୁତ୍ୱ ଏବଂ ଅଧିକାରୀଙ୍କଠାରୁ ଲୋଡାଯାଇଥିବା ସାହାଯ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ବୈଠକକୁ ସମ୍ବୋଧନ କରି କହିଲେ ଯେ ଏହା ଆମ ଜିଲ୍ଲା ପାଇଁ ଏକ ଭଲ ପ୍ରକଳ୍ପ ଏଥିରୁ ଆମ ରାଜ୍ୟ ତଥା ଅଞ୍ଚଳବାସୀ ବେଶ ଲାଭବାନ ହେବେ । ଏଥି ସକାଶେ ଯେ କୌଣସି ସହଯୋଗ ଦରକାର ଜିଲ୍ଲା ପ୍ରଶାସନ ସେସବୁ ଯୋଗାଇ ଦେବେ ବୋଲି ସେ କହିଥିଲେ ।

## ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଯାପିତ



ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ପଂଚାୟତର କର୍ଲାପିଟା, ଅଘରିଆପାଲି ଠାରେ ମହାସମାରୋହରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି । ଏହା ଭାରତ ସରକାରଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଗତ ମଇ ୨୯ ତାରିଖରୁ ଆରମ୍ଭ ହୋଇ ୧୨ ଜୁନ ପର୍ଯ୍ୟନ୍ତ କୃଷି ବୈଜ୍ଞାନିକମାନେ ଗାଁ କୁ ଗାଁ ଯାଇ କୃଷକଙ୍କୁ ନୂତନ କୃଷି ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ଏବଂ କୃଷକଙ୍କ ମତାମତ ଗ୍ରହଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଦେବଶ୍ରୀ ସରକାର, ସୁନନ୍ଦା ସାହୁ, ସାଗରିକା ମୁନା, ସ୍ଥାନୀୟ ସରପଂଚ ଜନ୍ମେଜୟ ମେହେର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ବିଶ୍ୱରଂଜନ ପାଟ୍ଟଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ କୃଷି ଅଧିକାରୀ ସୁଜାତା ଛତ୍ରିଆ, ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ସୁଚିସ୍ମିତା ମେହେର, କୃଷି ଓଭରସିୟର ପୂର୍ଣ୍ଣିମା ମିଶ୍ର, କୃଷି ବୈଷୟିକ ପରାମର୍ଶଦାତା ଅକ୍ଷୟ କୁମାର ଘିଭେଲା, ଗୁଣାକାର ବାରିକ ଯୋଗ ଦେଇ କୃଷକ ବନ୍ଧୁମାନଙ୍କୁ ବିଭିନ୍ନ ପଦ୍ଧତି ଉପରେ ଆଲୋଚନା କରିଥିଲେ। ରୋଗ ପୋକ ନିୟନ୍ତ୍ରଣ, ଉନ୍ନତ ବିହନ, ଉନ୍ନତ କୃଷି ଯନ୍ତ୍ରପାତି, ଉଦ୍ୟାନ, ବିହନ ସଂଗ୍ରହ ଉପରେ ମତ ବିନିମୟ ହୋଇଥିଲା ଏବଂ ସରକାରଙ୍କ ଯୋଜନା ଅନୁଯାୟୀ ସବ୍‌ସିଡି ଉପରେ ଲୋକଙ୍କୁ ସଚେତନ କରିଥିଲେ । କୃଷକ ସାଥୀ ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀ ଧନମାଳି ପଟେଲ, ନୃପରାଜ ସାହୁ, ଲକ୍ଷ୍ମଣ ପ୍ରଧାନ, ଜୟନ୍ତ ଝାଙ୍କର, ନିର୍ମଳ ପଟେଲ, ସତ୍ୟ ନାରାୟଣ ପଟେଲ, ନରୋତ୍ତମ ପଧାନ, ବୀହାରି ସାହୁଙ୍କ ସହ ଶତାଧିକ କୃଷକ ଅଂଶଗ୍ରହଣ କରିଥିଲେ । ଅଗ୍ରଣୀ ଚାଷୀଙ୍କୁ ପୁରସ୍କୃତ ତଥା ମାଟିପରୀକ୍ଷା କରା ଯାଇଥିବା କାର୍ଡ ବଣ୍ଟନ କରାଯାଇଥିଲା ।

# ଚାଷ ଜମିକୁ ଆସିପାରୁନି କେନାଲ ପାଣି

## ଅଭିଯୋଗ କଲେ ଚାଷୀ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ଖଡ଼ିଆଳ ବ୍ଲକ ଅନ୍ତର୍ଗତ ମଣ୍ଡୋସିଲ ପଞ୍ଚାୟତର ଚଟରାଭଟ୍ଟା ଗ୍ରାମର କୋଡିଏ ଜଣ ଚାଷୀଙ୍କ ଜମିରେ ମାଡୁନାହିଁ କେନାଲ ପାଣି ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁ ନଥିବାରୁ ଚାଷୀ ନିରାଶ ହୋଇଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଜମିକୁ ପାଇପ ଜରିଆରେ ପାଣି ଯୋଗାଣ ବ୍ୟବସ୍ଥା ରହିଛି। ହେଲେ ପାଇପର କେଉଁଠାରେ ଅସୁବିଧା ରହିଛି। ସେହି ଅସୁବିଧାକୁ ଠିକ କରିବାକୁ ବାରମ୍ବାର ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ କେନାଲ ବିଭାଗ ଖଡ଼ିଆଳକୁ ଆସି ନିରାଶ ହୋଇଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅସହଯୋଗ ଯୋଗୁଁ ସମସ୍ତ ସୁବିଧା ଥାଇ ମଧ୍ୟ ନିକଟସ୍ଥ ଚାଷୀ ରବି ଧାନ ଚାଷ କରିଥିବା ବେଳେ କୋଡିଏ ଜଣରୁ ଅଧିକ ଚାଷୀ ଚାଷ କରି ପାରିନଥିବା ଅଭିଯୋଗ କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ଏସଡିଓ ମନୋଜ ଦାସଙ୍କୁ ଅବଗତ କରିବାରୁ କେନାଲ କାର୍ଯ୍ୟ ଦାୟିତ୍ୱରେ ଥିବା ଦୁଇଜଣ ଯନ୍ତ୍ରୀଙ୍କୁ ପଠାଇ କଣ ସମସ୍ୟା ରହିଛି




ଦେଖି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।ତୁରନ୍ତ ତିଖାଲିରୁ କେନାଲ ମାଧ୍ୟମରେ ଜଳ ଯୋଗାଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଚାଷୀ ଚକାଡୋଳା ପ୍ରଧାନୀ, ଲୁରୁ ସିଂ ପ୍ରଧାନୀ, ହାରା ଚନ୍ଦ୍ର ପଣ୍ଡା, ଲକ୍ଷ୍ମଣ ପ୍ରଧାନୀ, ତୁଳରାମ ପ୍ରଧାନୀ।

# ଆନାଲାଇଜର ମେସିନ୍ ଟ୍ୟାମ୍ପରିଂ ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦୁଗ୍ଧଚାଷୀ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ଦିନ ଥିଲା ଗୋ ସମ୍ପଦ ଭରପୁର ଥିବାବେଳେ। ଜିଲ୍ଲାରେ ଦୁଗ୍ଧର ବନ୍ୟା ହେଉଥିଲା। ଓମଫେଡ ତରଫରୁ କେବଳ ଧଳପୁର ଠାରେ କ୍ଷୀର କିଣା ହେଉଥିଲା ଓ ଚାରିଛକ ଠାରେ କ୍ଷୀର ଶୀତଳୀକରଣ ଭଣ୍ଡାର ଥିଲା। ଏମିତି ବାଟ ମାରଣା ଓ ଶୋଷଣ କରିବାରୁ ବନ୍ଦ ହୋଇଯାଇଥିଲା। ପୂର୍ବ ଜିଲ୍ଲାପାଳ ଲଳାଟେନ୍ଦୁ ମିଶ୍ର ଓ ସତ୍ୟ ରଞ୍ଜନ ସାହୁଙ୍କ ଉଦ୍ୟମରେ ଜିଲ୍ଲାରେ ପୁଣି ଦୁଗ୍ଧ ସମବାୟ ସମିତି ଗଠନ କରାଯାଇଥିଲା । ସେହିଦିନ ଠାରୁ ବିଗତ ତିନିବର୍ଷ ହେବ ଧଳପୁର ସାକୁସିଙ୍ଗା ଠାରେ ଏକ ସମିତି ଗଠନ କରି କ୍ଷୀରର ମୂଲ୍ୟ ୫୦ ଟଙ୍କାରୁ ଅଧିକ ପାଉଥିଲେ । ଏବେ ଏକ ବର୍ଷରୁ ଅଧିକ ହେବ କ୍ଷୀରର ମାନ ମାପ ଯନ୍ତ୍ର ଖରାପ ଥିବା କହି ସମସ୍ତଙ୍କୁ ୩୦ଟଙ୍କା




ଦେଉଛନ୍ତି । ଯାହାଫଳରେ ଚାଷୀ ମାନେ କ୍ଷତିରେ ପଡୁଛନ୍ତି । ଗାଈ ବିକ୍ରି କରିଦେବା ପାଇଁ ନିଷ୍ପତ୍ତି ନେଲେ। ଏଥି ନିମନ୍ତେ ଗତକାଲି ସମିତିରେ ଏକ ବୈଠକ ହୋଇଥିଲା। ବୈଠକକୁ ଓମଫେଡ ସୁପରଭାଇଜର ଅମୂଲ୍ୟ ଓଝାଙ୍କୁ ଡାକିଥିଲେ ମଧ୍ୟ ସେ ଆସିଲେ ନାହିଁ। ମୁଁ କିଛି କରିପାରିବିନାହିଁ ବୋଲି କହିଥିଲେ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ କର ବୋଲି କହିଥିଲେ। ସଭାର ନିଷ୍ପତ୍ତି ପ୍ରକାରେ ପ୍ରାୟ ୧୫ଜଣ ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବା ପାଇଁ ଆସିଥିଲେ। ଜିଲ୍ଲାରେ ବିକାଶ ମେଳା ଚାଲିଥିବାରୁ କୌଣସି ଅଧିକାରୀଙ୍କୁ ଭେଟି ନ ପାରି କାର୍ଯ୍ୟାଳୟରେ ଅଭିଯୋଗ ପତ୍ର ଦେଇ ନିରାଶ ହୋଇ ଫେରିଯାଇଛନ୍ତି। ଏପଟେ ଜିଲ୍ଲାରେ ବିକାଶ ମେଳା ଆୟୋଜନ ହେଉଥିବା ବେଳେ ସେପଟେ ଦୁଗ୍ଧ ଚାଷୀ ମାନେ ଠକେଇରେ ପଡି ଛଟପଟ ହେଉଛନ୍ତି । ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ତୁରନ୍ତ ସମାଧାନ କରି ଚାଷୀ ମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ନିରୀହ ଚାଷୀ। ବିଗତ ଦିନରେ ବୀରନରସିଂପୁର ସମିତିର ଚାଷୀମାନେ ମଧ୍ୟ ଅଭିଯୋଗ କରି କୌଣସି ଫଳ ମିଳିନ ଥିବା ଶୁଣିବାକୁ ମିଳିଛି । ଯାହା ଖବର ରହିଛି ସାରା ଜିଲ୍ଲାରେ ଚାଷୀମାନଙ୍କୁ ଶୋଷଣ କରୁଥିବାର ଅଭିଯୋଗ ରହିଛି। ଏଣୁ ଜିଲ୍ଲାପାଳ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହିତ ଦୃଢ ପଦକ୍ଷେପ ଗ୍ରହଣ କରି ସମସ୍ତ ଚାଷୀଙ୍କୁ ଉଚିତ ପ୍ରାପ୍ୟ ମିଳିବା ପାଇଁ ନିବେଦନ କରିଛନ୍ତି। ସାକୁସିଙ୍ଗା ଦୁଗ୍ଧ ସମବାୟ ସମିତି ଚାଷୀ ପ୍ରତିନିଧି ଭାବେ ନନ୍ଦିକିଶୋର ସେଠୀ, ପ୍ରଭୁତ ମହାକୁଡ଼, ପ୍ରଣୟ ବାରିକ, ପାର୍ଥ ପାତ୍ର, ପବିତ୍ର ଗୁରୁ, ସୁବାସ ବାରିକ, ଦୁର୍ଯ୍ୟୋଧନ ମହାକୁଡ଼, ଅକ୍ଷୟ କୁମାର ବାରିକ, ବିନୟ ବାରିକ, ତନୁ ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଭାସ୍କର ପାତ୍ର ପ୍ରମୁଖ ଆସି ଦାବିପତ୍ର ପ୍ରଦାନ କରିଥିଲେ।



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକରେ ବିକାଶ ବାହାନ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଟାଙ୍ଗୀ ବିଡ଼ିଓ , ତହସିଲଦାର ଓ ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରାସ୍ମି ମାନ୍ଧାତା ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆଜିଠୁ ଠିକ୍ ବର୍ଷେ ପୂର୍ବରୁ ହିଁ ଆମ ସରକାର ଓଡ଼ିଶାର ଦାୟିତ୍ୱ ଗ୍ରହଣ କରିଥିଲା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଗରିମାମୟ ଉପସ୍ଥିତିରେ ଆମ ସରକାର ଓଡ଼ିଶା ମାଟିର ସେବା ପାଇଁ ଶପଥ ନେଇଥିଲା। ପ୍ରଥମ ଦିନରୁ ଜନତାଙ୍କ ସହିତ ଯୋଡ଼ି ହେବାର ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା, ଏବେ ତାହା ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେହି ପ୍ରୟାସକୁ ଆହୁରି ବ୍ୟାପକ କରାଯାଇଛି। ଏହି ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଓ ଜନସାଧାରଣଙ୍କ ଭାଗୀଦାରିତାରେ ବିକଶିତ ତଥା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ସାକାର କରିବା ପାଇଁ ଆମେ ପ୍ରୟାସ କରିଛୁ। ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରରେ, ପ୍ରଶାସନକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଓଡ଼ିଶାର ସବୁ ଅଞ୍ଚଳରେ ସ୍ୱତନ୍ତ୍ର 'ବିକାଶ ବାହନ' ଗଢ଼ିବ। ଏହି କ୍ରମରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଟାଙ୍ଗୀ ବ୍ଲକରେ ଏହି ବିକାଶ ବାହନର ଶୁଭାରମ୍ଭ କରିଥିଲେ ସାଂସଦ ଓ ବିଧାୟକ । ଏହି ବିକାଶ ବାହନ ମାଧ୍ୟମରେ ସରକାରୀ ଯୋଜନାର ହିତାଧିକାରୀ ଏବଂ ସମ୍ଭାବ୍ୟ ହିତାଧିକାରୀଙ୍କ ସହିତ ଆଲୋଚନା, ମତାମତ ଏବଂ ଅଭିଯୋଗ ସଂଗ୍ରହ ସହିତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ମଧ୍ୟ ପ୍ରଚେଷ୍ଟା କରାଯିବ ବୋଲି ସାଂସଦ ଓ ବିଧାୟକ କହିଥିଲେ । ଶେଷରେ ବ୍ଲକ ପରିସରରେ 'ମା' ପାଇଁ ଗଛ ଟିଏ' ଲକ୍ଷ୍ୟ ନେଇ ବୃକ୍ଷ ରୋପଣ କରାଯାଇଥିଲା ।

## ଯାଜପୁରରେ ବ୍ୟାପୁଛି ଡାଇରିଆ

# ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମାଡ଼ି ଚାଲିଥିବା ଡାଇରିଆ ବେଲଗାମ ଧରିଛି। ସ୍ୱାସ୍ଥ୍ୟବିଭାଗର ଅକ୍ଳାନ୍ତ ଉଦ୍ୟମ ସତ୍ତ୍ୱେ ଏହା ଥମିବାର ନାଁ ନେଉନାହିଁ । ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁସଂଖ୍ୟାରେ ବୃଦ୍ଧି ଘଟୁଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ କହିଛନ୍ତି ଯେ ଚଳିତମାସ ୧୪ ତାରିଖରୁ ୧୬ତାରିଖ ପର୍ଯ୍ୟନ୍ତ ୩ ଦିନ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିବ। ଏହି ସମୟ ମଧ୍ୟରେ କୌଣସି ସରକାରୀ କର୍ମଚାରୀଙ୍କୁ ଛୁଟି ଦିଆଯିବ ନାହିଁ। ଯେଉଁମାନେ ପୂର୍ବରୁ ଛୁଟିନେଇ ରହିଛନ୍ତି, ସେମାନଙ୍କ ଛୁଟିକୁ ମଧ୍ୟ ବାତିଲ କରି ଦିଆଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ ଡାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ୬୨୨ରେ ପହଞ୍ଚିଥିବାବେଳେ ୧୧ଜଣଙ୍କର ମୃତ୍ୟୁ ଘଟିଛି। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଲମ୍ବା ଲାଇନ ଲାଗିଛି। ଧର୍ମଶାଳା, ଯାଜପୁରରୋଡ, ଦାନଗଦି, ସୁକିନ୍ଦା, କୋରେଇ ଓ ରସୁଲପୁର ବ୍ଲକ ସମେତ ଏହା ଅନ୍ୟ ଅଞ୍ଚଳକୁ ମଧ୍ୟ ପ୍ରଭାବିତ କରିଛି।

**୮ଜଣ ହଇଜା ଆକ୍ରାନ୍ତ ଚିହ୍ନଟ**

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଯଯାତି ମେଡ଼ିକାଲ କଲେଜ ହସ୍ପିଟାଲ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୮୫ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ପିଇବା ପାଣିରୁ ଏହି ଡାଇରିଆ ବ୍ୟାପିଥିବା କଥା ସନ୍ଦେହ କରାଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ଏହି ଜଳବାହିତ ରୋଗ ବିଭିନ୍ନ ଅଞ୍ଚଳକୁ ବ୍ୟାପୁଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ସଚିବ ଏସ.ଅଶ୍ୱଥି ଯାଜପୁର ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ତ୍ୱରିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ଡାଇରିଆ ଗୋଟିଏ ଜିଲ୍ଲାପରେ ଆଉ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିଛି। ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀରେ ଝାଡ଼ାବାନ୍ତି ଆକ୍ରାନ୍ତ ଦେଖାଦେଇଛି। ଷୋଳମପୁର, ଦାଣ୍ଡକୁଳ, ତିଖିଲିଆ ଗାଁରେ ୧୦ରୁ ୧୨ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଝାଡ଼ାବାନ୍ତିର ପ୍ରାଦୁର୍ଭାବ ଦେଖିବାକୁ ମିଳିଥିବା ସୂଚନା ଦିଆଯାଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ ପ୍ରଭାବିତ ଅଞ୍ଚଳର ୪୧ଜଣଙ୍କ ନମୁନାରୁ ୮ଜଣ ହଇଜା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆଦିବାସୀ ପଲ୍ଲୀରେ ରଜ ପାଇଁ ନୂଆ ପୋଷାକ ବଣ୍ଟନ

ଆଠଗଡ(ଭାସ୍କର ନ୍ୟୁଜ): ଓଡ଼ିଶାର ଗଣପର୍ବ ରଜ ପର୍ବକୁ ଧୁମ ଧାମରେ ପାଳନ କରାଯାଉଛି । ହେଲେ ଏହା ମୁଣ୍ଡା ଆଦିବାସୀ ପରିବାରର ପିଲାମାନଙ୍କ ପାଇଁ ରଜପର୍ବ ସ୍ୱପ୍ନ ପାଲଟି ଯାଇଛି । ସେମାନଙ୍କୁ ଏହି ଗଣପର୍ବର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ପରିବାର ଓ ତାଙ୍କ ପିଲା ମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ କଟକର ପ୍ରଗତି ଫାଉଣ୍ଡେସନ ପକ୍ଷରୁ ଆରମ୍ଭ କରାଯାଇଛି ଏକ ନିଆରା ପ୍ରୟାସ । କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତର ଆଦିବାସୀ ବହୁଳ ଗ୍ରାମ କଂସର ଠାରେ ଶୁକ୍ରବାର ମଧ୍ୟାହ୍ନରେ ଫାଉଣ୍ଡେସନ ପକ୍ଷରୁ ରଜ ଉତ୍ସବକୁ ଧୁମ ଧାମରେ ପାଳନ କରାଯାଇଛି । ଏଥିରେ କଂସର, ଧଣ୍ଡିସାହିର ଆଦିବାସୀ ଓ ମୁଣ୍ଡା ପରିବାରର ୧୦ ବର୍ଷରୁ ତଳକୁ ଶତାଧିକ ପୁଅ ଝିଅ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ । ରଜ ପର୍ବରେ ଅନ୍ୟ ମାନଙ୍କ ପରି ସେମାନେ ମଧ ଖୁସି ମନାଇବାକୁ ସମସ୍ତ ବାଳିକା ବାଳକ ମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ନୂତନ ପୋଷାକ ଚପଲ ଓ ରଜରେ ସଜେଇ ହେବାକୁ ଝିଅମାନଙ୍କର ଆବଶ୍ୟକୀୟ ସ୍ନୋ, ପାଉଡର, ଅଳତା, ରିବନ ଓ ଅନ୍ୟାନ୍ୟ କସମେଟିକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଆୟୋଜିତ ଉତ୍ସବରେ ଫାଉଣ୍ଡେସନର ସଭାପତି ପ୍ରଦୀପ କୁମାର ନାୟକ ସଭପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁଚରଣ ପରିଡା, ମୁଖ୍ୟବକ୍ତା ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ତଥା ପୂର୍ବତନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ପ୍ରବୋଧ କୁମାର ଜେନା, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, କବିରାଜ ଉଲ୍ଲାସ କୁମାର ପଣ୍ଡା, ଖୁଣ୍ଟୁଣୀ ଥାନାର ଏଏସଆଇ ଶେଷଦ୍ୱେ ରାଜ ଓ ଫାଉଣ୍ଡେସନ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ଛତାର ପ୍ରମଖ ଯୋଗ ଦେଇ ଆଦିବାସୀ ଇଲାକାରେ ଏଭଳି ଜନପ୍ରିୟ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବା ଭୁୟସୀ ପ୍ରଶଂଶା କରିଥିଲେ । ଏହି ଉପଲକ୍ଷେ ବୈଦୁତିକ ଓ ଛାପା ଗଣମାଧମ ପ୍ରତିନିଧି ପଣ୍ଡା, ବିରୂପାକ୍ଷ ପ୍ରଧାନ, ଦିଲ୍ଲୀପ କୁମାର ଦାସ, ରଜନୀକାନ୍ତ ଜେନାଙ୍କା ସମେତ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ହରିହର ବେଉରା, ନୀଳକଣ୍ଠ ମହାନ୍ତି, ଅଙ୍କିତ ଜେନା, ଶାଶ୍ୱତ ରାଉତରାୟ, ପ୍ରକାଶ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ମନୋଜ ବେହେରା, ସୁରଜ ସାହୁ, ବାବୁ ବେହେରା, ଭବିକାଶ ଦଳେଇ, ତ୍ରିନାଥ ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଯାଜପୁରରେ ବିଜେଡିର ବିଶାଳ ମହିଳା ଜନଜାଗରଣ କାର୍ଯ୍ୟକ୍ରମ

# ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ବିଜେପି ସରକାର ବିଫଳ: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟରେ ଗତ ଏକ ବର୍ଷରେ ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ସରକାରଙ୍କ ବିଫଳତାକୁ ନେଇ ଯାଜପୁର ଠାରେ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନରେ ଶୁକ୍ରବାର ବିଜୁ ଜନତା ଦଳ ବିଜେପି ସରକାରଙ୍କ ଉପରେ ବର୍ଷିଛି । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ମହିଳା ମାନଙ୍କ ଉପରେ ଅତ୍ୟାଚାର ଓ ନିର୍ଯାତନା ବଢ଼ି ଚାଲିଥିବା ବେଳେ, ମହିଳା ମାନେ ସୁଯୋଗ ଓ ସମ୍ମାନ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ବିଜୁ ଜନତା ଦଳ ତରଫରୁ ଅଭିଯୋଗ କରାଯାଇଛି । ଏହି ସମାବେଶରେ ମହିଳା ମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ, ସାତ ସୂତ୍ରୀ ପ୍ରସ୍ତାବ ଗୃହୀତ ହୋଇଛି । ବରିଷ୍ଠ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମରେ ଦଳର ସମସ୍ତ ଆଗଧାଡ଼ିର ମହିଳା ନେତ୍ରୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ । ଗତକାଲି ଅହମ୍ମଦାବାଦ ଠାରେ ଘଟିଥିବା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ଉପସ୍ଥିତ ବିଜେଡିର ମହିଳା ନେତ୍ରୀମାନେ, ଯଥା ପ୍ରମିଳା ମଲ୍ଲିକ, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଡ଼ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ନିଜର ବକ୍ତବ୍ୟ ରଖି ସରକାରଙ୍କ ଉପରେ ବର୍ଷିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ସର୍ବଶ୍ରୀ ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ସାମଲ, ଡ଼ ଅରୁଣ କୁମାର ସାହୁ, ସଞ୍ଜୟ ଦାସବର୍ମା, ପ୍ରୀତି ରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

**AFFIDAVIT**

By virtue of an affidavit No. 08 sworn before the Executive Magistrate on dated: 12.06.2025, I Pravakar Pradhan, S/o-Benudhar Pradhan, resident of village-Ankushapur, Post-Sagada, Ps- Nimapara, Dist- Puri, declares that I have changed my name from Prabhakar Pradhan to Pravakar Pradhan. Henceforth, I shall be known as Pravakar Pradhan for all purposes.

**Sd/- Pravakar Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Padampur, dated: 11.06.2025, I Harilal Nayak, Address: At-Palsada, Po-Dava, Dist-Bargarh, Odisha, PIN-768042, declare that I have changed my son's name from Chitan Naik to Chaitan Naik. Henceforth, He shall be known as Chaitan Naik for all purposes.

**Sd/- Harilal Naik**

**AFFIDAVIT**

By virtue of an affidavit sworn before the Executive Magistrate, Buguda (Ganjam), dated: 13.06.2025, I Chitrasen Nayak, Address: At-Solamali, Po-Golamundula, Via-Buguda, Dist- Ganjam, Odisha, PIN-761118, declare that I have changed my daughter's name from Megharani Nayak to Deeptimayee Nayak. Henceforth, She shall be known as Deeptimayee Nayak for all purposes.

**Sd/- Chitrasen Nayak**

OFFICE OF THE
**BARIPADA MUNICIPAL COUNCIL, BARIPADA**
Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in
No: 845 Date: 10.06.2025

C-514

**DTCN PART-I (TCHNICAL BID) SECTION-II**
**COMPETITIVE BIDDING THROUGH 'e' Procurement**

The Executive Officer on behalf of Baripada Municipality, Baripada invites percentage rate bids in **double** cover system in **ONLINE MODE** only in conformity with Detailed Tender Call Notice (DTCN).

Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: **BPDM- 5 of 2025-2026** Tender I.D No : **2025_ORULB_**

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From **Dt.13/06/2025** (01.00 P.M.) to **Dt. 07/07/2025** (5.00 P.M.) |
| (ii) | Last date and time of bidding on-line (Submission of Bids) | Dt. **07/07/2025** (5.00 P.M.) |
| (iii) | Date and time of opening of the Bids received on-line | Dt. **08/07/2025** (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e'-procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality web side.

**OIPR 13078/11/0049/2526**

Sd/- Executive Officer,
Baripada Municipality

**OFFICE OF THE NOTIFIED AREA COUNCIL, DASPALLA**
At/Po – Daspalla, Dist – Nayagarh,
Ph. 06757220005, e-Mail: nacdaspalla@gmail.com

**QUOTATION CALL NOTICE**
Letter NO. 1062/ DATE. 13.06.2025

C-524

Sealed Quotation are invited from the Regd. Companies/Suppliers/Authorized dealers for supply of the following Sanitation Materials for Daspalla NAC including GST. The prescribed tender schedule can be obtained from the N.A.C., Daspalla during office hours except Govt. holidays on payment of Rs.2,000/-(Rupees Five Thousand) only (Non-refundable) in shape of bank draft drawn in favour of the Executive Officer, N.A.C., Daspalla payable at Daspalla from any nationalized bank. The tender along with all documents must be submitted to the Executive Officer, N.A.C., Daspalla through Regd. Post/Speed Post on or before dt.23.06.2025. The bids will be opened on dt 24.06.2025 at 11 A.M. in presence of the bidders or their authorized representatives. The undersigned will not be responsible for any Postal delay at all.

The undersigned reserves the right to reject any or all the bids or cancel the bid without assigning any reason thereof.

| | | | |
|---|---|---|---|
| 1. | Bleaching Powder (Grade-01) | 25 Kg per Bag | Rs |
| 2. | Wheel Barrow<br>i. Iron<br>ii. Fiver | Per Piece | Rs |
| 3. | Wheel Barrow (Wheel) | Per Piece | Rs |
| 4. | Fogging Machine | Per Piece | Rs |
| 5. | Grass Cutter Machine | Per Piece | Rs |

-Sd-
Executive Officer
N.A.C., Daspalla

**OIPR 13141/11/0004/2526**

## ପାନୀୟ ଜଳ ଯୋଗାଣ ପାଇଁ ଉତ୍କଳ ଆଲୁମିନାର ପ୍ରୟାସ

# ସ୍ୱଜଳ ଧାରା ଓ ୫ ସୌରାଚାଳିତ ନଳକୂଅ ଉଦ୍‌ଘାଟିତ



ରାୟଗଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ ସହଯୋଗୀ କମ୍ପାନୀ ପକ୍ଷରୁ ଦୁଇଗୋଟି ସ୍ୱଜଳ ପ୍ରକଳ୍ପ ଓ ପାଞ୍ଚଗୋଟି ସୌରାଚାଳିତ ନଳକୂପ ଉଦ୍ଘାଟିତ ହୋଇଯାଇଛି । ଉତ୍କଳ ଆଲୁମିନା ଖଣି ମୁଖ୍ୟ ବିଜୟ ଚୌହାନ ସମେତ କାରଖାନା ସିଏସଆର ବିଭାଗ କର୍ମକର୍ତ୍ତା କାଶୀପୁର ବ୍ଲକ କୋଡ଼ିପାରି ପଂଚାୟତ କାଳିଆ ଚାଁଚେରା ଓ ରୟାଲଘାଟି ଗାଁରେ ଉପସ୍ଥିତ ରହି ଜଳ ଯୋଗାଣ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଛନ୍ତି । ଦୀର୍ଘ ଦଶନ୍ଧିରୁ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ନପାଇ ସ୍ଥାନୀୟ ଝରଣା ଓ ନାଳ ପାଣି ଉପରେ ନିର୍ଭରଶୀଳ ଥିଲେ । ପାନୀୟ ଜଳ ନମିଳିବାରୁ ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ସମୟରେ ଝାଡ଼ାବାନ୍ତି ଓ ଅନ୍ୟାନ୍ୟ ଜଳ ବାହକ ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇ ମର୍ତ୍ତ୍ୟୁ ସହ ସଂଗ୍ରାମ କରିଥାନ୍ତି । ସମ୍ପ୍ରତି ସମସ୍ୟା ଦୀର୍ଘଦିନରୁ ଚାଲିଥିବା ବେଳେ ଉତ୍କଳ ଆଲୁମିନା ତରଫରୁ ଗ୍ରାମବାସୀଙ୍କ ଏହି ସମସ୍ୟା ସମାଧାନ ନିମନ୍ତେ ଆଗକୁ ଆସି ସୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପ୍ରୟାସ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉକ୍ତ ଦୁଇଟି ଗ୍ରାମରେ ଲୋକଙ୍କୁ ହାତପାହାନ୍ତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସକାଶେ ଦୁଇଗୋଟି ସ୍ୱଜଳ ଧାରା କାର୍ଯ୍ୟକ୍ଷମ କରାଯଇଛି । ସେହିପରି ଗ୍ରାମବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାଞ୍ଚ ଗୋଟି ସୌରାଚାଳିତ ନଳକୂଅ କାର୍ଯ୍ୟକ୍ଷମ କରାଯାଇଛି । ଉତ୍କଳ ଆଲୁମିନା ତରଫରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି । କମ୍ପାନୀର ଏଭଳି ଲୋକାଭିମୁଖୀ କାର୍ଯ୍ୟ ଯୋଗୁଁ ଗାଁ ଲୋକେ ପ୍ରଶଂସା କରୁଥିବାବେଳେ ସ୍ଥାନୀୟ ବାସିନ୍ଦା ମାଳିଆ ମାଝୀ କହିଛନ୍ତି, ଗାଁରେ ଲୋକେ ଶୁଦ୍ଧ ପାନୀୟ ଜଳ ପିଇବା ପାଇଁ ନାହିଁନଥିବା କଷ୍ଟ ସ୍ୱୀକାର କରୁଥିଲେ । ବର୍ଷା ଦିନେ ପ୍ରାକୃତିକ ଜଳ ଉତ୍ସ ଦୂଷିତ ହୋଇଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇଁ ଗାଁ ଲୋକେ ସମସ୍ୟାରେ ଜର୍ଜରିତ ହୋଇଥିଲେ । ଉତ୍କଳ ଆଲୁମିନା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିଥିବାରୁ ଗାଁ ଲୋକେ ପ୍ରଥମ ଥର ସୁଦ୍ଧ ପାନୀୟ ଜଳ ବ୍ୟବହାର କରିବେ ବୋଲି ଶ୍ରୀ ମଝି ପ୍ରକାଶ କରିଛନ୍ତି ।

## ପାଇକଗୁରୁ ଦୁଃଶାସନ ଦାସଙ୍କ ପରଲୋକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ବରିଷ୍ଠ ପାଇକଗୁରୁ, ପାଇକ ଏକାଡେମୀର ପୂର୍ବତନ ପ୍ରଶିକ୍ଷକ ତଥା ରାଜ୍ୟସ୍ତରୀୟ ପୁରସ୍କାର ବିଜେତା ଗୁରୁ ଦୁଃଶାସନ ଦାସଙ୍କର ୯୨ ବର୍ଷ ବୟସରେ ପୁରୀ ଜିଲ୍ଲା ମାଲୁଦଠାରେ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପାଇକ ଏକାଡେମୀର ରାଜ୍ୟ ସଭାପତି ଡକ୍ଟର ଅଶୋକ ପାଲଟାସିଂହ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ପୁତ୍ର ଭାସ୍କର ଦାସ ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

**OFFICE OF THE BIRMITRAPUR MUNICIPALITY; BIRMITRAPUR**
Municipality Office
Birmitrapur-770033
Tel:-0661-2610008
E-mail: - biramitrapurm.hud@nic.in

C-519

No. 1065 /BMPR-MUN Date 12.06.2025

**QUOTATION CALL NOTICE**

Sealed quotation are invited from the eligible intending Firms/Agencies/NGOs for supply of manpower for sanitation work, electrical work for street light maintenance, Gardening, Security Guard and Data Entry Operator to Birmitrapur Municipality, Dist- Sundargarh, for the year 2025-26 & 2026-27. having valid license/labour license registration certificate/PAN card/GST Registration certificate, EPF, ESI and minimum 3 years working experience in Sanitation & Man Power supply in ULBs of Odisha. The Quotation paper will be received on or before dated 30.06.2025 up to 01:00 PM. positively to this office by Registered Post/Speed Post or may be dropped in the specified Quotation box kept at the municipality office & same will be opened at 03.30 PM. Date 30.06.2025 in the presences of the Bidder or their authorised agent. The document received after the Scheduled date and time will not be entertained. The Detailed Bid Document can be obtained from the Birmitrapur Municipality Office within office hours from Date 12.06.2025 to 30.06.2025 except holidays on deposit of Rs.10,000.00(Rupees Ten thousand) only non-refundable paper cost in shape of Cash or account payee Demand Draft in favour of Executive Officer, Birmitrapur Municipality" the bid Document must be accompanied with the Quotation Paper and other prescribed documents otherwise it will be rejected. The quotation Call Notice also can be viewed in the district website: http://www.sundargarh.odisha.gov.in .

The municipality reserves the right to reject any or all Quotation Papers without assigning any reason thereof.

Sd/- Executive Officer
Birmitrapur Municipality

**OIPR 13193/11/0003/2526**

## ବିମାନ ଦୁର୍ଘଟଣାରେ ଯାଇଛି ଅନେକ ନେତାଙ୍କ ଜୀବନ

# ସଞ୍ଜୟ ଗାନ୍ଧୀଙ୍କଠାରୁ ବିଜୟ ରୁପାନୀଙ୍କ ପର୍ଯ୍ୟନ୍ତ...

ନୂଆଦିଲ୍ଲୀ: ଗୁରୁବାର ଅହମ୍ମଦାବାଦରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କ ଜୀବନ ମଧ୍ୟ ଯାଇଛି। ତେବେ କେବଳ ବିଜୟ ରୁପାନୀ ନୁହନ୍ତି, ଏହା ପୂର୍ବରୁ ବିମାନ ଦୁର୍ଘଟଣାରେ ବହୁ ବିଶିଷ୍ଟ ନେତାଙ୍କ ଜୀବନ ମଧ୍ୟ ଚାଲିଯାଇଛି। ସେମାନଙ୍କ ମଧ୍ୟରେ ସଞ୍ଜୟ ଗାନ୍ଧୀ, ମାଧବରାଓ ସିନ୍ଧିଆ, ଜି.ଏମ.ସି.ବାଲଯୋଗୀ, ସାଇ ପ୍ରିୟନ ସଙ୍ଗମା, ଓମ୍ପ୍ରକାଶ ଜିନ୍ଦଲ, ୱାଇ.ଏସ.ରାଜଶେଖର ରେଡ୍ଡୀ ପ୍ରମୁଖ ରହିଛନ୍ତି। ୧୯୮୦ ମସିହା ଜୁନ୍ ୨୩ ତାରିଖରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଅ ସଞ୍ଜୟ ଗାନ୍ଧୀ ବିମାନ ଟେକ୍ଅପ୍ କରୁଥିବା ସମୟରେ ନିୟନ୍ତ୍ରଣ ହରାଇଥିଲେ ଏବଂ ବିମାନଟି ନୂଆଦିଲ୍ଲୀର ଡିପ୍ଲୋମାଟିକ୍ ଏନକ୍ଲେଭରେ ଦୁର୍ଘଟଣାର ଶିକାର ହୋଇଥିଲା। ସେହିପରି ୨୦୦୧ ସେପ୍ଟେମ୍ବର ୩୦ରେ କଂଗ୍ରେସର ବିଶିଷ୍ଟ ନେତା ତଥା ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ମାଧବରାଓ ସିନ୍ଧିଆଙ୍କର କାନପୁରରେ ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୨ ମାର୍ଚ୍ଚ ୩ରେ ତେଲୁଗୁଦେଶମ ପାର୍ଟିର ନେତା ଜି.ଏମ.ସି. ବାଲଯୋଗୀ ପଶ୍ଚିମ ଗୋଦାବରୀ ଜିଲ୍ଲାର ଭୀମାବରମ୍‌ରୁ କୈକାଲୁରୁକୁ ଆସୁଥିବାବେଳେ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କ ଜୀବନ ଚାଲି ଯାଇଥିଲା। ସେହିପରି ହରିଆଣାର ପ୍ରସିଦ୍ଧ ରାଜନେତା ଓମ୍ପ୍ରକାଶ ଜିନ୍ଦଲଙ୍କର ମଧ୍ୟ ୨୦୦୫ ମସିହାରେ ଏକ ହେଲିକପ୍ଟର କ୍ରାସ୍‌ରେ ମୃତ୍ୟୁ ଘଟିଥିଲା। ୨୦୧୧ ଏପ୍ରିଲ ୩୦ରେ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ଦୋରଜି ଖାଣ୍ଡୁ ଓ ଅନ୍ୟ ୪ ଜଣଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୪ ସେପ୍ଟେମ୍ବର ୨୨ରେ ମେଘାଳୟର ତତ୍କାଳୀନ ମନ୍ତ୍ରୀ ସାଇପ୍ରିୟନ ସଙ୍ଗମାଙ୍କର ହେଲିକପ୍ଟର ଦୁର୍ଘଟଣାରେ ଜୀବନ ଯାଇଥିଲା। ଅନ୍ୟପକ୍ଷରେ ୨୦୦୯ ସେପ୍ଟେମ୍ବର ୨ ତାରିଖରେ ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୱାଇ.ଏସ.ରାଜଶେଖର ରେଡ୍ଡୀଙ୍କ ଏକ ହେଲିକପ୍ଟର ଦୁର୍ଘଟଣାରେ ମଧ୍ୟ ମୃତ୍ୟୁ ହୋଇଥିଲା।

## କଥା ରଖିଲେ ମୁଖ୍ୟମନ୍ତ୍ରୀ

# ଗୃହରକ୍ଷୀଙ୍କ ଭତ୍ତା ବୃଦ୍ଧି



ଭୁବନେଶ୍ୱର,୧୩।୬(ଭାସ୍କର ନ୍ୟୁଜ): ଶେଷରେ କଥା ରଖିଲେ ମୁଖ୍ୟମନ୍ତ୍ରୀ। ଗୃହରକ୍ଷୀଙ୍କୁ ଦେଲେ ରଜଭେଟି। ଏଥିସହ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭତ୍ତାରେ ମଧ୍ୟ ବୃଦ୍ଧି ଘଟାଇଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟିକଲ୍ ଅପ୍ ଭତ୍ତାରେ ବୃଦ୍ଧି ଘଟିଛି। ରାଜ୍ୟ ସରକାର ଏହି ଭତ୍ତା ୬୧୨ଟଙ୍କାରୁ ୬୨୩ଟଙ୍କାକୁ ଅର୍ଥାତ ୧୧ ଟଙ୍କା ବୃଦ୍ଧି ଘଟାଇଛନ୍ତି। ଗତ ଜାନୁଆରୀ ପହିଲାରୁ ଏହା ପିଛିଲାଭାବେ ଲାଗୁ କରାଯିବ। ସେହିପରି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କ ଦୈନିକ ଡ୍ୟୁଟି ଭତ୍ତା ବୃଦ୍ଧି କରାଯାଇଛି। ଏହା ୩୧ ଟଙ୍କାରୁ ୧୫୦ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ତାଲିମ ଭତ୍ତା ୨୮ଟଙ୍କାରୁ ୧୪୦ଟଙ୍କାକୁ ବୃଦ୍ଧି ହୋଇଛି। ଏହା ଗତ ମେ ପହିଲାରୁ ପିଛିଲାଭାବେ ଲାଗୁ କରାଯିବ। ସ୍ୱେଚ୍ଛାସେବୀଙ୍କ ଭତ୍ତା ବୃଦ୍ଧି ନେଇ ଦୀର୍ଘଦିନ ହେବ ଦାବିହୋଇ ଆସୁଥିବାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ କଥା ରଖିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ବେକାରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବ୍ରହ୍ମପୁର ଏବଂ ଗଞ୍ଜାମରେ ୨୪୦ଟି ଗୃହରକ୍ଷୀ ପଦବୀ ପାଇଁ ୧୧ହଜାର ୫ଶହରୁ ଅଧିକ ପ୍ରାର୍ଥୀ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ଗ୍ରାଜୁଏଟ୍, ପୋଷ୍ଟଗ୍ରାଜୁଏଟ, ଇଞ୍ଜିନିୟର ଏବଂ ଏମବିଏ ଡିଗ୍ରୀଧାରୀ ରହିଛନ୍ତି। ଗଞ୍ଜାମରେ ୧୩୫ ଗୃହରକ୍ଷୀ ପଦବୀ ପାଇଁ ପ୍ରାୟ ୭୫୦୦ ପ୍ରାର୍ଥୀ ଆବେଦନ କରିଥିବାବେଳେ ବ୍ରହ୍ମପୁରରେ ୧୦୫ଟି ପଦବୀ ପାଇଁ ୪,୧୫୪ଜଣ ଆବେଦନ କରିଛନ୍ତି। ସେହିପରି ରାଉରକେଲାରେ ୧୦୭ ଗୃହରକ୍ଷୀ ପଦବୀପାଇଁ ୯ ହଜାରରୁ ଅଧିକ ଆବେଦନ କାରି ରହିଥିଲେ ବୋଲି ସୂଚନା ଦିଆଯାଇଛି। ରାଜ୍ୟରେ ବେକାରୀ ସମସ୍ୟା ଦୂର କରିବା ପାଇଁ ମୋହନ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି କ୍ରମରେ ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ଜୋରଦାର କରାଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.MCSW-HIRING-BOPT-25-26-08

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଅପରେଟର ସହିତ 02 ଟନ୍ କ୍ଷମତା ବିଶିଷ୍ଟ 05 ଗୋଟି ବ୍ୟାଟେରୀ ଚାଳିତ ପ୍ଲାଟଫର୍ମ ଟ୍ରକ୍ (03 ଚକିଆ) ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 46,87,320/-, EMD (ଟଙ୍କାରେ) : 93,800/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା. 20.06.2025 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.07.2025 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର www.ireps.gov.in ରେ ଉପଲବ୍ଧ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର/POH-II/ ମଞ୍ଚେଶ୍ୱର

PR-220/Q/25-26

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ: ସିକେପି-ଇଷ୍ଟ-୨୫-୨୬-୧୪, ତାରିଖ: ୧୧.୦୬.୨୦୨୫, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜର/ଇଞ୍ଜିନିୟରିଂ/ଚକ୍ରଧରପୁର, ଦକ୍ଷିଣପୂର୍ବ ରେଳପଥ, ଚକ୍ରଧରପୁର, ନିମ୍ନଲିଖିତ କାର୍ଯ୍ୟପାଇଁ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଏ କ୍ଷେତ୍ରରେ କୌଣସି ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଯଦି ବି ଆସେ ତେବେ ତାକୁ ଅଗ୍ରାହ୍ୟ କରି ଦିଆଯିବ। କାର୍ଯ୍ୟର ନାମ: ସିନିୟର ଡିଭିଜନାଲ ଇଞ୍ଜିନିୟର (ପୂର୍ବ), ଚକ୍ରଧରପୁର ଡିଭିଜନ ପକ୍ଷରୁ ଲେବୁଲକ୍ରସିଂର ଟିବି-୬, ଟିବି-୮, ଟିବି-୯, ଟିବି-୧୧, ଟିବି-୧୪, ଟିବି-୨୧, ଟିବି-୩୫, ଟିବି-୩୭, ଟିବି-୪୦, ଟିବି-୭୫, ଟିବି-୫୧, ଟିବି-୬୧, ଓଜି-୭, ଲେବୁଲକ୍ରସିଂ ନଂ ୧୩୪, ୧୩୫, ୧୪୦, କେଏସ-୨, ଲେବୁଲକ୍ରସିଂ ନଂ ୧୬୩ ଏବଂ କେଏସ-୭ରେ ଥିବା ସ୍ଥାନଗୁଡ଼ିକରେ ପମ୍ପିଂ ଆରେଞ୍ଜମେଣ୍ଟ ପାଇଁ ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ. ୩୪,୬୪,୦୭୦.୩୦/-, ଅମାନତ ଜମା: ଟ. ୬୯,୩୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ୦.୦୦/- । ଖୋଲିବା ତାରିଖ: ୩୦.୦୬.୨୦୨୫। ଏହି ଟେଣ୍ଡରଗୁଡ଼ିକ ଆମର ୱେବସାଇଟ୍:http://www.ireps.gov.in ରେ ଦେଖିପାରିବେ।ଟେଣ୍ଡରର ଏବଂ ବିଡରମାନଙ୍କର କ୍ଲାସ-୩ ଡିଜିଟାଲ ସିଗନେଚର ସାର୍ଟିଫିକେଟ ରହିଥିବ ଏବଂ ସେମାନେ ନିଶ୍ଚିତ ଭାବେ ଆଇଆରଇପିଏସ୍ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବେ। କେବଳ ରେଜିଷ୍ଟ୍ରିଭୁକ୍ତ ଟେଣ୍ଡରର/ବିଡର ଇ-ଟେଣ୍ଡରରେ ଭାଗ ନେଇପାରିବେ। ଦ୍ରଷ୍ଟବ୍ୟ: ଇ-ଟେଣ୍ଡର ଫର୍ମ ସମସ୍ତ ଟେଣ୍ଡରରଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। (ଅଥରିଟି-ରେଲୱେ ବୋର୍ଡ ଚିଠି ନଂ-୨୦୨୦/ସିଇ-୧/ସିଟି/୩-ଇ/ଜିସିସି/ପଲିସି। ତାରିଖ: ୧୬.୦୭.୨୦୨୦)।

(PR-267)

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com

B-207

**Bid Identification No. S.E-Nayagarh (R&B) Division- Online 02/2025-26**

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Single cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building & EI Works.
2. No of Work : 4 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.18.06.2025 11.00 AM to Dt.27.06.2025 Up to 5.00 pm .
6. Date of opening of Bid : Dt.28.06.05.2025 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Superintending Engineer
Nayagarh (R&B) Division, Nayagarh

**OIPR 34138/11/0016/2526**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନଆଇଏ...

ମିଳିଥିବାବେଳେ ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର ମଧ୍ୟ ଠାବ ହୋଇଛି। ବ୍ଲାକ୍‌ବକ୍ସରୁ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗୁରୁବାର ଅପରାହ୍ନରେ ବିମାନଟି ଉଡାଣ ଭରିବାର ୫ ମିନିଟ୍ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ୧୬୯ଜଣ ଭାରତୀୟ ନାଗରିକ ରହିଥିବାବେଳେ ୫୩ଜଣ ବ୍ରିଟିଶ ନାଗରିକ, ୭ଜଣ ପର୍ତ୍ତୁଗୀଜ ନାଗରିକ ଓ ଜଣେ କାନାଡ଼ା ନାଗରିକଙ୍କ ସମେତ ୧୨ଜଣ କ୍ରିୟୁ ମେମ୍ବର ରହିଥିଲେ। ତେବେ ବିମାନଟି ଏକ ଡାକ୍ତରୀ ହଷ୍ଟେଲରେ ମାଡ଼ ହେବାରୁ ସେଥିରେ ୫ଜଣ ଡାକ୍ତରୀ ଛାତ୍ରଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଖବର ମିଳିବା ପରେ ଉଦ୍ଧାରକାରୀ ସଂସ୍ଥା ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏପରିକି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଗୃହମନ୍ତ୍ରୀ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳମନ୍ତ୍ରୀ ଏବଂ ଗୁଜରାଟ ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଥିଲେ। କେନ୍ଦ୍ର ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଏୟାର ଇଣ୍ଡିଆର ସବୁ ବୋଇଂ ୭୮୭ ବିମାନର ଯାଞ୍ଚ କରାଯିବ। ସୁରକ୍ଷା ସହିତ ଏହାର ସମସ୍ତ ଯନ୍ତ୍ରପାତି ମଧ୍ୟ ପରୀକ୍ଷା କରାଯିବା ପରେ ବିମାନ ଚଳାଚଳ କରିବ। ଏହି ଘଟଣାକୁ ନେଇ ସାରା ଦେଶ ସ୍ତବ୍ଧ ହୋଇପଡ଼ିଥିବାବେଳେ ପ୍ରିୟ ପରିଜନଙ୍କୁ ହରାଇ ବହୁ ପରିବାର ଶୋକର ସାଗରରେ ବୁଡ଼ି ରହିଛି। ଏପରିକି ବିଶ୍ୱର ବହୁ ରାଷ୍ଟ୍ର ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR



# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଇସ୍ରାଏଲର ଆକ୍ରମଣରେ ଇରାନ ସେନାର ମୁଖ୍ୟ ମହମ୍ମଦ ବାଘେରୀ ନିହତ ହୋଇଛନ୍ତି । ସେହିପରି ମିଶାଇଲ୍ ପ୍ରୋଗ୍ରାମର ନେତୃତ୍ୱ କରୁଥିବା ଜେନେରାଲ୍ ଆମିର ଅଲି ହାଜିଜାଦେହଙ୍କ ବି ମୃତ୍ୟୁ ହୋଇଛି । ଅନେକ ବରିଷ୍ଠ କମାଣ୍ଡର ଏହି ଆକ୍ରମଣରେ ବି ନିହତ ହୋଇଛନ୍ତି । ଇସ୍ରାଏଲ୍ ଆକ୍ରମଣରେ ଇରାନର ପରମାଣୁ ଠିକଣାକୁ ବଡ଼ କ୍ଷତି ପହଞ୍ଚିଛି । ତେବେ ଏହି ଆକ୍ରମଣ ପରେ ଇରାନ ପଟୁ ପାଲଟା ଆକ୍ରମଣ ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ଆଲର୍ଟ ହୋଇଛି ଓ ସାରା ଦୁନିଆରେ ଥିବା ନିଜ ଦୂତାବାସକୁ ବନ୍ଦ କରିବାକୁ ଯାଉଛି । ଇସ୍ରାଏଲର ସ୍ୱୀଡେନ ସ୍ଥିତ ଦୂତାବାସ ଏହି ସୂଚନା ଦେଇଛି । ସେପଟେ ବର୍ଲିନ ଦୂତାବାସକୁ ବି ବନ୍ଦ କରିଦିଆଯାଇଛି । ଇସ୍ରାଏଲ୍ ଏହି ଆକ୍ରମଣରେ ଇରାନର ମୋଟ ୨୦ ଶୀର୍ଷ ମିଲିଟାରୀ କମାଣ୍ଡର୍ସଙ୍କୁ ହତ୍ୟା କରିଛି । ଏହାପରଠୁ ପାଲଟା ଆକ୍ରମଣ ଭୟରେ ଇସ୍ରାଏଲ୍ ସମସ୍ତ ସତର୍କତା ଅବଲମ୍ବନ କରିଛି ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦେହାନ୍ତରେ ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାଣୀଙ୍କ ଦେହାନ୍ତରେ ଶୁକ୍ରବାର ଶୋକବ୍ୟକ୍ତ କରିଛନ୍ତି । ଗତକାଲି ଅହମ୍ମଦାବାଦରେ ଏକ ବିମାନ ଦୁର୍ଘଟଣାରେ ଶ୍ରୀ ରୂପାଣୀଙ୍କର ପରଲୋକ ହୋଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଶ୍ରୀ ରୂପାଣୀଙ୍କର ପ୍ରତିଷ୍ଠିତ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଛନ୍ତି । ରାଜକୋଟ ମହାନଗର ନିଗମରେ ତାଙ୍କର କାର୍ଯ୍ୟକାଳ, ରାଜ୍ୟସଭା ସାଂସଦ, ଗୁଜରାଟ ବିଜେପି ଅଧ୍ୟକ୍ଷ ଏବଂ ରାଜ୍ୟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ତାଙ୍କର ଭିନ୍ନ ଭିନ୍ନ ଭୂମିକାକୁ ଶ୍ରୀ ମୋଦୀ ସ୍ମରଣ କରିଛନ୍ତି । ଏକ୍ସରେ ଏକ ଥ୍ରେଡ୍ ପୋଷ୍ଟ କରି ଶ୍ରୀ ମୋଦୀ ଲେଖିଛନ୍ତି: ଶ୍ରୀ ବିଜୟଭାଇ ରୂପାଣୀଙ୍କ ପରିବାରକୁ ଭେଟିଲି । ବିଜୟଭାଇ ଆମ ଗହଣରେ ଆଉ ନାହାନ୍ତି, ଏହା ବିଶ୍ୱାସ କରି ହେଉନାହିଁ । ମୁଁ ତାଙ୍କୁ ଅନେକ ଦଶନ୍ଧି ହେବ ଜାଣିଛି । ଆମେ କାନ୍ଧରେ କାନ୍ଧ ମିଶାଇ କାମ କରିଛୁ, ଏଥିରେ ଅନେକ ଆହ୍ୱାନପୂର୍ଣ୍ଣ ସମୟ ମଧ୍ୟ ସାମିଲ ଥିଲା । ବିଜୟଭାଇ ଅତ୍ୟନ୍ତ ନମ୍ର ଏବଂ ପରିଶ୍ରମୀ ଥିଲେ । ଦଳର ବିଚାରଧାରା ପ୍ରତି ସେ ଦୃଢ ଭାବରେ ପ୍ରତିଶ୍ରୁତିବଦ୍ଧ ଥିଲେ । ସେ ଧୀରେ ଧୀରେ ପଦୋନ୍ନତି ହାସଲ କରିଥିଲେ, ସଂଗଠନରେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ନିଷ୍ଠାର ସହ ସେବା କରିଥିଲେ । ରାଜକୋଟ ମହାନଗର ନିଗମରେ ହେଉ, ରାଜ୍ୟସଭା ସାଂସଦ ଭାବେ ହେଉ, ଗୁଜରାଟ ବିଜେପି ଅଧ୍ୟକ୍ଷ ଭାବେ ହେଉ, କିମ୍ବା ରାଜ୍ୟ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ ହେଉ, ପ୍ରତ୍ୟେକ ଦାୟିତ୍ୱରେ ସେ ନିଜକୁ ପ୍ରତିଷ୍ଠିତ କରିଥିଲେ । ବିଜୟଭାଇ ଏବଂ ମୁଁ ସେତେବେଳେ ମଧ୍ୟ ବ୍ୟାପକ ଭାବେ କାର୍ଯ୍ୟ କରିଛୁ ଯେତେବେଳେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ । ଗୁଜରାଟର ବିକାଶ ଗତିକୁ ବୃଦ୍ଧି କରିବା, ବିଶେଷ କରି ସହଜ ଜୀବନଧାରଣକୁ ପ୍ରୋତ୍ସାହିତ କରିବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ । ଆମର ବାର୍ତ୍ତାଳାପକୁ ମୁଁ ସର୍ବଦା ମନେ ରଖିବି । ଏହି ଦୁଃଖଦ ସମୟରେ ତାଙ୍କ ପରିବାର ଏବଂ ବନ୍ଧୁମାନଙ୍କ ପ୍ରତି ମୋର ସମାବେଦନା ଜଣାଉଛି ।

## ୧୬ତାରିଖରେ ସ୍କୁଲ୍‌ରେ ପ୍ରବେଶ ଉତ୍ସବ ଆରମ୍ଭ

ରାୟପୁର: ଛତିଶଗଡରେ ଆଗାମୀ ୧୬ତାରିଖରୁ ନୂତନ ଶିକ୍ଷାବର୍ଷର ଆରମ୍ଭ କରାଯାଉଛି । ଏହି ପରିପ୍ରେକ୍ଷୀରେ ସମସ୍ତ ସ୍କୁଲରେ ଛାତ୍ରମାନଙ୍କ ପ୍ରବେଶ ପାଇଁ ବ୍ୟବସ୍ଥା ମଧ୍ୟ ଆରମ୍ଭ ହୋଇଛି । ଏହି ଅବସରରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରାଜ୍ୟର ସମସ୍ତ ଜନପ୍ରତିନିଧିଙ୍କୁ ପତ୍ର ଲେଖି ସ୍କୁଲ ପ୍ରବେଶ ଉତ୍ସବ ପାଇଁ ସକ୍ରିୟ ଅଂଶ ଗ୍ରହଣ କରିବା ନିମନ୍ତେ ଅନୁରୋଧ କରିଛନ୍ତି । ଏହି ଆୟୋଜନ ରାଜ୍ୟର ଶିକ୍ଷା କ୍ଷେତ୍ରକୁ ସଶକ୍ତ କରିବା ସହ ଶତପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସୁନିଶ୍ଚିତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ମୁଖ୍ୟମନ୍ତ୍ରୀ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ



ସମସ୍ତଙ୍କୁ ଶତପ୍ରତିଶତ ସାକ୍ଷର କରିବା ପାଇଁ ଲକ୍ଷ୍ୟ ରହିଛି । ଯଦିଓ ଏହା ଅସମ୍ଭବ କିନ୍ତୁ ଏହା ସମ୍ଭବ ହେବ । ସେ ଆହୁରି କହିଥିଲେ ଯେ, ସମାଜର ଏପରି କାର୍ଯ୍ୟ ନାହିଁ ଯାହାକୁ ଅସମ୍ଭବ କୁହାଯାଇପାରିବ । ସମସ୍ତେ ମିଳିମିଶି ଚେଷ୍ଟା କଲେ ଏହି କାର୍ଯ୍ୟରେ ସଫଳତା ହାସଲ ହୋଇପାରିବ । ରାଜ୍ୟରେ ଶିକ୍ଷା ଅଧିକାର ଅଧିନିୟମ ୨୦୨୦ ଲାଗୁ ହୋଇଛି । ଏହାକୁ ଅଧିକ ସକ୍ରିୟ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଅଣାଯିବା ଜରୁରୀ । ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ଗୁଣବତ୍ତା ଅଭିଯାନ ଆରମ୍ଭ ହୋଇଛି । ଯାହାର ଉଦ୍ଦେଶ୍ୟ ହେଉଛି ସରକାରୀ ବିଦ୍ୟାଳୟଗୁଡିକରେ ଶିକ୍ଷାର ମାନ ବୃଦ୍ଧି କରିବା ଏବଂ ଶିକ୍ଷକବିହୀନ ସ୍କୁଲରେ ଶିକ୍ଷକଙ୍କୁ ନିଯୁକ୍ତି ଦେବା । ଏହା ଫଳରେ ପ୍ରାଥମିକ ସ୍ତରଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସଫଳତା ମିଳିପାରିବ ବୋଲି ବିଷ୍ଣୁଦେବ କହିଥିଲେ ।

## ଅମ୍ବାନୀ ପରିବାରକୁ ଜେଡ୍+ ସୁରକ୍ଷା ଯୋଗାଇବା ବାଧ୍ୟତାମୂଳକ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏବଂ ତାଙ୍କ ପରିବାରକୁ ପ୍ରଦାନ କରାଯାଉଥିବା ଜେଡ୍ ପ୍ଲସ୍ ସୁରକ୍ଷାକୁ ଚ୍ୟାଲେଞ୍ଜ କରି ଦାୟର କରାଯାଇଥିବା ପିଆଇଏଲ୍‌କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ବମ୍ବେ ହାଇକୋର୍ଟ କିଛି ଦିନ ତଳେ ଏକ ନିଷ୍ପତ୍ତି ଶୁଣାଇଥିଲେ ଯେଉଁଥିରେ କୋର୍ଟ କହିଥିଲେ ଯେ ନିଜ ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ସୁରକ୍ଷା ପାଇଁ ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ମୂଲ୍ୟ ଦେବାକୁ ଇଚ୍ଛୁକ ତେବେ ସେହି ବ୍ୟକ୍ତିଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ । କୋର୍ଟ ଙ୍କର ଏହି ନିଷ୍ପତ୍ତିକୁ ଜଣେ ବ୍ୟକ୍ତି ଚ୍ୟାଲେଞ୍ଜ କରିଥିଲେ । ଯାହାକୁ ବର୍ତ୍ତମାନ୍ କୋର୍ଟ ଖାରଜ କରିଛନ୍ତି ଓ କହିଛନ୍ତି ଯେ ଅମ୍ବାନୀ ନିଜ ପରିବାର ସୁରକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତୁତ ଅଛନ୍ତି ତେଣୁ ମୁମ୍ବାଇ ପୋଲିସ ତାଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଇବା ବାଧ୍ୟତାମୂଳକ ଅଟେ । ଗତ ୨୦୧୩ ମସିହାରେ ମନମୋହନ ସିଂହଙ୍କ ସରକାର ସମୟରେ ମୁକେଶ ଅମ୍ବାନୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଇଥିଲା । ଯାହାକୁ ନେଇ ସୁପ୍ରିମକୋର୍ଟ ମନମୋହନ ସରକାରଙ୍କଠାରୁ ଉତ୍ତର ମାଗିଥିଲେ ଓ କହିଥିଲେ ଯେ ଅମ୍ବାନୀଙ୍କୁ କାହିଁକି ଜେଡ୍ ପ୍ଲସ୍ ସୁରକ୍ଷା ଦିଆଯାଇଥିଲା । ତେବେ ସୂଚନାଯୋଗ୍ୟ ଯେ ମୁକେଶ ଅମ୍ବାନୀ ଜେଡ୍+ ସୁରକ୍ଷା ଉପଭୋଗ କରନ୍ତି ଏବଂ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ) ତାଙ୍କୁ ଏହି ସୁରକ୍ଷା ପ୍ରଦାନ କରିଥାଏ । ଜେଡ୍+ ସୁରକ୍ଷା ଏକ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ଯେଉଁଥିରେ ମୋଟ ୩୬ ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥାନ୍ତି । ଏଥିରେ ୧୦ ଜଣ ଏନ୍ ଏସ୍ ଜି କମାଣ୍ଡୋ ମଧ୍ୟ ଅନ୍ତର୍ଭୁକ୍ତ ରହିଥାନ୍ତି ।

## ଇସ୍ରାଏଲର ପ୍ରଧାନମନ୍ତ୍ରୀଙ୍କ ସହ ମୋଦୀଙ୍କ ଆଲୋଚନା

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଏହି ଅଞ୍ଚଳର ପରିବର୍ତ୍ତିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଶ୍ରୀ ମୋଦୀଙ୍କୁ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଅବଗତ କରାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ପରିସ୍ଥିତିକୁ ନେଇ ଭାରତର ଚିନ୍ତା ବ୍ୟକ୍ତ କରିଥିଲେ । ବିଶ୍ୱ ଶାନ୍ତି ପ୍ରୟାସ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇ ଶ୍ରୀ ମୋଦୀ ଏହି ଅଞ୍ଚଳରେ ଶୀଘ୍ର ଶାନ୍ତି ଏବଂ ସ୍ଥିରତା ଫେରାଇ ଆଣିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି : 'ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଠାରୁ ଏକ ଫୋନ କଲ୍ ପାଇଲି । ସେ ମୋତେ ପରିବର୍ତ୍ତିତ ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ । ମୁଁ ଭାରତର ଚିନ୍ତାଧାରାକୁ ସେୟାର କରିଥିଲି ଏବଂ ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଶୀଘ୍ର ପୁନରୁଦ୍ଧାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲି ।

## ଅବଦୋଲରହିମ୍ ମୁସାଭି ଇରାନ୍‌ର ନୂଆ ସାମରିକ ମୁଖ୍ୟ ନିଯୁକ୍ତ



ନୂଆଦିଲ୍ଲୀ : ତେହେରାନ ଉପରେ ଇସ୍ରାଏଲର ବିମାନ ଆକ୍ରମଣରେ ପ୍ରମୁଖ ସୁରକ୍ଷା ଅଧିକାରୀଙ୍କ ମୃତ୍ୟୁ ପରେ ଇରାନର ସର୍ବୋଚ୍ଚ ନେତା ଅଲି ଖାମେନି ଆଜି ନୂତନ ସାମରିକ କମାଣ୍ଡର ନିଯୁକ୍ତ କରିଛନ୍ତି । ଖାମେନି ସଶସ୍ତ୍ର ବାହିନୀର ନୂତନ ଚିଫ୍ ଅଫ୍ ଷ୍ଟାଫ୍ ଭାବରେ ଅବଦୋଲରହିମ୍ ମୁସାଭି, ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସର ନୂତନ କମାଣ୍ଡର ଭାବରେ ମହମ୍ମଦ ପାକପୁରଙ୍କୁ ଏବଂ ଖତମ୍ ଅଲ୍-ଅନବିୟା କେନ୍ଦ୍ରୀୟ ମୁଖ୍ୟାଳୟର ନେତୃତ୍ୱ ନେବା ପାଇଁ ଅଲି ସାଦମାନିଙ୍କୁ ନାମିତ କରିଛନ୍ତି । ଏହାପୂର୍ବରୁ, ଇସ୍ରାଏଲ ପ୍ରତିରକ୍ଷା ବାହିନୀ ରାତାରାତି ହୋଇଥିବା ବିମାନ ଆକ୍ରମଣରେ ଇରାନର ତିନି ଜଣ ଶୀର୍ଷ ସାମରିକ ନେତାଙ୍କୁ ହତ୍ୟା କରିଥିବା ଜଣାପଡିଛି ।

## ଦିଲ୍ଲୀରେ ଜଳ ସଂକଟ, ଜଳଯୋଗାଣ ୩୦% ହ୍ରାସ

ନୂଆଦିଲ୍ଲୀ : ରାଜଧାନୀ ଦିଲ୍ଲୀରେ ଗ୍ରୀଷ୍ମ ଓ ହିଟୱେଭ ମଧ୍ୟରେ ଏବେ ପାନୀୟ ଜଳ ସଂକଟ ଗୁରୁତର ରୂପ ଧାରଣ କରିଛି । ଯମୁନା ନଦୀର ୱଜିରାବାଦ ଜଳାଶୟରେ ଜଳସ୍ତର ଏବେ ହ୍ରାସ ହୋଇ ୬୬୮.୭୦ ଫୁଟ ହୋଇଯାଇଛି । ଏହି ସମୟରେ ସ୍ୱାଭାବିକ ଜଳ ସ୍ତର ୬୭୪.୫୦ ଫୁଟ ରହିବା କଥା । ଏଣୁ ୱଜିରାବାଦ ଓ ଚନ୍ଦ୍ରାବଲ ୱାଟର ପ୍ଲାଣ୍ଟରୁ ଜଳ ଯୋଗାଣରେ ସମସ୍ୟା ଉପୁଜିଛି । ଏହି ସମସ୍ୟା ଯୋଗୁ ଉଭୟ ଜଳ ଯୋଗାଣ ପ୍ଲାଣ୍ଟରୁ ପେୟ ଜଳ ଯୋଗାଣ ପାଖାପାଖି ୨୫ରୁ୩୦% ହ୍ରାସ ହୋଇଛି । ଜଳଯୋଗାଣ ହ୍ରାସ ଯୋଗୁ ରାଜଧାନୀ ଦିଲ୍ଲୀରେ ପାନୀୟ ଜଳ ସଂକଟ ଏବେ ଉତ୍କଟ ରୂପ ଧାରଣ କରିଛି । ପ୍ରଭାବିତ ଅଞ୍ଚଳରେ ଜଳ ପ୍ରେସର କମୁଥିବା ବେଳେ ଜଳ ଯୋଗାଣରେ ଅନିୟମିତତା ଉପୁଜିଛି । ୱଜିରାବାଦ ପ୍ଲାଣ୍ଟ ଯୋଗୁ ଯେଉଁ ସବୁ ଅଞ୍ଚଳକୁ ଜଳ ଯୋଗାଣ ପ୍ରଭାବିତ



ହେଉଛି ସେଥିରେ ମଜନୁ କା ଟିଲା, ଆଇଏସବିଟି, ଜିପିଓ, ଏନଡିଏମସି କ୍ଷେତ୍ର, ଆଇଟିଓ, ଏଲଏନଜେପି ହସ୍ପିଟାଲ, ଡିଫେନ୍ସ କଲୋନୀ, ସିଜିଓ କମ୍ପ୍ଲେକ୍ସ, ରାଜଘାଟ, ଡବ୍ଲୁଏଚଓ, ରାମଲିଳା ମୈଦାନ, ଦିଲ୍ଲୀ ଗେଟ୍, ଗୁଲାବୀ ବାଗ୍, ତିମାରପୁର, ପଞ୍ଜାବୀ ବାଗ, ଶାଲିମାର ବାଗ, ବଜିରପୁର, ମଡେଲ ଟାଉନ, ବୁରାଡି, ସାଉଥ ଏକ୍ସଟେନସନ, ଜିକେ, କେଣ୍ଟ ଏରିୟା ଓ ଦକ୍ଷିଣ ଦିଲ୍ଲୀର ଅନେକ ଅଞ୍ଚଳ ରହିଛି । ସେହିପରି ଚନ୍ଦ୍ରାବଲ ପ୍ଲାଣ୍ଟରୁ ଜଳ ଯୋଗାଣ ହ୍ରାସ ହେବା ଯୋଗୁ ଯେଉଁସବୁ କ୍ଷେତ୍ର ପ୍ରଭାବିତ ହୋଇଛି ସେଥିରେ ସିଭିଲ ଲାଇନ୍ସ, ହିନ୍ଦୁରାଓ ହସ୍ପିଟାଲ, କମଲାନଗର, ଶକ୍ତିନଗର, କରୋଲବାଗ, ପାହାଡ଼ଗଞ୍ଜ, ପଟେଲନଗର, ବଳଜିତ ନଗର, ପ୍ରେମନଗର ଓ ଇନ୍ଦ୍ରପୁରୀ ରହିଛି । ଏଣୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଜଳର ଦୂରୁପଯୋଗ ନକରିବାକୁ ନିବେଦନ କରାଯାଇଛି ।

# ବାଣିଜ୍ୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶାର ଦରଦାମ୍ ସ୍ଥିତିରେ ମେ' ମାସରେ ଆହୁରି ସୁଧାର ଘଟିଛି । ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୨୮ ପ୍ରତିଶତକୁ ହ୍ରାସ ପାଇଛି । ଗତ ଏପ୍ରିଲ୍‌ରେ ଏହି ହାର ୨.୫୦ ପ୍ରତିଶତ ଥିଲା । ମେ'ରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୨.୩୧ ପ୍ରତିଶତ ଓ ୨.୧୯ ପ୍ରତିଶତକୁ ହ୍ରାସ ପାଇଛି । ଏପ୍ରିଲ୍‌ରେ ଉଭୟ ଅଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୨.୫୭ ପ୍ରତିଶତ ଓ ୨.୨୫ ପ୍ରତିଶତ ଥିଲା । ଜାତୀୟ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୬ ବର୍ଷରେ ସର୍ବନିମ୍ନ ସ୍ତର ୨.୮୨ ପ୍ରତିଶତକୁ ହ୍ରାସ ପାଇଛି । ଓଡ଼ିଶାର ସ୍ଥିତି ଜାତୀୟ ହାରଠାରୁ ଉନ୍ନତ ରହିଛି । ୨୦୨୪ ଜୁନ୍ ?ରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ଏହାର ସର୍ବୋଚ୍ଚ ସ୍ତର ୭.୨୨ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଦରଦାମ୍ ସ୍ଥିତି ପ୍ରାୟ ଡିସେମ୍ବର ପର୍ଯ୍ୟନ୍ତ ବେଲଗାମ ରହିଥିଲା । ୨୦୨୫ ଆରମ୍ଭ ପରଠାରୁ ସ୍ଥିତିରେ ଲଗାତାର ଭାବେ ସୁଧାର ହେଉଛି । ଖାଦ୍ୟ ଓ ପାନୀୟ ଦାମ୍ ଲଗାତାର ଭାବେ ହ୍ରାସ ପାଉଥିବାରୁ ଦରଦାମ୍ ସ୍ଥିତିରେ ସୁଧାର ଘଟୁଛି । ଗତ ମେ'ରେ ଶସ୍ୟ, ପନିପରିବା ଫଳ, ଡାଲି ଆଦିର ଦାମ୍ କମ୍ ହୋଇଛି ।

## ୪୯.୧୪ କୋଟି ଟଙ୍କା ଅନୁମୋଦନ ହାସଲ କଲା ଆଇଏଫ୍‌ଏଲ୍

ଅହମଦାବାଦ: କୃଷି ସାମଗ୍ରୀର ଆମଦାନୀ, ରପ୍ତାନି ଓ ଟ୍ରେଡିଂ ସହିତ କୃଷି ସାମଗ୍ରୀ ବ୍ୟବସାୟରେ ନିୟୋଜିତ ଥିବା ଆଇଏଫଏଲ ଏଣ୍ଟରପ୍ରାଇଜେସ ଲିମିଟେଡ (ବିଏସଇ-୫୪୦୩୭୭)ର ୪୯.୧୪ କୋଟି ଟଙ୍କା ରାଇଟସ ଇସ୍ୟୁ ସବ୍‌ସ୍କ୍ରିପସନ ନିମନ୍ତେ ୨୦୨୫ ଜୁନ ୧୯ ତାରିଖରେ ଉନ୍ମୁକ୍ତ ହେବ ଏବଂ ଏହା ୨୦୨୫ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ରାଇଟସ ଇସ୍ୟୁକୁ ଆକର୍ଷଣୀୟ ଭାବରେ ସେୟାର ପିଛା ୧ ଟଙ୍କା ମୂଲ୍ୟ ବିଶିଷ୍ଟ କରାଯାଇଛି ଏବଂ ଏହା ଅଂଶଧାରକମାନଙ୍କୁ କମ୍ପାନୀରେ ସେମାନଙ୍କର ଇକ୍ୱିଟି ବୃଦ୍ଧି କରିବା ନିମନ୍ତେ ଏକ ସୁଯୋଗ ଯୋଗାଇ ଦେଉଛି । ୨୦୨୫ ଜୁନ ୯ ତାରିଖରେ ଅନୁଷ୍ଠିତ ବୈଠକରେ ବୋର୍ଡ ଅଫ ଡାଇରେକ୍ଟର୍ସ ରାଇଟସ ଇସ୍ୟୁ ସମ୍ପର୍କରେ ବିଚାର କରିବା ସହିତ ତାହାକୁ ଅନୁମୋଦନ କରିଥିଲେ । ୨୦୨୫ ଜୁନ ୧୩ ରେକର୍ଡ ତାରିଖ ସୁଦ୍ଧା ଇକ୍ୱିଟି ସେୟାର ଧାରଣ କରୁଥିବା ଅଂଶଧାରକମାନେ ସେମାନେ ଧାରଣ କରୁଥିବା ପ୍ରତ୍ୟେକ ୯୧ଟି ଫୁଲି ପେଡ-ଅପ ଇକ୍ୱିଟି ସେୟାର ନିମନ୍ତେ ୬୦ଟି ରାଇଟସ ଇକ୍ୱିଟି ସେୟାର ଅନୁପାତରେ ରାଇଟ ସେୟାର ହାସଲ ନିମନ୍ତେ ଆବେଦନ କରିବାକୁ ଯୋଗ୍ୟ ବିବେଚିତ ହେବେ । ଅନ-ମାର୍କେଟ ଆରଇଗୁଡିକ ପରିତ୍ୟାଗ ନିମନ୍ତେ ଶେଷ ତାରିଖ ୨୦୨୫ ଜୁନ ୨୪ ତାରିଖ ରଖାଯାଇଛି । ରାଇଟସ ଇସ୍ୟୁ ମଧ୍ୟରେ ପ୍ରତ୍ୟେକ ୧ ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ୪୯,୧୪,୭୬,୬୨୦ ଫୁଲି ପେଡ-ଅପ ଇକ୍ୱିଟି ସେୟାର ରହିଛି ଯାହାର ମୋଟ ପରିମାଣ ୪୯.୧୪ କୋଟି ଟଙ୍କା । ଏହି ଇସ୍ୟୁରୁ ସଂଗୃହୀତ ଅର୍ଥକୁ କମ୍ପାନୀର ଆର୍ଥିକ ସ୍ଥିତି ସୁଦୃଢ କରିବା ଏବଂ ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟକୁ ସମର୍ଥନ କରିବା ନିମନ୍ତେ ବ୍ୟବହାର କରାଯିବ । ନବନିଯୁକ୍ତ ପରିଚାଳନା ନିର୍ଦ୍ଦେଶକ ଅଭିଷେକ ପ୍ରତାପକୁମାର ଠକ୍କରଙ୍କ ଅଧୀନରେ କମ୍ପାନୀର ରଣକୌଶଳାତ୍ମକ ଦିଗ ନିର୍ଦ୍ଦେଶ ଅନୁଯାୟୀ ଏହି ପାଣ୍ଠି ସଂଗ୍ରହ କରାଯାଉଛି ଯାହା ପରିଚାଳନାଗତ ପାରଦର୍ଶିତାରେ ବୃଦ୍ଧି ଘଟାଇବା ଏବଂ ସେବା ସାମର୍ଥ୍ୟଗୁଡିକ ସମ୍ପ୍ରସାରିତ କରିବାକୁ ଲକ୍ଷ୍ୟ ରଖିଛି । ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ କମ୍ପାନୀ ତାହାର ବ୍ୟବସାୟିକ ପରିଚାଳନାରୁ ୧୨୦.୬୦ କୋଟି ଟଙ୍କା ରାଜସ୍ୱ ଆୟ କରିଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ କରିଥିବା ରାଜସ୍ୱ ଆୟ ୮.୨୪ କୋଟି ଟଙ୍କା ତୁଳନାରେ ୧୩ଗୁଣ ବୃଦ୍ଧିପାଇଛି । କମ୍ପାନୀର ନେଟ୍ ଲାଭ ମଧ୍ୟ ଆର୍ଥିକ ବର୍ଷ ୨୦୨୪-୨୫ରେ ୨.୯୯ କୋଟି ଟଙ୍କାକୁ ବୃଦ୍ଧିପାଇଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ହୋଇଥିବା ନେଟ× ଲାଭ ୮୪.୫ ଲକ୍ଷ ଟଙ୍କା ତୁଳନାରେ ୨୫୪% ଅଭିବୃଦ୍ଧି ହାସଲ କରିଛି । ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକରେ କମ୍ପାନୀର କନସୋଲିଡେଟେଡ ନେଟ× ଲାଭ ୩.୦୪ କୋଟି ଟଙ୍କା ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକରେ କମ୍ପାନୀର ବ୍ୟବସାୟିକ ପରିଚାଳନାରୁ ରାଜସ୍ୱ ଆୟ ବହୁଗୁଣ ବୃଦ୍ଧିପାଇ ୭୨.୧୩ କୋଟି ଟଙ୍କା ହୋଇଛି, ଯାହା ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସିକରେ ୧.୯୮ କୋଟି ଟଙ୍କା ହୋଇଥିଲା । ୨୦୨୪ ଅଗଷ୍ଟରେ କମ୍ପାନୀର ବୋର୍ଡ ଇକ୍ୱିଟି ଅଂଶଧାରକମାନଙ୍କ ନିମନ୍ତେ ୧:୧୫୦ ଅନୁପାତରେ (ପ୍ରତ୍ୟେକ ୧୫୦ ସେୟାର ନିମନ୍ତେ ବୋନସ ଆକାରରେ ୧ ଇକ୍ୱିଟି ସେୟାର) ବୋନସ ଇସ୍ୟୁକୁ ଅନୁମୋଦନ କରିଥିଲା । ୨୦୦୯ରେ ପଞ୍ଜିକୃତ ଆଇଏଫଏଲ ଏଣ୍ଟରପ୍ରାଇଜେସ ଲିମିଟେଡ ସମ୍ପ୍ରତି ଫଳ, ପନିପରିବା, ବିହନ, ଜୈବିକ ଓ ହର୍ବାଲ ଉତ୍ପାଦର ଆମଦାନୀ, ରପ୍ତାନି, ଚୁକ୍ତିଭିତ୍ତିକ କୃଷି କାର୍ଯ୍ୟ ଏବଂ ପଣ୍ୟାଗାର ଆଦି ସମେତ କୃଷିଜାତ ସାମଗ୍ରୀ ବ୍ୟବସାୟରେ ନିୟୋଜିତ ରହିଛି । କମ୍ପାନୀ ମଧ୍ୟ ସେୟାର, ଷ୍ଟକ ଏବଂ ବଣ୍ଡସ ଆଦି ଆର୍ଥିକ ଇନଷ୍ଟ୍ରୁମେଣ୍ଟ ଟ୍ରେଡିଂ କାର୍ଯ୍ୟ କରୁଛି ।

## ସେନ୍‌ସେକ୍ସରେ ୮୨୩ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପ୍ରଭାବରେ ଭାରତର ଦୁଇ ଷ୍ଟକ୍ ବଜାର କାରବାର ମାନ୍ଦା ରହିଥିଲା । ନିବେଶକମାନେ ବିଭିନ୍ନ ସଂସ୍ଥାର ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ ?ସେକ୍ସ ୮୨୩ ପଏଣ୍ଟ ହ୍ରାସ ପାଇ ୮୧,୬୯୧ ପଏଣ୍ଟରେ ବନ୍ଦ ହୋଇଛି । ଏହି ହ୍ରାସ ପ୍ରଭାବରେ ନିବେଶକମାନେ ୭.୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି । ବମ୍ବେ ଷ୍ଟକ୍ ବଜାରରେ ତାଲିକାଭୁକ୍ତ ଥିବା କମ୍ପାନିଗୁଡ଼ିକର ମୋଟ୍ ବଜାର ପୁଞ୍ଜି ପରିମାଣ ୪୪୯.୪୨ ଲକ୍ଷ କୋଟି ଟଙ୍କା ହୋଇଛି । ସେନ୍ ?ସେକ୍ସର ଅଂଶ ଥିବା ୩୦ଟି ସେୟାର ମଧ୍ୟରୁ ୨୭ଟି ହ୍ରାସ ପାଇଥିଲା । ସୂଚନା ପ୍ରଯୁକ୍ତି, ଏଫ୍‌ଏମ୍‌ସିଜି, ଧାତବ ଓ ଅଟୋମୋବାଇଲ୍ ସେୟାର ହ୍ରାସ ପାଇଛି । ଟାଟା ମୋଟର୍ସର ସେୟାର ୨.୯୮ ପ୍ରତିଶତ ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ୨.୩୦ ପ୍ରତିଶତ ହ୍ରାସ ପାଇଛି । ଏସିଆରେ ଜାପାନ ଓ ହଂକଂର ଷ୍ଟକ୍ ବଜାର ସୂଚୀ ହ୍ରାସ ପାଇଛି ଓ କୋରିଆର ସୂଚୀ ବୃଦ୍ଧି ପାଇଛି ।

## ଆର୍‌ଏସ୍‌ପି ପକ୍ଷରୁ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ନୂତନ ମାନଦଣ୍ଡ ସ୍ଥାପନା



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଇନଷ୍ଟ୍ରୁମେଣ୍ଟେସନ ଏବଂ ଅଟୋମେସନ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ନବସୃଜନ, ସୁରକ୍ଷା ଏବଂ ମୂଲ୍ୟ ନିପୁଣତା କ୍ଷେତ୍ରରେ ପ୍ରଭାବଶାଳୀ ଯୋଗଦାନ ପ୍ରଦାନ ସହକାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛି । ବିଭାଗର ପ୍ରମୁଖ ପଦକ୍ଷେପ ମଧ୍ୟରୁ ଅନ୍ୟତମ ହେଉଛି ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆରଏସପିର ଏକ ଭର୍ଚୁଆଲ୍ ରିଆଲିଟି ଆଧାରିତ ଡିଜିଟାଲ୍ ୱାକଥ୍ରୁ ସ୍ଥାପନ ଏବଂ କମିଶନିଂ । ଏହି ଅତ୍ୟାଧୁନିକ ପଦକ୍ଷେପ କର୍ମଚାରୀ ଏବଂ ପରିଦର୍ଶକଙ୍କ ପାଇଁ ଏକ ନିମଗ୍ନ ଅଭିଜ୍ଞତା ପ୍ରଦାନ କରୁଛି ଯାହା ଇଣ୍ଟରାକ୍ଟିଭ୍ ଭିଜୁଆଲ୍ ସିମୁଲେସନ୍ ମାଧ୍ୟମରେ କାରଖାନା କାର୍ଯ୍ୟଧାରାର ଉତ୍ତମ ବୁଝାମଣା ଏବଂ ଅଭିମୁଖୀକରଣକୁ ସକ୍ଷମ କରୁଛି । ଅନ୍ୟ ଏକ ଅଗ୍ରଣୀ ପଦକ୍ଷେପ ସ୍ୱରୂପ ଉକ୍ତ ବିଭାଗ ଉନ୍ନତ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ମନ୍ଦିରା ଡ୍ୟାମ୍ ?ର ସ୍ପିଲ୍ ୱେ ଏବଂ ସ୍ଲୁଇସ୍ ଗେଟ୍ ?ର ଅପଷ୍ଟ୍ରିମ୍ ପାର୍ଶ୍ୱର ପାଣି ତଳେ ଯାଞ୍ଚ ସମ୍ପାଦନ କରିଛି । ଏହି ଅଭିନବ ପଦ୍ଧତି ଗାଣିତିକ ମଡେଲିଂ ଉପରେ ଆଧାରିତ ଏକ ଭବିଷ୍ୟବାଣୀ ଅଧ୍ୟୟନ ରିପୋର୍ଟ ବିକାଶ ଏବଂ ଦାଖଲ କରିବାରେ ସହାୟକ ହୋଇଥିଲା, ଯାହାର ଲକ୍ଷ୍ୟ ପ୍ରତିରୋଧକ ରକ୍ଷଣାବେକ୍ଷଣ ଏବଂ ଭିତ୍ତିଭୂମି ସୁରକ୍ଷାକୁ ବୃଦ୍ଧି କରିବା ଅଟେ । ପ୍ରକ୍ରିୟା ନିୟନ୍ତ୍ରଣ ଏବଂ ନିର୍ଗମନ ମନିଟରିଂକୁ ଉନ୍ନତ କରି, ବିଭାଗ ଷ୍ଟିଲ୍ ମେଲ୍ଟିଂ ସପ୍-୧ ର କନଭର୍ଟରର ପି ଏବଂ କ୍ୟୁ ରେ ବିଭିନ୍ନ ଗ୍ୟାସର ଅନଲାଇନ୍ ବିଶ୍ଳେଷଣ ପାଇଁ ଡ୍ରାଇ ଗ୍ୟାସ୍ ଆନାଲାଇଜର ସ୍ଥାପନ କରିଛି । ଏହି ପଦକ୍ଷେପ ଉଚ୍ଚ-ତାପମାନ କାର୍ଯ୍ୟ ସମୟରେ ଜଳ ପ୍ରବେଶ ସହିତ ଜଡିତ ଅପ୍ରତ୍ୟାଶିତ ଘଟଣାର ବିପଦକୁ ହ୍ରାସ କରି କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ମଜବୁତ କରିଛି । ନିଜସ୍ୱ ବୈଷୟିକ ବିଶେଷଜ୍ଞତାର ଏକ ଉଲ୍ଲେଖନୀୟ ପ୍ରଦର୍ଶନରେ, ବିଭାଗ ଚଳିତ ଆର୍ଥିକ ବର୍ଷରେ ୬୬୯ଟି କାର୍ଡ, ଇଲେକ୍ଟ୍ରୋନିକ୍ ମଡ୍ୟୁଲ୍ ଏବଂ ଡ୍ରାଇଭ୍ ମରାମତି କରିଛି । ଏହି ପ୍ରୟାସର ଫଳସ୍ୱରୂପ ୨.୫ କୋଟି ଟଙ୍କାର ଆନୁମାନିକ ଖର୍ଚ୍ଚ ସଞ୍ଚୟ ହୋଇଛି, ଯାହା ସମ୍ବଳ ଅପ୍ଟିମାଇଜେସନ୍ ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦଳର ଉତ୍ସର୍ଗକୁ ପ୍ରତିଫଳିତ କରେ । ଏହି ସଫଳତାଗୁଡ଼ିକ ନୂତନ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟଦକ୍ଷତା ଉପରେ ଇନଷ୍ଟ୍ରମେଣ୍ଟେସନ ଏବଂ ଅଟୋମେସନ ବିଭାଗର ଦୃଢ଼ ଧ୍ୟାନକୁ ଦର୍ଶାଉଛି । ବିଭାଗୀୟ ଦଳ ସ୍ମାର୍ଟ ଚିନ୍ତାଧାରା ଏବଂ ସ୍ଥିର ପ୍ରଗତି ସହିତ ଆରଏସପିକୁ ପ୍ରଗତି ପଥରେ ଅଗ୍ରସର ହେବାରେ ସାହାଯ୍ୟ କରୁଛି ।

## ବୋଇଂର ସେୟାର ମୂଲ୍ୟ ୫% ହ୍ରାସ



ନୂଆଦିଲ୍ଲୀ: ବୋଇଂ କମ୍ପାନି ଦ୍ୱାରା ନିର୍ମିତ ୭୮୭-୮ ଡ୍ରିମଲାଇନର ବିମାନର ଭୟଙ୍କର ଦୁର୍ଘଟଣା ଅହମଦାବାଦରେ ହେବାର ପ୍ରଭାବ କମ୍ପାନିର ସେୟାର ମୂଲ୍ୟ ଉପରେ ମଧ ପଡ଼ିଛି । ଆମେରିକାରେ ଏହି କମ୍ପାନିର ସେୟାର ମୂଲ୍ୟ ଆଜି ୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଆମେରିକାର ଏସ୍ ଆଣ୍ଡ୍ ପି ୫୦୦ ସୂଚକାଙ୍କରେ ବୋଇଂ ସେୟାର ମୂଲ୍ୟ ସର୍ବାଧିକ କମିଛି । ବୁଧବାର ଏହି କମ୍ପାନିର ସେୟାର ମୂଲ୍ୟ ୦.୮ ପ୍ରତିଶତ ହ୍ରାସ ଘଟି ୨୧୪ ଡଲାରରେ ରହିଥିଲା । ଦୁଇ ଦିନ ହେଲା ବୋଇଂର ସେୟାର ମୂଲ୍ୟ କମୁଛି । ଦୁର୍ଘଟଣା ଖବର ମିଳିବା ପରେ ବୋଇଂ କହିଛି ଯେ, ଆମେ ପ୍ରାରମ୍ଭିକ ରିପୋର୍ଟ ନେଇ ଅବଗତ ଅଛୁ । ଅଧିକ ସୂଚନା ସଂଗ୍ରହ ପାଇଁ ଉଦ୍ୟମ କରାଯାଉଛି । ଏପଟେ ଭାରତରେ ମଧ ବିମାନସେବା ପ୍ରଦାନକାରୀ କମ୍ପାନିଗୁଡ଼ିକର ସେୟାର ଦର ଆଜି ହ୍ରାସ ଘଟିଛି । ନ୍ୟାସନାଲ ?ଷ୍ଟକ ଏକ୍ସଚେଞ୍ଜରେ ଇଣ୍ଡିଗୋର ସେୟାର ମୂଲ୍ୟ ୧୮୭ ଟଙ୍କା ବା ୩.୩୨ ପ୍ରତିଶତ ଖସି ୫୪୪୪ ଟଙ୍କାରେ ରହିଛି । ସେହିଭଳି ସ୍ପାଇସଜେଟ୍ ?ର ସେୟାର ମୂଲ୍ୟ ୨.୬ ପ୍ରତିଶତ କମି ୪୪ ଟଙ୍କା ୬୮ ପଇସାରେ ରହିଛି ।

## ଇସ୍ରାଏଲ-ଇରାନ ଯୁଦ୍ଧ: ୧୦% ବଢ଼ିଲା ଅଶୋଧିତ ତୈଳ ଦର

ନୂଆଦିଲ୍ଲୀ: ଇସ୍ରାଏଲ ଜୁନ୍ ୧୨ ତାରିଖ ରାତିରେ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରିବା ପରେ ବିଶ୍ୱରେ ତେଲ ଦର ହଠାତ୍ ବୃଦ୍ଧି ପାଇଛି । କାରବାର ଆରମ୍ଭରେ ବ୍ରେଣ୍ଟ କ୍ରୁଡ୍ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି । ମାସକ ମଧ୍ୟରେ ଏହା ସବୁଠାରୁ ବଡ଼ ଦିନିକିଆ ବୃଦ୍ଧି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ହଠାତ୍ ଉତ୍ତେଜନା ବୃଦ୍ଧି ପାଇବା ଫଳରେ ତୈଳ ଯୋଗାଣରେ ବାଧା ସୃଷ୍ଟି ହେବାର ଆଶଙ୍କା ଥିବାରୁ ଏନର୍ଜି ମାର୍କେଟରେ ଟେନସନରେ । ଇସ୍ରାଏଲ ଇରାନର କିଛି ପରମାଣୁ ସ୍ଥାନ ଏବଂ ବରିଷ୍ଠ ସାମରିକ କମାଣ୍ଡରମାନଙ୍କୁ ଟାର୍ଗେଟ କରିଥିବା ଜଣାପଡ଼ିଛି । ସେପଟେ ଇରାନରୁ ପ୍ରତିଶୋଧମୂଳକ ଡ୍ରୋନ ଆକ୍ରମଣ କରିଛି । ଇସ୍ରାଏଲ ସେନା ଅନୁଯାୟୀ, ଇରାନ ପ୍ରତି ଜବାବ ଦେଇ ୧୦୦ରୁ ଅଧିକ ଡ୍ରୋନ୍ ଟାର୍ଗେଟ୍ କରିଛି । ତେଣୁ ଅସ୍ଥିରତା ବଢୁଥିବାରୁ ଏହା ବିଶ୍ୱ ବଜାରକୁ ଦୋହଲାଇ ଦେଇଛି । ନିବେଶକଙ୍କ ଚିନ୍ତା ବଢ଼ିଥିବାରୁ ସେମାନେ ସୁନାକୁ ସୁରକ୍ଷିତ ବୋଲି ଭାବି ସେଥିରେ ନିବେଶ କରୁଛନ୍ତି । ଫଳରେ ଡିମାଣ୍ଡ ବଢିବାରୁ ସୁନା ମୂଲ୍ୟ ପ୍ରାୟ ଦୁଇ ମାସ



ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚି । ୨୦୨୨ରେ ରୁଷ ୟୁକ୍ରେନ ଉପରେ ଆକ୍ରମଣ କରିବା ପରେ ବ୍ରେଣ୍ଟ ଏବଂ ଡବ୍ଲୁଟିଆ ଉଭୟ ପାଇଁ ଏହା ସବୁଠାରୁ ବଡ଼ ଇନଟ୍ରାଡେ ମୂଲ୍ୟବୃଦ୍ଧି ଥିଲା । ତୈଳ ମୂଲ୍ୟ ବୃଦ୍ଧି ପାଇବା ଅର୍ଥ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା । ଏହା ତେଲ ଆମଦାନୀ କରୁଥିବା ଦେଶଗୁଡ଼ିକର ଅର୍ଥନୀତି ଉପରେ ଖରାପ ପ୍ରଭାବ ପକାଇବ । ଆଉ ନିବେଶକମାନଙ୍କର ଭୟ ଯେ ଯଦି ତେଲ ମହଙ୍ଗା ହୁଏ, ତେବେ କମ୍ପାନୀଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇବ ଏବଂ ଲାଭ ହ୍ରାସ ପାଇବ । ତେଣୁ ଏହିସବୁ କାରଣରୁ ଯୁଦ୍ଧ ପରେ ଭାରତୀୟ ଷ୍ଟକ୍ ବଜାର ୧% ରୁ ଅଧିକ ହ୍ରାସ ପାଇଛି । ସେହିପରି ଜାପାନର ନିକେଇ ୨୨୫ ସୂଚକାଙ୍କ ମଧ ୧.୨% ଏବଂ ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୦.୭% ହ୍ରାସ ପାଇଥିଲା । ଆକ୍ରମଣ ସମୟରେ ୱାଲ ଷ୍ଟ୍ରିଟ୍ ବନ୍ଦ ଥିଲା, କିନ୍ତୁ ଫ୍ୟୁଚର୍ସ ଟ୍ରେଡିଂ ସୂଚାଇ ଦେଇଥିଲା ଯେ ଆମେରିକାର ବଜାର ମଧ ୧% ରୁ ଅଧିକ ହ୍ରାସ ପାଇଛି ।

## ପୁଣି ବଢ଼ିଲା ସୁନାର ଦର



ନୂଆଦିଲ୍ଲୀ : ଦୁଇଦିନ ମଧ୍ୟରେ ସୁନା ଦରରେ ୧୫୫୦ ଟଙ୍କାର ବୃଦ୍ଧି ଘଟିଛି । ଗତକାଲି ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୫୦ ଟଙ୍କା ବଢ଼ିଥିଲା । ଗୁରୁବାର ଦର ଆଉ ୮୦୦ ଟଙ୍କା ବଢ଼ିବାରୁ ଏହାର ଦାମ୍ ୯୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ୨୪ କ୍ୟାରେଟ୍ ସୁନାର ଦାମ୍ ବୁଧବାର ୮୨୦ ଟଙ୍କା ଓ ଗୁରୁବାର ୮୮୦ ଟଙ୍କା ବଢ଼ିଛି । ଫଳରେ ଦୁଇ ଦିନରେ ଏହି ସୁନାର ୧୦ ଗ୍ରାମ ପିଛା ଦାମ୍ ୧୭୦୦ ଟଙ୍କା ବୃଦ୍ଧି ପାଇ ୯୯,୨୮୦ ଟଙ୍କା ହୋଇଛି । ଫଳରେ ପୁଣି ଥରେ ସୁନା ଦର ଏକ ଲକ୍ଷ ଟଙ୍କା ଆଡ଼କୁ ମୁହାଁଇଛି । ରୁପା ଦାମ୍‌ରେ କିନ୍ତୁ ଗୁରୁବାର ହ୍ରାସ ଘଟିଛି । ଏକ କେଜି ରୁପା ମୂଲ୍ୟ ୧୦୦୦ ଟଙ୍କା କମ୍ ହୋଇ ୧,୧୮,୯୦୦ ଟଙ୍କାକୁ ଖସିଆସିଛି । ତଥାପି ଏହି ଦର ସ୍ୱାଭାବିକ ସମୟଠାରୁ ଯଥେଷ୍ଟ ଉପରେ ରହିଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର



ବେକେନହାମ୍: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ନୂଆ ଅଧିନାୟକ ଶୁଭମନ୍ ଗିଲ୍ ଇଂଲଣ୍ଡ ଗସ୍ତ ଲାଗି ଖାସ୍ ଡାକରା ପାଇଥିବା କରୁଣ ନାୟର, ଅର୍ଶଦୀପ ସିଂହ ଓ ସାଇ ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ପାଖାପାଖି ୮ ବର୍ଷ ପରେ ଭାରତୀୟ ଟେଷ୍ଟ ଦଳକୁ ଫେରିଥିବା କରୁଣଙ୍କ ଲଢ଼େଇ ପ୍ରବୃତ୍ତି ଓ କେବେବି ହାର୍ ନମାନିବାର ଭାବନାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସେହିଭଳି ଅର୍ଶଦୀପ ଓ ସୁଦର୍ଶନ ଏହି ଗସ୍ତରେ ନିଜନିଜ ଛାପ ଛାଡ଼ିବେ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି। ନାୟର ଶେଷ ଥର ପାଇଁ ୨୦୧୭ ମସିହାରେ ଟେଷ୍ଟ ଖେଳିଥିଲେ। ତା' ପରଠାରୁ କିନ୍ତୁ ଆଉ ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ। ଗତ ରଣଜି ଋତୁରେ କିନ୍ତୁ ଜବରଦସ୍ତ ପ୍ରଦର୍ଶନ କରିବା ପରେ ଚୟନକର୍ତ୍ତାମାନେ ତାଙ୍କୁ ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରିବାକୁ ବାଧ୍ୟ ହୋଇଥିଲେ। ୨୦୨୪-୨୫ ରଣଜୀ ଋତୁରେ କରୁଣ ୪ଟି ଶତକ ଓ ୨ଟି ଅର୍ଦ୍ଧଶତକ ସହ ୫୩.୯୩ ହାରରେ ୮୬୩ ରନ୍ କରିଥିଲେ। ନିଜର ଏହି ଫର୍ମକୁ ଆହୁରି ଆଗକୁ ନେଇ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଅଣଆନୁଷ୍ଠାନିକ ଟେଷ୍ଟରେ ଦ୍ୱିଶତକୀୟ ପାଳି ଖେଳିଥିଲେ। ଖାଲି ସେତିକି ନୁହେଁ ବିଜୟ ହଜାରେ ଟ୍ରଫିରେ ୯ ମ୍ୟାଚରୁ ୩୮୯.୫୦ ହାରରେ ୭୭୯ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୬ ପାଳିରୁ ୧୭୭.୦୮ ହାରରେ ୨୫୫ ରନ୍ ସଂଗ୍ରହ କରିଥିଲେ। ଇଂଲଣ୍ଡ ଶୃଙ୍ଖଳାରେ ସେ କିଂବଦନ୍ତି କ୍ରିକେଟର୍ ବିରାଟ କୋହଲିଙ୍କ ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଏଥର ଆଇପିଏଲରେ ସର୍ବାଧିକ ରନ କରି ନାରଙ୍ଗୀ ଟୋପି ଜିତିଥିବା ଗୁଜରାଟ ଟାଇଟନ୍ସର ସୁଦର୍ଶନଙ୍କୁ ଦଳକୁ ସ୍ୱାଗତ କରି ଲାଲ୍ ବଲ୍‌ରେ ମିଳିଥିବା ସୁଯୋଗର ଉପଯୁକ୍ତ ଲାଭ ଉଠାଇବାକୁ ଗମ୍ଭୀର ପରାମର୍ଶ ଦେଇଛନ୍ତି।



## ମେହିଦି ହାସନ ବାଂଲାଦେଶ ଦିନିକିଆ ଅଧିନାୟକ



ଢାକା: ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମେହିଦି ହାସନ ମିରାଜଙ୍କୁ ଦିନିକିଆ ଦଳର ଅଧିନାୟକ ଭାବେ ନିଯୁକ୍ତ କରିଛି। ତାଙ୍କ ଆଗାମୀ ୧୨ ମାସ ପାଇଁ ମେହିଦିଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ପୂର୍ବରୁ ନଜମୁଲ ହୋସେନ ଶାଣ୍ଟୋ ଏହି ଦାୟିତ୍ୱରେ ଥିଲେ। ନିକଟରେ ଶାଣ୍ଟୋ ନିଜ ବ୍ୟାଟିଂ ଉପରେ ଫୋକସ କରିବା ପାଇଁ ଟି୨୦ଆଇ ଦଳର ନେତୃତ୍ୱ ତ୍ୟାଗ କରିଥିଲେ। ହେଲେ ସେ ଦିନିକିଆରେ ଅଧିନାୟକ ଦାୟିତ୍ୱ ଜାରି ରଖିବାକୁ ଚାହୁଁଥିଲେ। ବାଂଲାଦେଶ ଦଳ ତା'ର ପରବର୍ତ୍ତୀ ଦିନିକିଆ ସିରିଜ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ, ଯାହା କି ଆସନ୍ତା ଜୁଲାଇ ୨ ତାରିଖରୁ ଆରମ୍ଭ ହେବ। ଆଇସିସି ଦିନିକିଆ ଅଲରାଉଣ୍ଡରଙ୍କ ର୍‍ୟାଙ୍କିଙ୍ଗ୍ସ ଚତୁର୍ଥ ସ୍ଥାନରେ ଥିବା ମିରାଜ ୧୦୫ ମ୍ୟାଚ୍‌ରେ ୧,୬୧୭ ରନ କରିବା ସହ ୧୧୦ ଉଇକେଟ ନେଇଛନ୍ତି। ନଜମୁଲ ହୋସେନ ଶାଣ୍ଟୋ କହିଛନ୍ତି, ମୁଁ ଭାବୁନାହିଁ ଯେ ଏହା ଅଧିନାୟକ ପରିବର୍ତ୍ତନ ଉପରେ ପ୍ରଭାବ ପକାଇବ। ଆମେ ସମସ୍ତେ ଦେଶ ପାଇଁ ଖେଳୁଛୁ। ଏହି ଜିନିଷଗୁଡ଼ିକ ଶାନ୍ତୋ ଏବଂ ମୋତେ କଷ୍ଟ ଦେବ ନାହିଁ। ମୁଁ ତାଙ୍କ ଅଧିନାୟକତ୍ୱ ସମୟରେ ତାଙ୍କୁ ବହୁତ ସାହାଯ୍ୟ କରିଥିଲି। ସେ ମଧ୍ୟ ସେହିପରି କରିବେ। ସେ ମୋତେ ସାହାଯ୍ୟ କରିବେ। ଆମେ ବାଂଲାଦେଶକୁ ଆଗକୁ ନେବାକୁ ଚାହୁଁଛୁ। ଶାନ୍ତୋ ଏବଂ ମୁଁ ଆମର ଅଣ୍ଡର-୧୫ ସମୟରୁ ଏକାଠି ଖେଳୁଛୁ। ଆମେ ବାଂଲାଦେଶକୁ ଆଗକୁ ନେବା ବିଷୟରେ କଥା ହୋଇଥିଲୁ, ଅଧିନାୟକ କିଏ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆମକୁ ଏକ ଦଳ ଭାବରେ ଖେଳିବାକୁ ପଡିବ। ଆମର ବରିଷ୍ଠ ଖେଳାଳିମାନେ ଆମକୁ ଏକ ପର୍ଯ୍ୟାୟରେ ପହଞ୍ଚାଇଛନ୍ତି, ଏବଂ ଏବେ ଆମେ ଦଳକୁ ଆହୁରି ଆଗକୁ ନେବାକୁ ଚାହୁଁଛୁ। ଏହା ଆମର ଦାୟିତ୍ୱ। ଆମେ ଏକ ଖରାପ ସମୟ ଦେଇ ଗତି କରୁଛୁ କିନ୍ତୁ ମୁଁ ଆଶା କରୁଛି ଯେ ଆମେ ଶୀଘ୍ର ଏହାରୁ ବାହାରି ପାରିବୁ।

### ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍
# ବିଜୟ ଅଭିମୁଖେ ଦକ୍ଷିଣ ଆଫ୍ରିକା



ଲଣ୍ଡନ: ଲଣ୍ଡନର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସ ୨୧୨ ରନ କରିଥିବା ଅଷ୍ଟ୍ରେଲିଆ ନିଜ ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହେବା ପରେ ଦକ୍ଷିଣ ଆଫ୍ରିକା ଆଗରେ ୨୮୨ ରନର ବିଜୟ ଲକ୍ଷ୍ୟ ରଖିଛି। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଅଷ୍ଟ୍ରେଲିଆ ନିଜ ପ୍ରଥମ ଇନିଂସରେ ୨୧୨ ରନ କରି ଅଲଆଉଟ ହୋଇଯାଇଥିବାବେଳେ ଦକ୍ଷିଣ ଆଫ୍ରିକା ନିଜ ପ୍ରଥମ ଇନିଂସରେ ମାତ୍ର ୧୩୮ ରନ କରି ଅଲଆଉଟ ହୋଇଯାଇଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ନିଜର ୨ୟ ଇନିଂସରେ ୨୦୭ ରନ କରି ଅଲଆଉଟ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଗୁରୁତର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରିକି ଦଳ ୭୩ ରନରେ ୭ଟି ୱିକେଟ ହରାଇଥିଲା। ତେବେ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ରନ ଓ ଅଲେକ୍ସ କେରିଙ୍କ ୪୩ ରନ ବଳରେ ଅଷ୍ଟ୍ରେଲିଆ ଏକ ସମ୍ମାନଜନକ ସ୍କୋର କରିବା ସହ ଦକ୍ଷିଣ ଆଫ୍ରିକାଠାରୁ ୨୮୧ ରନରେ ଅଗ୍ରଣୀ ହାସଲ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କାସିଗୋ ରବାଡା ୪ଟି ଓ ଲୁଙ୍ଗି ଏନଗିଡି ୩ଟି ୱିକେଟ ନେଇଥିଲେ। ପରେ ଦକ୍ଷିଣ ଆଫ୍ରିକା ଦୃଢ଼ତାର ସହିତ ବ୍ୟାଟିଂ ଆରମ୍ଭ କରିଛି। ଦଳ ୫୬ଓଭରରେ ୨ୱିକେଟ ହରାଇ ୨୧୩ରନ୍ କରିଛି। ଦଳ ଆଉ ୬୯ରନ୍ କଲେ ଏହି ଐତିହାସିକ ବିଜୟ ହାସଲ କରିବ। ଦଳ ପକ୍ଷରୁ ଏଡେନ୍ ମାର୍କରମ୍ ଦମ୍‌ଦାର ବ୍ୟାଟିଂ କରି ୧୦୨ରନ୍ କରିଥିବା ବେଳେ ଅଧିନାୟକ ତେମ୍ବା ଭୌମା ୬୫ରନ୍ କରି ବ୍ୟାଟିଂ କରୁଥିବା ବେଳେ ରିଆନ୍ ରିକ୍‌ଲେଟନ୍ ୬ ଓ ୱାନା ମୋଲ୍‌ଡର ୨୭ରନ୍ କରିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟ୍ରାସ୍ ୨ୱିକେଟ ଅକ୍ତିଆର କରିଛି।

## ଦଳ ଛାଡି ଘରକୁ ଫେରିଲେ ଗୌତମ ଗମ୍ଭୀର



ନୂଆଦିଲ୍ଲୀ: ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ହଠାତ ଇଂଲଣ୍ଡ ଗସ୍ତରୁ ଘରକୁ ଫେରିଛନ୍ତି। ଜୁନ୍ ୨୦ରେ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର କିଛି ଦିନ ପୂର୍ବରୁ ଇଂଲଣ୍ଡରୁ ଫେରିଆସିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ଇଂଲଣ୍ଡ ବିପକ୍ଷରେ ଓହ୍ଲାଇବ। ତେବେ ସିରିଜ୍ ଆରମ୍ଭର ଗୋଟିଏ ସପ୍ତାହ ପୂର୍ବରୁ ଗୌତମ ଗମ୍ଭୀର ଭାରତ ଫେରି ଆସିଛନ୍ତି। ରିପୋର୍ଟ ଅନୁସାରେ ଗୌତମ ଗମ୍ଭୀରଙ୍କ ମାଆଙ୍କୁ ହୃଦଘାତ ହୋଇଥିବାରୁ ସେ ସ୍ୱଦେଶ ଫେରିଛନ୍ତି। ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମାଆ ସୀମା ଗମ୍ଭୀରଙ୍କୁ ଜୁନ୍ ୧୧ରେ ହୃଦଘାତ ହୋଇଥିଲା। ଏହି କାରଣରୁ ଗମ୍ଭୀର ଇଂଲଣ୍ଡ ଗସ୍ତ ଅଧାରୁ ଭାରତ ଫେରିଆସିଛନ୍ତି। ଇଣ୍ଡିଆ ଟୁଡେର ରିପୋର୍ଟ ଅନୁସାରେ ଗୌତମ ଗମ୍ଭୀର ଜୁନ୍ ୧୭ ସୁଦ୍ଧା ପୁଣି ଥରେ ଟିମରେ ଯୋଗଦାନ କରିବେ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁନ୍ ୨୦ରେ ପ୍ରଥମ ଟେଷ୍ଟ ଲିଡ୍ସରେ ଆରମ୍ଭ ହେବ। ଏହାପରେ ଆଜବେଷ୍ଟନ, ଲର୍ଡ୍ସ, ଓଲ୍ଡ ଟ୍ରାଫର୍ଡ ଓ ଓଭାଲରେ ଖେଳାଯିବ। ଭାରତୀୟ ଟିମ୍ ଗତ ସପ୍ତାହରେ ଇଂଲଣ୍ଡ ପହଞ୍ଚିଥିଲା। ଏହି ସିରିଜ ୨୦୨୫-୨୭ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପର ଚକ୍ରର ଅଂଶ ଅଟେ। ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ ଅବସର ପରେ ଯୁବ ଖେଳାଳିଙ୍କ ଉପରେ ବଡ଼ ଦାୟିତ୍ୱ ରହିଛି। ଶୁଭମନ ଗିଲଙ୍କୁ ଟିମର କ୍ୟାପଟେନ୍ କରାଯାଇଥିବା ବେଳେ ରିଷଭ ପନ୍ତ ଉପ-ଅଧିନାୟକ। ୨୦୦୭ ପରେ ଇଂଲଣ୍ଡରେ ନିଜର ପ୍ରଥମ ଟେଷ୍ଟ ସିରିଜ ଜିତିବା ଏହି ଯୁବ ଟିମର ଲକ୍ଷ୍ୟ ରହିଛି। ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ - ଶୁଭମନ ଗିଲ୍(ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ୱିକେଟ୍ କିପର), ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁଣ ନାୟର, ନୀତିଶ ରେଡ୍ଡୀ, ରବୀନ୍ଦ୍ର ଜାଡ଼େଜା, ଧ୍ରୁବ ଜୁରେଲ(ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ, କୁଳଦୀପ ଯାଦବ।

# ଫିନ୍ ଆଲେନ୍ ମେଜରଙ୍କ ବିଶ୍ୱ ରେକର୍ଡ



ୱାଶିଂଟନ: ନ୍ୟୁଜିଲାଣ୍ଡର ଆକ୍ରମଣାତ୍ମକ ବ୍ୟାଟସମ୍ୟାନ ଫିନ ଆଲେନ ମେଜର ଲିଗ କ୍ରିକେଟ ୨୦୨୫ର ଉଦ୍‌ଘାଟନୀ ମ୍ୟାଚରେ ଏକାଧିକ ରେକର୍ଡ କରିଛନ୍ତି। ଶୁକ୍ରବାର ଓକଲାଣ୍ଡ କୋଲିଜିୟମରେ ସାନ ଫ୍ରାନସିସ୍କୋ ୟୁନିକର୍ନସ ପାଇଁ ୱାଶିଂଟନ ଫ୍ରିଡମ ବିପକ୍ଷରେ ଖେଳୁଥିବା ଆଲେନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ମାତ୍ର ୫୧ ବଲରେ ୧୫୧ ରନ ସଂଗ୍ରହ କରିଥିଲେ। ତାଙ୍କ ଇନିଂସର ଷ୍ଟ୍ରାଇକ ରେଟ୍ ୨୯୬ରୁ ଅଧିକ ଥିଲା। ଏହି ବ୍ୟାଟସମ୍ୟାନ ୫ଟି ଚୌକା ଓ ୧୯ଟି ଛକା ମାରିଥିଲେ, ଯାହା ୱାଶିଂଟନ ଫ୍ରିଡମର ବୋଲରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ସଦୃଶ ଥିଲା। ଏହି ଇନିଂସ ସମୟରେ, ଆଲେନ ଟି୨୦ କ୍ରିକେଟରେ ଦ୍ରୁତତମ ୧୫୦ ରନର ରେକର୍ଡ ଭାଙ୍ଗିଥିଲେ। ସେ ୪୯ ବଲରେ ଏହି ମାଇଲଷ୍ଟୋନ ହାସଲ କରିଥିଲେ। ଡାହାଣ ହାତ ବ୍ୟାଟସମ୍ୟାନ ଆଲେନ ୩୪ ବଲରେ ଶତକ ହାସଲ କରିଥିଲେ, ଯାହା ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନଙ୍କ ମଧ୍ୟରେ ଦ୍ରୁତତମ ଟି୨୦ ଶତକ ଏବଂ ଟୁର୍ଣ୍ଣାମେଣ୍ଟ ଇତିହାସରେ ମଧ୍ୟ ସବୁଠାରୁ ଦ୍ରୁତ ଥିଲା। ଆଲେନ ମଧ୍ୟ କ୍ରିସ ଗେଲ ଏବଂ ଏଷ୍ଟୋନିଆର ସାହିଲ ଚୌହାନଙ୍କ ରେକର୍ଡ ଭାଙ୍ଗିଛନ୍ତି, ପୁରୁଷ ଟି୨୦ ଇନିଂସରେ ସର୍ବାଧିକ ଛକା ମାରି। ଗେଲ ଏବଂ ଚୌହାନ ପ୍ରତ୍ୟେକେ ୧୮ଟି ଛକା ମାରିଥିବା ବେଳେ, ଆଲେନ ୧୯ଟି ଛକା ମାରି ଉଭୟଙ୍କୁ ଅତିକ୍ରମ କରିଛନ୍ତି। ଫିନ୍ ଆଲେନ୍ କହିଛନ୍ତି - ଏହା ରୋମାଞ୍ଚକର ଥିଲା (ଏମଏଲସି ଇତିହାସରେ ଦ୍ରୁତତମ ଶତକ ହାସଲ କରି), ଭଲ ଆରମ୍ଭ ହୋଇଥିଲା, ନିୟମିତ ଭାବେ ବାଉଣ୍ଡେରୀ ପାଇଥିଲୁ, ଆମେ କିଛି ଭାଗିଦାରୀ କରିଥିଲୁ ଏବଂ ବୋର୍ଡରେ ଏକ ଭଲ ସ୍କୋର ରଖିଥିଲୁ। ବାଉଣ୍ଡେରୀଗୁଡ଼ିକ ବେଶ ଭଲ ଥିଲା। ସୂଚନାଯୋଗ୍ୟ ଯେ, ଛଅ ମାସ ପୂର୍ବେ, ଆଲେନ ଇଣ୍ଡିଆନ ପ୍ରିମିୟର ଲିଗ ନିଲାମ ଟେବୁଲରେ କୌଣସି କ୍ରେତା ପାଇନଥିଲେ। ୨ କୋଟି ଟଙ୍କାର ମୂଳ ମୂଲ୍ୟ ସହିତ, ନ୍ୟୁଜିଲାଣ୍ଡ ବ୍ୟାଟସମ୍ୟାନ ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆଇପିଏଲ ୨୦୨୫ ନିଲାମରେ ବିକ୍ରି ହୋଇନଥିଲେ। ସେହି ନିଲାମରେ, ଭାରତୀୟ ୱିକେଟକିପର-ବ୍ୟାଟସମ୍ୟାନ ଋଷଭ ପନ୍ତ ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ମୂଲ୍ୟବାନ ଖେଳାଳି ହୋଇଥିଲେ। ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ୨୭ କୋଟି ଟଙ୍କାରେ କିଣିଥିଲା। ତାଙ୍କ ପଛରେ ଶ୍ରେୟସ ଆୟାର ଥିଲେ, ଯିଏଙ୍କୁ ପଞ୍ଜାବ କିଙ୍ଗସ ୨୬.୭୫ କୋଟି ଟଙ୍କାରେ କିଣିଥିଲା। ନିଲାମ ଯୁଦ୍ଧରେ ଭେଙ୍କଟେଶ ଆୟାରଙ୍କୁ କୋଲକାତା ନାଇଟ ରାଇଡର୍ସ ୨୩.୭୫ କୋଟି ଟଙ୍କାରେ ଧରି ରଖିଥିଲା।


## ଆର୍‌ସିବି ଉପରେ ବ୍ୟାନ୍ ଲଗାଇବାକୁ ବିସିସିଆଇର ଯୋଜନା

ବେଙ୍ଗାଲୁରୁ : ଦୀର୍ଘ ୧୮ବର୍ଷ ପରେ ଆଇରସିବି ୨୦୨୫ ଆଇପିଏଲ୍ ଚାମ୍ପିଅନ ଟ୍ରଫି ହାତେଇଥିଲା। ବିଜୟ ପରେ ସାରା ଦେଶରେ ଆରସିବି ଫ୍ୟାନ୍ସ ମନାଉଥିଲେ ଉତ୍ସବ। ଏଥିପାଇଁ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ବିଜୟ ଉତ୍ସବ। ଏହି ଉତ୍ସବ ପାଳନ ଅବସରେ ଦଳଚକଟାରେ ୧୧ଜଣଙ୍କ ଜୀବନ ଯିସବା ସହିତ ୫୦ ରୁ ଅଧିକ ଆହତ ହୋଇଥିଲେ।। ଏତେବଡ ଅଘଟଣ ପରେ ଦେଶରେ ତେଜିଥିଲା ପ୍ରତିବାଦର ସ୍ୱର। ଏମିତିକି କିଛି ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବି ହୋଇଥିଲା। ହେଲେ ଯାହା ଲାଗୁଛି ଏତିକିରେ ବୁଝିନି ବିସିସିଆଇ ମନ। ଆଗକୁ ବଡ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଜନାରେ ଅଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ। ବୈଠକ କରି ବିରାଟ ନିଷ୍ପତ୍ତି ଯାଉଛି ବିସିସିଆଇ। ବିସିସିଆଇ ୨୮ତମ ଆପେକ୍ସ ପରିଷଦ ବୈଠକରେ କିଛି ବି ହୋଇପାରେ। କାରଣ ଏଣିକି ବିଜୟ ପାଳନ ଉତ୍ସବ ଲାଗି ଆସିବ ନୂଆ ନିର୍ଦ୍ଦେଶାବଳୀ। ଶନିବାର ଅନୁଷ୍ଠିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହୋଇପାରେ ଆଲୋଚନା। ବେଙ୍ଗାଲୁରୁ ଦଳଚକଟା ଘଟଣା ପୁନରାବୃତ୍ତି ନହେବା ମୁଡ୍‌ରେ ବିସିସିଆଇ। ବିସିସିଆଇ କହିବା କଥା ଇଭେଣ୍ଟକୁ ଆହୁରି ଭଲ ଭାବରେ ପରିଚାଳନା କରାଯାଇପାରିଥାନ୍ତା। ପ୍ରଶଂସକଙ୍କ ସୁରକ୍ଷା ଭିଡ଼ ପରିଚାଳନା ସୁନିଶ୍ଚିତ କରିବା ରହିବ ପ୍ରଥମ ପ୍ରାଥମିକତା। କମିଟି ସ୍ପଷ୍ଟ କରିବ କେମିତି ଓ କିପରି କରିବ ସେଲିବ୍ରେସନ। ବୈଠକରେ ଭାରତ-ନ୍ୟୁଜିଲାଣ୍ଡ ସିରିଜ୍ ଉପରେ ବି ନିଆଯିବ ନିଷ୍ପତ୍ତି। ସିରିଜ୍ ପାଇଁ ସ୍ଥାନ ଚୟନ ଉପରେ ମଧ୍ୟ ବିଚାର କରାଯିବ।

### ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ୱାର୍ନରଙ୍କ ବଡ଼ ନିଷ୍ପତ୍ତି
## ଆଉ କେବେ ଏୟାର ଇଣ୍ଡିଆରେ ଯାତ୍ରା କରିବି ନାହିଁ

ନୂଆଦିଲ୍ଲୀ: ଅଷ୍ଟ୍ରେଲିୟ କ୍ରିକେଟର ଡେଭିଡ ୱାର୍ନର ଗୁରୁବାର ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ସେ ବେଶ ମର୍ମାହତ ହୋଇଛନ୍ତି। ଏହି ଘଟଣା ପରେ ସେ ଏକ ବଡ଼ ନିଷ୍ପତ୍ତି ନେଉଛନ୍ତି। ସେ ଆଉ କେବେ ଏହି ବିମାନରେ ଯାତ୍ରା କରିବେ ନାହିଁ। ଜୁନ ୧୨ରେ ଅହମ୍ମଦାବାଦରେ ଘଟିଥିବା ହୃଦୟବିଦାରକ ଘଟଣା ନୁହେଁ, ବରଂ ଏହା ପଛରେ ଥିବା ବାସ୍ତବତା ମଧ୍ୟ ତାଙ୍କୁ ଏହି ନିଷ୍ପତ୍ତି ନେବାକୁ ବାଧ୍ୟ କରିଛି ବୋଲି ୱାର୍ନର କହିଛନ୍ତି। ୱାର୍ନର ନିଜେ ତାଙ୍କ ଇନଷ୍ଟା ଷ୍ଟୋରୀରେ ଏହି ସମସ୍ତ କଥା ଉଲ୍ଲେଖ କରିଛନ୍ତି। ଅଷ୍ଟ୍ରେଲିଆର ପୂର୍ବତନ ବାମହାତୀ ଓପନର ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଉପରେ ପ୍ରତିକ୍ରିୟା ଦେଇଛନ୍ତି। ପ୍ରଥମେ ସେ ସମଗ୍ର ଘଟଣାକୁ ଦୁଃଖଦ କହିଛନ୍ତି। ତା'ପରେ ସେ କହିଛନ୍ତି ଯେ ତାଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ପରିବାର ସହ ଏୟାର ଇଣ୍ଡିଆରେ ଯାତ୍ରା କରିବାକୁ। କିନ୍ତୁ ଏବେ ନୁହେଁ। ସେ କହିଛନ୍ତି ଯେ ସେ ଆଉ କେବେ ଏୟାର ଇଣ୍ଡିଆରେ ଯାତ୍ରା କରିବେ ନାହିଁ। ଏହି ବୟାନର କାରଣ ହେଉଛି ଏୟାର ଇଣ୍ଡିଆର ପୂର୍ବତନ କ୍ରୁ ସଦସ୍ୟଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗ, ଯେଉଁଥିରେ ସେ ତ୍ରୁଟିପୂର୍ଣ୍ଣ ବିମାନର ନିରନ୍ତର ବ୍ୟବହାର ବିଷୟରେ ଉଲ୍ଲେଖ କରିଥିଲେ। ୱାର୍ନର ଆଉ ଏକ ଷ୍ଟୋରୀ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ଆଉ ଏକ ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ନିରୀହ ଲୋକଙ୍କ ଜୀବନ ସହିତ ଏହିପରି ଖେଳି ଲାଭ ଅର୍ଜନ କରିବା ଅତ୍ୟନ୍ତ ଲଜ୍ଜାଜନକ। ସୂଚନାଯୋଗ୍ୟ, ୱାର୍ନର ୧୫ ବର୍ଷ ଧରି ଅଷ୍ଟ୍ରେଲିଆ ପାଇଁ କ୍ରିକେଟ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୧୧୨ଟି ଦିନିକିଆ, ୧୬୨ଟି ଟେଷ୍ଟ ଏବଂ ୧୧୦ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟରେ ଏହି ତିନୋଟି ଫର୍ମାଟରେ ମିଳିତ ଭାବରେ ୧୮୦୦୦ରୁ ଅଧିକ ରନ କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଓପନିଂ ବ୍ୟାଟସମ୍ୟାନ ଅନ୍ତର୍ଜାତୀୟ କ୍ରିକେଟରେ ୪୯ଟି ଶତକ କରିଛନ୍ତି, ଯାହା ମଧ୍ୟରୁ ସର୍ବାଧିକ ୨୬ଟି ଟେଷ୍ଟରେ, ୨୨ଟି ଦିନିକିଆରେ ଏବଂ ୧ଟି ଶତକ ଟି-୨୦ରେ ରେକର୍ଡ କରାଯାଇଛି।

# ଇଂଲଣ୍ଡ ଦଳକୁ ଫେରିଲେ ଏକ୍ଲେଷ୍ଟୋନ



ନୂଆଦିଲ୍ଲୀ: ଜୁନ୍ ୨୮ରୁ ଭାରତ ବିପକ୍ଷରେ ଇଂଲଣ୍ଡ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ଖେଳିବ। ଏଥିନେଇ ଇଂଲଣ୍ଡ ୧୪ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ ସେଫୀ ଏକ୍ଲେଷ୍ଟାନ୍ ସାମିଲ ହୋଇଛନ୍ତି। ଏକାଲେଷ୍ଟୋନ୍‌ଙ୍କ ସାମିଲ ହେବା ଫଳରେ ଲେଗସ୍ପିନର ସାରା ଗ୍ଲେନ୍ ଦଳରୁ ବାଦ ପଡ଼ିଛନ୍ତି। ପୂର୍ବତନ ଅଧିନାୟକ ହିଥର ନାଇଟ୍ ମଧ୍ୟ ଗତ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏକ ଟି-୨୦ରେ ହାମଷ୍ଟ୍ରିଙ୍ଗ୍ ଆଘାତ ପାଇଁ ବାଦ ପଡ଼ିଛନ୍ତି ଏବଂ ଲୌରାନ୍ ଫାଇଲର୍ ତାଙ୍କ ସ୍ଥାନ ନେଇଛନ୍ତି। ଦଳର ଅନ୍ୟ ଖେଳାଳିମାନେ ଗତ ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିଥିବା ଟି-୨୦ ଦଳ ପରି। ଇଂଲଣ୍ଡର ଟି-୨୦ ଦଳ: ଏମ୍ ଆର୍ଲଟ୍, ଟାମି ବିଉମୋଣ୍ଟ, ଲରେନ୍ ବେଲ୍, ଆଲିସ୍ କ୍ୟାପସେ, ଚାର୍ଲି ଡିନ୍, ସୋଫିଆ ଡଙ୍କଲି, ସୋଫି ଏକ୍ଲେଷ୍ଟୋନ୍, ଲରେନ୍ ଫାଇଲର, ଏମି ଜୋନ୍ସ, ନାଟ୍ ସାଇଭର-ବ୍ରଣ୍ଟ (କ୍ୟାପ୍ଟେନ), ପାଇଜ୍ ସ୍କଲଫିଲ୍ଡ, ଲିନ୍‌ସି ସ୍ମିଥ୍, ଡାନି ୱାଟ୍-ହଜ୍, ଇସି ୱଙ୍ଗ୍। ମୁଖ୍ୟ ପ୍ରଶିକ୍ଷକ ଚାର୍ଲୋଟ୍ ଏଡୱାର୍ଡସ୍ ଏକ୍ଲେଷ୍ଟୋନ୍‌ଙ୍କୁ ପୁନର୍ବାର ଦଳରେ ପାଇବାରେ ବହୁତ ଖୁସି ଥିଲେ ଏବଂ ମନେ କରିଥିଲେ ଯେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତକୁ ମୁକାବିଲା କରିବା ତାଙ୍କ ଦଳକୁ ଭଲ କରିବାରେ ସାହାଯ୍ୟ କରିବ ଏବଂ ଆସନ୍ତା ବର୍ଷ ଘରୋଇ ଟି-୨୦ ବିଶ୍ୱକପ୍ ପାଇଁ ଯାଉଛି। 'ଆମେ ଭାରତ ସହିତ ମୁକାବିଲା କରିବାକୁ ପ୍ରକୃତରେ ଅପେକ୍ଷା କରିଛୁ। ସେମାନେ ବିଶ୍ୱର ଶ୍ରେଷ୍ଠ ଦଳ ମଧ୍ୟରୁ ଗୋଟିଏ ଏବଂ ଏହା ଆମ ପାଇଁ ଏକ ବଡ଼ ପରୀକ୍ଷା ହେବ ବୋଲି ଏଡୱାର୍ଡସ୍ କହିଛନ୍ତି।

ଟାଟା କ୍ୟାପିଟାଲ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ୧୧ତମ ମହଲା, ଟାୱାର ଏ, ପେନିନ୍‌ସୁଲା ବ୍ୟବସାୟ ପାର୍କ, ଗଣପତରାଓ କଦମ ମାର୍ଗ, ଲୋୟର ପାରେଲ, ମୁମ୍ବାଇ-୪୦୦୦୧୩, ଶାଖା କାର୍ଯ୍ୟାଳୟ: ୩୦୨, ଅବନୀ ସିଗନେଚର, ତୃତୀୟ ମହଲା, ୯୧/ଇ/୧, ପାର୍କ ଷ୍ଟ୍ରିଟ୍, କୋଲକାତା ୭୦୦ ୦୧୬, ପଶ୍ଚିମବଙ୍ଗ ୱେବସାଇଟ୍: www.tatacapital.com, ସିଆଇଏନ୍: U65990MH1991PLC060670

ପରିଶିଷ୍ଟ - ଚତୁର୍ଥ
ଅଧିନିୟମ-୮(୧) ଦଖଲ ନୋଟିସ୍

ଟାଟା କ୍ୟାପିଟାଲ୍ ଲିମିଟେଡ୍ (ଟିସିଏଲ) ଏକ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ, ଯାହା କମ୍ପାନୀ ଆଇନ, ୧୯୫୬ ର ବ୍ୟବସ୍ଥା ଅନୁଯାୟୀ ଅନ୍ତର୍ଭୁକ୍ତ, ଏହାର ପଞ୍ଜିକୃତ କାର୍ଯ୍ୟାଳୟ ୧୧ତମ ମହଲା, ଟାୱାର ଇ, ପେନିନସୁଲା ବ୍ୟବସାୟ ପାର୍କ, ଗଣପତରାଓ କଦମ ମାର୍ଗ, ଲୋୟର ପାରେଲ, ମୁମ୍ବାଇ ୪୦୦୦୧୩ ଏବଂ ଏହାର ଶାଖା କାର୍ଯ୍ୟାଳୟ ୩୦୨, ଅବନୀ ସିଗନେଚର, ତୃତୀୟ ମହଲା, ୯୧/ଇ/୧, ପାର୍କ ଷ୍ଟ୍ରିଟ୍, କୋଲକାତା ୭୦୦ ୦୧୬ ରେ ଅଛି।
ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ୍ (ଏନସିଏଲଟି) ର ୨୪ ନଭେମ୍ବର, ୨୦୨୩ ତାରିଖର ଆଦେଶ ଅନୁଯାୟୀ, ମୁମ୍ବାଇ ବେଞ୍ଚ ଟାଟା କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଟିସିଏଫଏସଏଲ) ଏବଂ ଟାଟା କ୍ଲିନ୍‌ଟେକ୍ କ୍ୟାପିଟାଲ୍ ଲିମିଟେଡ୍ (ଟିସିସିଏଲ) ମଧ୍ୟରେ ଟ୍ରାନ୍ସଫରର୍ ଭାବରେ ଏବଂ ଟାଟା କ୍ୟାପିଟାଲ୍ ଲିମିଟେଡ୍ (ଟିସିଏଲ) ମଧ୍ୟରେ ଟ୍ରାନ୍ସଫର୍ ଭାବରେ ବ୍ୟବସ୍ଥାକୁ ଯଥାର୍ଥ ଭାବରେ ମଞ୍ଜୁର କରିଛନ୍ତି। ଧାରା ୨୩୦ ରୁ ୨୩୨ ଆର/ଡବ୍ଲୁ ଧାରା ୬୬ ଏବଂ କମ୍ପାନୀ ଆଇନ, ୨୦୧୩ ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥା ('କଥିତ ଯୋଜନା') ଅନୁଯାୟୀ,ଟିସିଏଫଏସଏଲ ଏବଂ ଟିସିସିଏଲ(ଟ୍ରାନ୍ସଫରର୍ କମ୍ପାନୀ) ଏହାର ଅଣ୍ଡରଟେକିଂ ସହିତ ଟିସିଏଲ୍ (ଟ୍ରାନ୍ସଫର୍ କମ୍ପାନୀ) ସହିତ ଏକ ଚାଲୁ ଚିନ୍ତା ଭାବରେ ମିଶ୍ରିତ ହୋଇଛି, ସମସ୍ତ ସମ୍ପତ୍ତି, ସମ୍ପତ୍ତି, ଅଧିକାର, ଲାଭ, ସୁଧ, କର୍ତ୍ତବ୍ୟ, ଦାୟିତ୍ୱ, ଦାୟିତ୍ୱ, ଚୁକ୍ତିନାମା, ଚୁକ୍ତିନାମା, ସିକ୍ୟୁରିଟିଜ୍ ଇତ୍ୟାଦି ସହିତ ଯାହା ଉକ୍ତ ଯୋଜନାରେ ଅଧିକ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି, କାର୍ଯ୍ୟକାରୀ ତାରିଖ ଅର୍ଥାତ୍ ୧ ଜାନୁଆରୀ ୨୦୨୪ ଠାରୁ। ଉକ୍ତ ଆଦେଶ ଏବଂ ଯୋଜନା ଅନୁସାରେ, ଟିସିଏଫଏସଏଲ ଦ୍ୱାରା ସମ୍ପାଦିତ ସମସ୍ତ ସୁବିଧା ଡକ୍ୟୁମେଣ୍ଟ (ବର୍ତ୍ତମାନ ଟିସିଏଲରେ ମିଶ୍ରିତ) ଏବଂ ଏଥି ସମ୍ବନ୍ଧରେ ସମସ୍ତ ବକେୟା ଟଙ୍କା ଟିସିଏଲକୁ ସ୍ଥାନାନ୍ତରିତ କରାଯାଇଥିଲା।
ଯେଉଁଠାରେ ନିମ୍ନ ସ୍ୱାକ୍ଷରକାରୀ ଟାଟା କ୍ୟାପିଟାଲ୍ ଲିମିଟେଡ୍ (ଟିସିଏଲ) ର କ୍ଷମତାପ୍ରାପ୍ତ ଅଧିକାରୀ ଭାବରେ ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ('ଉକ୍ତ ଆଇନ') ଅଧୀନରେ ଏବଂ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ଉକ୍ତ ନିୟମ') ର ନିୟମ ୩ ସହିତ ପଠିତ ଧାରା ୧୩(୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ('ଉକ୍ତ ନିୟମ')। ଟାଟା କ୍ୟାପିଟାଲ୍ ଲିମିଟେଡ୍ (ଟାଟା କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡର ସ୍ଥାନାନ୍ତର) ୨୪ ଅକ୍ଟୋବର, ୨୦୨୪ ରେ ଡିମାଣ୍ଡ ନୋଟିସ୍ ('ଉକ୍ତ ନୋଟିସ୍') ଜାରି କରି (୧) ଭୁବନେଶ୍ୱରୀ ସିଫୁଡ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଡାକ ଦେଇଥିଲା। ଲିମିଟେଡ୍ (ଋଣଗ୍ରହୀତା/ବନ୍ଧକଦାତା/ହାଇପୋଥେକେଟର୍), (୨) ଶ୍ରୀଯୁକ୍ତ ସୁଜିତ କୁମାର ଦାସ (ଗ୍ୟାରେଣ୍ଟର), (୩) ଶ୍ରୀମତୀ ସୋମା ଦାସ (ଗ୍ୟାରେଣ୍ଟର) ଏବଂ (୪) ଶ୍ରୀଯୁକ୍ତ ତାପସ ଦାସ (ଗ୍ୟାରେଣ୍ଟର) ୧୪ ଅକ୍ଟୋବର, ୨୦୨୪ ସୁଦ୍ଧା ବକେୟା ଥିବା ୬,୫୦,୧୭,୩୩୨.୩୯ ଟଙ୍କା (ଛଅ କୋଟି ପଚାଶ ଲକ୍ଷ ସତର ହଜାର ତିନି ଶହ ବତିଶ ଟଙ୍କା ଏବଂ ଅନତଶ ପଇସା) ଉକ୍ତ ନୋଟିସରେ ଉଲ୍ଲେଖିତ ଅର୍ଥକୁ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ଆନୁଷଙ୍ଗିକ ଖର୍ଚ୍ଚ, ମୂଲ୍ୟ, ଦେୟ ଇତ୍ୟାଦି ସହିତ ପରିଶୋଧ କରିବାକୁ ବାଧ୍ୟ।
ଋଣଗ୍ରହୀତା/ବନ୍ଧକ/ହାଇପୋଥେକେଟର/ଗ୍ୟାରେଣ୍ଟରମାନେ ରାଶି ପରିଶୋଧ କରିବାରେ ବିଫଳ ହେବାରୁ, ଋଣଗ୍ରହୀତା, ବନ୍ଧକ, ହାଇପୋଥେକେଟର ଏବଂ ଗ୍ୟାରେଣ୍ଟରମାନଙ୍କୁ ବିଶେଷ ଭାବରେ ଏବଂ ସାଧାରଣ ଜନତାଙ୍କୁ ନୋଟିସ୍ ଦିଆଯାଇଥିଲା ଯେ ଟିସିଏଲର କ୍ଷମତାପ୍ରାପ୍ତ ଅଧିକାରୀ (ଟାଟା କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ସ୍ଥାନାନ୍ତରକାରୀ) ଭାବରେ ତାଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଜାନୁଆରୀ ୧୬ ତାରିଖ, ୨୦୨୫ ରେ, ସର୍ସାଇ ସାର୍ଟିଫିକେଟ୍ ର ସୁରକ୍ଷା ସ୍ୱାର୍ଥ ପରିଚୟ ନମ୍ବର ୪୦୦୦୫୬୪୧୪୫୯୬ ସହିତ ୩୦ ସେପ୍ଟେମ୍ବର, ୨୦୨୧ ତାରିଖର ଟାଇଟଲ୍ ଡିଡ୍ସ ଡିପୋଜିଟ୍ ମେମୋରାଣ୍ଡମ୍ ଅଫ୍ ଡିପୋଜିଟ୍ ରେ ବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ କବଜା ଗ୍ରହଣ କରିଛନ୍ତି ଏବଂ ୨୨ ସେପ୍ଟେମ୍ବର, ୨୦୨୧ ତାରିଖର ବିକ୍ରୟ ଡିଡ୍ ର ସୂଚୀ ଅନୁଯାୟୀ, ଜିଲ୍ଲା ସବ-ରେଜିଷ୍ଟ୍ରାର, ବାଲେଶ୍ୱରର କାର୍ଯ୍ୟାଳୟରେ ଯଥାସମ୍ଭବ ପଞ୍ଜୀକୃତ, ପୁସ୍ତକ ନଂ ୧, ଭଲ୍ୟୁମ୍ ନଂ ୧୬୨ ଡକ୍ୟୁମେଣ୍ଟ ନଂ ଭାବରେ ରେକର୍ଡ କରାଯାଇଛି। ୨୦୨୧ ମସିହାର ୧୦୦୬୨୧୦୮୨୨୦ ଯେଉଁଥିରେ ଏଠାରେ ଉଲ୍ଲେଖ କରାଯାଇଥିବା ଜମି ଅଂଶ ଏବଂ ତା' ଉପରେ ଥିବା ଗଠନ ଅନ୍ତର୍ଭୁକ୍ତ, ଯାହା ଏଠାରେ ସୂଚୀ କ ରେ ଉଲ୍ଲେଖ କରାଯାଇଥିବା ସୁରକ୍ଷିତ ସମ୍ପତ୍ତି।
ଏହା ପରେ, ବାଲେଶ୍ୱରର ଲେଫ୍‌ଡେଣ୍ଟେଡ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍, ବିବିଧ ମାମଲା ନଂ. ୧୭/୨୦୨୫ରେ ୨୮ ମାର୍ଚ୍ଚ, ୨୦୨୫ ତାରିଖର ଆଦେଶ ସହିତ ୨୩ ଏପ୍ରିଲ, ୨୦୨୫ ତାରିଖର ଆଦେଶ ମାଧ୍ୟମରେ ଆଡଭୋକେଟ୍ କମିଶନରଙ୍କୁ ପୋଲିସ ସହାୟତା ସହିତ ଭୌତିକ କବଜା ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସୁରକ୍ଷିତ ସମ୍ପତ୍ତିର ପୋଲିସ ସହାୟତା ସହିତ ଭୌତିକ ଦଖଲ ନିଆଯିବା ସହିତ ସୂଚୀ 'କ' ଏବଂ ସୂଚୀ 'ଖ' ରେ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲ ନିଆଯିବ। ତଦନୁସାରେ, ୧୨ ଜୁନ୍, ୨୦୨୫ ତାରିଖରେ ଆଡଭୋକେଟ୍ କମିଶନରଙ୍କ ଦ୍ୱାରା ଭୌତିକ ଦଖଲ ନିଆଯାଇଛି ଏବଂ ଏହାକୁ ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଋଣଗ୍ରହୀତା/ମର୍ଟଗେଜର/ହାଇପୋଥେକେଟର/ଗ୍ୟାରେଣ୍ଟରମାନେ ବିଶେଷକରି ଏବଂ ସାଧାରଣ ଜନତାଙ୍କୁ ସତର୍କ କରାଯାଇଛି ଯେ ସୁରକ୍ଷିତ ସମ୍ପତ୍ତି ସହିତ କାରବାର ନକରିବା ପାଇଁ ଏବଂ ଉକ୍ତ ସୁରକ୍ଷିତ ସମ୍ପତ୍ତି ସହିତ ଯେକୌଣସି କାରବାର ପାଇଁ ଟିସିଏଲ (ଟାଟା କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ସ୍ଥାନାନ୍ତର) ରୁ ଟଙ୍କା ଲେଖାଏଁ ଆଦାୟ କରାଯିବ। ୧୪ ଅକ୍ଟୋବର, ୨୦୨୪ ସୁଦ୍ଧା ୬,୫୦,୧୭,୩୩୨.୩୯ (ଛଅ କୋଟି ପଚାଶ ଲକ୍ଷ ସତର ହଜାର ତିନି ଶହ ବତିଶ ଏବଂ ଅନତତ୍ରିଶ ପଇସା କେବଳ), ଏବଂ ଏଥିରେ ଅଧିକ ସୁଧ ସହିତ।
ଋଣଗ୍ରହୀତା/ବନ୍ଧକଦାତା/ହାଇପୋଥେକେଟର/ଗ୍ୟାରେଣ୍ଟରମାନେ ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ପରିପ୍ରେକ୍ଷୀରେ ଉକ୍ତ ଆଇନର ଧାରା ୧୩ ର ଉପ-ଧାରା (୮) ର ବ୍ୟବସ୍ଥା ପ୍ରତି ଧ୍ୟାନ ଆମନ୍ତ୍ରଣ କରୁଛନ୍ତି।

କାର୍ଯ୍ୟସୂଚୀ "କ"
ସ୍ଥାବର ସମ୍ପତ୍ତିର ବିବରଣୀ
ତଳେ ବର୍ଣ୍ଣିତ ସମସ୍ତ ସମ୍ପତ୍ତିର ଖଣ୍ଡ ଏବଂ ପାର୍ସଲ

| | |
|---|---|
| ସର୍ଭେ / ଦ୍ୱାର ପଟ୍ଟା / ଖାତା ନମ୍ବର | ସିକ୍ୟୁରିଟି ସ୍ୱାର୍ଥ ଆଇଡି ନମ୍ବର ୪୦୦୦୫୬୪୧୪୫୯୬ ଅନୁଯାୟୀ, ପ୍ରାୟ ଇଉ ୧.୦୭ ଡେସିମିଲ ପରିମିତ ୪୬,୬୧୦ ବର୍ଗଫୁଟ ପରିମିତ ସମସ୍ତ ଜମି ଖଣ୍ଡ, ଯାହା ପି.ଏସ୍. ନମ୍ବର ୨୧୧, ମୌଜା-ବିରୁଆଁ, ନୂତନ ଖୈତାନ ନମ୍ବର ୫୧୬/୧୨୦୩, ପୁରୁଣା ଖୈତାନ ନମ୍ବର ୫୧୬/୬୭, ପ୍ଲଟ ନମ୍ବର ୧୧୭୭, ଜିଲ୍ଲା ବାଲେଶ୍ୱର, ପୋଲିସ ଷ୍ଟେସନ ବାଲେଶ୍ୱର, ସଦରରେ ଅବସ୍ଥିତ। |
| ପ୍ଲଟ୍ ନମ୍ବର...../ ଫ୍ଲାଟ୍ ନମ୍ବର...... | ସେହି ସମସ୍ତ ଖଣ୍ଡ ଏବଂ ପାର୍ସଲ ପ୍ରାୟ ଇଉ ୧.୦୭ ଦଶମିକ ପରିମାପ ସହିତ ୪୬,୬୧୦ ବର୍ଗଫୁଟ ସୁରକ୍ଷା ସୁଧ ଆଇଡି ନଂ, ୪୦୦୦୫୬୪୧୪୫୯୬, ପିଏସ୍ ରେ ଅବସ୍ଥିତ। ନଂ ୧୧୧୧, ମାଉଜା ବିରୁଆନ୍, ନୂତନ ଖାଇଟାନ୍ ନଂ ୫୧୬/୧୨୦୩। ପୁରୁଣା ଖଇତାନ ନଂ ୫୧୬/୬୭, ପ୍ଲଟ୍ ନମ୍ବର ୧୧୭୭, ଜିଲ୍ଲା- ବାଲାସୋର, ପୋଲିସ୍ ଷ୍ଟେସନ ବାଲାସୋର, ସାଦର। ବାଲେଶ୍ୱରରେ ପଞ୍ଜିକୃତ ୨୨-୦୯-୨୦୨୧ ତାରିଖର ଟାଇଟଲ୍ ଡକ୍ୟୁମେଣ୍ଟ୍ / ବିକ୍ରୟ ଡିଡ୍ ନମ୍ବର ୧୦୦୬୨୧୦୮୨୨୦ ରେ ଉଲ୍ଲେଖ କରାଯାଇଥିବା ଦୁଇ ମହଲା ବିଶିଷ୍ଟ ଲୋଡ୍ ବିୟରିଂ / ଆରସିସି / ସେଡ୍ କୋର୍ ହାଉସ୍, ତଳ ମହଲା, ମୁଖ୍ୟ କୋଠାର ପ୍ରଥମ ମହଲା, ସମୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ର କର୍ମଚାରୀ କ୍ୱାର୍ଟର୍ସ, କାର୍ପେଟ୍ କ୍ଷେତ୍ର। |
| ସମ୍ପତ୍ତିର ମାପ/ବିସ୍ତାର | ସମସ୍ତ ଜମିର ସେହି ଖଣ୍ଡ ଏବଂ ଅଂଶ ଯାହା ପ୍ରାୟ ଏକର ୧.୦୭ ଡେସିମିଲ ପରିମିତ, ୪୬, ୬୧୦ ବର୍ଗଫୁଟ ସିକ୍ୟୁରିଟି ସ୍ୱାର୍ଥ ଆଇଡି ନମ୍ବର ୪୦୦୦୫୬୪୧୪୫୯୬, ପି.ଏସ୍. ନମ୍ବର ୨୧୧, ମୌଜା ବିରୁଆଁ, ନୂତନ ଖତିଆନ ନମ୍ବରରେ ଅବସ୍ଥିତ। ପିଏସ୍ ନଂ ୨୧୧, ମୌଜା- ବିରୁଆଁ, ନୂଆ ଖତିଆନ ନମ୍ବର ୫୧୬/୧୨୦୩, ପୁରୁଣା ଖତିଆନ ନଂ ୫୧୬/୬୭, ପ୍ଲଟ ନଂ ୧୧୭୭, ଜିଲ୍ଲା- ବାଲେଶ୍ୱର, ଥାନା- ବାଲେଶ୍ୱର ସଦର |
| ସ୍ଥାନ/ଲ୍ୟାଣ୍ଡମାର୍କ/ଅଞ୍ଚଳର ନାମ, ମହଲା (ଆବଶ୍ୟକ ସ୍ଥଳେ ସେହି ସ୍ଥାନରେ ପହଞ୍ଚିବା ପାଇଁ ଥିବା ରାସ୍ତା ପରିଷ୍କାର ଭାବେ ଲେଖାଯିବା ଉଚିତ୍) | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ- ଏ୧.୦୭ ଡିସିମିଲ, ଯାହାକି ୪୬,୬୧୦ ବର୍ଗଫୁଟ ସହ ସମାନ। ସୁରକ୍ଷିତ ସୁଧ ଆଇଡି ନଂ ୪୦୦୦୫୬୪୧୪୫୯୬, ଅବସ୍ଥିତି: ଥାନା ନଂ ୨୧୧, ମୌଜା- ବିରୁଆଁ, ନୂଆ ଖତିଆନ ନଂ ୫୧୬/୧୨୦୩, ପୁରୁଣା ଖତିଆନ ନଂ ୫୧୬/୬୭, ପ୍ଲଟ ନଂ ୧୧୭୭, ଜିଲ୍ଲା- ବାଲେଶ୍ୱର, ଥାନା- ବାଲେଶ୍ୱର ସଦର |
| ସହର/ ଜିଲ୍ଲା | ଜିଲ୍ଲା- ବାଲେଶ୍ୱର, ଓଡ଼ିଶା |
| ବାଉଣ୍ଡରୀ | |
| ପୂର୍ବ ପଟ | ପ୍ଲଟ ନଂ ୧୧୪୧ |
| ପଶ୍ଚିମ ପଟ | ପ୍ଲଟ ନଂ ୧୧୭୪ |
| ଦକ୍ଷିଣ ପଟ | ପ୍ଲଟ ନଂ ୧୧୭୮ ଏବଂ ୧୧୭୯ |
| ଉତ୍ତର ପଟ | ପ୍ଲଟ ନଂ ୧୧୪୧ |

କାର୍ଯ୍ୟସୂଚୀ "ଖ"
ଭୁବନେଶ୍ୱରୀ ସି-ଫୁଡ୍ ପ୍ରାଇଭେଟ ଲିମିଟେଡର ଋଣଗ୍ରହୀତା/ ହାଇପୋଥି କେଟରଙ୍କ ବନ୍ଧକ ସମ୍ପତ୍ତିର ବିବରଣୀ
କାର୍ଯ୍ୟସୂଚୀ 'ଏ'ରେ ପ୍ରଦତ୍ତ ସମସ୍ତ ଅସ୍ଥାବର ସମ୍ପତ୍ତିର ସାମଗ୍ରୀ ଯାହାକି ବନ୍ଧକ ରଖାଯାଇଛି, ସେଥିରେ ସମସ୍ତ ଖର୍ଚ୍ଚ ସହ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଲାଗୁ କରାଯିବ।

ସ୍ଥାନ: ୧୨ ଜୁନ୍ ୨୦୨୫
ସ୍ଥାନ: ସଦର, ବାଲେଶ୍ୱର
ଟାଟା କ୍ୟାପିଟାଲ ଲିମିଟେଡ୍
ସ୍ୱା/- ପ୍ରାଧିକୃତ ଅଧିକାରୀ

## ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ଭେନ୍ୟୁ ଘୋଷଣା

ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ କ୍ରିକେଟ ଟିମ ଦିନିକିଆ ଓ ଟି୨୦ ସିରିଜ ଖେଳିବ। ୨୦୨୬ରେ ଉଭୟ ଟିମ ମଧ୍ୟରେ ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ ଖେଳାଯିବ। ବିସିସିଆଇ ଏ ନେଇ ଭେନ୍ୟୁ ଶର୍ଟଲିଷ୍ଟ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ମୁମ୍ବାଇର ୱାଙ୍ଖେଡ, ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ, ଚେନ୍ନାଇର ଚେପକ ଓ ବେଙ୍ଗାଲୁରର ଏମଏ ଚିଦାମ୍ବରମ ଷ୍ଟାଡିୟମକୁ ଶର୍ଟ ଲିଷ୍ଟ କରା ନ ଯିବା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଶର୍ଟଲିଷ୍ଟ ହୋଇଥିବା ଭେନ୍ୟୁଗୁଡିକ ହେଲା- ଜୟପୁର, ମୋହାଲୀ, ଇନ୍ଦୋର, ରାଜକୋଟ, ଗୌହାଟୀ, ହାଇଦ୍ରାବାଦ, ନାଗପୁର ଓ ତ୍ରିଭେନ୍ଦ୍ରମ। ଏହି ଭେନ୍ୟୁଗୁଡିକରେ ପୂର୍ବରୁ ଆନ୍ତର୍ଜାତୀୟ ମ୍ୟାଚ ଖେଳାଯାଇଛି। ୨୦୨୬ ଟି୨୦ ବିଶ୍ୱକପ ପୂର୍ବରୁ ଏହି ମ୍ୟାଚଗୁଡିକ ଖେଳାଯିବ। ଏହା ପୂର୍ବରୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୨ଟି ଟେଷ୍ଟ ଅହମ୍ମଦାବାଦ ଓ ନୂଆଦିଲ୍ଲୀରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ସହ ଟିମ ଇଣ୍ଡିଆ ଏହା ପରେ ୨ଟି ଟେଷ୍ଟ କୋଲକାତା ଓ ଗୌହାଟୀରେ ଖେଳିବ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ପ୍ରତିଯୋଗିତା




ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଆୟୋଜିତ ହେଲା ୪ ତମ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପ୍ରତିଯୋଗିତା। ଏହି ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ପ୍ରତିଯୋଗିତା ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରତିଯୋଗୀମାନେ ଯୋଗଦାନ କରିଥିଲେ। ମାଥିଲି, କାଲିମେଳା, ବାଲିମେଳା ଓ ମାଲକାନଗିରି ଠାରୁ ସର୍ବମୋଟ ୧୨୦ ଜଣ ପ୍ରତିଯୋଗୀ ମନେ ଏଥିରେ ଯୋଗଦାନ କରିଥିଲେ। ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଆଇସି ରିଙ୍ଗନ କିଣ୍ଡ ଯୋଗଦାନ କରି ଖେଳର ଶୁଭାରମ୍ଭ କାରିଥିଲେ। ତାହାସହ ସାମ୍ବାଦିକ ଦୁର୍ଯ୍ୟଧନ ପାତ୍ର ଓ ସୀମାଞ୍ଚଳ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଏହି କର୍ଯ୍ୟକ୍ରମରେ ବ୍ୟାଡମିଣ୍ଟନର ସଭାପତି ଜଗରନାଥ ସାହୁ, ସମ୍ପାଦକ ପ୍ରୀତପାଲ ସିଙ୍ଗ, ସ୍ପୋନସ ଭାବେ ଲେକ୍ସପେୟର କମ୍ପାନୀ ସହଯୋଗ କରିବା ସହ ରବି, ସୁବ୍ରତ, ଲକ୍ଷ୍ମୀକାନ୍ତ, ରତନ, ଦିନେଶ ସହ ଅନ୍ୟାନ୍ୟ କ୍ରୀଡ଼ାବିତ ମାନେ ଉପସ୍ଥିତ ରହି କର୍ଯ୍ୟକ୍ରମକୁ ସୁଚାର ରୂପେ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସର ପ୍ରତିଯୋଗୀମାନେ ଯୋଗ ଦେଇଛନ୍ତି ଯେପରିକି ୧୧, ୧୫, ୧୭, ୧୯, ୩୫, ୪୦, ୪୫ ବର୍ଷ। ଜଣେ ଓ ଦୁଇ ଜଣିଆ ଟିମ ମଧ୍ୟରେ ଖେଳ ବହୁତ ସୁନ୍ଦର ଭାବେ ପ୍ରତିଯୋଗିମାନେ ନିଜ ଖେଳ ପ୍ରଦର୍ଶନ କରିଥିଲେ। ଏହି ଖେଳ ତିନିଦିନ ଧରି ଚାଲିବ, ପ୍ରତିଯୋଗୀମାନଙ୍କୁ ଖେଳ ପୋଷାକ ଦେବା ସହ ଖାଇବାର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଥର ପାଇଁ ଜିଲ୍ଲାରେ ଏପରି ଖେଳ ପ୍ରଦର୍ଶନ ପାଇଁ ଖେଳାଳି ତଥା ଅଭିଭାବକ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଖେଳାଳି ମନେ ଜିଲ୍ଲାରୁ ରାଜ୍ୟ ସ୍ତରରେ ନିଜ ଖେଳ ପ୍ରଦର୍ଶନ କରି ଜିଲ୍ଲାର ନା ରଖନ୍ତୁ ବୋଲି ବୁଦ୍ଧିଜୀବୀମନେ ମତ ପ୍ରକାଶ କରିଛନ୍ତି।

कार्यपालक अभियंता का कार्यालय,
लघु सिंचाई प्रमण्डल, गढ़वा।
निविदा रद्द करने से संबंधित सूचना पत्र।
पत्रांक – गढ़वा/दिनांक –
दैनिक समाचार पत्रों में प्रकाशित Advertisement P.R. No- 352992 Received on 20.05.2025 (WRD/MID/GARHWA/B.D./S.L.I.-01/2025-26) अधौरा सोलर उदवह सिंचाई योजना का निर्माण कार्य ग्राम– अधौरा, पंचायत– कुशडंड, प्रखण्ड–नगर उँटारी को अपरिहार्य कारणवश अगले आदेश तक रद्द किया जाता है।
कार्यपालक अभियंता,
लघु सिंचाई प्रमण्डल, गढ़वा।
PR 354965 Minor Irrigation(25-26)D

कार्यपालक अभियंता का कार्यालय,
लघु सिंचाई प्रमण्डल, गढ़वा।
निविदा रद्द करने से संबंधित सूचना पत्र।
पत्रांक – गढ़वा/दिनांक –
दैनिक समाचार पत्रों में प्रकाशित Advertisement P.R. No-353001 Received on 20.05.2025 (WRD/MID/GARHWA/B.D./S.L.I.-04/2025-26) हरता सोलर उदवह सिंचाई योजना का निर्माण कार्य ग्राम–हरता, पंचायत–फकीराडीह, प्रखण्ड– भण्डरिया को अपरिहार्य कारणवध अगले आदेध तक रद्द किया जाता है।
कार्यपालक अभियंता,
लघु सिंचाई प्रमण्डल, गढ़वा।
PR.NO.354962 Minor Irrigation(25-26):D



ବ୍ରେନ୍ ଟ୍ୟୁମର ଶରୀରର ଅନେକ କାର୍ଯ୍ୟକୁ ପ୍ରଭାବିତ କରିଥାଏ ଏବଂ ସବୁଠାରୁ ଗୁରୁତର ସମସ୍ୟା ହେଉଛି ଦୃଷ୍ଟିଶକ୍ତି ଚାଲିଯିବା । ବ୍ରେନ୍ ଟ୍ୟୁମର୍ ଏବଂ ଦୃଷ୍ଟି ଶକ୍ତି ହ୍ରାସ ମଧ୍ୟରେ ଲିଙ୍କ୍ ଟ୍ୟୁମର ବୃଦ୍ଧିର ସ୍ଥାନ, ପ୍ରକାର, ଆକାର ଏବଂ ଗତି ଉପରେ ନିର୍ଭର କରେ । ବ୍ରେନ୍ ଟ୍ୟୁମର୍ କିପରି ଅନ୍ଧତ୍ୱ ସୃଷ୍ଟି କରେ ଏବଂ ଏହା କେଉଁ କ୍ଷତି ଘଟାଇପାରେ ତାହା ବୁଝିବା ଅତ୍ୟନ୍ତ ଜରୁରୀ , ଯାହା ଦ୍ୱାରା ଏହା ଶୀଘ୍ର ଚିହ୍ନଟ ହୋଇପାରିବ ଓ ଏହାର ସଠିକ୍ ଚିକିତ୍ସା ହୋଇପାରିବ । ଲକ୍ଷଣ ଏବଂ ସଙ୍କେତ-ବ୍ରେନ୍ ଟ୍ୟୁମର ଦ୍ୱାରା ସୃଷ୍ଟି ହୋଇଥିବା ଅନ୍ଧତ୍ୱ ଟ୍ୟୁମରର ପ୍ରକାର ଏବଂ ଅବସ୍ଥାନ ଉପରେ ନିର୍ଭର କରି ଅନେକ ଉପାୟରେ ଦେଖାଯାଏ । ଏହାର ଲକ୍ଷଣଗୁଡ଼ିକରେ ଅସ୍ପଷ୍ଟ ଦୃଷ୍ଟିଶକ୍ତି, ଡବଲ୍ ଭିଜନ (ଡିପ୍ଲୋପିୟା), ଆଂଶିକ ଦର୍ଶନ, କିମ୍ବା ଗୋଟିଏ କିମ୍ବା ଉଭୟ ଆଖିରେ ସମ୍ପୂର୍ଣ୍ଣ ଅନ୍ଧତା ଅନ୍ତର୍ଭୁକ୍ତ ହୋଇପାରେ । ରୋଗୀମାନେ ଭିଜୁଆଲ୍ ଫିଲ୍ଡ କଟ୍ ମଧ୍ୟ ଅନୁଭବ କରିପାରନ୍ତି, ଯେଉଁଠାରେ ସେମାନଙ୍କର ଦୃଶ୍ୟ କ୍ଷେତ୍ରର କିଛି ଅଂଶ ଅଦୃଶ୍ୟ ହୋଇଯାଏ । ଏହି ଲକ୍ଷଣଗୁଡ଼ିକ ପ୍ରାୟତଃ ଧୀରେ ଧୀରେ ବିକଶିତ ହୁଏ, କିନ୍ତୁ ବେଳେବେଳେ ହଠାତ୍ ହୋଇପାରେ, ବିଶେଷକରି ଯଦି ଟ୍ୟୁମର ମସ୍ତିଷ୍କରେ ହଠାତ୍ ଚାପ ପରିବର୍ତ୍ତନ କରେ ।



# ଶରୀରକୁ ଫିଟ୍ ରଖେ ଦୋଳି

*ରଜ ପର୍ବ ଭିତରେ ଝିଅ ଆଉ ମହିଳାମାନଙ୍କର ସବୁଠାରୁ ଆକର୍ଷଣୀୟ ଦୁର୍ବଳତା ହେଉଛି ରଜ ଦୋଳି । ରଜ ଦୋଳି ଏଯାବତ ବିଭିନ୍ନ କେବଳ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହି ଦୋଳିର ଆକର୍ଷଣ ବଢୁଛି । ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ ?...*

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହା ଆବଶ୍ୟକତା ନାହିଁ । ହେଲେ ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ । ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଏକ୍ସରସାଇଜ୍ ହୋଇଥାଏ । ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ । କେଉଁ କେଉଁ ରୋଗ ଦୂର ହୁଏ ଦୋଳି ଖେଳିବା ଦ୍ୱାରା ଜାଣନ୍ତୁ..

## ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ

ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ । ପୁନଃ ପଛକୁ ଯିବାକୁ ପଡ଼େ । ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ । ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ । ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ । ସେହିପରି ଏହା ବାହୁକୁ ଶକ୍ତ କରିଥାଏ । ଦୋଳି ଖେଳିବା ସମୟରେ ହାତର ମଧ୍ୟ ଏକ୍ସରସାଇଜ ହୋଇଥାଏ । ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ । ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ । ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ ।

## ହୃତପିଣ୍ଡ ସୁସ୍ଥ ରହିଥାଏ

ଦୋଳି ଖେଳିବା ଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଛାତିର ମଧ୍ୟ ବ୍ୟାୟାମ ହୋଇଥାଏ । ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ପଡ଼ିଥାଏ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ । ଏହାଦ୍ୱାରା ଛାତିର ବ୍ୟାୟାମ ହୁଏ ଓ ହୃଦ୍ସ୍ପନ୍ଦନ ବୃଦ୍ଧି ହୁଏ । ଯାହାକି ହୃତ୍ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ରୋଗ ଦୂର ହୋଇଥାଏ । ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ । ଯାହା ପେଟରୁ ଚର୍ବିକୁ ହ୍ରାସ କରେ । ପେଟରେ ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ ଦୂର ହୋଇଯାଏ, ଷ୍ଟୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ ସମୟରେ କରେ ।

## ଚର୍ବି ହ୍ରାସ ପାଇଥାଏ

ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକାରୀ ହୋଇଥାଏ । ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀରରୁ ଅତ୍ୟଧିକ ଚର୍ବି ହ୍ରାସ ହୁଏ । ଶରୀର ସ୍ଲିମ୍ ହୋଇଯାଏ । ରକ୍ତସଞ୍ଚାଳନ ବୃଦ୍ଧି କରିଥାଏ । ଦୋଳି ଖେଳିବା ଦ୍ୱାରା ଶରୀରର ବ୍ୟାୟାମ ହୁଏ । ଏହାଦ୍ୱାରା ହୃଦ୍ସ୍ପନ୍ଦନ ବୃଦ୍ଧି ପାଏ । ଯାହାକି ରକ୍ତସଞ୍ଚାଳନ ବୃଦ୍ଧିରେ ସହାୟକ ହୁଏ । ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ ।

## ମନ ଶାନ୍ତ ରହିଥାଏ

ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ । ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ । ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ । ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି । ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ । ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ । ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ । ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ । ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ ।

## ଦୋଳି ଖେଳିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ

ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ । ଆଜିକାଲି ବିଭିନ୍ନ ଅନୁଷ୍ଠାନ ମାନଙ୍କର ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ମଧ୍ୟ ହେଉଛି । ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ । ଦୋଳିଟି ଠିକ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ । କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ । ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ମଧ୍ୟ ଜରୁରୀ । କାରଣ ଶାଢ଼ୀ କିମ୍ବା ସାଲୁଆର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ । ସେହିପରି ଗଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା । ହୃଦରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ । ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍‌କ୍ଷଣାତ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ । ଦୋଳି ଏକ ଚମତ୍କାର ବ୍ୟାୟାମ ତେବେ ଏ ସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକର ଏକ ଅନୁଭବ ହେବ ।

***ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ସିଡିଏ, କଟକ***

# ‘ରଜଦୋଳି କଟମଟ ମୋ ଭାଇ ମୁଣ୍ଡରେ...’




ଓଡ଼ିଶାରେ ବାରମାସରେ ତେର ପର୍ବ ପାଳନ କରାଯାଇଥାଏ । ସେଥି ମଧ୍ୟରୁ ରଜ ଅନ୍ୟତମ । ରଜ ହେଉଛି ଓଡ଼ିଶାର ଗଣପର୍ବ । ଏହି ପର୍ବ ସମସ୍ତ ପୁରପଲ୍ଲୀରେ ପାଳନ କରାଯାଇଥାଏ । ରଜ ମୁଖ୍ୟତଃ ତିନିଦିନ ଧରି ପାଳନ କରାଯାଇଥାଏ । ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜସଂକ୍ରାନ୍ତି, ତୃତୀୟ ଦିନକୁ ଶେଷ ରଜ ବା ଭୂମି ଦହନ ବୋଲି କୁହାଯାଏ । ରଜ ଦିନ ପୋଡ ପିଠା, କାକରା, ଚକୁଳି, ମୁହାଁ, ଭାଜିଆ ଓ ଆରିସା ପିଠାର ମହ ମହ ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ । ରଜ ତିନିଦିନ ଝିଅମାନଙ୍କୁ ଗୃହକାର୍ଯ୍ୟ କରିବାକୁ ବାରଣ କରାଯାଇଥାଏ । ରଜ ପୂର୍ବରୁ ମହିଳାମାନେ ନାନା ପିଠାପଣା, ଫଳମୂଳ, ଶୁଖିଲା ଖାଦ୍ୟ ଓ ମସଲା ଖାଦ୍ୟ ପ୍ରସ୍ତୁତ କରି ରଖିଥାନ୍ତି । ତାହାକୁ ରଜରେ ବ୍ୟବହାର କରି ମଉଜ ମଜଲିସ୍ କରନ୍ତି । ଝିଅ ଓ ବୋହୂମାନେ ନୂଆ ଶାଢ଼ୀ ଓ ପୋଷାକ ପିନ୍ଧି ଟହଲ ମାରିଥାନ୍ତି । ନୂଆ ଶଙ୍ଖା ପିନ୍ଧନ୍ତି, ଗୋଡ଼ରେ ଅଳତା, ମଥାରେ ଚନ୍ଦନ, ଭୁଲତାରେ କୁମକୁମ ଆଖିରେ କଜ୍ଜଳ ଇତ୍ୟାଦି ନାଇ ନିଜକୁ ଶୋଭାନ୍ତି । ବନ୍ଧୁବାନ୍ଧବ ଘର ବୁଲନ୍ତି । ପ୍ରତିଘରର ବାରିପଟେ ଯଦି ଗଛଥାଏ ନୋହିଲେ ଗାଁ ମୁଣ୍ଡ ଆମ୍ବ ତୋଟାରେ ଦୋଳି ବନ୍ଧାହୁଏ । ସୁନ୍ଦର ଭାବେ ସଜ୍ଜିତ ବିଭିନ୍ନ ପ୍ରକାର ଦୋଳି, ରାମଦୋଳି, ଚକ୍ରିଦୋଳି, ପଟାଦୋଳି, ଦାଣ୍ଡିଦୋଳି ଏବଂ ବାଉଂଶ ଦୋଳି ଲଗାଯାଇଥାଏ । କୁଆଁରୀ ଝିଅମାନେ ଦୋଳିରେ ଝୁଲି ‘ରଜଦୋଳି କଟମଟ, ମୋ ଭାଇ ମୁଣ୍ଡରେ ଦୋଳ ମୁକୁଟ । ଦୋଳ ମୁକୁଟ ଲୋ, ଦିଶୁଥାଏ ଝଟଝଟ...’ ଗୀତରେ ଗାଁଦାଣ୍ଡ ଦୁଲାଇଦେଉଥିବା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ ପୁଅମାନେ ନାଚ, ଗୀତ ଓ ତାସ, ବାଗୁଡି ଆଦି ଖେଳରେ ମଜ୍ଜି ରହିଥାନ୍ତି । ରଜର ଶେଷ ଦିନରେ ପହଲି ବର୍ଷା ହୋଇଥାଏ । ତା’ପରଦିନ ଠୁ ଚାଷୀ ଆଳସ୍ୟ ଠାରୁ କୃଷିକ୍ଷେତକୁ ଯାଇଥାଏ ।



# ଆସୁଛି ଭାଇଜାନଙ୍କ ନୂଆ ଫିଲ୍ମ

ବୟସ ଯେତେ ଗଡୁଛି, ନିଜ ଚେହେରାରେ ସେତେ ରଙ୍ଗ ଭରୁଛନ୍ତି ଦବଙ୍ଗ ଖାନ । ୫୯ ବର୍ଷୀୟ ସଲମାନ ଖାନଙ୍କ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖାଯାଇଛି ଆଉ ତାଙ୍କ ପ୍ରଶଂସକ ଏହାକୁ ଖୁବ ପସନ୍ଦ ମଧ୍ୟ କରିଛନ୍ତି । ସଲମାନ ଖାନଙ୍କ ନୂଆ ଅବତାର ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ତେବେ ଚର୍ଚ୍ଚା ହେଉଛି ସଲମାନ ତାଙ୍କ ଆଗାମୀ ଫିଲ୍ମ ପାଇଁ ଏହି ଲୁକରେ ନଜର ଆସିଛନ୍ତି । ବଲିଉଡ ସୁପରଷ୍ଟାର ସଲମାନ ଖାନ ପୁଣି ଥରେ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛନ୍ତି । ନିକଟରେ ତାଙ୍କ ‘ରେସ ୩’ର ସହ-କଳାକାର ସାଜନ ସିଂହ କିଛି ଫଟୋ ସେୟାର କରିଛନ୍ତି ଯେଉଁଥିରେ ସଲମାନ ଖାନ ମଧ୍ୟ ନଜର ଆସିଥିଲେ । ସଲମାନ ଖାନଙ୍କ ଏହି ଅବତାର ଦେଖିବା ପରେ ପ୍ରଶଂସକମାନେ ନିଶ୍ଚିନ୍ତ ହୋଇଗଲେ । ୫୯ ବର୍ଷ ବୟସରେ ସଲମାନ ଖାନଙ୍କ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ପ୍ରଶଂସକମାନେ ଭାଇଜାନଙ୍କ ଏହି ନୂତନ ଲୁକକୁ ପ୍ରଶଂସା କରୁଛନ୍ତି । ଭାଇରାଲ୍ ହୋଇଥିବା ଫଟୋଗୁଡ଼ିକରେ, ସଲମାନ, ସାଜନ ଏବଂ ତାଙ୍କ ପରିବାର ସହିତ କଳା ଟି-ସାର୍ଟ ଏବଂ ନୀଳ ଜିନ୍ସ ପିନ୍ଧି ପୋଜ୍ ଦେଉଥିବାର ଦେଖାଯାଉଛି । ତାଙ୍କର ସରଳ କିନ୍ତୁ ଆକର୍ଷଣୀୟ ଲୁକ୍ ଚର୍ଚ୍ଚାର ବିଷୟ ପାଲଟିଛି । ‘ସିକନ୍ଦର’ ପରେ ହୋଇଥିବା ପରିବର୍ତ୍ତନ ଲୋକମାନଙ୍କ ମଧ୍ୟରେ ବହୁତ ଚର୍ଚ୍ଚା ସୃଷ୍ଟି କରିଛି । ସଲମାନଙ୍କ ପରିବର୍ତ୍ତନ ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି ଏବଂ ଫିଲ୍ମ ପ୍ରତି ତାଙ୍କ ତ୍ୟାଗକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଫଟୋଗୁଡ଼ିକରେ ସଲମାନ ଖାନଙ୍କର ମୁହଁ ପୂର୍ବ ଅପେକ୍ଷା ବହୁତ ପତଳା ଦେଖାଯାଉଛି । ଏହା ସହିତ ତାଙ୍କର ନୂଆ ହେୟାର ଷ୍ଟାଇଲ ମଧ୍ୟ ତାଙ୍କୁ ସୁହାଉଛି । ପ୍ରଶଂସକମାନେ ଏହି ଫଟୋଗୁଡ଼ିକରେ ଅନେକ କମେଣ୍ଟ ଦେଉଛନ୍ତି । ଜଣେ ପ୍ରଶଂସକ ଲେଖିଛନ୍ତି, ‘ଭାଇ ଫେରୁଛନ୍ତି’ । ଆଉ ଜଣେ କମେଣ୍ଟ କରିଛନ୍ତି, ‘ନମ୍ବର ୱାନ୍ ଭାଇଜାନ’ । ଆଉ ଜଣେ ପ୍ରଶଂସକ ଲେଖିଛନ୍ତି-‘ସଲମାନ ବହୁତ ହଟ୍ ଦେଖାଯାଉଛନ୍ତି’ । ଅନେକ ପ୍ରଶଂସକ ତାଙ୍କୁ ଜଣେ ହ୍ୟାଣ୍ଡସମ ହଙ୍କ୍ ବୋଲି କହୁଛନ୍ତି । ସଲମାନ ଖାନଙ୍କ ପରିବର୍ତ୍ତନ ତାଙ୍କ ଆଗାମୀ ଯୁଦ୍ଧ ଡ୍ରାମା ଫିଲ୍ମ ବିଷୟରେ ଚର୍ଚ୍ଚାକୁ ଆହୁରି ବୃଦ୍ଧି କରିଛି, ଯାହା ଗାଲୱାନ ଉପତ୍ୟକା ସଂଘର୍ଷ ଉପରେ ଆଧାରିତ । ସେନା ଅଧିକାରୀ କର୍ଣ୍ଣେଲ ବିକୁମଲ୍ଲା ସନ୍ତୋଷ ବାବୁଙ୍କ ଜୀବନୀରୁ ଅନୁପ୍ରାଣିତ ଏହି ଫିଲ୍ମକୁ ସଲମାନଙ୍କ ସବୁଠାରୁ ଚ୍ୟାଲେଞ୍ଜିଂ ଏବଂ ଭାବପ୍ରବଣ ଭାବରେ ଗଭୀର ଚରିତ୍ର ମଧ୍ୟରୁ ଗୋଟିଏ ବୋଲି କୁହାଯାଉଛି । ବଲିଉଡ୍ ହଙ୍ଗାମାର ଏକ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ପାଇଁ କେବଳ ଶାରୀରିକ ସୁସ୍ଥତା ନୁହେଁ ବରଂ ଭାବପ୍ରବଣ ସହନଶୀଳତା ଏବଂ ମାନସିକ ଦୃଢ଼ତା ମଧ୍ୟ ଆବଶ୍ୟକ । ସେ କେବଳ ଆର୍ମି ୟୁନିଫର୍ମ ପିନ୍ଧୁନାହାଁନ୍ତି, ସେ ଜଣେ ଜାତୀୟ ନାୟକଙ୍କ କାହାଣୀକୁ ତାଙ୍କ କାନ୍ଧରେ ବହନ କରୁଛନ୍ତି । ଫିଲ୍ମରେ ସେ ଯେଉଁ ଇକ-୪୭ ବହନ କରିବେ ତାହା କେବଳ ଏକ ପ୍ରତୀକ । କିନ୍ତୁ ପ୍ରକୃତ ଚ୍ୟାଲେଞ୍ଜ ତାଙ୍କ ପାଇଁ ଲେହ ଅଞ୍ଚଳର ଜଳବାୟୁରେ ଦୀର୍ଘ ସମୟ ଧରି ସୁଟିଂ କରିବା । ଲେହର ଉଚ୍ଚ ଅଞ୍ଚଳରେ ଫିଲ୍ମ ସୁଟିଂ କରିବା ପାଇଁ ସଲମାନଙ୍କୁ ଶାରୀରିକ ଭାବରେ ସୁସ୍ଥ ରହିବା ଆବଶ୍ୟକ ଥିଲା ଏବଂ ତାଙ୍କର ପରିବର୍ତ୍ତନ ପ୍ରୋଜେକ୍ଟ ପ୍ରତି ତାଙ୍କର ଗମ୍ଭୀରତାକୁ ପ୍ରତିଫଳିତ କରୁଛି ।

# ‘ମହାଭାରତ’ ପରେ ଅବସର ନେବେ ଆମୀର !



ଖୁବ୍‌ଶୀଘ୍ର ଅଭିନୟରୁ ଅବସର ନେବେ ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ ଭାବେ ଜଣାଶୁଣା ସୁପରଷ୍ଟାର ଅମୀର ଖାନ୍ । ବର୍ତ୍ତମାନ ଏଭଳି ଏକ ଚର୍ଚ୍ଚା ଶୁଣିବାକୁ ମିଳୁଛି । ଅସଲ କଥା ହେଲା, ଆଗକୁ ଆଉ ଅଧିକ ଫିଲ୍ମ ନକରି ଅଭିନୟରୁ ଅବ୍ୟାହତି ନେବା ବିଷୟରେ ଚିନ୍ତା କରୁଥିବା ପ୍ରକାଶ କରିଛନ୍ତି ଖୋଦ୍ ଅମୀର । ଆଉ ତାଙ୍କର ଶେଷ ଫିଲ୍ମ ତାଙ୍କ ସ୍ୱପ୍ନର ପ୍ରକଳ୍ପ ହେବ ଏବଂ ଯାହାପରେ ସେ ଆଉ କିଛି କରିବେ ନାହିଁ । ଆମୀର ଖାନ୍ କହିଛନ୍ତି ଯେ, ‘ସୀତାରେ ଜମିନ୍ ପର’ ପରେ ସେ କେବଳ ତାଙ୍କ ସ୍ୱପ୍ନର ସିନେମା ଉପରେ ଧ୍ୟାନ ଦେବେ । ନିକଟରେ ଷ୍ଟାର ୟୁଟ୍ୟୁବର ରାଜ୍ ଶମାନୀଙ୍କ ଏକ ପଡ୍‌କାଷ୍ଟରେ ଯୋଗ ଦେଇ ଆମର ଖାନ୍ ତାଙ୍କର ଶେଷ ଫିଲ୍ମ ବିଷୟରେ ଦର୍ଶକଙ୍କୁ କହିଛନ୍ତି, ‘‘ମୋର ଏକ ସ୍ୱପ୍ନ ଅଛି । ତାହା ହେଉଛି ମହାଭାରତକୁ ନେଇ ଫିଲ୍ମ ତିଆରି କରିବା ଏବଂ ମୁଁ ଏହା ଉପରେ କାମ ଆରମ୍ଭ କରୁଛି । ‘ସୀତାରେ ଜମିନ୍ ପର’ର ରିଲିଜ୍ ପରେ ମୁଁ ମୋ ସ୍ୱପ୍ନର ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିବି । ଏହି ସ୍ୱପ୍ନ ପୂରଣ ହେବା ପରେ ହୁଏତ ମୋର ଅନୁଭବ ହେବ ଯେ ଏହାପରେ ମୁଁ ଆଉ ଫିଲ୍ମ କରିପାରିବି ନାହିଁ । କାରଣ ସେ ଫିଲ୍ମର ଅନୁଭବ ନିଶ୍ଚିତ ନିଆରା ହେବ । ଏ ଦୁନିଆରେ ଯାହା କିଛି ଅଛି, ତାହା ଆମେ ମହାଭାରତରୁ ପାଇବା । ସେ ଫିଲ୍ମ ଶେଷ ହେବା ପରେ ହିଁ ଜଣାପଡ଼ିବ ମୁଁ ଆଗକୁ କାମ କରିବି ନା ନାହିଁ ।’’

# ବିବାହରେ ଯୌତୁକ ମିଳିଲା ୬୦ ଲକ୍ଷ ଟଙ୍କାର ୧୦୦ ବିଲେଇ

ଭିଏତନାମର ଜଣେ କନ୍ୟା ତାଙ୍କ ପିତାମାତାଙ୍କଠାରୁ ଅଜବ ଯୌତୁକ ପାଇ ଚର୍ଚ୍ଚାକୁ ଆସିଛନ୍ତି । ତାଙ୍କୁ ପ୍ରାୟ ୭୦,୦୦୦ ଡଲାର(୬୦ ଲକ୍ଷ ଟଙ୍କା)ର ୧୦୦ଟି ସିଭେଟ ବିଲେଇ ଉପହାର ମିଳିଥିଲା । ବିଶ୍ୱର ସବୁଠାରୁ ମହଙ୍ଗା କଫି ମଧ୍ୟରୁ ଗୋଟିଏ, କୋପି ଲୁୱାକ ଉତ୍ପାଦନରେ ସେମାନଙ୍କର ଭୂମିକା ପାଇଁ ଏହି ପ୍ରାଣୀମାନଙ୍କୁ ପୁରସ୍କାର ଦିଆଯାଇଛି ।



ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ଯୌତୁକରେ ୨୫ଟି ସୁନା ବାର, $୨୦,୦୦୦ ନଗଦ, ୩୦୦ ନିୟୁତ ଡଙ୍ଗ ମୂଲ୍ୟର କମ୍ପାନୀ ଶେୟାର ଏବଂ ଅନେକ ମହଙ୍ଗା ଜିନିଷ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ବର ପରିବାର କନ୍ୟା ମୂଲ୍ୟ ଭାବରେ ୧୦ ଟେଲ ସୁନା, ୨୦୦ ନିୟୁତ ଡଙ୍ଗ ନଗଦ ଏବଂ ହୀରା ଅଳଙ୍କାର ଦେଇଥିଲେ । ଉଲ୍ଲେଖଯୋଗ୍ୟ, ଅନେକ ଏସୀୟ ସଂସ୍କୃତିରେ, ଯୌତୁକ ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା, ଯାହା ପରିବାରର ସମ୍ପତ୍ତି ଏବଂ ଝିଅର ନୂତନ ଜୀବନକୁ ସମର୍ଥନ କରିବା ପାଇଁ ପିତାମାତାଙ୍କ ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରେ । କନ୍ୟାର ପିତା, ହଙ୍ଗ ଚି ତାମ କହିଛନ୍ତି ଯେ ତାଙ୍କ ପିଲା ପରିବାର ବ୍ୟବସାୟ ହାତକୁ ନେଇଛି । ସେ ତାଙ୍କ ଝିଅକୁ ଏଭଳି ଉପହାର ଦେଇଥିଲେ ଯାହା ତାଙ୍କୁ ରୋଜଗାର କରିବାରେ ସହାୟକ ହୋଇପାରିବ । ତେବେ ସେ ସିଭେଟ ବିଲେଇର ପ୍ରଜନନ କରିବେ କି ବିକ୍ରି କରିବେ ସେନେଇ ନିଷ୍ପତ୍ତି ନେବାର ସ୍ୱାଧୀନତା ଦେଇଥିଲେ ଏବଂ ତାଙ୍କ ପସନ୍ଦକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଚି ଟାମ କହିଥିଲେ, ’ମୋ ଝିଅ ଏକ ବ୍ୟବସାୟିକ ସ୍କୁଲରୁ ସ୍ନାତକକରିଛି । ସେ ଏହି ସମ୍ପତ୍ତିଗୁଡ଼ିକୁ ପରିଚାଳନା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ । ଯାହା ହେଉନା କାହିଁକି, ଏହା ତାଙ୍କର ଆର୍ଥିକ ସ୍ୱାଧୀନତା ସୁନିଶ୍ଚିତ କରେ ।’ ଭିଏତନାମରେ ସିଭେଟ ବିଲେଇଗୁଡ଼ିକ ବହୁତ ମହଙ୍ଗା । ଜନ୍ମ ଦେଇଥିବା ଏକ ମାଈ ସିଭେଟ ପ୍ରାୟ $୭୦୦ ମୂଲ୍ୟ ଦେଇପାରେ, ଯେତେବେଳେ ଏକ ଗର୍ଭବତୀ ସିଭେଟ $୧,୦୫୦ ପର୍ଯ୍ୟନ୍ତ ମୂଲ୍ୟ ଦେଇପାରେ । ସେମାନଙ୍କର ମୂଲ୍ୟ ଆଂଶିକ ଭାବରେ ବିଶ୍ୱର ସବୁଠାରୁ ମହଙ୍ଗା କଫି ମଧ୍ୟରୁ ଗୋଟିଏ, କୋପି ଲୁୱାକ ଉତ୍ପାଦନରେ ସେମାନଙ୍କର ଭୂମିକାରୁ ଉତ୍ପନ୍ନ ହୁଏ । ଉତ୍ପାଦନ ପ୍ରକ୍ରିୟାରେ ପ୍ରାଣୀମାନେ ପାଚିଲା କଫି ଚେରି ଖାଇବା ଏବଂ ତା’ପରେ ସେମାନଙ୍କ ପାଚନ ପ୍ରଣାଳୀରୁ ବିନ୍ସ ସଂଗ୍ରହ କରିବା, ସଫା କରିବା, ପ୍ରକ୍ରିୟାକରଣ କରିବା ଏବଂ ରୋଷ୍ଟ କରିବା ଅନ୍ତର୍ଭୁକ୍ତ । ଏହା ସହିତ, ସିଭେଟ ମାଂସକୁ ଚାଇନା ଏବଂ ଭିଏତନାମରେ ଏକ ବିଳାସପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ ଏବଂ ପାରମ୍ପରିକ ଚାଇନା ଔଷଧରେ ବ୍ୟବହୃତ ହୁଏ, ଯାହା ପ୍ରାଣୀର ମୂଲ୍ୟକୁ ଆହୁରି ବୃଦ୍ଧି କରେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି



ପୃଷ୍ଠା-୯
Page-9
ଶନିବାର, ୧୪ ଜୁନ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


# କଳାହାଣ୍ଡି ମଣ୍ଡିରେ ବିକ୍ରି ହେଉଛି ଛତିଶଗଡ଼ ଧାନ

- ଚୋରା ଚାଲାଣ ରୋକିବାରେ ପ୍ରଶାସନ ବିଫଳ
- ୨ହଜାର ଟଙ୍କାରେ ଆଣି ୩୧ ଶହ ଟଙ୍କାରେ ବିକ୍ରି



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଛତିଶଗଡ଼ରୁ ଓଡ଼ିଶାକୁ ବେଆଇନ ଭାବେ ଧାନ ଚୋରାଚାଲାଣ ହୋଇ ମଣ୍ଡିରେ ବିକ୍ରି ହେଉଥିବା ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚା ହେଉଛି। ଏହାକୁ ରୋକିବାକୁ ଚଳିତ ରବିଋତୁରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଏହା ସତ୍ତ୍ୱେ ମଧ୍ୟ ଛତିଶଗଡ଼ରୁ କଳାହାଣ୍ଡିକୁ ବେଆଇନ ଭାବେ ପ୍ରତିଦିନ ଟ୍ରକ ଓ ପିକ ଅପ ଜରିଆରେ ଧାନ ଚୋରାଚାଲାଣ ହେଉଛି। ବର୍ତ୍ତମାନ ସୁଦ୍ଧା ଧାନ ଚୋରା ଚାଲାଣ ହେଉଥିବା ୬ଟି ପିକଅପ୍‌କୁ ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଛି। ଛତିଶଗଡ଼ରେ ରବି ଧାନମଣ୍ଡି ହେଉନଥିବାରୁ କଳାହାଣ୍ଡି ଜିଲାର ଛତିଶଗଡ଼ ସୀମାନ୍ତବର୍ତ୍ତୀ ଗ୍ରାମ ପର୍ଲା, କଦଳୀମୁଣ୍ଡା, ବେହେରାଗୁଡ଼ା, ଛଞ୍ଆଣବାହିଲି, ସନ୍ଧିକୁଲିହାରି,ହଳଦୀ ପାନୀ,ବାରିକପଡ଼ା ଆଦି ଅଞ୍ଚଳର ଦଲାଲମାନେ ଗାଡ଼ିରେ ଛତିଶଗଡ଼ ରାଜ୍ୟର ଧାନ ବ୍ୟବସାୟୀଙ୍କଠାରୁ ୨ ହଜାରରେ ଧାନ କିଣି ନିଜ ଘରେ ରଖି ମଣ୍ଡିମାନଙ୍କରେ ବିକ୍ରି କରିବା ସହିତ କିଛି ରାଇସମିଲ୍‌କୁ ନେଇ ଧାନ ନେଇ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହି ସୀମାନ୍ତବର୍ତ୍ତୀ ଗ୍ରାମ ରାସ୍ତାରେ ଏବେ ଚୋରା ବେପାରୀମାନେ ସକ୍ରିୟ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୀମାନ୍ତବର୍ତ୍ତୀ ରାସ୍ତାରେ ଅସ୍ଥାୟୀ ଚେକ୍ ଗେଟ୍ କରାଯିବା ସହ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି। ଏପରିକି ଚୋରାଗାଡ଼ି ଜଗିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ କର୍ମଚାରୀମାନଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ତଥାପି ଚୋରା ଚାଲାଣ ରୋକିବାକୁ ପ୍ରଶାସନ ବିଫଳ ହୋଇଛି। ଗତ କିଛିଦିନ ତଳେ ଏହି ସୀମାନ୍ତ ରାସ୍ତାକୁ ଅତିକ୍ରମ କରି କିଛି ଗାଡ଼ି ମଣ୍ଡି ଓ ଲଡୁଗାଁ ରାଇସମିଲ୍‌କୁ ଯାଉଥିବା ବେଳେ ଧର୍ମଗଡ଼ ପ୍ରଶାସନ ପକ୍ଷରୁ ୪ଟି ଧାନବୋଝେଇ ବେଆଇନ ଗାଡ଼ି ଓଡି ୦୮ଭି ୩୯୨୯ ଓ ଓଡି ୨୪ -୩୩୨୬ ସହ ଅନ୍ୟ ୨ଟିକୁ ଜବତ କରାଯାଇ ଧର୍ମଗଡ଼ର ଏକ ରାଇସ୍‌ମିଲ୍‌ରେ ଜିମା ଦିଆଯାଇଥିଲା। ସେହିପରି ଏଠାକାର କିଛି ମିଲର ଅର୍ଥ ଲାଳସାରେ ଛତିଶଗଡ଼ରୁ ଟ୍ରକ ଯୋଗେ କୁଇଣ୍ଟାଲ ପିଛା ୨ହଜାର ଟଙ୍କାରେ ଚୋରା ଧାନ ଆଣି ଧର୍ମଗଡ଼ ଉପଖଣ୍ଡରେ ଥିବା ମଣ୍ଡିମାନଙ୍କରେ ଚାଷୀଙ୍କ ନାମରେ ୩୧ଶହ ଟଙ୍କାରେ ବିକ୍ରି କରି ପୁଣି ନିଜ ମିଲକୁ ନେଉଥିବା ଅଭିଯୋଗ ହୋଇଛି। ଏ ନେଇଁ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ଛତିଶଗଡ଼ରୁ କଳାହାଣ୍ଡିକୁ ଧାନ ଆସିବା କଥାକୁ ସ୍ୱୀକାର କରିଥିଲେ। ଏହି କାମକୁ କିଛି ଅସାଧୁ ଚାଷୀ କରୁଥିବା ସେ କହିଥିଲେ। ଛତିଶଗଡ଼ରୁ ଧାନ ଆଣି ସେମାନେ ଏଠାକାର ମଣ୍ଡିରେ ନିଜ ଟୋକନରେ ବିକ୍ରି କରୁଛନ୍ତି। ତେବେ ଚୋରା ଚାଲାଣ ରୋକିବାକୁ ବିଭିନ୍ନ ସମୟରେ ପେଟ୍ରୋଲିଂ କରାଯାଉଛି। ଧରା ପଡ଼ିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ସାହୁ କହିଥିଲେ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗୁରୁବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ କଳାହାଣ୍ଡି ଜିଲାସ୍ତରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢି, ଉତ୍ତର ବନଖଣ୍ଡ ଅଧିକାରୀ ରମେଶ କୁମାର ବିସ୍ନୋଇ,ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେଶ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଫଳପ୍ରଦ ପଦକ୍ଷେପ ଓ ପ୍ରଣୟନ ବିଭିନ୍ନ ଯୋଜନା ଗୁଡିକର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ଉପରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପରେ ଅତିଥି ଦ୍ୱାରା ହିତାଧିକାରୀଙ୍କୁ କାର୍ଡ ଓ ସହାୟତା ରାଶି ବଣ୍ଟନ କରାଯାଇଥିଲା। ଏହାପରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆସନ୍ତା ୨୦ ତାରିଖ ପ୍ରର୍ଯ୍ୟନ୍ତ ଏହି ବିକାଶ ମେଳା ଚାଲିବ। ଏହି ଅବସରରେ ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିଷଦ ମଧ୍ୟରୁ ବିକାଶ ବାହାନ ରଥର ଶୁଭାରମ୍ଭ କରାଯାଇଥିଲା। ଏହାକୁ କଳାହାଣ୍ଡି ଏମପି ମାଳବିକା ଦେବୀ ପତକା ଦେଖାଇ ଶୁଭାରମ୍ଭ କରିଥିଲେ।

## ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ପୁରସ୍କାର ପାଇଲେ ବିନ୍ଦୁ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ଭାବେ ପୁରସ୍କାର କରାଯାଇଛି। ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପ ଠାରେ 'ଆମ ଗାଁ ରଜ' କାର୍ଯ୍ୟକ୍ରମରେ ଏହି ପୁରସ୍କାର ଦିଆଯାଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଯାଜପୁର ସାଂସଦ, ବରିଷ୍ଠ ସାମ୍ବାଦିକ ତଥା ସମ୍ବାଦ କନକ ନ୍ୟୁଜ ଫାଉଣ୍ଡର -ସୌମ୍ୟ ରଞ୍ଜନ ପଟ୍ଟନାୟକ, ଧର୍ମଶାଳା ବିଧାୟକ -ହିମାଂଶୁ ସାହୁ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ସୁର ରାଉତ ରାୟ, ଫୋକସ ପ୍ଲସ ଫାଉଣ୍ଡର ସୁଧାଂଶୁ ରାଉତ ପ୍ରମୁଖଙ୍କ ଉପସ୍ଥିତି ଶ୍ରୀ ମହାନନ୍ଦ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ତେବେ ବ୍ଲକ ଅଧକ୍ଷ ଶ୍ରୀ ମହାନନ୍ଦ ସଦାସର୍ବଦା ନିଷ୍ଠା ଓ ସେବା ମନ ବୃତ୍ତି ନେଇ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହେବାରେ ଚର୍ଚ୍ଚା ପରିସର କୁ ଆସିଛନ୍ତି। ସେ ସରକାରୀ ଯୋଜନା ହେଉ ଅବା ଲୋକଙ୍କ ବିଭିନ୍ନ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ତତ୍କାଳୀନ ସେବା ଯୋଗାଇ ଦେବା ଜିଲ୍ଲାରେ ପ୍ରଥମ ବ୍ଲକ ଅଧ୍ୟକ୍ଷ ଭାବେ ପରିଗଣିତ ହୋଇପାରିଛନ୍ତି। ନିଜ କୌଶଳ ଦକ୍ଷତା ଭାବେ ଘର ମୁହଁରେ ସେବା କାର୍ଯ୍ୟକ୍ରମ କରି ଏକ ଉଦାହରଣ ପାଲଟିଛନ୍ତି। ଦିନକୁ ଦିନ ସାଧାରଣ ଜନତାଙ୍କ ବିଶ୍ୱାସ ଆସ୍ଥା ଭାଜନ ତାଙ୍କ ପ୍ରତି ବୃଦ୍ଧି ପାଇଛି। ନିଜ ବାସ ଗୃହ ଓ କାର୍ଯ୍ୟାଳୟ ଠାରେ ଅଭିଯୋଗ ପ୍ରକଷ୍ଟରେ ଶହ ଶହ ଲୋକଙ୍କ ସମାଗମ ନଜିର ଏକ ସ୍ପଷ୍ଟ ପ୍ରତିପାଦିତ କରେ। ସେ ପୁରସ୍କୃତ ହୋଇଥିବା ଖବର ଅଞ୍ଚଳରେ ପ୍ରଘଟ ହେବା ପରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଖୁସିର ମାହାଲ ଖେଳି ଯାଇଛି। ଏପରିକି ଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ପୁରସ୍କାର ଶ୍ରୀ ମହାନନ୍ଦଙ୍କୁ ବିବେଚିତ କରିଥିବା ଆୟୋଜକ କାର୍ଯ୍ୟକ୍ରମକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସିଧା ହେବ ବେହେରା ପୋଲ ବୁଲାଣି ରାସ୍ତା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ନିକଟସ୍ଥ ବେହେରା ପୋଲ ବୁଲାଣି। ଦିନାତିଦିନ ଏହି ବୁଲାଣିରେ ଦୁର୍ଘଟଣା ଘଟି ଧନ ଜୀବନହାନୀ ହେବା ଏକ ସାଧାରଣ ଘଟଣା ପାଲଟିଲାଣି। ବାରମ୍ବାର ଦାବି ଓ ଅଭିଯୋଗ ଏବଂ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଶେଷରେ ତତ୍ପର ହୋଇଉଠିଛି କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ। ଏପରିକି ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ବେହେରା ପୋଲ ବୁଲାଣିକୁ ସିଧା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବାବେଳେ ଖୁବଶୀଘ୍ର ବିପଦ ସଂକୁଳ ବେହେରା ପୋଲକୁ ସିଧା କରାଯିବ ବୋଲି ସୂଚନା ମିଳିଛି। ଏହାଦ୍ୱାରା ଦୁର୍ଘଟଣା ହ୍ରାସ କରାଯାଇପାରିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।

## କୋକସରାରେ ବିକାଶ ବାହନକୁ ସ୍ୱାଗତ

କୋକସରା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ଗୁରୁବାର କୋକସରା ବ୍ଲକ କାର୍ଯ୍ୟାଳୟଠାରେ ଏହି ରଥକୁ ସ୍ୱାଗତ କରିବା ସହ ବ୍ଲକରେ ଶୁଭାରମ୍ଭ କରାଯାଇଛି। ଏହି ରଥ ବ୍ଲକର ପ୍ରତି ଗାଁରେ ପହଞ୍ଚି ବିଭିନ୍ନ ଯୋଜନାର ସଫଳତାକୁ ନେଇ ସରକାରଙ୍କ ଉପଲବ୍ଧିକୁ ଲୋକଙ୍କ ପାଖରେ ପହଞ୍ଚେଇ। ଏହି କ୍ରମରେ ଆଜି ସଦର ମହକୁମା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଗୁଡହାଣ୍ଡି ମଞ୍ଚ ନିକଟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗାଁରୁ ଲୋକମାନେ ଯୋଗଦେଇଥିଲେ। ଏହି କ୍ରମରେ ଅନ୍ତୋଦୟ ଯୋଜନାରେ ୬ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ସହ ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ରାସନ କାର୍ଡ ୬ଜଣ, ଜମି ମରାମତି ୪ଜଣ, ଜବକାର୍ଡ ୧୫ ଜଣ, ଗାଈ ଗୁହାଳ ୩ଜଣ ଓ ମୋ ପୋଖରୀ ପାଇଁ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା। ବିଭିନ୍ନ ଯୋଜନାର ଆବେଦନ ପାଇଁ ସ୍ୱତନ୍ତ୍ର ଷ୍ଟଲ ଗୁଡ଼ିକ ମଧ୍ୟ କରାଯାଇ ଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର, ବ୍ଲକ ଯୋଗାଣ ନିରିକ୍ଷକ ଜଗାରାମ ମୁର୍ମୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭବିଷ୍ୟତ ପଟେଲ ପ୍ରଯୋଜକ ପରିଚାଳନା କରିଥିଲେ। ବ୍ଲକ ଓ ପଞ୍ଚାୟତ କର୍ମଚାରୀ ମାନେ ସହଯୋଗ କରିଥିଲେ। ସେହିପରି ମାଝିଗୁଡା ଗ୍ରାମ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିସ୍ଫୋରକ ଜବତ ଘଟଣା: ଲିଜ୍‌ଧାରୀ ବ୍ୟବସାୟୀ ଗିରଫ


ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପଟଣା ଥାନା ଅଧିନସ୍ଥ ଯମଚୁଆଁ-ଲାଖବାହାଲି ଷ୍ଟୋନ କ୍ରସରରେ ସାଢେ ଛଅ ଟନ ବିସ୍ଫୋରକ ସାମଗ୍ରୀ ଓ ୧୧୫ ଡିଟୋନେଟର ଜବତ ଘଟଣାରେ ଜୟପାଟଣା ପୋଲିସ ଲିଜଧାରୀ ବ୍ୟବସାୟୀ ବିକ୍ରମ ଗୁପ୍ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଚଳିତ ୨୦୨୫ ମଇ ମାସ ୪ ତାରିଖ ଦିନ ଦୁଇଟି ଗାଡିରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିରୁ ସାଢେ ଛଅ ଟନ ବିସ୍ଫୋରକ ସାମଗ୍ରୀ ଓ ୧୧୫ ଡିଟୋନେଟର ଜୟପଟଣା ଥାନା ଅଧିନସ୍ଥ ଯମଚୁଆଁ-ଲାଖବାହାଲି ଷ୍ଟୋନ କ୍ରସରରେ ଥିବାର ଖବର ପାଇ ଜୟପାଟଣା ପୋଲିସ ସେସବୁକୁ ଜବତ କରି ଓଏମ୍‌ଏମ୍‌ସି ରୁଲ ୫୦(ଓ) ସହିତ ବିସ୍ଫୋରକ ଆଇନ ଧାରା ୪ ଓ ୫ ଅନୁସାରେ ଜୟପାଟଣା ଥାନା କେଶ ନମ୍ବର ୧୩୨/୨୦୨୫ ରେ ଏକ କେଶ ରୁଜ୍ଜୁ କରି ଗତ ୫ ତାରିଖ ଦିନ ଦୁଇ ଗାଡିର ଡ୍ରାଇଭର ଧରମୁ ପୋଢ ଓ ରାଜରାମ କେତକୀ, କ୍ରସର ସୁପରଭାଇଜର ଜଗନ୍ନାଥ ତିୱାରୀ ଏବଂ କଣ୍ଟାବାଞ୍ଜିର ବିସ୍ଫୋରକ ବିଷାରଦ ଅରୁଣ କୁମାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଉକ୍ତ କ୍ରସର ଲିଜ ଧାରୀ ପ୍ରଖ୍ୟାତ ବ୍ୟବସାୟୀ ବିକ୍ରମ ଗୁପ୍ତା ଫରାର ହୋଇଯାଇଥିଲେ। ବିକ୍ରମ ଗୁପ୍ତାଙ୍କ ଜୁନାଗଡ ଠାରେ ଥିବା ଦ୍ୱିତଳ ପ୍ରାସାଦ ସମେତ ବିକ୍ରମ ଗୁପ୍ତାଙ୍କ ବ୍ୟବସାୟ ସହଯୋଗୀ ଜୁନାଗଡର ଜଣେ ପ୍ରଖ୍ୟାତ କପଡ଼ା ବ୍ୟବସାୟୀ ଏବଂ ଆଉ ଜଣେ ସନ୍ତୁ ବେପାର କରୁଥିବା ମିଲ ମାଲିକ ଘରେ ପୋଲିସ ଖାନ ତଲାଶ କରି ବିକ୍ରମକୁ ଖୋଜିଥିଲେ ହେଁ ପାଇ ନ ଥିବା ବେଳେ କଳାହାଣ୍ଡି ଏସପିଙ୍କ ତତ୍ତ୍ୱାବଧାନ ରେ ପୋଲିସର ଏକ ସ୍ୱତନ୍ତ୍ର ଦଳ ବିଶାଖାପାଟଣା ଠାରୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି।

## ରବିଶଙ୍କର ହେଲେ ଜିଲ୍ଲା ଡିଜିଟାଲ ମିଡ଼ିଆ ଆସୋସିଏସନର ସଭାପତି



ଜୁନାଗଡ଼ (ଭାସ୍କର ନ୍ୟୁଜ ): ଭୁବନେଶ୍ୱରସ୍ଥିତ ଜୟଦେବ ବିହାର ନିକଟସ୍ଥ କ୍ରାଉନ ହୋଟେଲ ନିକଟରେ ଥିବା ଏଏନ୍‌ଏସ୍ ନ୍ୟୁଜ୍ କାର୍ଯାଳୟ ଠାରେ ଓଡିଶା ଡିଜିଟାଲ ମିଡ଼ିଆ ଏସୋସିଏସନ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ଡିଜିଟାଲ ମିଡ଼ିଆ ଏସୋସିଏସନର ରାଜ୍ୟ ସଭାପତି ରୁଷାର ରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶାର ପ୍ରତ୍ୟେକ ଜିଲ୍ଲାର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରେ ସଭ୍ୟ ସଂଗ୍ରହ ଅଭିଯାନ, ସାମ୍ବାଦିକମାନଙ୍କ ସୁରକ୍ଷା ଅଭିଯାନ, ପେନସନ ଏବଂ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ସମ୍ବନ୍ଧିତ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା । ଏହା ସହିତ କଳାହାଣ୍ଡି ଜିଲ୍ଲା ଡିଜିଟାଲ ମିଡ଼ିଆ ଏସୋସିଏସନର ସଭାପତି ଭାବରେ ରବିଶଙ୍କର ସୁନାନୀଙ୍କୁ ମନୋନୀତ କରାଯାଇ ଥିବା ବେଳେ ପଟଓ୍ୱନ୍ତ ସିଂଙ୍କୁ କାର୍ଯକାରୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ଜିଲ୍ଲାର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

## ଏଣ୍ଡୁଅ ପାଇଁ ୧୨ ଘଣ୍ଟା ବିଦ୍ୟୁତକାଟ



ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍) : ଏଣ୍ଡୁଅଟିଏ ପାଇଁ ଦୀର୍ଘ ୧୨ ଘଣ୍ଟା ଯାଏଁ ବିଦ୍ୟୁତକାଟ ହେବା ଭଳି ଚାଞ୍ଚଲ୍ୟକର ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ନର୍ଲା ବିଦ୍ୟୁତ ଉପଖଣ୍ଡ ଅନ୍ତର୍ଗତ ଲାଞ୍ଜିଗଡ ଅଞ୍ଚଳରେ। ଗତକାଲି ଅପରାହ୍ନରେ ଲାଞ୍ଜିଗଡ ଓ ଏହାର ଆଖପାଖ ଅଞ୍ଚଳରେ ଦୀର୍ଘ ସମୟ ଯାଏଁ ଅଘୋଷିତ ବିଦ୍ୟୁତ କାଟ ହୋଇଥିଲା। ବିଦ୍ୟୁତକାଟରେ ଅତିଷ୍ଠ ଗ୍ରାହକମାନଙ୍କ ଅଭିଯୋଗ ପରେ ବିଶ୍ୱନାଥପୁର ବିଦ୍ୟୁତ କାର୍ଯ୍ୟାଳୟର କର୍ମଚାରୀମାନେ ଦୀର୍ଘ ସମୟ ଖୋଜାଖୋଜି ପରେ ବି ବିଦ୍ୟୁତ କାଟ ହେବା ସମ୍ପର୍କରେ କୌଣସି କାରଣ ଖୋଜି ପାଇପାରିନଥିଲେ। ଏହିପରି ଭାବେ ସ୍ୱତନ୍ତ୍ର ଟିମ୍ ମଧ୍ୟ ଦୀର୍ଘ ସମୟ ଖୋଜିବା ପରେ ବିଶ୍ୱନାଥପୁରରୁ ଲାଞ୍ଜିଗଡକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ ଖୁଣ୍ଟରେ ଏକ ଏଣ୍ଡୁଅ ଲାଖି ରହିଥିବା ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଥିଲା। ଶେଷରେ ଖୁଣ୍ଟ ଉପରୁ ମୃତ ଏଣ୍ଡୁଅଟିକୁ ହଟାଇବା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା। ତେବେ ଏଣ୍ଡୁଅ ପାଇଁ ଦୀର୍ଘ ୧୨ ଘଣ୍ଟା ବିଦ୍ୟୁତକାଟ ହେବା ଫଳରେ ଅଞ୍ଚଳର ହଜାର ହଜାର ଗ୍ରାହକ ବେଶ ହଇରାଣ ହୋଇଥିଲେ। ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

### ନିଜ ଉଦ୍ୟମରେ କେନାଲ ଖୋଲିଲେ ଚାଷୀ

# ସ୍ଥାୟୀ କେନାଲ ନହେଲେ ଜଳକର ବନ୍ଦ ଚେତାବନୀ



କୋକସରା, (ଭାସ୍କର ନ୍ୟୁଜ୍) : ଚାଷ ଜମି ନିକଟରୁ କିଛି ଦୂର ବ୍ୟବଧାନରେ କେନାଲ ଯାଇଛି ସତ। ହେଲେ ଜମିକୁ ମାଡୁନାହିଁ ପାଣି। ଏମିତିରେ ଚାଷୀ ପ୍ରତିବର୍ଷ ଜଳକର ଭରୁଛନ୍ତି। ତେବେ କେନାଲରୁ କ୍ଷେତକୁ ପାଣି ଦେବାକୁ ବାରମ୍ବାର ଅଭିଯୋଗ କରିଛନ୍ତି ଚାଷୀ, ହେଲେ ଶୁଣିଲେନି ସରକାର କି ପ୍ରଶାସନ। ଶେଷରେ ନିଜ ଉଦ୍ୟମରେ କୋନାଲ ଖୋଲିଛନ୍ତି କୋକସରା ବ୍ଲକ ଟେମରା ଅଞ୍ଚଳର ଚାଷୀ।

ସୂଚନା ଯେ' କୋକସରା କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ ଅଧିନରେ ରହିଛି ବେହେରା ଡ୍ୟାମ। ଏହି ଡ୍ୟାମର ବାମ କେନାଲରୁ ମହିମା, ଟେମରା ଆଦି ଅଞ୍ଚଳର ଚାଷୀମାନେ ଖରିଫ ସମୟରେ ପାଣି ପାଉଛନ୍ତି। ହେଲେ ଭୁର୍ଷାଗୁଡା ମହାଭାରତ ପଡ଼ିଆଠାରୁ ଟେମରା ପଞ୍ଚାୟତ ଖୁର୍ସେଲଗୁଡାର ଚାଷୀଙ୍କ ଜମିକୁ ପାଣି ମାଡ଼ି ପାରୁନାହିଁ। ତଥାପି ଚାଷିମାନେ ପ୍ରତିବର୍ଷ ଜଳକର ଦେଇ ଆସୁଛନ୍ତି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କେନାଲ ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଦାବି କରିଛନ୍ତି। ହେଲେ ଏଠାରେ ଚାଷୀମାନଙ୍କ କଥାକୁ ଗୁରୁତ୍ୱ ଦିଆଯାଇ ନାହିଁ। ଶେଷରେ ନିରାଶ ଚାଷୀମାନେ ଗାଁରେ ଏକ ବୈଠକ କରି ଚାନ୍ଦା ଆଦାୟ କରି କେନାଲ ଖୋଲିଛନ୍ତି। ଗତ ୩ ଦିନ ଧରି ଚାଷୀମାନେ ଜେସିବି ଲଗାଇ ମାଟି ଖୋଲି ନିଜ ଉଦ୍ୟମରେ କେନାଲ ତିଆରି କରି ପ୍ରଶାସନକୁ ଦେଖାଇ ଦେଇଛନ୍ତି। ଏହି କେନାଲ ଫଳରେ ପ୍ରାୟ ୨ ଶହ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ଚାଷୀମାନେ ଦାବି କରିଛନ୍ତି। ଏହି ଅଞ୍ଚଳର ଲୋକେ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ହେଲେ ପାଣି ଅଭାବରୁ ପ୍ରତିବର୍ଷ ଆରମ୍ଭରେ ଗଜା ମରୁଡିର ସମ୍ମୁଖୀନ ହୋଇଥାନ୍ତି। ଯେମିତି ସେମିତି ଗଜା ବଞ୍ଚାଇଲେ ମଧ୍ୟ ନିଅଣ୍ଟିଆ ବର୍ଷା ଯୋଗୁଁ ଠିକ୍ ସମୟରେ ମରୁଡ଼ିର ସମ୍ମୁଖୀନ ହୋଇ କଷ୍ଟ ସହି ଆସୁଛନ୍ତି। ଏମିତିରେ ଜମି ଉପରେ ଯାଇଥିବା କେନାଲକୁ ସେମାନେ ଭରସା କରନ୍ତି। ଚାଷୀମାନେ ନିଜ ଉଦ୍ୟାମରେ କିଛି ଦୂର କେନାଲ ଖୋଲିଛନ୍ତି। କିନ୍ତୁ ତାହା ସବୁଦିନିଆ ସୁବିଧା ନିମନ୍ତେ କେନାଲ ତିଆରି ହେବା ଲାଗି ପ୍ରଶାସନ ଦୃଷ୍ଟି ଦିଅନ୍ତୁ, କିମ୍ବା ବିନା ପାଣିରେ ଜଳକର ବନ୍ଦ କରିବା ପାଇଁ ଚାଷୀ ଦୁଷ୍ମନ୍ତ କୁମାର ପାତ୍ର, ଯଦୁମଣି ବାଗ, କେଶର ପୁଝାରୀ, ଅଙ୍କୁର ମାଝୀ, ଶ୍ୟାମ ପାଲି, ଲିଙ୍ଗରାଜ ଲଦୁଆ, ହେମନ୍ତ ପୁଝାରୀ, ମଦନ ଲଦୁଆ, ଡମ୍ବରୁଧର ବେହେରା, ଅଶେଶ୍ୱର ବେହେରା, ରୁକଧର ପାଲି, ପୁଷ୍ପତମ ବେହେରା, ସାଧୁ ରାମ ପାଲି, ଅଶୋକ ବେହେରା, କୈବଲ୍ୟ ବେହେରା ପ୍ରମୁଖ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏନେଇ କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗର ଯନ୍ତ୍ରୀ ହିମାଂଶୁ ଶେଖର ଦାସଙ୍କୁ ପଚାରିବାରୁ ଚାଷୀ କରିଥିବା କେନାଲ ଆମ ବିଭାଗ ଅଧିନରେ ରହିଛି କି ନାହିଁ ଆମେ ସେଠାକୁ ଯାଇ ଦେଖିଲା ପରେ ଜଣାପଡ଼ିବ ବୋଲି କହିଛନ୍ତି। ସେହିପରି କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କୁ ପଚାରିବାରୁ ଆର୍‌ଆଇଙ୍କୁ ପଠାଇ ରିପୋର୍ଟ ସଂଗ୍ରହ କରାଯିବ ବୋଲି କହିଛନ୍ତି।

# ରାଶିଫଳ

ଶନିବାର, ୧୪ ଜୁନ୍ ୨୦୨୫



**ମେଷ:** ଦିନଟି ଲାଭଦାୟକ ହେବ। ଆଜି ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଆଜିର ଦିନଟି ଭଲ ଆକାରରେ କଟିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଜନମାଷ୍ଟମୀ ଦିନ ବହୁତ ଲାଭ ଆଣିପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ।



**ମିଥୁନ:** ଛାତ୍ରଛାତ୍ରୀ ସଫଳତା ହାସଲ କରିବ। ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଆପଣ ଚାକିରିରେ କିଛି ନୂତନ କାର୍ଯ୍ୟ କରିବାକୁ ସମର୍ଥ ହେବେ। ସୁସ୍ୱାଦୁ ଖାଦ୍ୟ ଉପଭୋଗ କରାଯାଇପାରେ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ।



**କର୍କଟ:** କିଛି ବଡ ଅସୁବିଧା ଆସିପାରେ। ଅଧିକ ତ୍ୱରାନ୍ୱିତ ହେବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ।



**ସିଂହ:** ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବାର ସୁଯୋଗ ମିଳିବ, ଯେ କୌଣସି ବ୍ୟକ୍ତିଙ୍କ ସହ ସହଯୋଗ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କମାନଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ଶତ୍ରୁମାନେ ସକ୍ରିୟ ରହିବେ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବରିଷ୍ଠ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦିରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ।



**ବିଛା:** ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। ଏକ ପୁରୁଣା ରୋଗ ପୁନର୍ବାର ହୋଇପାରେ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ଜୀବନ ପରିବାର ସହିତ ଖୁସିରେ ବିତାଇବ। ମୂଲ୍ୟବାନ ସାମଗ୍ରୀ ତୁମ ସହିତ ରଖ। ବ୍ୟବସାୟ ଭଲ ହେବ।




**ଧନୁ:** ଅଟକି ରହିଥିବା ଟଙ୍କା ପାଇବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ। ପରିବାର ସହାୟତା ଉପଲବ୍ଧ ହେବ। ସୁଖ ରହିବ। ଅଳସୁଆ ହୁଅ ନାହିଁ



**ମକର:** ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଏବଂ ବ୍ୟବସାୟ ଲାଭଦାୟକ ହେବ।



**କୁମ୍ଭ:** ଆଜି ଏକ ବିଶେଷ ପୂଜା ଦିବସ ହେବ। ଚାକିରିରେ କାମ କରିବାକୁ ଭଲ ପାଆନ୍ତି। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ। ଆଘାତ ଏବଂ ଦୁର୍ଘଟଣା କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଥାଇପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅଜ୍ଞାତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ।



ପ୍ରସ୍ତୁତି


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯